RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-294 ♦WEDNESDAY ♦22 APRIL 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୨୯୪ ♦ବୁଧବାର ♦୨୨ ଏପ୍ରିଲ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦




ଅଭିଷେକଙ୍କ ବିସ୍ଫୋରକ ଶତକ

▶ପୃଷ୍ଠା ୧୨ ଦେଖନ୍ତୁ...

## ସରିଲା ପ୍ରଚାର

# ୨ ରାଜ୍ୟର ୩୮୬ ଆସନ ପାଇଁ ୨୩ରେ ମତଦାନ

**ପଶ୍ଚିମବଙ୍ଗରେ ଅଢ଼େଇ ଲକ୍ଷ କେନ୍ଦ୍ରୀୟ ସୁରକ୍ଷା ଯବାନ ମୁତୟନ**

**ତାମିଲନାଡୁରେ ତ୍ରିମୁଖୀ ଲଢ଼େଇ**

■ କୋଲକାତା, ୨୧।୪ (ଏଜେନ୍ସି): ପଶ୍ଚିମ ବଙ୍ଗ ବିଧାନସଭା ନିର୍ବାଚନ ପାଇଁ ପ୍ରଥମ ପର୍ଯ୍ୟାୟ ପ୍ରଚାର ଅଭିଯାନ ଆଜି ସନ୍ଧ୍ୟାରେ ଶେଷ ହୋଇଛି। ଆସନ୍ତା ୨୩ ତାରିଖରେ ପ୍ରଥମ ପର୍ଯ୍ୟାୟରେ ୧୫୨ଟି ଆସନରେ ମତଦାନ ହେବାକୁ ଯାଉଥିବା ବେଳେ ତିନି କୋଟି ୬୦ ଲକ୍ଷ ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବାକୁ ଯାଉଛନ୍ତି। ଦ୍ୱିତୀୟ



ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ୨୯ ତାରିଖରେ ଅନୁଷ୍ଠିତ ହେବ। ନିର୍ବାଚନ କମିସନଙ୍କ ବିବାଦୀୟ ଏସ୍ଆଇଆର ମଧ୍ୟରେ ହେଉଥିବା ଏହି ନିର୍ବାଚନ ଜିତିବା ଲାଗି ଦୁଇ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ମମତାଙ୍କ ତୃଣମୂଳ କଂଗ୍ରେସ ଏବଂ ବିଜେପି ସମସ୍ତ ଶକ୍ତି ଖଟାଇଛନ୍ତି। କ୍ରମାଗତ ଭାବେ ଚତୁର୍ଥ ଥର କ୍ଷମତାରେ ରହିବା ଲାଗି ମମତା ବାନାର୍ଜୀ ଉଦ୍ୟମ ଚଳାଇଛନ୍ତି। ଅନ୍ୟପକ୍ଷରେ ତାଙ୍କୁ କଡ଼ା ଟକ୍କର ଦେଉଥିବା ବିଜେପି ପକ୍ଷରୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସମେତ କେନ୍ଦ୍ର ମନ୍ତ୍ରୀ ଅମିତ ଶାହ ଓ ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର ଅଭିଯାନ ▶ପୃଷ୍ଠା-୭

# 'ଆପୋସ' ଭେଳିକି, ଟ୍ରିବ୍ୟୁନାଲ କ୍ଷୁବ୍ଧ

## ମହାନଦୀ ଜଳ ବିବାଦ

## ମଇ ୨ ତାରିଖ ଓଡ଼ିଶା ପାଇଁ ଶେଷ ସୁଯୋଗ

■ ଭୁବନେଶ୍ୱର, ୨୧।୪ (ସମିସ): ମହାନଦୀ ଜଳ ବିବାଦରେ ଛତିଶଗଡ଼ ସହ ଆପୋସ ବୁଝାମଣା ନେଇ ରାଜ୍ୟ ସରକାର ବାହାସ୍ଫୋଟ ମାରୁଛନ୍ତି। ଦୁଇ ରାଜ୍ୟ ମଧ୍ୟରେ ବୁଝାମଣା ସଂକ୍ରାନ୍ତରେ ସହମତି ହୋଇଥିବା ସଂକ୍ରାନ୍ତରେ ଆଡ଼ଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଦମ୍ଭୋକ୍ତି ବାଢ଼ୁଛନ୍ତି। ମାତ୍ର ସୋମବାର ଶୁଣାଣି ବେଳେ ମହାନଦୀ ବିବାଦ ଟ୍ରିବ୍ୟୁନାଲ ଦୁଇ ରାଜ୍ୟର ଆଭିମୁଖ୍ୟ ଓ କାର୍ଯ୍ୟପ୍ରକ୍ରିୟାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ପରେ ବିବାଦର ସମାଧାନ ପାଇଁ ଓଡ଼ିଶାର ଆନ୍ତରିକତାକୁ ନେଇ ପ୍ରଶ୍ନ ଉଠିଛି। ବାସ୍ତବରେ ସରକାର ଆପୋସ ବୁଝାମଣା ଚାହୁଁଛନ୍ତି ନା କେବଳ ସମୟ ଗଡ଼ାଇବାକୁ ଯୋଜନା କରୁଛନ୍ତି ତାହା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି।

ଗତକାଲି ମହାନଦୀ ଟ୍ରିବ୍ୟୁନାଲରେ ଜଳବିବାଦର ଶୁଣାଣି ତାରିଖ ଧାର୍ଯ୍ୟ ହୋଇଥିଲା। ଜଷ୍ଟିସ ବେଲା ତ୍ରିବେଦୀଙ୍କ ସହ ଜଷ୍ଟିସ ରବି ରଞ୍ଜନ, ଜଷ୍ଟିସ ଇନ୍ଦରମିତ୍ କୌର କୋଚାର ଏହାର ଶୁଣାଣି କରୁଥିଲେ। ଆଡ଼ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟଙ୍କ ନେତୃତ୍ୱରେ

**▶▶ ଓଡ଼ିଶା ଦାଖଲ କରିପାରିଲାନି ବାର୍ଷିକ ଜଳ ଉପଲବ୍ଧତା ତଥ୍ୟ**

**▶▶ ଦୁଇ ରାଜ୍ୟର ଆଭିମୁଖ୍ୟ ଓ କାର୍ଯ୍ୟପ୍ରକ୍ରିୟାକୁ ନେଇ ଅସନ୍ତୋଷ**

**▶▶ ବିନା ତଥ୍ୟରେ ଟ୍ରିବ୍ୟୁନାଲରେ ଓଡ଼ିଶାର ୯ ଜଣିଆ ପଟୁଆର**

୭ ବରିଷ୍ଠ ଓକିଲ, ଜଳସମ୍ପଦ ବିଭାଗ ପ୍ରମୁଖ ସଚିବ ଓଡ଼ିଶାକୁ ପ୍ରତିନିଧିତ୍ୱ କରୁଥିଲେ। ଛତିଶଗଡ଼ ପକ୍ଷରୁ ତାଙ୍କ ରାଜ୍ୟର ଆଡ଼ଭୋକେଟ ଜେନେରାଲଙ୍କ ନେତୃତ୍ୱରେ ୭ ଜଣ ବରିଷ୍ଠ ଆଇନଜୀବୀ, ମହାରାଷ୍ଟ୍ର ପକ୍ଷରୁ ୨ ଜଣ, ଝାଡ଼ଖଣ୍ଡ ପକ୍ଷରୁ ୩ ଜଣ ଆଇନଜୀବୀ ଶୁଣାଣିରେ ଯୋଗ ଦେଇଥିଲେ। ମାତ୍ର ଜଳ ଉପଲବ୍ଧତା ଓ ଅନ୍ୟାନ୍ୟ ତଥ୍ୟଦାଖଲ ପାଇଁ ଦୁଇ ରାଜ୍ୟକୁ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶର ଅନୁପାଳନ ହୋଇ ନ ଥିଲା। ଯାହାକୁ ନେଇ ଟ୍ରିବ୍ୟୁନାଲ କ୍ଷୋଭ ପ୍ରକାଶ କରିଛନ୍ତି। ଆସନ୍ତା ୨ ତାରିଖରେ ଏ ସଂକ୍ରାନ୍ତରେ ତଥ୍ୟ ଦାଖଲ ନ ହେଲେ ଟ୍ରିବ୍ୟୁନାଲ ଆଇନ ଅନୁସାରେ ପଦକ୍ଷେପ ନେବେ ବୋଲି ରୋକଠୋକ୍ ଶୁଣାଇ ଦେଇଛନ୍ତି। ମହାନଦୀରେ ଜଳ ପ୍ରବାହ ହ୍ରାସ ଯୋଗୁଁ ପ୍ରଭାବିତ ହେଉଥିବା ଦୃଷ୍ଟିରୁ ଯେପରି ତତ୍ପରତା ଓଡ଼ିଶା ପ୍ରକାଶ କରିବା କଥା, ତାହା ପରିଦୃଶ୍ୟ ହେଉ ନ ଥିବା ଉପଲବ୍ଧି ହେଉଛି।

ମହାନଦୀରେ ବାର୍ଷିକ ଜଳ ଉପଲବ୍ଧତା ସଂକ୍ରାନ୍ତ ରିପୋର୍ଟ ପ୍ରଦାନ କରିବା ନିମନ୍ତେ ଏପ୍ରିଲ ୧୧ ତାରିଖରେ ଅନୁଷ୍ଠିତ ଶୁଣାଣିରେ ଓଡ଼ିଶା ଓ ଛତିଶଗଡ଼ ଲିଖିତ ଭାବେ ଜଣାଇଥିଲେ। ଦୁଇ ରାଜ୍ୟର ଆଡ଼ଭୋକେଟ ଜେନେରାଲ ୨୦ ତାରିଖରେ ଜଳ ଉପଲବ୍ଧତା ସଂକ୍ରାନ୍ତ ରିପୋର୍ଟ ଉପସ୍ଥାପନ କରିବେ ବୋଲି ଟ୍ରିବ୍ୟୁନାଲ ନିକଟରେ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ୨୦ ତାରିଖରେ ଶୁଣାଣି ବେଳେ ଛତିଶଗଡ଼ ଏହି ତଥ୍ୟ ପ୍ରଦାନ କରି ନ ଥିଲା ଓ ଓଡ଼ିଶା ମଧ୍ୟ ଅନୁରୂପ ଭାବରେ ତଥ୍ୟ ପ୍ରଦାନରେ ବିଫଳ ହୋଇଥିଲା। ସେହିପରି ଉଭୟ ରାଜ୍ୟ ମଧ୍ୟରେ ଥିବା ବିଭିନ୍ନ ବିବାଦକୁ ହ୍ରାସ କରିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ▶ପୃଷ୍ଠା-୭

## ଆଜି ସରୁଛି ଯୁଦ୍ଧବିରତି

# ଅନିଶ୍ଚିତତାରେ ଆଲୋଚନା



**ଆମେରିକାର ସର୍ତ୍ତରେ ରାଜି ହେଉନି ଇରାନ**

**ଅଟକିଲା ଭାନ୍ସ ପ୍ରତିନିଧି ଦଳର ପାକ୍ ଗସ୍ତ**

■ ୱାସିଂଟନ, ୨୧।୪ (ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ୧୫ ଦିନିଆ ଯୁଦ୍ଧବିରତିର ସମୟ ଆସନ୍ତାକାଲି ମଧ୍ୟରାତିରେ ଶେଷ ହେବାକୁ ଯାଉଛି। ଏହାପୂର୍ବରୁ ଦୁଇ ପକ୍ଷ ମଧ୍ୟରେ ଶାନ୍ତି ଆଲୋଚନା ପାଇଁ ଉଦ୍ୟମ ଚାଲିଛି। ଉଭୟ ଇରାନ ଓ ଆମେରିକା ପରସ୍ପର ବିରୋଧରେ ଯୁଦ୍ଧବିରତି ଉଲ୍ଲଂଘନ ଅଭିଯୋଗ କରୁଛନ୍ତି। ଆମେରିକାର କଠୋର ସର୍ତ୍ତ ଯୋଗୁଁ ଇରାନ ଆଲୋଚନା କରିବାକୁ ପ୍ରସ୍ତୁତ ନୁହେଁ। ଫଳରେ ଇସଲାମାବାଦରେ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନାକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ତେଣୁ ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ନେତୃତ୍ୱରେ ପାକିସ୍ତାନ ଆସିବାକୁ ଥିବା ପ୍ରତିନିଧି ଦଳର ଗସ୍ତକୁ ଶେଷ ମୁହୂର୍ତ୍ତରେ ଅଟକ ରଖାଯାଇଛି। ଅନ୍ୟପକ୍ଷରେ ଇରାନକୁ ମନାଇବା ଲାଗି ପାକିସ୍ତାନ ଜରିଆରେ ଉଦ୍ୟମ ଚଳାଇଛନ୍ତି ରାଷ୍ଟ୍ରପତି ଟ୍ରମ୍ପ। ।ସେ ଗୋଟିଏ ପଟେ ଇରାନକୁ ଆକ୍ରମଣ ପାଇଁ ଧମକାଉଥିବା ବେଳେ ଅନ୍ୟପଟେ ଏହାର ପ୍ରଶଂସା ମଧ୍ୟ କରୁଛନ୍ତି।

ଇତିମଧ୍ୟରେ ମିଳିଥିବା ରିପୋର୍ଟ ଅନୁଯାୟୀ, ଯେକୌଣସି ଉପାୟରେ ଇରାନକୁ ମନାଇବା ଲାଗି ଟ୍ରମ୍ପ ପାକିସ୍ତାନ ଉପରେ ଚାପ ପକାଉଛନ୍ତି। ଆଲୋଚନା ହେଲେ ଚୁକ୍ତି ହେବା ନିଶ୍ଚିତ। ଯଦି ଇରାନ ସହ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହେବା ନିଶ୍ଚିତ ହୁଏ, ତେବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବ୍ୟକ୍ତିଗତ ଭାବେ ପାକିସ୍ତାନ ଗସ୍ତ କରିପାରନ୍ତି କିମ୍ବା ଭର୍ଚୁଆଲ୍ ଅର୍ଥାତ ଆଭାସୀ ମାଧ୍ୟମରେ ଏହି ବୈଠକରେ ଯୋଗ ଦେଇପାରନ୍ତି।

ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଦୁଇ ସପ୍ତାହର ଅସ୍ତ୍ରବିରତି ଆସନ୍ତା ବୁଧବାର ଶେଷ ହେବାକୁ ଯାଉଛି। ଏହି ସମୟ ସୀମା ପୂର୍ବରୁ ଏକ ସ୍ଥାୟୀ ସମାଧାନ ବାହାର କରିବାକୁ ଉଭୟ ପକ୍ଷ କୂଟନୈତିକ ସ୍ତରରେ ଚେଷ୍ଟା କରୁଛନ୍ତି। ହର୍ମୁଜ ପ୍ରଣାଳୀରେ ଆମେରିକା ଦ୍ୱାରା ଇରାନୀ ଜାହାଜ ଜବତ ହେବା ପରେ ତେହେରାନ ଆଲୋଚନା ବର୍ଜନ କରିବାକୁ ଧମକ ଦେଇଛି। ୟୁରାନିୟମ ନେଇ ମଧ୍ୟ ଅଚଳାବସ୍ଥା ଲାଗି ରହିଛି। ଟ୍ରମ୍ପ ଚାହୁଁଛନ୍ତି ଯେ ଇରାନ କେବେବି ପରମାଣୁ ଅସ୍ତ୍ର ନିର୍ମାଣ ନକରୁ, ଯଦ୍ୱାରା ବିଶ୍ୱ ବଜାରରେ ତେଲ ଦର ସ୍ଥିର ରହିବ। ଅନ୍ୟପଟେ ଇରାନ ନିଜ ଉପରୁ ଆର୍ଥିକ କଟକଣା ହଟାଇବା ସହିତ ହର୍ମୁଜ ଉପରେ ନିୟନ୍ତ୍ରଣ ବଜାୟ ରଖିବାକୁ ଚାହୁଁଛି।

ଶାନ୍ତି ପାଇଁ କୂଟନୈତିକ ସ୍ତରରେ ଉଦ୍ୟମ ଜାରି ଥିଲେ ମଧ୍ୟ, ଟ୍ରମ୍ପଙ୍କ ଚେତାବନୀ ପରିସ୍ଥିତିକୁ ଉତ୍ତେଜନାପୂର୍ଣ୍ଣ କରିଛି। ଟ୍ରମ୍ପ ଧମକ ଦେଇଛନ୍ତି ଯେ ଇରାନ ସର୍ତ୍ତ ନମାନି।ଲେ ଆମେରିକା ଇରାନର ପ୍ରତ୍ୟେକ ବ୍ରିଜ୍ ଏବଂ ପାୱାର ପ୍ଲାଣ୍ଟକୁ ଧ୍ୱଂସ କରିଦେବ। ଏହାର ଜବାବରେ ଇରାନ ମଧ୍ୟ ପଡୋଶୀ ଆରବ ଦେଶଗୁଡ଼ିକରେ ଥିବା ପାୱାର ଷ୍ଟେସନ ଉପରେ ଆକ୍ରମଣ କରିବାକୁ ଧମକ ଦେଇଛି। ଫଳରେ ମଧ୍ୟପ୍ରାଚ୍ୟରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଛି।

## ୨୦୦ କୋଟିର ସାଇବର ଠକେଇ

# ତେଲଙ୍ଗାନାରୁ ୪ ଗିରଫ

**ଟ୍ରାନ୍ଜିଟ୍ ରିମାଣ୍ଡରେ ପୁଲିସ ଆଣିଲା ଭୁବନେଶ୍ୱର**

**ମୋବାଇଲ୍, ମେଲ୍ ହ୍ୟାକ୍ କରି ମାରୁଥିଲେ ଚୂନ**

■ ଭୁବନେଶ୍ୱର, ୨୧।୪ (ସମିସ): ସାରା ଦେଶରୁ ପ୍ରାୟ ୨୦୦ କୋଟି ଟଙ୍କା ସାଇବର ଠକେଇରେ ସମ୍ପୃକ୍ତ କୁଖ୍ୟାତ ଆନ୍ତଃରାଜ୍ୟ ସାଇବର ଠକେଇ ଦଳକୁ ଗିରଫ କରିଛି ଓଡ଼ିଶା ପୁଲିସ। ତେଲଙ୍ଗାନାରୁ ଏହି ଠକେଇ ଗ୍ୟାଙ୍ଗର ମୁଖିଆ ସହ ୪ ଜଣଙ୍କୁ ଗିରଫ ପରେ ସାଇବର ଥାନା ପୁଲିସ ସେମାନଙ୍କୁ ଭୁବନେଶ୍ୱର ଆଣିଛି। ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ରଙ୍ଗାରେଡୀ ଜିଲ୍ଲାର ଏକ ଭଡା ଘରୁ ସେମାନଙ୍କୁ ଗିରଫ କରିବା ପରେ ସ୍ଥାନୀୟ କୋର୍ଟରେ ହାଜର କରି ଟ୍ରାନ୍ଜିଟ୍ ରିମାଣ୍ଡରେ ଅଣାଯାଇଥିବା ସୂଚନା ମିଳିଛି। ସେମାନଙ୍କ ନିକଟରୁ ୩୦ରୁ ଊର୍ଦ୍ଧ୍ୱ ଏଟିଏମ୍ କାର୍ଡ, ୧୦ ମୋବାଇଲ୍ ଓ ଏକାଧିକ ଲାପଟପ୍ ଜବତ କରାଯାଇଛି।

ଏହି ଅନ୍ତରାଜ୍ୟ ସାଇବର ଠକେଇ ଗ୍ୟାଙ୍ଗ୍‌ର ଘର ମାଷ୍ଟରମାଇଣ୍ଡ ଝାଡଖଣ୍ଡରେ। ଏହି ଗୋଷ୍ଠୀରେ ତେଲଙ୍ଗାନା, ଛତିଶଗଡ଼ର କିଛି ସଦସ୍ୟ ରହିଥିଲେ। ଅତ୍ୟନ୍ତ ଯୋଜନାବଦ୍ଧ ଭାବରେ ଏମାନେ ଲୋକଙ୍କୁ ଲୁଟ କରୁଥିଲେ। ଜଣେ ଲୋକମାନଙ୍କର ▶ପୃଷ୍ଠା-୭

## ୪୦ ଡିଗ୍ରୀ ଉପରେ ୧୮ ସହର

# ଝାରସୁଗୁଡ଼ା ଦେଶର ପଞ୍ଚମ ଉତ୍ତପ୍ତ ସହର

**୨୫ ପର୍ଯ୍ୟନ୍ତ ପ୍ରବଳ ତାତି ଓ ଗୁଳୁଗୁଳି**

**କାଁ ଭାଁ କାଳବୈଶାଖୀ କମାଇପାରିବନି ତାତି**

■ ଭୁବନେଶ୍ୱର, ୨୧।୪ (ସମିସ): ରାଜ୍ୟରେ ଅସମ୍ଭାଳ ତାତି ସାଙ୍ଗକୁ ଭୀଷଣ ଗୁଳୁଗୁଳି ଜାରି ରହିଛି। ଲଗାତାର ଭାବେ ତାତି ବୃଦ୍ଧି ଯୋଗୁଁ ଦିନ ୧୦ଟା ପରେ ରାସ୍ତାଘାଟ ଖାଁ ଖାଁ ହୋଇଯାଉଛି। ତାତିକୁ ଦୃଷ୍ଟିରେ ରଖି ରାଜ୍ୟର ଏକାଧିକ ଜିଲ୍ଲାରେ ସ୍କୁଲ ଛୁଟି ଘୋଷଣା ହୋଇଯାଇଥିବା ବେଳେ ତାତିର ପ୍ରଭାବ ଅନ୍ୟ କ୍ଷେତ୍ରଗୁଡ଼ିକ ଉପରେ ମଧ୍ୟ ପ୍ରଭାବ ପକାଇବାରେ ଲାଗିଛି। ମଙ୍ଗଳବାର ରାଜ୍ୟରେ ୧୮ଟି ଜିଲ୍ଲାରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିବା ବେଳେ ଝାରସୁଗୁଡ଼ାରେ ତାତି ୪୩ ଡିଗ୍ରୀ ଅତିକ୍ରମ କରିଛି। ଗତ ୨୪ ଘଣ୍ଟାରେ ଝାରସୁଗୁଡ଼ାରେ ତାପମାତ୍ରା ୪୩.୬ ଡିଗ୍ରୀ ରେକର୍ଡ ହେବା ସହ ଏହା ରାଜ୍ୟର ସବୁଠୁ ଉତ୍ତପ୍ତ ଓ ଦେଶର ପଞ୍ଚମ ଉତ୍ତପ୍ତ ସହର ପାଲଟିଛି। ଝାରସୁଗୁଡ଼ା ତଳକୁ ଟିଟିଲାଗଡ଼ରେ ୪୨.୫ ଡିଗ୍ରୀ ଓ ସମ୍ବଲପୁରରେ ୪୨.୫ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ହୀରାକୁଦରେ ୪୨.୪, ବଲାଙ୍ଗିର ୪୨.୨ ଏବଂ ଅନୁଗୋଳରେ ୪୨.୧ ଡିଗ୍ରୀ ରେକର୍ଡ ହୋଇଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ତାତି ଓ ଗୁଳୁଗୁଳିରୁ ନିସ୍ତାର ମିଳିବାର ସମ୍ଭାବନା କମ୍ ରହିଛି। ଯଦିଓ ଏହି ସମୟରେ କିଛି କିଛି ସ୍ଥାନରେ କାଁ ଭାଁ କାଳବୈଶାଖୀ ଆଶଙ୍କା ରହିଛି, ମାତ୍ର ତାପମାତ୍ରା ହ୍ରାସ କରିବାରେ ଏହା ବିଶେଷ ସହାୟକ ହେବ ନାହିଁ ବୋଲି ପୂର୍ବାନୁମାନ କରାଯାଇଛି।

ଅନ୍ୟପଟେ, ବୁଧବାର ଅଧିକାଂଶ ଉପକୂଳବର୍ତ୍ତୀ ସ୍ଥାନରେ ଗୁଳୁଗୁଳିର ପ୍ରକୋପ ଅଧିକ ରହିବାକୁ ଥିବା ବେଳେ ଶୁକ୍ରବାରଠାରୁ ତାତିର ପରିମାଣ ଆହୁରି ବଢ଼ିବା ନେଇ ଆଶଙ୍କା କରାଯାଉଛି। ଏଥିପାଇଁ ଶୁକ୍ରବାରଠାରୁ ୨୫ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ହିଟ୍‌ୱେଭ୍ ଆଲର୍ଟ ଜାରି କରାଯାଇଛି। ଏହି ସମୟ ମଧ୍ୟରେ ବିଶେଷକରି ଟିଟିଲାଗଡ଼, ବଲାଙ୍ଗିର ଓ ଝାରସୁଗୁଡ଼ାରେ ତାପମାତ୍ରା ୪୫ଡିଗ୍ରୀ ଛୁଇଁବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

ବୁଧବାର ରାଜ୍ୟର ଉପକୂଳବର୍ତ୍ତୀ ଜିଲ୍ଲା ଯଥା ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଭୀଷଣ ଗୁଳୁଗୁଳି ▶ପୃଷ୍ଠା-୭

## ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଆତଙ୍କ

# ଖରା ତାପ, ଗଣନା ଚାପ

**ସୋନପୁରରେ ହୃଦଘାତରେ ଶିକ୍ଷକଙ୍କ ମୃତ୍ୟୁ ଅଭିଯୋଗ**

**ମୟୂରଭଞ୍ଜରେ ଘରୁ ଲୁଚି ପଳାଇଲେ କନିଷ୍ଠ ଶିକ୍ଷୟିତ୍ରୀ**

■ ଭୁବନେଶ୍ୱର, ୨୧।୪ (ସମିସ): ରାଜ୍ୟରେ ଆରମ୍ଭ ହୋଇଛି ଜନଗଣନା। ଏପ୍ରିଲ ମାସରେ ୪୨ ଡ଼ିଗ୍ରୀ ସୂର୍ଯ୍ୟତାପ ମଧ୍ୟରେ ଗୃହ ଓ ଜନଗଣନାକୁ ନେଇ ବିଭିନ୍ନ ମହଲରେ ସୃଷ୍ଟି ହୋଇଛି ଅସନ୍ତୋଷ। ମୟୂରଭଞ୍ଜ ଜିଲ୍ଲାରେ ଗୃହ ଗଣନା ଚାପ ସହ୍ୟ କରି ନ ପାରି ଜଣେ ଶିକ୍ଷୟିତ୍ରୀ ଦୁଇଦିନ ବାଲେଶ୍ୱର ଷ୍ଟେସନ ଯାତ୍ରୀ ବିଶ୍ରାମାଗାରରେ ବିତାଇଥିବା ସୂଚନା ମିଳିଛି। ଅନୁରୂପ ଭାବରେ ସୋନପୁର ଜିଲ୍ଲା ଉଲୁଣ୍ଡା ବ୍ଲକ୍ ଅନ୍ତର୍ଗତ ସୁନାପାଲି ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବଂଶୀଧର ଭୋଇ ଜନଗଣନା କାର୍ଯ୍ୟ ଚାପରେ ହୃଦଘାତରେ ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଛି। କେବଳ ମୟୂରଭଞ୍ଜ ବା ସୋନପୁର ଜିଲ୍ଲା ନୁହେଁ, ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳରୁ ମଧ୍ୟ ଏପରି ଅଭିଯୋଗ ଆସିବାରେ ଲାଗିଛି। ପ୍ରଚଣ୍ଡ ଖରା, ଗରମ ମଧ୍ୟରେ ୩୦ ଦିନ ମଧ୍ୟରେ ଜନଗଣନା ଓ ଗୃହଗଣନା ଶେଷ ନିମନ୍ତେ ଚାପ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଛି।

ସମ୍ପ୍ରତି ରାଜ୍ୟରେ ଗଣନା କାର୍ଯ୍ୟ ପାଇଁ ୯୦୨୦୦ ସରକାରୀ ଓ ଘରୋଇ ସ୍କୁଲ୍ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ସୁପରଭାଇଜର ଭାବରେ ୧୫୧୪୯ ଜଣଙ୍କୁ ନିଯୁକ୍ତି ଦିଆଯାଇଛି । ବିବାହ, ସନ୍ତାନ ପ୍ରସବ ଓ ଅସୁସ୍ଥତା ଯୋଗୁଁ ଗଣନା କାର୍ଯ୍ୟରେ ଯୋଗ ଦେଇ ପାରି ନ ଥିବାରୁ ପ୍ରାୟ ୫୦୦ କର୍ମଚାରୀଙ୍କ ବିରୋଧରେ ଏଯାଏ କାର୍ଯ୍ୟାନୁଷ୍ଠାନ ହୋଇଛି। ତେଣୁ ଚାକିରି ଭୟରେ ଗତ ୧୬ ତାରିଖରୁ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅନ୍ୟ ସରକାରୀ କର୍ମଚାରୀମାନେ ଏ ବାବଦରେ କାର୍ଯ୍ୟ ଆରମ୍ଭ କରିଛନ୍ତି ।

ମୟୂରଭଞ୍ଜ ଜିଲ୍ଲା ଢ଼େଙ୍କିନେଞ୍ଜିଆ ୟୁପିଟିଓ ସ୍କୁଲର ସହକାରୀ ଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ସାହୁ ଗୃହଗଣନା କାର୍ଯ୍ୟ ପାଇଁ ୧୮ ତାରିଖରୁ ଯାଇ ଆଉ ଘରକୁ ଫେରି ନ ଥିଲେ। ମୋବାଇଲ୍ ବନ୍ଦ କରି ସେ ବାଲେଶ୍ୱର ପଳାଇ ଆସିଥିଲେ ଓ ଷ୍ଟେସନ ୱେଟିଂ ରୁମ୍‌ରେ ଦୁଇଦିନ ବିଶ୍ରାମ ନେଇଥିଲେ। ଭଡ଼ାଘର ମାଲିକଙ୍କ ଅଭିଯୋଗ ଆଧାରରେ ପୁଲିସ ତାଙ୍କୁ ଖୋଜାଖୋଜି କରି ଶେଷରେ ବାଲେଶ୍ୱରରୁ ଉଦ୍ଧାର କରିଥିଲା। ସେହିପରି ସୋନପୁର ଜିଲ୍ଲାରେ ବଂଶୀଧରଙ୍କ ମୃତ୍ୟୁ ପଛରେ ଜନଗଣନା ଚାପ ଥିବା ଅଭିଯୋଗ ହୋଇଛି । ବଂଶୀଧର ଗୃହଗଣନା କାର୍ଯ୍ୟ ସାରି ଘରକୁ ଫେରିବା ପରେ ଗୁରୁତର ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ତୁରନ୍ତ ଡ଼ାକ୍ତରଖାନାକୁ ନିଆଯାଇଥିଲା, ମାତ୍ର ଡ଼ାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ।

ଜିଲ୍ଲା ଜରୁରୀକାଳୀନ ଅଧିକାରୀ ରାଜେଶ କୁମାର ସାହୁ କହିଛନ୍ତି ଯେ ରବିବାର ଚିକିତ୍ସାଧୀନ ଅବସ୍ଥାରେ ଶିକ୍ଷକ ବଂଶୀଧର ଭୋଇଙ୍କର ଡ଼ାକ୍ତରଖାନାରେ ପରଲୋକ ଘଟିଛି । ତାଙ୍କ ମୃତ୍ୟୁର ସଠିକ କାରଣ ଜଣା ପଡ଼ି ନାହିଁ। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସ୍ପଷ୍ଟ କାରଣ ଜଣାପଡ଼ିବ। ସେହିପରି ଜିଲ୍ଲାପାଳ ନୃପରାଜ ସାହୁ ମୃତ ଶିକ୍ଷକଙ୍କ ପରିବାରକୁ ସରକାରୀ ସହାୟତା ▶ପୃଷ୍ଠା-୭




## ଇରାନରୁ ଫେରିଲେ ୩୦୦ରୁ ଅଧିକ ଭାରତୀୟ

ନୂଆଦିଲ୍ଲୀ, ୨୧।୪(ଏଜେନ୍ସି): ଆମେରିକା ଏବଂ ଇସ୍ରାଏଲର ଆକ୍ରମଣ ପରେ ସୃଷ୍ଟି ହୋଇଥିବା ଯୁଦ୍ଧ ପରିସ୍ଥିତି କାରଣରୁ ଇରାନରେ ଅନେକ ଭାରତୀୟ ଫସି ରହିଛନ୍ତି। ଭାରତ ସରକାର ନିଜ ନାଗରିକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ପ୍ରକ୍ରିୟା ଜାରି ରଖିଛନ୍ତି। ଏଥିରେ ଇରାନରେ ଫସି ରହିଥିବା ୩୦୦ରୁ ଅଧିକ ଭାରତୀୟ ନାଗରିକଙ୍କୁ ଆଜରବୈଜାନ ଦେଇ ସ୍ଥଳପଥରେ ସୁରକ୍ଷିତ ଭାବେ ବାହାର କରାଯାଇଛି। ଉଦ୍ଧାର ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ୧୮୯ ଜଣ ଛାତ୍ରଛାତ୍ରୀ ରହିଛନ୍ତି। ବର୍ତ୍ତମାନ ସୁଦ୍ଧା ଆର୍ମେନିଆ ଏବଂ ଆଜରବୈଜାନ ଦେଇ ପ୍ରାୟ ୨, ୪୨୩ ଜଣ ଭାରତୀୟଙ୍କୁ ସ୍ୱଦେଶ ଫେରାଇ ଅଣାଯାଇଛି। ସେମାନଙ୍କ ମଧ୍ୟରେ ୧,୦୯୧ ଜଣ ଛାତ୍ର ଏବଂ ୬୫୭ ଜଣ ମତ୍ସ୍ୟଜୀବୀ ରହିଛନ୍ତି। ଇରାନର ଆକାଶମାର୍ଗ ଆଂଶିକ ଭାବେ ବନ୍ଦ ଥିବାରୁ ଏହି ବିକଳ୍ପ ସ୍ଥଳପଥ ଗୁଡ଼ିକୁ ବ୍ୟବହାର କରାଯାଉଛି। ସମଗ୍ର ପଶ୍ଚିମ ଏସିଆ ଅଞ୍ଚଳରୁ ଭାରତ ସରକାର ବର୍ତ୍ତମାନ ସୁଦ୍ଧା ପ୍ରାୟ ୧୧ ଲକ୍ଷରୁ ଅଧିକ ଭାରତୀୟ ନାଗରିକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିସାରିଛନ୍ତି।

## ଦୁଇ ସନ୍ତାନଙ୍କ ସହ କୂଅକୁ ଡେଇଁଲେ ମହିଳା

ଲାଟୁର, ୨୧।୪(ଏଜେନ୍ସି): ମହାରାଷ୍ଟ୍ରର ଲାଟୁର ଜିଲ୍ଲାରୁ ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ପାରିବାରିକ କଳହରୁ ଅତିଷ୍ଠ ହୋଇ ଜଣେ ୨୫ ବର୍ଷୀୟା ମହିଳା ନିଜର ଦୁଇ କୋମଳମତି ସନ୍ତାନଙ୍କ ସହ କୂଅକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ସୋମବାର ଅପରାହ୍ଣରେ ନିକଟସ୍ଥ ଏକ କୂଅରୁ ତିନିଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳାଇ ଦେଇଛି। ମୃତ ମହିଳାଙ୍କୁ ନିକିତା ଅମରଦୀପ ଭୁରେ (୨୫) ବୋଲି ଚିହ୍ନଟ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ନିକିତା ଦୀର୍ଘ ଦିନ ଧରି ପାରିବାରିକ ସମସ୍ୟା ଦେଇ ଗତି କରୁଥିଲେ। ରବିବାର ସନ୍ଧ୍ୟାରେ ନିକିତା ଏବଂ ତାଙ୍କ ସ୍ୱାମୀ ଅମରଦୀପଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଭୀଷଣ ଯୁକ୍ତିତର୍କ ହୋଇଥିଲା ଓ ଏହା ମଧ୍ୟରାତ୍ରି ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ମ୍ରିୟମାଣ ହୋଇ ନିକିତା ବିଳମ୍ବିତ ରାତି ପ୍ରାୟ ୧:୩୦ ସମୟରେ ନିଜର ୫ ବର୍ଷର ଝିଅ ଶିବାନୀ ଏବଂ ୩ ବର୍ଷର ପୁଅ ଶିବାଂଶଙ୍କୁ ଧରି ଘରୁ ବାହାରି ଯାଇଥିଲେ। ସୋମବାର ସକାଳେ ପରିବାର ଲୋକେ ସେମାନଙ୍କୁ ଖୋଜାଖୋଜି କରିଥିଲେ ହେଁ କୌଣସି ସନ୍ଧାନ ପାଇନଥିଲେ। ପରେ ଅପରାହ୍ଣରେ ଘର ନିକଟସ୍ଥ ଏକ କୂଅରେ ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ।ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ କୂଅରୁ ମୃତଦେହଗୁଡ଼ିକୁ ବାହାର କରିଥିଲେ।

## ହସ୍ପିଟାଲରେ ଶରଦ ପାୱାର

ପୁଣେ/ମୁମ୍ବାଇ, ୨୧।୪(ଏଜେନ୍ସି): ମହାରାଷ୍ଟ୍ର ରାଜନୀତିର ଭୀଷ୍ମ ପିତାମହ ତଥା ଏନସିପି (ଶରଦ ପାୱାର) ମୁଖ୍ୟ ଶରଦ ପାୱାର ପୁଣିଥରେ ଅସୁସ୍ଥ ହୋଇପଡ଼ିଛନ୍ତି। ମୁମ୍ବାଇର ବ୍ରିଚ୍ କାଣ୍ଡି ହସ୍ପିଟାଲରେ ତାଙ୍କୁ ଭର୍ତ୍ତି କରାଯାଇଛି। ଉପ-ନିର୍ବାଚନ ପାଇଁ ପ୍ରଚାର ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ପାୱାରଙ୍କ ଅସୁସ୍ଥତା ଦଳୀୟ କର୍ମୀଙ୍କ ଚିନ୍ତା ବଢ଼ାଇ ଦେଇଛି। ଶରଦ ପାୱାରଙ୍କ କନ୍ୟା ତଥା ସାଂସଦ ସୁପ୍ରିୟା ସୁଲେଙ୍କ ସୂଚନା ଅନୁଯାୟୀ, ବର୍ତ୍ତମାନ ହସ୍ପିଟାଲରେ ତାଙ୍କର ବିଭିନ୍ନ ପ୍ରକାରର ପରୀକ୍ଷା ଚାଲିଛି। ରିପୋର୍ଟ ଆସିବା ପରେ ହିଁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିବ। ଉଲ୍ଲେଖଯୋଗ୍ୟ ଯେ, ଗତ ମାସରେ ମଧ୍ୟ ସେ ପୁଣେର ଏକ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ମଙ୍ଗଳବାର ବାରାମତୀ ଏବଂ ରାହୁରୀ ବିଧାନସଭା ଉପ-ନିର୍ବାଚନ ପାଇଁ ପ୍ରଚାରର ଶେଷ ଦିନ। ଏହି ଅବସରରେ କିଛି ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମ ଦେଖିବାକୁ ମିଳିଛି। ଉପ-ମୁଖ୍ୟମନ୍ତ୍ରୀ ସୁନେତ୍ରା ପାୱାରଙ୍କ ଶେଷ ପ୍ରଚାର ରାଲିରେ ସୁପ୍ରିୟା ସୁଲେ ଯୋଗ ଦେଇପାରନ୍ତି। ଏହାକୁ ସେ ଏକ ରାଜନୈତିକ କାର୍ଯ୍ୟକ୍ରମ ଅପେକ୍ଷା 'ପାରିବାରିକ କର୍ତ୍ତବ୍ୟ' ବୋଲି ଅଭିହିତ କରିଛନ୍ତି। ସୁନେତ୍ରା ପାୱାରଙ୍କ ବ୍ୟକ୍ତିଗତ ନିମନ୍ତ୍ରଣ କ୍ରମେ ସେ ଏଥିରେ ଅଂଶଗ୍ରହଣ କରିବାକୁ ସମ୍ମତି ପ୍ରକାଶ କରିଛନ୍ତି।

## ରାହୁଲଙ୍କ ମାମଲାରୁ ଓହରିଲେ ହାଇକୋର୍ଟ ବିଚାରପତି

ପ୍ରୟାଗରାଜ/ଲକ୍ଷ୍ନୌ, ୨୧।୪(ଏଜେନ୍ସି): କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଦ୍ୱୈତ ନାଗରିକତା ମାମଲାରେ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ ଆସିଛି। ଆଲାହାବାଦ ହାଇକୋର୍ଟର ବିଚାରପତି ଜଷ୍ଟିସ ସୁଭାଷ ବିଦ୍ୟାର୍ଥୀ ଏହି ମାମଲାର ଶୁଣାଣିରୁ ନିଜକୁ ଦୂରେଇ ରଖିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ସୋସିଆଲ ମିଡିଆରେ କୋର୍ଟଙ୍କ ବିରୋଧରେ କରାଯାଇଥିବା କେତେକ ମନ୍ତବ୍ୟକୁ ନେଇ ବିଚାରପତି ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଜଷ୍ଟିସ ସୁଭାଷ ବିଦ୍ୟାର୍ଥୀ ସୋମବାର ଦିନ କହିଛନ୍ତି ଯେ, ଆବେଦନକାରୀଙ୍କ ସୋସିଆଲ ମିଡିଆ ପୋଷ୍ଟଗୁଡ଼ିକ କୋର୍ଟଙ୍କ ନିରପେକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜଷ୍ଟିସ ବିଦ୍ୟାର୍ଥୀ ନିଜର ଆଦେଶରେ ଉଲ୍ଲେଖ କରିଛନ୍ତି ଯେ, ସୋସିଆଲ ମିଡିଆରେ ଆବେଦନକାରୀଙ୍କ ବାର୍ତ୍ତା ସୂଚାଉଛି ଯେ ସେ କୋର୍ଟଙ୍କ ଉପରେ ଆକ୍ଷେପ କରୁଛନ୍ତି ଏବଂ ଏହି କୋର୍ଟ ଉପରୁ ବିଶ୍ୱାସ ହରାଇଛନ୍ତି। ଏଭଳି ସ୍ଥିତିରେ ଏହି ମାମଲାର ଆଗକୁ ଶୁଣାଣି କରିବା ଉଚିତ୍ ମନେ କରୁନାହିଁ। ଗତ ଶୁକ୍ରବାର ଦିନ ବିଚାରପତି ପ୍ରାଥମିକ ଭାବେ ରାହୁଲଙ୍କ ବିରୋଧରେ ମାମଲା ରୁଜୁ ପାଇଁ ସଙ୍କେତ ଦେଇଥିଲେ, କିନ୍ତୁ ପରେ ଆଇନଗତ ପ୍ରକ୍ରିୟା ଅନୁଯାୟୀ ପ୍ରଥମେ ନୋଟିସ୍ ଜାରି କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ବିଳମ୍ବ ପାଇଁ ଆବେଦନକାରୀ କୋର୍ଟଙ୍କୁ ସମାଲୋଚନା କରିଥିଲେ। ଏହି ମାମଲାଟି କର୍ଣ୍ଣାଟକର ବିଜେପି କର୍ମୀ ଏସ୍ ବିଘ୍ନେଶ ଶିଶିରଙ୍କ ଦ୍ୱାରା ଦାଖଲ କରାଯାଇଛି। ତାଙ୍କର ମୁଖ୍ୟ ଅଭିଯୋଗଗୁଡ଼ିକ ହେଲା ରାହୁଲ ଗାନ୍ଧୀଙ୍କ ପାଖରେ ଭାରତ ସହିତ ବ୍ରିଟେନର ନାଗରିକତା ମଧ୍ୟ ରହିଛି, ଯାହା ଭାରତୀୟ ଆଇନ ଅନୁଯାୟୀ ବେଆଇନ। ୨୦୦୩ରେ ପଞ୍ଜିକୃତ ହୋଇଥିବା 'ବ୍ୟାକପ୍ସ ଲିମିଟେଡ୍' ନାମକ କମ୍ପାନୀର ରିଟର୍ଣ୍ଣ ଦାଖଲ ସମୟରେ ରାହୁଲ ନିଜକୁ ଜଣେ ବ୍ରିଟିଶ ନାଗରିକ ଭାବେ ଦର୍ଶାଇଥିଲେ ବୋଲି ଆବେଦନରେ ଦାବି କରାଯାଇଛି। ରାହୁଲଙ୍କ ବିରୋଧରେ ବିଏନ୍ଏସ୍, ସରକାରୀ ଗୋପନୀୟତା ଆଇନ ଏବଂ ପାସପୋର୍ଟ ଆଇନ ଅନୁଯାୟୀ ଏଫଆଇଆର ରୁଜୁ କରିବାକୁ ଆବେଦନକାରୀ ଦାବି କରିଛନ୍ତି।

# ତ୍ରିଶୁର ବାଣ କାରଖାନାରେ ବିସ୍ଫୋରଣ; ୧୩ ମୃତ



କେରଳ, ୨୧।୪(ଏଜେନ୍ସି): କେରଳର ପ୍ରସିଦ୍ଧ ତ୍ରିଶୁର ପୁରମ ପର୍ବ ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ତ୍ରିଶୁରର ମୁଣ୍ଡାଥିକୋଡ ସ୍ଥିତ ଏକ ବାଣ କାରଖାନାରେ ଭୟାବହ ବିସ୍ଫୋରଣ ଘଟିଛି। ଏଥିରେ ୧୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ପ୍ରାୟ ୪୦ ଜଣ ଶ୍ରମିକ ଆହତ ହୋଇଛନ୍ତି। ଉତ୍ସବ ଉପଲକ୍ଷେ ତିରୁଭାମ୍ବାଡି ଗୋଷ୍ଠୀ ପକ୍ଷରୁ କାର୍ଯ୍ୟକ୍ରମ ପାଇଁ ବାଣ ପ୍ରସ୍ତୁତି ବେଳେ ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ଏହାର ଶବ୍ଦ ଅନେକ ଦୂର ଯାଏଁ ଶୁଣାଯାଇଥିଲା ଏବଂ କାରଖାନାର ଭଙ୍ଗା ଅଂଶଗୁଡ଼ିକ ବହୁ ଦୂରକୁ ଛିଟିକି ପଡ଼ିଥିଲା। ଏହାପରେ ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। ମାତ୍ର ସେହି ସମୟରେ ପୁଣି ଦ୍ୱିତୀୟ ବିସ୍ଫୋରଣ ଘଟିବାରୁ ସ୍ଥିତି ଅଧିକ ଜଟିଳ ହୋଇପଡ଼ିଥିଲା। କାରଖାନାକୁ ଯିବା ପାଇଁ ରାସ୍ତା ଅତ୍ୟନ୍ତ ସଂକୀର୍ଣ୍ଣ ଥିବାରୁ ଅଗ୍ନିଶମ ବାହିନୀକୁ କାନ୍ଥ ଭାଙ୍ଗି ଭିତରକୁ ପ୍ରବେଶ କରିବାକୁ ପଡ଼ିଥିଲା। ଆହତମାନଙ୍କୁ ତ୍ରିଶୁର ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ରହିଛି। କାରଖାନା ପାର୍ଶ୍ୱବର୍ତ୍ତୀ ପଡ଼ିଆରେ ବାଣଗୁଡ଼ିକ ଫୁଟୁଥିବାରୁ ସେହି ଅଞ୍ଚଳକୁ ଅତ୍ୟନ୍ତ ବିପଦସଙ୍କୁଳ ଘୋଷଣା କରାଯାଇ ପୁଲିସ, ଅଗ୍ନିଶମ ବାହିନୀ ଏବଂ ବିପର୍ଯ୍ୟୟ ପରିଚାଳନା ଟିମ୍ ସମନ୍ୱୟ ରକ୍ଷା କରି ଉଦ୍ଧାର କାର୍ଯ୍ୟ ଜାରି ରହିଛି। ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ସରକାରୀ କଳକୁ ହାଇ-ଆଲର୍ଟରେ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି।



# ବୁଝାମଣା ନହେଲେ ବୋମା ବର୍ଷିବ

ୱାସିଂଟନ/ତେହେରାନ, ୨୧।୪(ଏଜେନ୍ସି): ବିଶ୍ୱ ରାଜନୀତିରେ ପୁଣି ଥରେ ଯୁଦ୍ଧର କଳାବାଦଲ ଘେରିବାକୁ ଆରମ୍ଭ କରିଛି। ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଦୁଇ ସପ୍ତାହର ଅସ୍ତ୍ରବିରତି ଆସନ୍ତା ବୁଧବାର ଶେଷ ହେବାକୁ ଯାଉଥିବା ବେଳେ ଉଭୟ ପକ୍ଷ ମଧ୍ୟରେ ବାକ୍ୟୁଦ୍ଧ ତେଜିବାରେ ଲାଗିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ଶକ୍ତ ଚେତାବନୀ ଦେଇ କହିଛନ୍ତି ଯେ, ଯଦି ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ନିଷ୍କର୍ଷ ନ ବାହାରେ, ତେବେ ପୁଣି ଥରେ ଭୀଷଣ ବୋମାମାଡ଼ ଆରମ୍ଭ ହେବ। ଚଳିତ ସପ୍ତାହରେ ପାକିସ୍ତାନରେ ଆମେରିକା ଓ ଇରାନ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ମାତ୍ର ଏହି ଆଲୋଚନା ଏବେ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି। ଟ୍ରମ୍ପ କହିଛନ୍ତି ଯେ ଅସ୍ତ୍ରବିରତି ଅବଧି ବୃଦ୍ଧି ହେବାର ସମ୍ଭାବନା କମ୍। ପିବିଏସ୍ ନ୍ୟୁଜ୍‌କୁ ଦେଇଥିବା ଏକ ସାକ୍ଷାତକାରରେ ସେ କହିଛନ୍ତି, ଯଦି ବୁଝାମଣା ନହୁଏ, ତେବେ ପ୍ରବଳ ବୋମା ବିସ୍ଫୋରଣ ହେବ। ଆମେ ଆଲୋଚନା ପାଇଁ ପ୍ରସ୍ତୁତ, କିନ୍ତୁ ସେମାନେ ନଆସିଲେ ଆମର କିଛି ଯାଏ ଆସେ ନାହିଁ।

- ଟ୍ରମ୍ପଙ୍କ ଧମକର ଜବାବ ଦେଲା ଇରାନ
- ପ୍ରତିଶୋଧ ପାଇଁ ନୂଆ ରଣନୀତି ପ୍ରସ୍ତୁତ

ଇରାନର ସଂସଦ ବାଚସ୍ପତି ତଥା ମୁଖ୍ୟ ବୁଝାମଣାକାରୀ ମହମ୍ମଦ ବାଘେର ଗାଲିବାଫ୍ 'ଏକ୍ସ'ରେ ପୋଷ୍ଟ କରି କହିଛନ୍ତି ଯେ, ଧମକର ଛାୟାରେ ଇରାନ କେବେବି ଆଲୋଚନା କରିବ ନାହିଁ। ଯଦି ଯୁଦ୍ଧ ହୁଏ, ତେବେ ରଣକ୍ଷେତ୍ରରେ ଦେଖାଇବା ପାଇଁ ଇରାନ ପାଖରେ ନୂତନ କାର୍ଡ ବା ନୂଆ ରଣନୀତି ପ୍ରସ୍ତୁତ ଅଛି। ଗତ ସପ୍ତାହରେ ହର୍ମୁଜ ପ୍ରଣାଳୀ ନିକଟରେ ଆମେରିକା ଏକ ଇରାନୀ ପତାକାଧାରୀ ଜାହାଜକୁ ଜବତ କରିବା ପରେ ପରିସ୍ଥିତି ଅଧିକ ଜଟିଳ ହୋଇଛି। ଇରାନର ଅଭିଯୋଗ ଯେ, ଆମେରିକା ଅବରୋଧ ଜାରି କରି ଅସ୍ତ୍ରବିରତିର ଉଲ୍ଲଂଘନ କରୁଛି ଏବଂ ଆଲୋଚନା ଟେବୁଲକୁ ଆତ୍ମସମର୍ପଣର ଟେବୁଲରେ ପରିଣତ କରିବାକୁ ଚାହୁଁଛି। ଅନିଶ୍ଚିତତା ସତ୍ତ୍ୱେ ଆମେରିକା ନିଜର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ପାକିସ୍ତାନ ପଠାଇବାକୁ ପ୍ରସ୍ତୁତ ହେଉଛି। ଏହି ଦଳରେ ଉପ-ରାଷ୍ଟ୍ରପତି ଜେଡି ଭାନ୍ସ (ଦଳର ନେତୃତ୍ୱ ନେବେ), ଷ୍ଟିଭ୍ ୱିଟକଫ୍ (ମଧ୍ୟ ପ୍ରାଚ୍ୟ ପାଇଁ ସ୍ୱତନ୍ତ୍ର ଦୂତ), ଜାରେଡ୍ କୁଶନର୍ (ଟ୍ରମ୍ପଙ୍କ ଜାମାତା) ଅଛନ୍ତି। ପାକିସ୍ତାନୀ ମଧ୍ୟସ୍ଥିମାନେ ଉଭୟ ପକ୍ଷକୁ ଶାନ୍ତି ବଜାୟ ରଖିବାକୁ ଅନୁରୋଧ କରୁଛନ୍ତି। ପାକିସ୍ତାନ ଚାହୁଁଛି ଯେ ଏହି ଆଲୋଚନା ଉଭୟ ଦେଶ ପାଇଁ ଏକ 'ୱିନ୍ ୱିନ୍' ସ୍ଥିତି ସୃଷ୍ଟି କରୁ। ତେବେ ଆଗାମୀ ୨୪ ରୁ ୪୮ ଘଣ୍ଟା ସମଗ୍ର ବିଶ୍ୱ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କାରଣ ଏହା ହିଁ ସ୍ଥିର କରିବ ଯେ ମଧ୍ୟ ପ୍ରାଚ୍ୟରେ ଶାନ୍ତି ଫେରିବ ନା ଆଉ ଏକ ରକ୍ତାକ୍ତ ସଂଘର୍ଷ ଆରମ୍ଭ ହେବ।

## ବଳି ପଡ଼ିବେ କି ଜେଡି ଭାନ୍ସ?



ୱାସିଂଟନ, ୨୧।୪(ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ଜାରି ରହିଥିବା ଯୁଦ୍ଧ ଓ ଅସ୍ତ୍ରବିରତି ମଧ୍ୟରେ ଏକ ନୂଆ ଆଭ୍ୟନ୍ତରୀଣ ରାଜନୈତିକ ବିତର୍କ ସୃଷ୍ଟି ହୋଇଛି। ପ୍ରତିରକ୍ଷା ଓ ବୈଦେଶିକ ବ୍ୟାପାର ବିଶେଷଜ୍ଞ ହର୍ଷ ଭି ପନ୍ତଙ୍କ ମତ ଅନୁଯାୟୀ, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜର ଉପ-ରାଷ୍ଟ୍ରପତି ଜେଡି ଭାନ୍ସଙ୍କୁ ଇରାନ ମାମଲାରେ ଏକ 'ବଳିର ବୋଦା' ଭାବେ ବ୍ୟବହାର କରିପାରନ୍ତି। ଯଦି ପାକିସ୍ତାନରେ ହେବାକୁ ଥିବା ଶାନ୍ତି ଆଲୋଚନା ବିଫଳ ହୁଏ, ତେବେ ଏହାର ସମସ୍ତ ଦୋଷ ଭାନ୍ସଙ୍କ ଉପରେ ଲଦି ଦିଆଯାଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଇରାନ ସହ ଚାଲିଥିବା ୧୪ ଦିନିଆ ଅସ୍ତ୍ରବିରତି ଆସନ୍ତାକାଲି (୨୨ ଅପ୍ରେଲ) ଶେଷ ହେବାକୁ ଯାଉଛି। ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ଟ୍ରମ୍ପ ନିଜର ପ୍ରତିନିଧି ଦଳର ନେତୃତ୍ୱ ଭାନ୍ସଙ୍କୁ ହସ୍ତାନ୍ତର କରିଛନ୍ତି। ହର୍ଷ ଭି ପନ୍ତ ପୂର୍ବତନ ଉପ-ରାଷ୍ଟ୍ରପତି ମାଇକ୍ ପେନ୍ସଙ୍କ ଉଦାହରଣ ଦେଇ କହିଛନ୍ତି ଯେ, ଟ୍ରମ୍ପଙ୍କ ଶୈଳୀ ହେଉଛି ସଫଳତାକୁ ନିଜ ନାମରେ କରିବା ଏବଂ ବିଫଳତା ପାଇଁ ଅନ୍ୟକୁ ଦାୟୀ କରିବା। ଇରାନ ସହ କଥାବାର୍ତ୍ତା ଠିକ୍ ଭାବେ ନଚାଲିଲେ ଟ୍ରମ୍ପ ସିଧାସଳଖ ଭାନ୍ସଙ୍କୁ ଦୋଷାରୋପ କରିପାରନ୍ତି ବୋଲି ସେ ମତ ଦେଇଛନ୍ତି। ଭାନ୍ସଙ୍କୁ ଏକ ଅତ୍ୟନ୍ତ କଠିନ କାର୍ଯ୍ୟ ଦିଆଯାଇଛି, ଯେଉଁଠାରେ ଇରାନର ପାର୍ଲାମେଣ୍ଟ ବାଚସ୍ପତି ମହମ୍ମଦ ବାଘେର ଗାଲିବାଫ୍ ଆଲୋଚନା ପୂର୍ବରୁ ନୂଆ କାର୍ଡ ବା ନୂଆ ରଣନୀତି ଦେଖାଇବାର ଧମକ ଦେଇସାରିଛନ୍ତି। ଆଜି ସକାଳେ ଜେଡି ଭାନ୍ସ ନିଜର ଟିମ୍ ସହ ପାକିସ୍ତାନ ଅଭିମୁଖେ ବାହାରିଛନ୍ତି। ଟ୍ରମ୍ପ ସ୍ପଷ୍ଟ କରିଛନ୍ତି ଯେ ଚୁକ୍ତି ନହେଲେ ପୁଣି ଥରେ ଭୀଷଣ ଆକ୍ରମଣ ହେବ। ଏଭଳି ଉତ୍ତେଜନାପୂର୍ଣ୍ଣ ସ୍ଥିତିରେ ଭାନ୍ସଙ୍କ ପାଇଁ କୌଣସି ସକାରାତ୍ମକ ଫଳାଫଳ ଆଣିବା କଷ୍ଟକର ହୋଇପଡ଼ିଛି। ୪୧ ବର୍ଷୀୟ ଜେଡି ଭାନ୍ସଙ୍କୁ ୨୦୨୮ ନିର୍ବାଚନ ପାଇଁ ଟ୍ରମ୍ପଙ୍କ ଉତ୍ତରାଧିକାରୀ ଭାବେ ଦେଖାଯାଉଛି। କିନ୍ତୁ ବିଶେଷଜ୍ଞଙ୍କ ଅନୁଯାୟୀ, ଇରାନ ମାମଲାରେ ଯଦି ସେ ବିଫଳ ହୁଅନ୍ତି, ତେବେ ତାଙ୍କର ରାଜନୈତିକ ଭବିଷ୍ୟତ ବିପଦରେ ପଡ଼ିପାରେ। ଟ୍ରମ୍ପଙ୍କ ପ୍ରତି 'ସମ୍ପୂର୍ଣ୍ଣ ଆନୁଗତ୍ୟ' ପ୍ରଦର୍ଶନ କରିବାକୁ ଯାଇ ସେ ନିଜର ସ୍ୱତନ୍ତ୍ର ପରିଚୟ ହରାଇବାକୁ ବସିଛନ୍ତି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ଇସଲାମାବାଦରେ ହେବାକୁ ଥିବା ଆଲୋଚନା କେବଳ ଦୁଇ ଦେଶର ଭବିଷ୍ୟତ ନୁହେଁ, ବରଂ ଜେଡି ଭାନ୍ସଙ୍କ ରାଜନୈତିକ କ୍ୟାରିୟର ପାଇଁ ମଧ୍ୟ ଏକ ଅଗ୍ନିପରୀକ୍ଷା ସଦୃଶ। ଯଦି ଆଲୋଚନା ବିଫଳ ହୁଏ, ତେବେ ଟ୍ରମ୍ପ ନିଜକୁ ସୁରକ୍ଷିତ ରଖି ଭାନ୍ସଙ୍କୁ 'ବଳି' ଦେଇପାରନ୍ତି ବୋଲି ବିଶ୍ଳେଷକମାନେ ଅନୁମାନ କରୁଛନ୍ତି।

## ଟ୍ରମ୍ପଙ୍କୁ ଇରାନର 'ପ୍ରାଇଡ୍ ଆଣ୍ଡ ପ୍ରିଜୁଡିସ୍' ଶୈଳୀରେ ବାର୍ତ୍ତା

ୱାସିଂଟନ/ଇସଲାମାବାଦ, ୨୧।୪(ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ଜାରି ରହିଥିବା ଯୁଦ୍ଧଂଦେହି ପରିସ୍ଥିତି ମଧ୍ୟରେ ଏକ ଅଭିନବ କୂଟନୈତିକ ବାର୍ତ୍ତାଳାପ ଦେଖିବାକୁ ମିଳିଛି। ପାକିସ୍ତାନରେ ହେବାକୁ ଥିବା ଶାନ୍ତି ଆଲୋଚନା ପୂର୍ବରୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ 'ବୋମାମାଡ଼' ଧମକର ଜବାବ ଦେଇ ଇରାନ ଏକ ସାହିତ୍ୟିକ ମୋଡ଼ ଦେଇଛି। ଜେନ୍ ଅଷ୍ଟିନଙ୍କ କାଳଜୟୀ ଉପନ୍ୟାସ 'ପ୍ରାଇଡ୍ ଆଣ୍ଡ ପ୍ରେଜୁଡିସ୍'ର ପ୍ରସିଦ୍ଧ ଶୈଳୀରେ ଇରାନ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛି। ପାକିସ୍ତାନରେ ଅବସ୍ଥାପିତ ଇରାନର ରାଷ୍ଟ୍ରଦୂତ ରେଜା ଆମିରି ମୋଘାଦାମ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଏକ ଗୁରୁତ୍ୱପୂର୍ଣ୍ଣ ପୋଷ୍ଟ କରିଛନ୍ତି। ଉପନ୍ୟାସର ପ୍ରଥମ ଧାଡ଼ିକୁ ଅନୁସରଣ କରି ସେ ଲେଖିଛନ୍ତି, ଏହା ଏକ ସର୍ବଜନବିଦିତ ସତ୍ୟ ଯେ, ଏକ ବିଶାଳ ସଭ୍ୟତାର ଅଧିକାରୀ ଦେଶ କେବେବି ଧମକ ଏବଂ ବଳ ପ୍ରୟୋଗ ଆଗରେ ଆଲୋଚନା କରିବ ନାହିଁ। ସେ ଆହୁରି ମଧ୍ୟ କହିଛନ୍ତି ଇରାନର ଏହି ପ୍ରତିକ୍ରିୟା ଟ୍ରମ୍ପଙ୍କ ସେହି ବୟାନ ପରେ ଆସିଛି, ଯେଉଁଥିରେ ସେ କହିଥିଲେ ଯେ ମଙ୍ଗଳବାର ସୁଦ୍ଧା ଯଦି ଅସ୍ତ୍ରବିରତି ମଧ୍ୟରେ କୌଣସି ସମାଧାନ ନବାହାରେ, ତେବେ ପୁଣି ଥରେ ବୋମା ବର୍ଷିବ। ଆମେରିକାର 'ଅହଂକାର' (ପ୍ରାଇଡ୍) ଏବଂ ଇରାନର 'ପକ୍ଷପାତ' (ପ୍ରିଜୁଡାଇସ୍) ମଧ୍ୟରେ ଏହି ଯୁଦ୍ଧ ଏବେ ଏକ ଜଟିଳ ମୋଡ଼ରେ ପହଞ୍ଚିଛି। ସମଗ୍ର ବିଶ୍ୱ ଆଶା କରୁଛି ଯେ ଇସଲାମାବାଦରେ ହେବାକୁ ଥିବା ଆଲୋଚନା କେବଳ ଶବ୍ଦର ଲଢେଇରେ ସୀମିତ ନରହି ଏକ ସ୍ଥାୟୀ ସମାଧାନର ପଥ ପ୍ରଶସ୍ତ କରିବ। ବୁଧବାର ଦିନ ହେବାକୁ ଥିବା ବୈଠକ ହିଁ ସ୍ପଷ୍ଟ କରିବ ଯେ ମଧ୍ୟ ପ୍ରାଚ୍ୟରେ ଶାନ୍ତିର ସୂର୍ଯ୍ୟୋଦୟ ହେବ କି ନାହିଁ।

## ପ୍ରଧାନମନ୍ତ୍ରୀଙ୍କୁ ଆତଙ୍କବାଦୀ କହିନାହିଁ

ନୂଆଦିଲ୍ଲୀ/ଚେନ୍ନାଇ, ୨୧।୪(ଏଜେନ୍ସି): ତାମିଲନାଡୁ ବିଧାନସଭା ନିର୍ବାଚନ ପାଇଁ ପ୍ରଚାରର ଶେଷ ଦିନରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନେଇ ଦେଇଥିବା ଏକ ମନ୍ତବ୍ୟ ଦେଶର ରାଜନୈତିକ ବାତାବରଣକୁ ଉଷ୍ମ କରିଦେଇଛି। ପ୍ରଥମେ ପ୍ରଧାନମନ୍ତ୍ରୀଙ୍କୁ 'ଆତଙ୍କବାଦୀ' ବୋଲି ସମ୍ବୋଧନ କରିବା ପରେ ଖଡ଼ଗେ ଏହା ଉପରେ ନିଜର ସଫେଇ ଦେଇଛନ୍ତି। ଚେନ୍ନାଇରେ ଆୟୋଜିତ ଏକ ସମ୍ବାଦିକ ସମ୍ମିଳନୀରେ ଖଡ଼ଗେ ବିରୋଧୀ ଦଳ ଏଆଇଏଡିଏମ୍‌କେ ଏବଂ ବିଜେପିର ମେଣ୍ଟକୁ ସମାଲୋଚନା କରୁଥିଲେ। ସେ କହିଥିଲେ ଏଆଇଏଡିଏମ୍‌କେ କିଭଳି ମୋଦୀଙ୍କ ସହ ହାତ ମିଳାଇପାରୁଛି? ସେ ଜଣେ ଆତଙ୍କବାଦୀ। ସେ ସମାନତା କିମ୍ବା ନ୍ୟାୟ ଉପରେ ବିଶ୍ୱାସ କରନ୍ତି ନାହିଁ। ସେମାନଙ୍କ ସହ ମିଶିବାର ଅର୍ଥ ହେଉଛି ଆମେ ଗଣତନ୍ତ୍ର ଏବଂ ଆମର ମହାନ ନେତା ପେରିୟାର, ଆନ୍ନାଦୁରାଇ ଓ ବାବା ସାହେବ ଆମ୍ବେଦକରଙ୍କ ଆଦର୍ଶକୁ ଦୁର୍ବଳ କରୁଛୁ।

ଏହି ମନ୍ତବ୍ୟକୁ ନେଇ ବିବାଦ ବଢ଼ିବା ପରେ ଖଡ଼ଗେ କହିଛନ୍ତି ଯେ ତାଙ୍କ କହିବାର ତାତ୍ପର୍ଯ୍ୟ କିଛି ଅଲଗା ଥିଲା। ସେ ସ୍ପଷ୍ଟ କରିଛନ୍ତି ଯେ, 'ମୁଁ ଏହି ଅର୍ଥରେ କହିଥିଲି ଯେ ମୋଦୀ ସବୁବେଳେ ଲୋକଙ୍କୁ ଧମକ ଦିଅନ୍ତି। ଇଡ଼ି, ସିବିଆଇ ଏବଂ ଆୟକର ବିଭାଗ ଭଳି ସଂସ୍ଥାଗୁଡ଼ିକ ତାଙ୍କ ହାତରେ ଅଛି। ସେ ଏହି ସଂସ୍ଥାଗୁଡ଼ିକ ମାଧ୍ୟମରେ ରାଜନୈତିକ ଦଳ ଓ ଜନସାଧାରଣଙ୍କ ମନରେ ଭୟ ସୃଷ୍ଟି କରୁଛନ୍ତି, ସେଥିପାଇଁ ମୁଁ ସେହି ଶବ୍ଦର ପ୍ରୟୋଗ କରିଥିଲି। ବିଜେପି ଆଇଟି ସେଲ୍ ମୁଖ୍ୟ ଅମିତ ମାଲବୀୟ ଏହାକୁ ନେଇ କଂଗ୍ରେସକୁ ତୀବ୍ର ସମାଲୋଚନା କରିଛନ୍ତି। ଏହା କଂଗ୍ରେସର ଶକ୍ତି ନୁହେଁ ବରଂ ସେମାନଙ୍କର ହତାଶା ଏବଂ ବିକଳ୍ପର ଅଭାବକୁ ଦର୍ଶାଉଛି। ନିର୍ବାଚନ ସମୟରେ ବ୍ୟକ୍ତିଗତ ଆକ୍ରମଣ ଏବଂ ଶବ୍ଦର ଲଢେଇ ନୂଆ କଥା ନୁହେଁ, କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ଭଳି ସାମ୍ବିଧାନିକ ପଦବୀ ପାଇଁ 'ଆତଙ୍କବାଦୀ' ଶବ୍ଦର ବ୍ୟବହାର ରାଜନୈତିକ ସୌଜନ୍ୟତାକୁ ନେଇ ପ୍ରଶ୍ନ ସୃଷ୍ଟି କରିଛି। ଏହି ବିବାଦ ଭୋଟରଙ୍କ ଉପରେ କି ପ୍ରଭାବ ପକାଉଛି, ତାହା ମେ ୪ ତାରିଖରେ ସ୍ପଷ୍ଟ ହେବ।



ବିବାଦ

## ପପୁ ଯାଦବଙ୍କ ମନ୍ତବ୍ୟକୁ ନେଇ ହଙ୍ଗାମା

ନୂଆଦିଲ୍ଲୀ, ୨୧।୪(ଏଜେନ୍ସି): ବିହାରର ପୂର୍ଣ୍ଣିଆରୁ ସ୍ୱାଧୀନ ସାଂସଦ ଭାବେ ନିର୍ବାଚିତ ହୋଇଥିବା ପପୁ ଯାଦବ ଆଉ ଏକ ଅତ୍ୟନ୍ତ ଆପତ୍ତିଜନକ ବୟାନ ଦେଇ ବିବାଦୀୟ ହୋଇପଡ଼ିଛନ୍ତି। ରାଜନୀତିରେ ମହିଳାମାନଙ୍କ ସ୍ଥିତି ଏବଂ ଶୋଷଣକୁ ନେଇ ସେ ଦେଇଥିବା 'ବେଡ୍ ରୁମ୍' ମନ୍ତବ୍ୟକୁ ନେଇ ଭାରତୀୟ ଜନତା ପାର୍ଟି (ବିଜେପି) ଏବଂ ମହିଳା କମିଶନ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଲୋକସଭାରେ ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍ (ମହିଳା ସଂରକ୍ଷଣ ସମ୍ପର୍କିତ) ଫେଲ୍ ହେବା ପରେ ପପୁ ଯାଦବ ଏହି ପ୍ରସଙ୍ଗରେ ନିଜର ମତ ରଖୁଥିଲେ। ସେ କହିଥିଲେ, ଭାରତରେ ମହିଳାମାନଙ୍କୁ ଦେବୀ କୁହାଯାଏ ସତ, କିନ୍ତୁ ସେମାନଙ୍କୁ ଏଠାରେ କେବେବି ସମ୍ମାନ ମିଳେନାହିଁ। କୌଣସି ରାଜନେତାଙ୍କ ବେଡ୍‌ରୁମ୍‌କୁ ନଗଲେ ୯୦ ପ୍ରତିଶତ ମହିଳା ରାଜନୀତିରେ ପ୍ରବେଶ କରିପାରିବେ ନାହିଁ। ସମାଜ ଓ ବ୍ୟବସ୍ଥାକୁ ନେଇ ସେ ସମାଲୋଚନା କରିଛନ୍ତି। ସେ ଆହୁରି ମଧ୍ୟ କହିଥିଲେ ଯେ ମହିଳାମାନଙ୍କ ଉପରେ ହେଉଥିବା ହିଂସା ଏବଂ ଶୋଷଣ ପାଇଁ ରାଜନେତା ଓ ବ୍ୟବସ୍ଥା ଦାୟୀ। ମହିଳାମାନଙ୍କୁ ଶୋଷଣ କରିବାର ଏକ ସଂସ୍କୃତି ରାଜନୀତିରେ ଚେର ମଡ଼ାଇଛି। ପପୁ ଯାଦବଙ୍କ ଏହି ବୟାନକୁ ଚକିତ କଲା ଭଳି ବୋଲି ଅଭିହିତ କରି ବିଜେପି ନେତା ଶେହଜାଦ ପୁନାୱାଲା କହିଛନ୍ତି ଯେ, ଏହା ବିରୋଧୀ ଦଳର ମହିଳା ବିରୋଧୀ ମାନସିକତାକୁ ଦର୍ଶାଉଛି। ଦେଶ ଯେତେବେଳେ 'ନାରୀ ଶକ୍ତି'କୁ ଆଗକୁ ନେବାକୁ ଚେଷ୍ଟା କରୁଛି, ସେତେବେଳେ କଂଗ୍ରେସ ସମର୍ଥିତ ସାଂସଦ ଏଭଳି ଅପମାନଜନକ କଥା କହୁଛନ୍ତି। ବିଜେପି ପକ୍ଷରୁ ପପୁ ଯାଦବଙ୍କ କ୍ଷମା ପ୍ରାର୍ଥନା ଦାବି କରାଯାଇଛି। ଏହି ଘଟଣାରେ ବିହାର ରାଜ୍ୟ ମହିଳା କମିଶନ ନିଜ ଆଡୁ ମାମଲା ଗ୍ରହଣ କରିଛନ୍ତି। କମିଶନ ପପୁ ଯାଦବଙ୍କୁ ଏକ ନୋଟିସ୍ ଜାରି କରି ଏଭଳି ଅପମାନଜନକ ମନ୍ତବ୍ୟ ପାଇଁ ସ୍ପଷ୍ଟୀକରଣ ମାଗିଛନ୍ତି। ମହିଳାଙ୍କ ଆତ୍ମସମ୍ମାନକୁ କ୍ଷୁର୍ଣ୍ଣ କରୁଥିବା ଏହି ବୟାନ ପାଇଁ ଲୋକସଭା ବାଚସ୍ପତିଙ୍କୁ ତାଙ୍କ ସଦସ୍ୟତା ରଦ୍ଦ କରିବା ପାଇଁ କାହିଁକି ସୁପାରିଶ କରାଯିବ ନାହିଁ, ସେ ନେଇ ପ୍ରଶ୍ନ କରାଯାଇଛି। ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମହିଳା ସଂରକ୍ଷଣ ବିଲ୍‌କୁ ସମର୍ଥନ ନ କରିଥିବାରୁ କଂଗ୍ରେସ, ଡିଏମକେ, ଟିଏମସି ଏବଂ ସମାଜବାଦୀ ପାର୍ଟିକୁ 'ମହିଳା ବିରୋଧୀ' ବୋଲି ସମାଲୋଚନା କରିଥିଲେ। ଏହି ରାଜନୈତିକ ବାତାବରଣ ମଧ୍ୟରେ ପପୁ ଯାଦବଙ୍କ ଏହି 'ବେଡ୍‌ରୁମ୍' ମନ୍ତବ୍ୟ ନିଆଁରେ ଘିଅ ଢାଳିବା ଭଳି କାମ କରିଛି।



ନେତାଙ୍କ ବେଡ୍ ରୁମ୍‌କୁ ନ ଗଲେ ୯୦% ମହିଳା ରାଜନୀତି କରିପାରିବେ ନାହିଁ

# ନିର୍ବାଚନ ଗୋଟିଏ ଦିନ ପୂର୍ବରୁ ପଶ୍ଚିମବଙ୍ଗ ରାଜନୀତିରେ କମ୍ପନ

- କେନ୍ଦ୍ରୀୟ ସଂସ୍ଥା ଚାପରେ ଆଇ-ପିଏସିର କାର୍ଯ୍ୟକଳାପ ସ୍ଥଗିତ
- ଟିଏମ୍‌ସି ପାଇଁ ନିର୍ବାଚନ ରଣନୀତି ପ୍ରସ୍ତୁତ କରୁଥିଲା ସଂସ୍ଥା

କୋଲକାତା, ୨୧।୪(ଏଜେନ୍ସି): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନର ଗୋଟିଏ ଦିନ ପୂର୍ବରୁ ରାଜ୍ୟ ରାଜନୀତିରେ ବଡ଼ ଧରଣର ହଲଚଲ ଦେଖାଦେଇଛି। ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ନିର୍ବାଚନ ରଣନୀତି ପ୍ରସ୍ତୁତ କରୁଥିବା ସଂସ୍ଥା 'ଇଣ୍ଡିଆନ୍ ପଲିଟିକାଲ୍ ଆକ୍ସନ୍ କମିଟି' (ଆଇ-ପିଏସି) ନିଜର କାର୍ଯ୍ୟକଳାପ ସାମୟିକ ଭାବେ ବନ୍ଦ କରିଥିବା ଖବର ହସ୍ତଗତ ହୋଇଛି। ବିଧାନନଗର ସ୍ଥିତ କାର୍ଯ୍ୟାଳୟ ଲଗାତାର ଦୁଇ ଦିନ ଧରି ବନ୍ଦ ରହିବା ପରେ ବିରୋଧୀଙ୍କ ମଧ୍ୟରେ ଚର୍ଚ୍ଚା ଜୋର ଧରିଛି। ପଶ୍ଚିମବଙ୍ଗର ୧୫୨ଟି ଆସନ ପାଇଁ ଏପ୍ରିଲ ୨୩ରେ ପ୍ରଥମ ପର୍ଯ୍ୟାୟ ମତଦାନ ହେବାକୁ ଯାଉଛି। ଏହାର ଠିକ୍ ୪୮ ଘଣ୍ଟା ପୂର୍ବରୁ ଆଇ-ପିଏସିର ଏଭଳି ନିଷ୍ପତ୍ତି ଟିଏମସି ପାଇଁ ଚିନ୍ତାର କାରଣ ପାଲଟିଛି। ରିପୋର୍ଟ ଅନୁଯାୟୀ, କାର୍ଯ୍ୟରେ ଅନୁପସ୍ଥିତ ଥିବା ପ୍ରାୟ ୧, ୩୦୦ କର୍ମଚାରୀଙ୍କୁ କମ୍ପାନୀ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ମନି ଲଣ୍ଡରିଂ ମାମଲାରେ ଫସିଛି ଆଇ-ପିଏସି। କୋଇଲା ଚୋରା ଚାଲାଣ ସହ ଜଡ଼ିତ ପ୍ରାୟ ୨, ୭୪୨ କୋଟି ଟଙ୍କାର ଅର୍ଥ ହେରଫେର ମାମଲାରେ କେନ୍ଦ୍ରୀୟ ସଂସ୍ଥା ସିବିଆଇ ଏବଂ ଇଡ଼ି ଏହି କମ୍ପାନୀ ବିରୋଧରେ ତଦନ୍ତ କରୁଛନ୍ତି। ଅଭିଯୋଗ ହୋଇଛି ଯେ, ହାୱାଲା ଜରିଆରେ ପ୍ରାୟ ୨୦ କୋଟି ଟଙ୍କା ଆଇ-ପିଏଲସିକୁ ପଠାଯାଇଛି। ଚଳିତ ବର୍ଷ ଜାନୁଆରୀ ୮ ତାରିଖରେ ଏହି ମାମଲାରେ କମ୍ପାନୀର ନିର୍ଦ୍ଦେଶକ ପ୍ରତୀକ ଜୈନଙ୍କ ବାସଭବନ ଓ କାର୍ଯ୍ୟାଳୟରେ ଚଢ଼ାଉ କରାଯାଇଥିଲା। ନିର୍ବାଚନ ପରିଚାଳନାରେ ଆଇ-ପିଏଲସିର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ସଂସ୍ଥା ଟିଏମସି ପାଇଁ ବିଭିନ୍ନ ପ୍ରକାର କାର୍ଯ୍ୟ କରୁଥିଲା। ଏହି ସଂସ୍ଥା ୨୦୨୧ ଏବଂ ୨୦୨୪ ନିର୍ବାଚନର ଡାଟା ଆଧାରରେ ପ୍ରତ୍ୟେକ ବୁଥ୍‌ରେ ରଣନୀତି ପ୍ରସ୍ତୁତ କରିଥିଲା। ୯୩, ୦୦୦ ବୁଥ୍‌ରେ ପ୍ରାୟ ୧ ଲକ୍ଷ ଗୁପ୍ତ ଏଜେଣ୍ଟଙ୍କୁ ନିୟୋଜିତ କରି ସିଧାସଳଖ ଭୋଟରଙ୍କ ସହ ଯୋଗାଯୋଗ ରଖିବା। ଆଇ-ପିଏଲସିର ସର୍ଭେ ଆଧାରରେ ଟିଏମସି ଏଥର ପ୍ରାୟ ୩୩% ବସିଥିବା ବିଧାୟକଙ୍କୁ ଟିକେଟ୍ ଦେଇନାହିଁ।

ଏହି ଘଟଣାକୁ ନେଇ ସାଂସଦ ଡେରେକ୍ ଓ'ବ୍ରାୟନ୍ କହିଛନ୍ତି ଯେ, ଟିଏମସିର ନିର୍ବାଚନ ପ୍ରଚାର ସ୍ୱାଭାବିକ ଭାବେ ଚାଲିଛି ଏବଂ ପାର୍ଟି ପାଞ୍ଚଟି ଭିନ୍ନ ସଂସ୍ଥା ସହ କାମ କରୁଛି। ଅନ୍ୟପଟେ, ନିର୍ବାଚନ ସମୟରେ କେନ୍ଦ୍ରୀୟ ବାହିନୀ ପକ୍ଷରୁ ପାର୍ଟି ନେତାଙ୍କୁ ଗିରଫ କରାଯିବାର ଆଶଙ୍କା କରି ଟିଏମସି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ନିର୍ବାଚନର ଠିକ୍ ମୁହାଁମୁହିଁ ସମୟରେ ଆଇ-ପିଏସି ଉପରେ ଇଡ଼ି ଓ ସିବିଆଇର କାର୍ଯ୍ୟାନୁଷ୍ଠାନ ତଥା ସଂସ୍ଥାର କାର୍ଯ୍ୟାଳୟ ବନ୍ଦ ରହିବା ପଶ୍ଚିମବଙ୍ଗର ରାଜନୈତିକ ପାଣିପାଗକୁ ଉଷ୍ମ କରିଦେଇଛି। ଏହି ସଂକଟ ଜନିତ ସମସ୍ୟା ଟିଏମସିର ଗ୍ରାଉଣ୍ଡ ଲେଭଲ୍ ଅପରେସନକୁ କେତେ ପ୍ରଭାବିତ କରୁଛି, ତାହା ମେ ୪ ତାରିଖର ନିର୍ବାଚନ ଫଳାଫଳରୁ ହିଁ ସ୍ପଷ୍ଟ ହେବ। ଏହି ମାମଲା ଏବେ ସୁପ୍ରିମକୋର୍ଟରେ ବିଚାରାଧୀନ ରହିଛି।

# ରାଉରକେଲା କ୍ରୀଡ଼ା ଭିତ୍ତିଭୂମିକୁ ରାଷ୍ଟ୍ରପତିଙ୍କ ପ୍ରଶଂସା

## ଓଡ଼ିଶାକୁ ଗର୍ବିତ କରିଛି ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍ ଓ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ

ରାଉରକେଲା, ୨୧।୪ (ସମିସ): ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ରାଉରକେଲାକୁ ଦିନିକିଆ ଗସ୍ତକରି ଏୟାରପୋର୍ଟ ଗ୍ରାଉଣ୍ଡରେ ବିଶାଳ ସମାବେଶ 'ଆଦି ପର୍ବ - ୨୦୨୬' ରେ ଯୋଗଦେଇ ୧୫୮ କୋଟିର ବିଭିନ୍ନ ପ୍ରକଳ୍ପକୁ ଲୋକାର୍ପଣ କରିଛନ୍ତି। ଏହି ଅବସରରେ ସେ ରାଉରକେଲାକୁ କ୍ରୀଡ଼ାଭୂମି ବୋଲି ଅଭିହିତ କରି ନବୀନ ପଟ୍ଟନାୟକ ସରକାର ସମୟରେ ନିର୍ମିତ ବିର୍ସାମୁଣ୍ଡା ହକି ଷ୍ଟାଡିୟମ୍, ବିର୍ସାମୁଣ୍ଡା ଆଥ୍‌ଲେଟିକ୍ସ ଷ୍ଟାଡିୟମ୍ ଏବଂ ବିଜୁ

### ୧୫୮ କୋଟିର ପ୍ରକଳ୍ପ ଲୋକାର୍ପିତ

ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମକୁ ଭୂରିଭୂରି ପ୍ରଶଂସା କରିଛନ୍ତି। ରାଷ୍ଟ୍ରପତି ତାଙ୍କ ବକ୍ତବ୍ୟରେ ବିଭିନ୍ନ ଜାତୀୟ ତଥା ଅନ୍ତର୍ଜାତୀୟ କ୍ରୀଡ଼ା ଆୟୋଜନ କ୍ଷେତ୍ରରେ ଏହି ସବୁ ଷ୍ଟାଡ଼ିଅମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଉଲ୍ଲେଖ କରି ଏହାଦ୍ୱାରା ସୁନ୍ଦରଗଡ଼ ଜିଲ୍ଲାର କ୍ରୀଡ଼ା ଭିତ୍ତିଭୂମି ସୁଦୃଢ଼ ହୋଇଛି ଓ ଏହା ଗର୍ବର ବିଷୟ ବୋଲି କହିଛନ୍ତି। ନବୀନ ପଟ୍ଟନାୟକ ସରକାର ସମୟରେ ମାତ୍ର ୧୫ ମାସ ସମୟ ମଧ୍ୟରେ ବିଶ୍ୱର ସର୍ବବୃହତ ହକି ଷ୍ଟାଡିୟମ୍ ରାଉରକେଲା ସହରରେ ନିର୍ମାଣ କରାଯାଇଥିଲା। ଅନେକ ଅନ୍ତର୍ଜାତୀୟ ହକି ମ୍ୟାଚ୍ ଏହି ଷ୍ଟାଡିୟମ୍‌ରେ ସଫଳତାର ସହ ଅନୁଷ୍ଠିତ ହୋଇଥିଲା। ରାଷ୍ଟ୍ରପତି କହିଛନ୍ତି ଯେ ସୁନ୍ଦରଗଡ଼ ଜିଲ୍ଲାର ଅନ୍ୟତମ ଗର୍ବ ହେଉଛି ଏହାର କ୍ରୀଡ଼ା ପରମ୍ପରା । ବିଶେଷ କରି ହକି କ୍ଷେତ୍ରରେ ସୁନ୍ଦରଗଡ଼ ଜିଲ୍ଲାର ଅବଦାନ ଅତୁଳନୀୟ। ସୁନ୍ଦରଗଡ଼କୁ ଭାରତୀୟ ହକିର ପ୍ରମୁଖ ସ୍ଥଳି କହିଲେ ଭୁଲ ହେବ ନାହିଁ। ସୁନ୍ଦରଗଡ଼ ଜିଲ୍ଲା ଲାଜାରୁସ ବାର୍ଲା, ଇଗ୍ନେଶ ତୀର୍କି,



ଅମିତ ରୋହିଦାସ, ଦୀପଗ୍ରେସ ଏକ୍କା, ନମିତା ଟପ୍ପୋ ପରି ଅମୂଲ୍ୟ ରତ୍ନଙ୍କୁ ଜନ୍ମ ଦେଇଛି। ସେମାନେ ରାଜ୍ୟ, ଜାତୀୟ ତଥା ଅଲମ୍ପିକ ଖେଳରେ ଅଂଶଗ୍ରହଣ କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ରାଉରକେଲାର ବିର୍ସାମୁଣ୍ଡା ହକି ଷ୍ଟାଡିୟମ୍, ବିର୍ସା ମୁଣ୍ଡା ଆଥଲେଟିକ ଷ୍ଟାଡିୟମ୍, ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମ ସେମାନଙ୍କ ସ୍ୱପ୍ନକୁ ସାକାର କରିବ ରାଷ୍ଟ୍ରପତି ଆଶାପୋଷଣ କରିଛନ୍ତି।

ଏହିଅବସରରେରାଷ୍ଟ୍ରପତି ସିଭିଲଟାଉନସିପ୍‌ଠାରେ ରାଉରକେଲା ସ୍ମାର୍ଟସିଟି ଲିମିଟେଡ ପକ୍ଷରୁ ୪୦ କୋଟିଟଙ୍କା ବ୍ୟୟରେ ନିର୍ମିତ ବିଭିନ୍ନ ଜନଜାତି ଆଦିବାସୀଙ୍କ ଜୀବିକା ଓ ଜୀବନ ଶୈଳୀଉପରେ ନିର୍ମିତ ଆଦିବାସୀ ସଂଗ୍ରହାଳୟକୁ ଲୋକାର୍ପଣ କରିଛନ୍ତି। ୪୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ଇଣ୍ଟିଗ୍ରେଟେଡ୍ କମାଣ୍ଡ କଣ୍ଟ୍ରୋଲ ସେଣ୍ଟର(ଆଇସିସିସି)କୁ ଉଦ୍‌ଘାଟନ କରିଥିଲେ ରାଷ୍ଟ୍ରପତି। ସେହିଭଳି ଛେଣ୍ଡଠାରେ ୨୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ବିଜ୍ଞାନ ପାର୍କ ଓ ପ୍ଲାନୋଟାରିୟମ ଏବଂ ନିର୍ମଳ ମୁଣ୍ଡା ପରିବେଶ ପଥକୁ ଆଭାସୀ ଯୋଗେ ଏୟାରପୋର୍ଟ ସଭାସ୍ଥଳରୁ ଲୋକର୍ପଣ କରିଥିଲେ। ରାଉରକେଲା ଆଦିବାସୀ ସଂଗ୍ରହାଳୟରେ ସ୍ଥାପିତ ୧୮୦ ଡିଗ୍ରୀରେ ଇଣ୍ଟରଆକ୍‌ଟିଭ୍ ପ୍ରୋଜେକ୍ସନ ୱାଲରେ ଆଦିବାସୀ ଜନଜାତିର ଜୀବନ୍ତ ପ୍ରତିଛବି ଦର୍ଶକଙ୍କୁ ବେଶ୍ ଆକର୍ଷଣ କରିବ। ଏହା ଏକ ମ୍ୟୁଜିୟମ ନୁହେଁ ଏହା ଆଦିବାସୀଙ୍କ ସଂସ୍କୃତି ଓ ପରମ୍ପରାର ଏକ ଜୀବନ୍ତ ପ୍ରତୀକ। ଇଣ୍ଟିଗ୍ରେଟେଡ୍ କମାଣ୍ଡ କଣ୍ଟ୍ରୋଲ ସେଣ୍ଟର ଉଦ୍‌ଘାଟନ ପରେ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା ସୁପରିଚାଳିତ ହେବ। ସାଇନ୍ସ ପାର୍କ ଏବଂ ପ୍ଲାନେଟୋରିୟମ୍ ଆମ ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ ବିଷୟରେ ଅନୁସନ୍ଧିତ୍ସୁ ହେବାରେ ସହାୟକ ହେବାସହ ସେମାନଙ୍କର ବୌଦ୍ଧିକ ବିକାଶ ହେବ। କୋଏଲ ନଦୀକୂଳରେ ନିର୍ମଳ ମୁଣ୍ଡା ପରିବେଶ ପଥ ଜନସାଧାରଣଙ୍କୁ ଅବସର, ବିନୋଦନ, ବ୍ୟାୟାମ, ଯୋଗ ଓ ବିଶ୍ରାମ କରିବାରେ ସହାୟକ ହେବ ବୋଲି ରାଷ୍ଟ୍ରପତି କହିଛନ୍ତି।

ସୂଚନାଯୋଗ୍ୟ ଯେ ଅଢେଇ ହଜାରରୁ ଅଧିକ ଛାତ୍ରଛାତ୍ରୀ ଓ ୩୪ ଟି ନୃତ୍ୟ ଦଳ ପାରମ୍ପରିକ ନୃତ୍ୟ ପ୍ରଦର୍ଶନ କରି ମହାମହିମ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିଥିଲେ। ନୃତ୍ୟ ପ୍ରଦର୍ଶନ କରୁଥିବା ଛାତ୍ରଛାତ୍ରୀ ଓ କଳାକାରଙ୍କ ପାଖକୁ ଯାଇ ରାଷ୍ଟ୍ରପତି ହାତ ମିଳାଇବା ସହ ଫଟୋ ଉଠାଇଥିଲେ। ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ, ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ଯୋଗ ଦେଇଥିଲେ।

# ବିଜେପିର ହୀନ ରାଜନୀତିର ପର୍ଦ୍ଦାଫାସ ହୋଇଛି: ବିଜେଡି

**ମହିଳା ସଂରକ୍ଷଣ ନୁହେଁ, ସୀମା ପୁନଃନିର୍ଦ୍ଧାରଣ ବିଲ୍ ପାରିତ କରିବା ପ୍ରକୃତ ଉଦ୍ଦେଶ୍ୟ ଥିଲା**

ଭୁବନେଶ୍ୱର, ୨୧।୪ (ସମିସ): ମହିଳାଙ୍କୁ ସଂରକ୍ଷଣ ଦେବା ବିଜେପିର ଉଦ୍ଦେଶ୍ୟ ନଥିଲା; ବରଂ ସୀମା ପୁନଃନିର୍ଦ୍ଧାରଣ ବିଲ୍ ପାରିତ ସଂସଦର ସିଟ୍ ସଂଖ୍ୟା ବୃଦ୍ଧି କରି ୨୦୨୯ ନିର୍ବାଚନକୁ ନିଜ ସପକ୍ଷରେ ନେବା ସେମାନଙ୍କର ପ୍ରକୃତ ଯୋଜନା ଥିଲା। ବିଜେପି ମହିଳା ସଂରକ୍ଷଣ ବିଲ ଆଳରେ ଡିଲିମିଟେସନ ବିଲ ପାରିତ



କରିବାକୁ ଚାହୁଁଥିଲା। ବିଜେପି ମହିଳା ସଂରକ୍ଷଣକୁ ନେଇ କିପରି ହୀନ ରାଜନୀତି କରୁଛି, ଏହାର ପର୍ଦ୍ଦାଫାଶ ହୋଇଛି ବୋଲି କହିଛନ୍ତି ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତ ସିଂହାର।

ସେ କହିଛନ୍ତି ଯେ ବିଜେପି ଦେଶସାରା ବୁଲି ବୁଲି ବିରୋଧୀଙ୍କୁ ମହିଳା ବିରୋଧୀ ବୋଲି କହୁଛି; ମାତ୍ର ଏହା ସମ୍ପୂର୍ଣ୍ଣ ମିଥ୍ୟା। ମହିଳା ସଂରକ୍ଷଣ ବିଲ୍ ୨୦୨୩ରେ ପାରିତ ହୋଇଥିଲା। ଜନଗଣନା ଏବଂ ଡିଲିମିଟେସନ ସରିବା ପରେ ଏହି ବିଲ୍ ବିଭିନ୍ନ ନିର୍ବାଚନମଣ୍ଡଳୀରେ ଲାଗୁ ହେବ। ଏହା ମଧ୍ୟରେ ୩ ବର୍ଷ ଚାଲିଗଲାଣି। ମାତ୍ର ବିଜେପି ଜନଗଣନା ସମ୍ପୂର୍ଣ୍ଣ କରି ଡିଲିମିଟେସନ କରି ମହିଳା ସଂରକ୍ଷଣ ବିଲ୍ କାର୍ଯ୍ୟକାରୀ କରିବାକୁ କୌଣସି ପଦକ୍ଷେପ ନେଲା ନାହିଁ। ଏବେ ହଠାତ୍ ସେମାନେ କହୁଛନ୍ତି ଯେ ବିନା ଜନଗଣନାରେ ସଂସଦରେ ଆସନ ସଂଖ୍ୟା ବୃଦ୍ଧି କରି ମହିଳା ସଂରକ୍ଷଣ ବିଲ୍ କାର୍ଯ୍ୟକାରୀ କରିବେ। ଯାହା ସମ୍ପୂର୍ଣ୍ଣ ଭାବେ ଅଗଣତାନ୍ତ୍ରିକ ତଥା ଅସାମ୍ବିଧାନିକ। ଯଦି ସଂରକ୍ଷଣ ବିଲ୍ କାର୍ଯ୍ୟକାରୀ କରିବାର ଥିଲା ତାହେଲେ ପ୍ରଥମେ ପ୍ରଥମେ ଜନଗଣନା ସମ୍ପୂର୍ଣ୍ଣ କରି ସେହି ଅନୁସାରେ ଡିଲିମିଟେସନ କରି ସେହି ଅନୁଯାୟୀ ସଂରକ୍ଷଣ ପ୍ରଦାନ କରିଛଥାନ୍ତେ। ନଚେତ୍ ବିନା ଜନଗଣନାରେ ୨୦୨୩ରେ ମଧ୍ୟ ଏହି ବିଲକୁ ଲାଗୁ କରିପାରିଥାନ୍ତେ। ମହିଳା ସଂରକ୍ଷଣ ବିଲକୁ କେହିବି

### ବିଜେଡି ସବୁବେଳେ ମହିଳା ସଶକ୍ତୀକରଣକୁ ପ୍ରାଧାନ୍ୟ ଦେଇ ଆସିଛି

ବିରୋଧ କରୁନାହାନ୍ତି। ମାତ୍ର ଏହାକୁ ଡିଲିମିଟେସନ ସହ ଯୋଡ଼ିବା ଆଦୌ ଗ୍ରହଣୀୟ ନୁହେଁ। ବିଜେଡି ସବୁବେଳେ ମହିଳା ସଶକ୍ତିକରଣକୁ ପ୍ରାଧାନ୍ୟ ଦେଇ ଆସିଛି। ମହିଳା ସଂରକ୍ଷଣକୁ ସମର୍ଥନ କରି ଆସିଛି। ସ୍ୱର୍ଗତଃ ବିଜୁବାବୁ ୧୯୯୨ ମସିହାରେ ପଞ୍ଚାୟତ ଓ ପୌରସଂସ୍ଥାରେ ପ୍ରଥମେ ୩୩ ପ୍ରତିଶତ ସଂରକ୍ଷଣ ଦେଇଥିଲେ। ପରବର୍ତ୍ତୀ ସମୟରେ ନବୀନ ପଟ୍ଟନାୟକ ଏହାକୁ ୫୦ ପ୍ରତିଶତକୁ ବୃଦ୍ଧି କରିଥିଲେ। ୨୦୨୩ ମସିହାରେ ଆମ ଦଳ ସଂସଦରେ ମହିଳା ସଂରକ୍ଷଣ ବିଲକୁ ସମର୍ଥନ ମଧ୍ୟ କରିଥିଲା। ସେହିପରି ଆମ ଦଳର ନେତୃବୃନ୍ଦମାନେ ମଧ୍ୟ ବିଭିନ୍ନ ଜାତୀୟ ଏବଂ ଆଞ୍ଚଳିକ ଦଳକୁ ଭେଟି ଏନେଇ ସହମତି ଆଣିବାକୁ ପ୍ରଚେଷ୍ଟା କରିଥିଲା। ୨୦୨୪ ମସିହାରେ ମଧ୍ୟ ୩୩ ପ୍ରତିଶତ ମହିଳାଙ୍କୁ ବିଜେଡି ଟିକଟ ଦେଇଥିଲା। ମହିଳାଙ୍କ ସୁରକ୍ଷା, ସମ୍ମାନ ତଥା ସ୍ୱାବଲମ୍ବିତା କ୍ଷେତ୍ରରେ ବିଜେଡିର ପ୍ରତିବଦ୍ଧତା ଉପରେ କେହି ପ୍ରଶ୍ନବାଚୀ ସୃଷ୍ଟି କରିପାରିବେ ନାହିଁ ବୋଲି ସେ କହିଛନ୍ତି।

**ରାତି ବିତାଇବାକୁ ମହିଳାଙ୍କୁ ଡାକିବା ଘଟଣା**

# ଛୁଟି ଦରଖାସ୍ତ ପଠାଇ ଏସ୍‌ଡିପିଓ ନିଖୋଜ

ନୟାଗଡ଼, ୨୧।୪ (ସମିସ): ନୟାଗଡ଼ ଜିଲ୍ଲା ଫତେଗଡ଼ ଗ୍ରାମର ମହିଳା ରଶ୍ମିତା କହଁରଙ୍କୁ ରାତି ବିତାଇବା ପାଇଁ ଡାକିବା ଘଟଣାରେ ଖଣ୍ଡପଡ଼ା ଏସ୍‌ଡିପିଓ ମଦନ ମୋହନ ପ୍ରଧାନଙ୍କ ନାମରେ ଗତକାଲି ଫତେଗଡ଼ ଥାନାରେ ମାମଲା ରୁଜୁ ହୋଇଥିଲା। ଏହାସହ ଏସ୍‌ଡିପିଓଙ୍କୁ ତାଙ୍କ ପଦବୀରୁ ପ୍ରତ୍ୟାହୃତ କରାଯାଇଥିଲା। ତାଙ୍କ ସ୍ଥାନରେ ଡିଏସ୍‌ପି ସୁଦୀପ୍ତ କୁମାର ସାହୁଙ୍କୁ ଖଣ୍ଡପଡ଼ା ଏସ୍‌ଡିପିଓ ଭାବେ ଅବସ୍ଥାପିତ କରାଯାଇଥିବା ନୟାଗଡ଼ ଏସ୍‌ପିଙ୍କ ସୂତ୍ରରୁ ଜଣାଯାଇଛି। ତେବେ ଏସ୍‌ଡିପିଓ ଶ୍ରୀ ପ୍ରଧାନ ପୁଲିସ ମୁଖ୍ୟାଳୟରେ ଯୋଗ ନଦେଇ ଛୁଟି ଦରଖାସ୍ତ ପଠାଇ କେଉଁଆଡ଼େ ଚାଲି ଯାଇଥିବା ଜଣାପଡ଼ିଛି। ଏସ୍‌ଡିପିଓଙ୍କ କୌଣସି ଖୋଜଖବର ନଥିବା ସୂଚନା ମିଳିଛି। ଅପରପକ୍ଷେ, ଆଜି ସମ୍ପୃକ୍ତ ମହିଳାଙ୍କର ବୟାନ ରେକର୍ଡ କରାଯାଇଛି। ନୟାଗଡ଼ ପୁଲିସ ମୁଖ୍ୟାଳୟରେ ୧୬୧ରେ ବୟାନ ରେକର୍ଡ କରାଯାଇଛି। ସେହିପରି ମହିଳାଜଣଙ୍କ ଆଜି ମହିଳା କମିଶନ୍‌ଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରିଛନ୍ତି। ନୟାଗଡ଼ ଜିଲ୍ଲାରେ ପ୍ରଥମଥର ପାଇଁ ଜଣେ ନାରୀ ଶୋଷଣକାରୀ ପୁଲିସ ଅଧିକାରୀଙ୍କ ବିରୋଧରେ ସାଧାରଣ ଲୋକଙ୍କ ମଧ୍ୟରେ

- ମହିଳା କମିଶନଙ୍କ ଦ୍ୱାରସ୍ଥ ହେଲେ ପୀଡ଼ିତା
- ଡିଏସ୍‌ପି ସୁଦୀପ୍ତଙ୍କୁ ଖଣ୍ଡପଡ଼ା ଦାୟିତ୍ୱ

ଅସନ୍ତୋଷ ଦେଖାଯାଇଛି। ସୋସିଆଲ ମିଡିଆରେ ଏହି ଘଟଣାକୁ ନେଇ ଝଡ଼ ସୃଷ୍ଟି ହୋଇଛି। ଘଟଣାକ୍ରମରେ, ଖଣ୍ଡପଡ଼ା ଓ ଭାପୁର ଅଞ୍ଚଳର ଅନେକ ଯୁବକଙ୍କୁ ଏସ୍‌ଡିପିଓ ହଇରାଣ କରିବା, ମିଛ ମାମଲାରେ ଗିରଫ କରିବା ଭଳି ପୂର୍ବରୁ ଅନେକ ଅଭିଯୋଗ ରହି ଆସିଛି। ଏବେ ରଶ୍ମିତାଙ୍କ ସହ ଘଟିଥିବା ଘଟଣାର ଫୋନ୍ ବାର୍ତ୍ତାଳପ, ହ୍ୱାଟସ୍-ଆପ ଚାଟ୍ ସାମ୍ନାକୁ ଆସିବା ପରେ ଏସ୍‌ଡିପିଓଙ୍କ କଳଙ୍କିତ ଚେହେରା ସାମ୍ନାକୁ ଆସିଛି। ଏକ ମାମଲାର ସମାଧାନ କରିବା ବାହାନାରେ ମହିଳାଙ୍କୁ ଏସ୍‌ଡିପିଓ ହୋଟେଲକୁ ଡାକିବା, ବାହାରକୁ ଯାଇ ଗପିବା ଆଦି ବିଭିନ୍ନ ବାହାନା ଦେଖାଇ ମାନସିକ ଚାପ ମଧ୍ୟ ସୃଷ୍ଟି କରିଛନ୍ତି। ତାଙ୍କ ସ୍ୱାମୀକୁ କୌଣସି ଏକ ମାମଲାରେ ଗିରଫ କରିବା ଧମକ ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରିଛନ୍ତି। ରଶ୍ମିତାଙ୍କୁ ଏସ୍‌ଡିପିଓ ଶାଢ଼ି ଖୋଲିବା ଅବସ୍ଥାରେ ଫଟୋ ମାଗିବା ସହ ବାରମ୍ବାର ତାଙ୍କ ସହ ଦୈହିକ ସମ୍ପର୍କ ରଖିବା ପାଇଁ ବାଧ କରୁଥିବା ସେ ଅଭିଯୋଗ କରିଛନ୍ତି। ଏସ୍‌ଡିପିଓ ପରୋକ୍ଷରେ ତାଙ୍କ ସହ ରାତି ବିତାଇବା ପାଇଁ ଡାକିଥିବାର ଏକ ଅଡିଓ-କ୍ଲିପ୍ ମଧ୍ୟ ମହିଳାଙ୍କଠାରୁ ମିଳିଛି।

**ରଥଖଳାରୁ...**

# ଆରମ୍ଭ ହେଲା ତୁମ୍ବ ନିର୍ମାଣ



ପୁରୀ,୨୧।୪(ସମିସ): ଆସନ୍ତା ଜୁଲାଇ ୧୬ ତାରିଖରେ ରଥଯାତ୍ରା। ଏଥିପାଇଁ ପ୍ରଶାସନିକ ପ୍ରସ୍ତୁତି ଚାଲିଛି। ସୋମବାର ରଥ ନିର୍ମାଣ ଅନୁକୂଳ ହୋଇଥିବା ବେଳେ ମଙ୍ଗଳବାର ପ୍ରଥମେ ତୁମ୍ବ ତିଆରି ଆରମ୍ଭ ହୋଇଛି। ସକାଳ ୮ଟାରେ ରଥ ନିର୍ମାଣକାରୀ ସେବକମାନେ ରଥଖଳାରେ ପ୍ରବେଶ କରିଥିଲେ। କରତି ସେବକମାନେ ତିନି ଚାଳିକୁ ଦୁଇଟି ଲେଖାଏଁ ମୋଟ ୬ଟି ତୁମ୍ବ କାଠଗଡ଼ କରି ଯୋଗାଇ ଦେଇଛନ୍ତି। ତିନିରଥ (ନନ୍ଦିଘୋଷ, ତାଳଧ୍ୱଜ ଓ ଦର୍ପଦଳନ)ର ମହାରଣା ସେବକମାନେ ଗଡ଼ରେ ଘେର ମାପ ଚିହ୍ନ ଦେଇଥିଲେ। ଏହା ପରେ ତିନି ରଥର ମହାରଣା ସେବକମାନେ ବାରିସିରେ ମର୍ଦ୍ଦଳାକାର ଭାବେ ହାଣି ଗୋଟିଏ ଗୋଟିଏ ତୁମ୍ବ ନିର୍ମାଣ ଜାରି ରଖିଛନ୍ତି। ତେବେ ତିନିରଥ ପାଇଁ ମୋଟ ୪୨ ତୁମ୍ବ ନିର୍ମାଣ କରାଯିବ। ନୃସିଂହ ଚତୁର୍ଦ୍ଦଶୀରେ ଗୁଜକାଠ ଅନୁକୂଳ ହେବା ପରେ କଟାଯାଇ ସାଇଜ୍ କରାଯିବ। ୭ଦିନରେ ତୁମ୍ବରେ ସୂତା ବାଡ଼ାଯିବ। ଅନ୍ୟପକ୍ଷରେ ଦୋଳବେଦୀ ପରିସର ଅସ୍ଥାୟୀ କମାର ଶାଳରେ କମାର ସେବକମାନେ ତିନିରଥର କଣ୍ଟା ତିଆରି ନିମନ୍ତେ ଶାଳ ପ୍ରସ୍ତୁତି ଜାରି ରଖିଛନ୍ତି। ପ୍ରଥମ ଦିନରେ ମହାରଣା ସେବକ ୧୦ ଜଣ, ଭୋଇ ସେବକ ୬ ଜଣ, କରତି ସେବକ ୪ ଜଣ, କମାର ସେବକ ୩ଜଣ ଏବଂ ଜଣେ ଖଳା ସହାୟକଙ୍କୁ ମିଶାଇ ୨୪ ଜଣ କାମରେ ନିୟୋଜିତ ଥିଲେ।

**କଳାତାଲିକାଭୁକ୍ତ ସଂସ୍ଥାକୁ ଅନୁକମ୍ପା**

# ହଜାରେ କୋଟିର ଟେଣ୍ଡର୍‌ରେ ଦୁର୍ନୀତି ଗନ୍ଧ

ଭୁବନେଶ୍ୱର, ୨୧।୪(ସମିସ): ଓକାକ୍‌ରେ ହୋଇଛି ୧୦୦୦ କୋଟି ଟଙ୍କାର ଟେଣ୍ଡର୍ ଦୁର୍ନୀତି। ଏହି ପ୍ରକ୍ରିୟାରେ କଳାତାଲିକାଭୁକ୍ତ ସଂସ୍ଥାଗୁଡ଼ିକୁ ଅହେତୁକ ଅନୁକମ୍ପା ଦେଖାଇ ଟେଣ୍ଡର୍ ଦିଆଯାଇଛି। ଏଭଳି ଟେଣ୍ଡର୍ ଦେବା ପଛରେ ଆଇଟି ମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଶାଳ ଦେବଙ୍କ ଭୂମିକା ରହିଛି ବୋଲି ଅଭିଯୋଗ କରି ଉଭୟଙ୍କ ସରକାରୀ ବାସଭବନ ଘେରିଛି ଯୁବ କଂଗ୍ରେସ। ଏହି ଅବସରରେ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ପୂର୍ବତନ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ସୟଦ ୟାସିର ନୱାଜ କହିଛନ୍ତି, 'ସେଲକନ ଇମପେକ୍ସ ପ୍ରାଇଭେଟ୍ ଲିମିଟେଡ୍' ଓଡ଼ିଶାର ୫୩୭୦ ସରକାରୀ



ଓ ଅନୁଦାନପ୍ରାପ୍ତ ସ୍କୁଲରେ ଏଆଇ କ୍ଲାସ ରୁମ ପାଇଁ ଓକାକ ମାଧ୍ୟମରେ ୧୦୦୦ କୋଟି ଟଙ୍କାର ଟେଣ୍ଡର୍ କରାଯାଇଛି। ଏହି ସଂସ୍ଥା ଏକ ଦୁର୍ନୀତିଗ୍ରସ୍ତ କମ୍ପାନୀ ଓ ତା' ନାମରେ ନିଜର ଆର୍ଥିକ ସ୍ଥିତିକୁ ବଢ଼ାଚଢ଼ା କରି ଉପସ୍ଥାପନ କରିବାର ଅଭିଯୋଗ ରହିଛି। ଏହି କମ୍ପାନୀ ନାମରେ ଠକେଇ, ଜାଲିଆତି, ଆର୍ଥିକ ଅପରାଧ, ଭୟ ସୃଷ୍ଟିକାରୀ ଓ ଷଡ଼୍‌ଯନ୍ତ୍ର ଭଳି ମକଦ୍ଦମା ହାଇଦ୍ରାବାଦରେ ଥିବା ବେଳେ ଓଡ଼ିଶା ହାଇକୋର୍ଟରେ ମଧ୍ୟ ଏହି ଟେଣ୍ଡର ପ୍ରକ୍ରିୟାକୁ ଦୁର୍ନୀତିପୂର୍ଣ୍ଣ ଦର୍ଶାଇ ମାମଲା ହୋଇଛି। ଏହା ସତ୍ତ୍ୱେ ସରକାର ଏହି ସଂସ୍ଥା ପ୍ରତି ନରମ ମନୋଭାବ ପୋଷଣ କରିଛନ୍ତି। ଏହା ବ୍ୟତୀତ 'ଆଇଏନପି ଟେକ୍ନୋଲୋଜିସ ଲିମିଟେଡ' ନାମକ ଏକ ସଂସ୍ଥା ଆଦର୍ଶ ବିଦ୍ୟାଳୟ ସଂଗଠନରେ ୧୨୮ ଟି କମ୍ପ୍ୟୁଟର ଲ୍ୟାବ ସ୍ଥାପନ ପାଇଁ ଓକାକ ମାଧ୍ୟମରେ ୭୦ କୋଟି ଟଙ୍କାର ଟେଣ୍ଡର ହାତେଇଛି। ଏହି କମ୍ପାନୀ ନାମରେ ବିନା ଅନୁମତିରେ 'ସବଜେକ୍ଟ ୱାର୍କସ' ବ୍ୟବହାର ଅଭିଯୋଗ ନେଇ ଦିଲ୍ଲୀ ହାଇକୋର୍ଟରେ ମାମଲା ରହିଛି। ପୁଣି ଏହି କମ୍ପାନୀକୁ କାର୍ଯ୍ୟାଦେଶ ନଦେବା ପାଇଁ ୨୦୨୩ରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ତତ୍‌କାଳୀନ ପ୍ରକଳ୍ପ ନିର୍ଦ୍ଦେଶକ ଓକାକର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପତ୍ର ଲେଖି ଅବଗତ କରାଇଥିଲେ ମଧ୍ୟ ଏହାକୁ ବେଖାତିର କରି ଆଇଏନପିକୁ କାର୍ଯ୍ୟାଦେଶ ଦିଆଯାଇଛି। ସମାନ ଭାବେ 'ଓମିନିଲିଙ୍କ ଟେକ୍ନୋଲୋଜି ପ୍ରାଇଭେଟ ଲିମିଟେଡ' ନାମକ ଏକ ସଂସ୍ଥାକୁ ସମସ୍ତ ପୌରାଞ୍ଚଳ କାର୍ଯ୍ୟାଳୟରେ ଭିଡିଓ କନଫରେନ୍ସ ଇନଫ୍ରାଷ୍ଟ୍ରକଚର ସ୍ଥାପନ ପାଇଁ ୭୦ କୋଟି ଟଙ୍କାର କାର୍ଯ୍ୟାଦେଶ ଦିଆଯାଇଛି। 'ପ୍ରିଣ୍ଟ ଲିଙ୍କ' ଏକ କଳା ତାଲିକାଭୁକ୍ତ ଠକ କମ୍ପାନୀ ଭାବେ ବଦନାମ ମୁଣ୍ଡାଇଲା ପରେ ଏହାର ନାମ ବଦଳାଇ ଏହି କମ୍ପାନୀର ନାମକୁ ଓମିନିଲିଙ୍କ ଭାବେ ନାମିତ କରାଯାଇଛି। କେନ୍ଦ୍ର ସରକାରଙ୍କର ଟେଲି କମ୍ୟୁନିକେସନ ପକ୍ଷରୁ

### ମନ୍ତ୍ରୀ ଓ ସଚିବଙ୍କ ବାସଭବନ ଘେରଉ

'ପ୍ରିଂଟଲିଙ୍କ'କୁ ସଂପୂର୍ଣ୍ଣ ବ୍ୟବସାୟିକ ଡିଲିଂ ବ୍ୟାନ କରାଯାଇଛି। ଏହି କମ୍ପାନୀ ଏକ କଳା ତାଲିକାଭୁକ୍ତ କମ୍ପାନୀ ହୋଇଥିଲେ ବି ଆଇଟି ମନ୍ତ୍ରୀ ଓ ଆଇଟି ସଚିବଙ୍କ ନିକଟରେ ଏହା କିଭଳି ବିଶ୍ୱାସଭାଜନ ହୋଇପାରିଛି ବୋଲି ଯୁବ କଂଗ୍ରେସ ପ୍ରଶ୍ନ କରିଛି।

ସେହିପରି 'ଇ ସ୍କୋୟାର ସିଷ୍ଟମ ଆଣ୍ଡ ଟେକ୍ନୋଲୋଜି ପ୍ରାଇଭେଟ ଲିମିଟେଡ' ସୁଭଦ୍ରା ଯୋଜନା ପାଇଁ ଏକ ୱେବସାଇଟ ଓ ଏକ ଆପ୍ ବା ପୋର୍ଟାଲ କରିଛି। ହେଲେ ଏହି ୱେବସାଇଡ୍ ଅତ୍ୟନ୍ତ ଦୁର୍ବଳ ଓ ଏହାଦ୍ୱାରା କାର୍ଯ୍ୟ ବହୁ ବାଧାପ୍ରାପ୍ତ ହେଉଛି। ଏହି କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଧିରେନ୍ଦ୍ର କୁମାର ଖଣ୍ଡେଲୱାଲ ଅଛନ୍ତି। ତାଙ୍କ ବିରୋଧରେ ୨୦୧୬ ମସିହାରେ ଚିଟଫଣ୍ଡ ଠକେଇ ମାମଲା ଓଡ଼ିଶା ହାଇକୋର୍ଟରେ ଦାୟର ହୋଇଛି। କମ୍ପାନୀର ମାଲିକ ଏବେ ସୁଦ୍ଧା ବେଲରେ ଅଛନ୍ତି ଓ ତାଙ୍କ ବିରୋଧରେ ଓଡ଼ିଶା ସରକାରଙ୍କର ଇଓଡବ୍ଲୁର କେସ ଚାଲୁଛି। ଜଣେ ଚିଟଫଣ୍ଡ ମାଫିଆଙ୍କୁ ବିଜେପି ସରକାରଙ୍କର ପ୍ରେମ କାହିଁକି ବୋଲି ଦଳ ପ୍ରଶ୍ନ କରିଛି। ଏଭଳି ହରିଲୁଟର ବିଚାର ବିଭାଗୀୟ ତଦନ୍ତ ହେଉ ଏବଂ ଉପରୋକ୍ତ ଟେଣ୍ଡରଗୁଡ଼ିକ ତୁରନ୍ତ ବାତିଲ କରାଯାଉ ବୋଲି ଯୁବ କଂଗ୍ରେସ କହିଛି।





୨୧/୪/୨୦୨୬ (ମଙ୍ଗଳବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୬,୨୬,୮୫୩/-
ସୁନା: ୦୯.୦୮୦ ଗ୍ରାମ୍
ରୁପା: ୩୭୭.୮୦୦ ଗ୍ରାମ୍



ଲୁଟ୍ ଉଦ୍ଦେଶ୍ୟରେ ଗୁଳିମାଡ଼ ଘଟଣା

# ୬ ଅଭିଯୁକ୍ତ ଗିରଫ; ବନ୍ଧୁକ ଜବତ

ପୁରୀ,୨୧।୪(ସମିସ): କୃଷ୍ଣପ୍ରସାଦ ବ୍ଲକ୍ ମାଲୁଦ କରଣ ସାହି ଛକ ନିକଟରେ ଗତ ୨ ତାରିଖ ରାତିରେ ହୋଇଥିବା ଗୁଳିକାଣ୍ଡ ଘଟଣାରେ ମୁଖ୍ୟ ଅଭିଯୁକ୍ତ ସହ ୬ ଜଣଙ୍କୁ ଗିରଫ କରିଛି କୃଷ୍ଣପ୍ରସାଦ ଥାନା ପୁଲିସ । ଅଭିଯୁକ୍ତମାନେ ହେଲେ କୃଷ୍ଣପ୍ରସାଦ ସାମନ୍ତ ଗୋପବନ୍ଧୁ ରଣସିଂହ ଓରଫ ବାପି, ଗଞ୍ଜାମର ଅସୀତ୍ ପ୍ରଧାନ, ବିଦ୍ୟାଧର ଜେନା ଓ ଜ୍ୟୋତିକୃଷ୍ଣ ପଟ୍ଟନାୟକ ଓରଫ ଶିବା, ମାଲୁଦର ବିବେକାନନ୍ଦ ବିଶୋଇ ଓରଫ ବିବେକ, କୁମାର ପ୍ରଧାନ ଓରଫ କୁଲୁ । ମଙ୍ଗଳବାର ଜିଲ୍ଲା ପୁଲିସ ମୁଖ୍ୟାଳୟ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ପ୍ରତୀକ୍ ସିଂ କହିଛନ୍ତି, ଅଭିଯୁକ୍ତମାନଙ୍କଠାରୁ ଗୁଳିକାଣ୍ଡରେ ବ୍ୟବହୃତ ପିସ୍ତଲ ଜବତ କରାଯାଇଛି । ମାଲୁଦ ବଜାରରେ ଗହଣା ଦୋକାନ ଚଳାଉଥିବା ଅଭିଯୋଗକାରୀଙ୍କ ସହ ଥିବା ପୂର୍ବ ଶତ୍ରୁତା ଓ ଟଙ୍କା ଲୁଟିବା ଉଦ୍ଦେଶ୍ୟରେ ଅଭିଯୁକ୍ତମାନେ ଷଡ଼ଯନ୍ତ୍ର ରଚିଥିଲେ । ଅଭିଯୁକ୍ତ ବାପି ତାଙ୍କ ସହଯୋଗୀ ବିଦ୍ୟାଧର ଜେନା ଓ ଅସୀତ୍‌ଙ୍କ ମାଧ୍ୟମରେ ଗଞ୍ଜାମ ସୂର୍ଯ୍ୟନାରାୟଣପୁରର ମିଟୁ ପ୍ରଧାନଙ୍କଠାରୁ ଅବୈଧ ଅସ୍ତ୍ର ସଂଗ୍ରହ କରିଥିଲେ । ଗତ ମାର୍ଚ୍ଚ ୨ ତାରିଖ ରାତି ପ୍ରାୟ ୯ଟା ୫ରେ ସମ୍ପୃକ୍ତ ବ୍ୟବସାୟୀ ଦୋକାନ ବନ୍ଦ କରି ସ୍କୁଟିରେ ଡ୍ରାଇଭର ସହ ଘରକୁ ଫେରୁଥିଲେ । କରଣସାହି ଛକ ନିକଟରେ ଅଭିଯୁକ୍ତ ଶିବା ତାଙ୍କୁ ଅଟକାଇଥିଲେ । ସେହି ସମୟରେ କୁଲୁ ଏକ ମୋଟରସାଇକଲ ଧରି ନିକଟରେ ପ୍ରସ୍ତୁତ ଥିଲେ ଏବଂ ଅନ୍ୟ ଅଭିଯୁକ୍ତମାନେ ଦୂରରେ ରହି ନଜର ରଖିଥିଲେ । ଶିବା ବନ୍ଧୁକ ଦେଖାଇ ଭୟଭୀତ କରିବା ସମୟରେ ଡ୍ରାଇଭର ପ୍ରତିବାଦ କରିଥିଲେ । ଶିବା ୨ ରାଉଣ୍ଡ ଗୁଳି କରିଥିଲେ, ଏଥିରେ ଡ୍ରାଇଭର ଆହତ ହୋଇଥିଲେ । ଏହି ଆକ୍ରମଣରେ ବ୍ୟବସାୟୀ ଓ ଡ୍ରାଇଭର ସ୍କୁଟିରୁ ପଡ଼ିଯାଇ ସହାୟତା ପାଇଁ ଚିତ୍କାର କରିଥିଲେ । ସ୍ଥାନୀୟ ଲୋକେ ପହଞ୍ଚିଯିବାରୁ ଅଭିଯୁକ୍ତମାନେ ଲୁଟ୍ କରିବା ପୂର୍ବରୁ ସ୍ଥାନ ଛାଡ଼ି ପଳାଇ ଯାଇଥିଲେ । କୃଷ୍ଣପ୍ରସାଦ ପୁଲିସ ତଦନ୍ତ କରି ମୁଖ୍ୟ ଅଭିଯୁକ୍ତ ଶିବାଙ୍କଠାରୁ ବନ୍ଧୁକ ଜବତ କରିଛି । ସମସ୍ତ ୬ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି ବୋଲି ଏସ୍‌ପି ଶ୍ରୀ ସିଂ କହିଛନ୍ତି ।

ଶ୍ରୀସଦାଶିବ ପରିସରରେ ଶଙ୍କରାଚାର୍ଯ୍ୟଙ୍କ ଜୟନ୍ତୀ ପାଳିତ

# ଭାରତୀୟ ସଂସ୍କୃତିର ମହାସେତୁ ଶଙ୍କରାଚାର୍ଯ୍ୟ



ପୁରୀ,୨୧।୪(ସମିସ): କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସରରେ ଜଗଦ୍‌ଗୁରୁ ଆଦି ଶଙ୍କରାଚାର୍ଯ୍ୟଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ପରିସରର ନିର୍ଦ୍ଦେଶକ ପ୍ରଫେସର ବୋଧ କୁମାର ଝାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବେଦାନ୍ତ ଦର୍ଶନର ଗୁଢ଼ତତ୍ତ୍ୱ ଉପରେ ଆଲୋକପାତ କରାଯାଇଥିଲା । ମୁଖ୍ୟଅତିଥି ଭାବେ ପରିସରର ପ୍ରାକ୍ତନ ଅଧ୍ୟକ୍ଷ ତଥା ବିଶିଷ୍ଟ ବେଦାନ୍ତଶାସ୍ତ୍ର ବିଶାରଦ ପ୍ରଫେସର ଜି. ଗଙ୍ଗାନ୍ନା ଯୋଗଦେଇ ଶଙ୍କରଙ୍କ ଅଦ୍ୱୈତ ଦର୍ଶନର ସାରକଥା ବୁଝାଇଥିଲେ । ସେ କହିଥିଲେ ଯେ, ଶଙ୍କରାଚାର୍ଯ୍ୟଙ୍କ ମତରେ "ବ୍ରହ୍ମ ସତ୍ୟ ଜଗଦ ମିଥ୍ୟା' ଅର୍ଥାତ୍ ଏହି ପରିବର୍ତ୍ତନଶୀଳ ସଂସାର ଅନିତ୍ୟ, କେବଳ ସେହି ପରମ ବ୍ରହ୍ମ ହିଁ ଏକମାତ୍ର ସତ୍ୟ । ଚାରି ବେଦର ଚାରି ମହାବାକ୍ୟ ଯଥା 'ପ୍ରଜ୍ଞାନଂ ବ୍ରହ୍ମ', 'ଅହଂ ବ୍ରହ୍ମାସ୍ମି', 'ତତ୍ତ୍ୱମସି' ଏବଂ 'ଅୟମାତ୍ମା ବ୍ରହ୍ମ' ମାଧ୍ୟମରେ ସେ ଜୀବ ଓ ବ୍ରହ୍ମର ଅଭେଦତାକୁ ପ୍ରତିପାଦିତ କରିଛନ୍ତି । ପରିସରର ନିର୍ଦ୍ଦେଶକ ପ୍ରଫେସର ଝା ଶଙ୍କରାଚାର୍ଯ୍ୟଙ୍କୁ ଭାରତୀୟ ସଂସ୍କୃତିର ମହାସେତୁ ଭାବେ ବର୍ଣ୍ଣନା କରିଥିଲେ । ସେ କହିଥିଲେ, "ଆଦି ଶଙ୍କରାଚାର୍ଯ୍ୟ କେବଳ ଜଣେ ଦାର୍ଶନିକ ନ ଥିଲେ ବରଂ ସେ ଥିଲେ ଭାରତର ସାଂସ୍କୃତିକ ଓ ଭୌଗୋଳିକ ଏକତାର ପ୍ରଧାନ ସୂତ୍ରଧର । ଯେଉଁ ସମୟରେ ବିଭିନ୍ନ ମତବାଦ ମଧ୍ୟରେ ସଂଘର୍ଷ ଚାଲିଥିଲା ସେତେବେଳେ ସେ ବେଦାନ୍ତ ମାଧ୍ୟମରେ ସମନ୍ୱୟ ପ୍ରତିଷ୍ଠା କରିଥିଲେ । ଆଜିର ଯୁବ ସମାଜ ଶଙ୍କରଙ୍କ ପରି ଜ୍ଞାନର ସନ୍ଧାନ କରିବା ସହ ନିଜର ମୌଳିକ ସଂସ୍କୃତିକୁ ବଞ୍ଚାଇ ରଖିବା ଆବଶ୍ୟକ । ଶାସ୍ତ୍ର ଚର୍ଚ୍ଚା ସହ ବ୍ୟକ୍ତିଗତ ଜୀବନରେ ଶୃଙ୍ଖଳା ଓ ବିଚାରଶୀଳତା ଆଣିବା ହିଁ ଜଗଦ୍‌ଗୁରୁଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ । ସହଯୋଗୀ ନିର୍ଦ୍ଦେଶକ ପ୍ରଫେସର ବିଜୟପାଲ କଚ୍ଛୱା ଏବଂ ପ୍ରଫେସର ମଖଲେଶ କୁମାର ଉପାଧ୍ୟାୟ ଛାତ୍ରଛାତ୍ରୀମାନଙ୍କୁ ଶାସ୍ତ୍ରୀୟ ମର୍ଯ୍ୟାଦା ରକ୍ଷା କରି ଜ୍ଞାନର ସନ୍ଧାନରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ । ପ୍ରାରମ୍ଭରେ ବେଦାନ୍ତ ବିଭାଗର ମୁଖ୍ୟ ପ୍ରଫେସର ଶମ୍ଭୁନାଥ ମହାଳିକ ସ୍ୱାଗତ ଭାଷଣ ଦେଇଥିଲେ । ଦର୍ଶନ ବିଭାଗର ଅଧ୍ୟାପକ ଡ. ନନ୍ଦିଘୋଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିବାବେଳେ ଅଧ୍ୟାପକ ଡ. ଅଜୟ ଗନ୍ଧା ଅତ୍ୟନ୍ତ ମଞ୍ଚ ସଞ୍ଚାଳନ କରିଥିଲେ । ଏହି ସମାରୋହରେ ବିଭିନ୍ନ ବିଭାଗର ଆଚାର୍ଯ୍ୟ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

ବାଚସ୍ପତି କମିଟି ସମ୍ମିଳନୀ

# 'ଦଳବଦଳ ଆଇନ ଉପରେ ତର୍ଜମା ଜରୁରୀ'

ପୁରୀ,୨୧।୪(ସମିସ): ଭାରତୀୟ ସମ୍ବିଧାନର ଦଶମ ଅନୁସୂଚୀ ଅନୁଯାୟୀ ବିଧାନସଭା ଅଧ୍ୟକ୍ଷଙ୍କ କ୍ଷମତା ଓ ଦାୟିତ୍ୱର ସମୀକ୍ଷା ପାଇଁ ସ୍ଥାନୀୟ ଏକ ହୋଟେଲରେ ମଙ୍ଗଳବାର 'ବାଚସ୍ପତି କମିଟି ସମ୍ମିଳନୀ' ଅନୁଷ୍ଠିତ ହୋଇଯାଇଛି । କମିଟି ଅଧ୍ୟକ୍ଷ ମହାରାଷ୍ଟ୍ର ବିଧାନସଭାର ବାଚସ୍ପତି ରାହୁଲ ସୁରେଶ ନରୱେକରଙ୍କ ଅଧ୍ୟକ୍ଷତାରେ ଏବଂ ଓଡ଼ିଶାର ବାଚସ୍ପତି ସୁରମା ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ବୈଠକରେ କର୍ଣ୍ଣାଟକର ବାଚସ୍ପତି ୟୁ.ଟି. ଖାଦିର ଫରିଦ୍, ନାଗାଲାଣ୍ଡର ବାଚସ୍ପତି ସାରିଙ୍ଗେନ୍ ଲଙ୍ଗକୁମେର ଯୋଗଦେଇଥିଲେ । ଏହି ଅବସରରେ ଅଧ୍ୟକ୍ଷତା କରି ବାଚସ୍ପତି ଶ୍ରୀ ନରୱେକର ସମ୍ମିଳନୀର ଆଭିମୁଖ୍ୟ ସମ୍ପର୍କରେ ବିଷଦ ଭାବେ ବ୍ୟାଖ୍ୟା କରିବା ସହ ଏହାର ପ୍ରଭାବ ଓ ଭବିଷ୍ୟତର ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ ।

ଏହି ଅବସରରେ ବାଚସ୍ପତି ଶ୍ରୀମତୀ ପାଢ଼ୀ କହିଥିଲେ ଯେ, ଦଳବଦଳ ଆଇନ ଉପରେ ତର୍ଜମା ହେବା ଜରୁରୀ । ସମ୍ବିଧାନ ବିଶେଷଜ୍ଞ ତଥା ଆଇନର ବିଶାରଦମାନଙ୍କୁ ନେଇ କମିଟି ଗଠନ କରାଯାଇ ଏସବୁ ଆହ୍ୱାନର ମୁକାବିଲା ଦିଗରେ ସୁଚିନ୍ତିତ ପରାମର୍ଶ ଓ ପଦକ୍ଷେପ ଗ୍ରହଣ କରିବା ଦିଗରେ କାର୍ଯ୍ୟ କରାଯିବା ଦରକାର । ଆଗାମୀ ଦିନରେ ଏହାକୁ କିପରି ଗଣତାନ୍ତ୍ରିକ ପରମ୍ପରାରେ ସୁରକ୍ଷିତ ରଖାଯାଇପାରିବ ଏ ଦିଗରେ ଯତ୍ନବାନ ହେବା ଆବଶ୍ୟକ । ଏହି କାର୍ଯ୍ୟକ୍ରମରେ ସମ୍ବିଧାନ ବିଶେଷଜ୍ଞ ତଥା ମହାରାଷ୍ଟ୍ରର ପୂର୍ବତନ ମହାଧିବକ୍ତା ଶ୍ରୀହରି ଜୀ ଆନେ ଏବଂ ଓଡ଼ିଶାର ମହାଧିବକ୍ତା ପୀତାମ୍ବର ଆଚାର୍ଯ୍ୟ ସମ୍ବିଧାନର ୧୦ମ ଅନୁସୂଚୀ ଅନୁଯାୟୀ ଦଳବଦଳ ନିୟମକୁ କିପରି କଠୋର ଭାବରେ ଲାଗୁ କରାଯାଇପାରିବ ଏବଂ ଏହାର ଭବିଷ୍ୟତର ରୂପରେଖ କିଭଳି ଭାବରେ ଜନସାଧାରଣଙ୍କ ଆସ୍ଥା ଓ ଜନପ୍ରତିନିଧିଙ୍କ ଭୂମିକାକୁ ନିଶ୍ଚିତ କରିବ ସେ ସମ୍ପର୍କରେ ଆଇନଗତ ତର୍ଜମା କରିଥିଲେ । ଏହି ସମ୍ମିଳନୀରେ ବିଭିନ୍ନ ବିଧାନସଭାର ସଚିବଙ୍କ ସହ ଲୋକସଭା ସଚିବାଳୟର ନିର୍ଦ୍ଦେଶକ ଅଜୟ ସୁଦ୍, ନିର୍ଦ୍ଦେଶକ(କନ୍‌ଫରେନ୍ସ ଓ ପ୍ରୋଟୋକଲ ଶାଖା) ୟୁମନାମ୍ ଅରୁଣ କୁମାର ଯୋଗଦେଇଥିବା ବେଳେ ଓଡ଼ିଶା ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ସ୍ୱାଗତ ଭାଷଣ ଦେଇଥିଲେ ।





ବାଚସ୍ପତିଙ୍କ ଭୂମିକା ଉପରେ ବିଚାରବିମର୍ଷ

## ସଭ୍ୟ ପଦ ରଦ୍ଦ ପ୍ରଶ୍ନରେ କମିଟି ନିରବ

ବୈଠକ ପରେ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା । ଏଥିରେ କମିଟି ଅଧ୍ୟକ୍ଷ ତଥା ମହାରାଷ୍ଟ୍ର ବିଧାନସଭାର ବାଚସ୍ପତି ରାହୁଲ ସୁରେଶ ନରୱେକର, ଓଡ଼ିଶାର ବାଚସ୍ପତି ସୁରମା ପାଢ଼ୀ, କର୍ଣ୍ଣାଟକର ବାଚସ୍ପତି ୟୁ.ଟି. ଖାଦିର ଫରିଦ୍, ନାଗାଲାଣ୍ଡର ବାଚସ୍ପତି ସାରିଙ୍ଗେନ୍ ଲଙ୍ଗକୁମେର୍ ଗଣମାଧ୍ୟମକୁ ସମ୍ବୋଧିତ କରିଥିଲେ । ସେମାନେ କହିଥିଲେ ଯେ, ସମ୍ବିଧାନର ୧୦ମ ଅନୁଚ୍ଛେଦକୁ ଆହୁରି ପ୍ରଭାବଶାଳୀ କରିବାକୁ ପଡ଼ିବ । କମିଟିର ପ୍ରଥମ ବୈଠକ ମହାରାଷ୍ଟ୍ରଠାରେ ଅନୁଷ୍ଠିତ ହୋଇଥିବାବେଳେ ପରବର୍ତ୍ତୀ ସମ୍ମିଳନୀ କର୍ଣ୍ଣାଟକଠାରେ ଆୟୋଜିତ ହେବ । ସର୍ବଭାରତୀୟ ବାଚସ୍ପତି ସମ୍ମିଳନୀରେ ଏ ସମ୍ପର୍କରେ ବିଧିବଦ୍ଧ ଭାବେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି । ତେବେ ଦଳବଦଳକୁ କିପରି ରୋକାଯାଇପାରିବ ଏଥିପାଇଁ କିଭଳି ପଦକ୍ଷେପ ଗ୍ରହଣ କରାଯିବ ସେ ସମ୍ପର୍କରେ ସବିଶେଷ ଆଲୋଚନା ହେବ । ୧୯୮୫ ମସିହାରେ ଏହି ଦଳବଦଳ ନିରୋଧ ଆଇନ ଲାଗୁ କରାଯାଇଥିବା ବେଳେ ପରବର୍ତ୍ତି ସମୟରେ ଏଥିରେ ବ୍ୟାପକ ସଂଶୋଧନ କରାଯାଇଛି । ଏହାଦ୍ୱାରା ଜନ ପ୍ରତିନିଧିମାନେ ଜନସାଧାରଣଙ୍କ ଆସ୍ଥା ଭାଜନ ହେବା ସହିତ ସଂସଦୀୟ ପରମ୍ପରା ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ବଜାୟ ରହିପାରିବ ।

ଅନ୍ୟପକ୍ଷରେ ଗଣମାଧ୍ୟମ ପ୍ରତିନିଧି ଏହି ଆଇନର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ କରିଥିଲେ । ଏହାକୁ ନିଷ୍ପ୍ରଭ କରିବା ଲାଗି ସବୁ ରାଜନୈତିକ ଦଳ ବାଚସ୍ପତିଙ୍କୁ ହିଁ ଅସ୍ତ୍ର ଭାବେ ବ୍ୟବହାର କରୁଛନ୍ତି । ତାତ୍ତ୍ୱିକ ଦୃଷ୍ଟିରୁ ଜଣେ ବିଧାୟକ ବା ସାଂସଦ, ବାଚସ୍ପତି (ଗୃହର ଅଧ୍ୟକ୍ଷ) ଭାବେ ନିର୍ବାଚିତ ହେବା ପରେ ସେ ନିରପେକ୍ଷ ହେବା କଥା । ମାତ୍ର ବାସ୍ତବରେ ସେ ପକ୍ଷପାତିତା କରୁଛନ୍ତି । ସେ ଯେଉଁ ଦଳରୁ ଆସୁଛନ୍ତି, ତାହାର ଶୀର୍ଷ ନେତୃତ୍ୱଙ୍କ ଆଦେଶ ପାଳନ କରୁଛନ୍ତି । ଫଳରେ ଦଳବଦଳ ଘଟଣା ବଢ଼ିଚାଲିଛି । ସେମାନଙ୍କ ସଭ୍ୟ ପଦ ଲାଗି ବାଚସ୍ପତିଙ୍କ ନିକଟରେ ଆବେଦନ କରାଯାଉଛି । କିନ୍ତୁ କୌଣସି ଫଳାଫଳ ଆସୁନାହିଁ । କମିଟି ଏ ଦିଗରେ କାହିଁକି ସକ୍ରିୟତା ପ୍ରକାଶ କରୁନାହିଁ ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନରେ ନିରବ ରହିଥିଲେ କମିଟି ଅଧ୍ୟକ୍ଷ ଓ ସଦସ୍ୟ । ସେମାନେ କମିଟିର କ୍ଷମତାକୁ ଆହୁରି ସୁଦୃଢ଼ ଏବଂ ଶକ୍ତିଶାଳୀ କରାଯାଉଛି ବୋଲି କହି ପ୍ରସଙ୍ଗକୁ ଏକପ୍ରକାର ଏଡ଼ାଇ ଦେଇଥିଲେ ।

# ଆଦି ଶଙ୍କରାଚାର୍ଯ୍ୟଙ୍କ ୨୫୩୩ତମ ଜୟନ୍ତୀ

ପୁରୀ,୨୧।୪(ସମିସ): ଗୋବର୍ଦ୍ଧନ ପୀଠରେ ସନାତନ ହିନ୍ଦୁ ଧର୍ମର ରକ୍ଷକ ଭଗବତ୍‌ପାଦ ଆଦିଶଙ୍କରାଚାର୍ଯ୍ୟଙ୍କ ୨୫୩୩ତମ ଜୟନ୍ତୀ ଉତ୍ସବ ପାଳନ କରାଯାଇଛି । ସୋମବାର ଅଧିବାସ ଓ ଜଳଯାତ୍ରା କରାଯାଇଥିଲା । ମଙ୍ଗଳବାର ସକାଳେ ବରୁଣପୂଜା, ସଂକଳ୍ପ, ମାତୃପୂଜା, ଗ୍ରହପୂଜନ, ଯଜ୍ଞ, ଆଦିଶଙ୍କରଙ୍କ ମହାଭିଷେକ, ବେଶ, ଭୋଗ, ପୂର୍ଣ୍ଣାହୁତି, ଦିଆଯାଇଥିଲା । ଅପରାହ୍ଣରେ ଆଦିଶଙ୍କରାଚାର୍ଯ୍ୟଙ୍କ ଚଳନ୍ତି ପ୍ରତିମା ନଗର ପରିକ୍ରମା କରିଥିଲେ । ଏହି ଭବ୍ୟ ଶୋଭାଯାତ୍ରା ଗୋବର୍ଦ୍ଧନ ମଠରୁ ବାହାରି ସିଂହଦ୍ୱାର, ଦୋଳମଣ୍ଡପ ସାହି, ମୋଚିସାହି ଛକ, ରାମଚଣ୍ଡୀ ସାହି, ମରଚିକୋଟ ଗଳି, ବଡ଼ଦାଣ୍ଡ, ରାଜା ନଅର, ଦୋଳବେଦୀ, ଲକ୍ଷ୍ମୀମାର୍କେଟ, ମଣିକର୍ଣ୍ଣିକା ସାହି, ହରଚଣ୍ଡୀ ସାହି, ଗୌଡ଼ବାଡ଼ ସାହି, କାମାକ୍ଷା ମନ୍ଦିର ଦେଇ ଗୋବର୍ଦ୍ଧନ ମଠକୁ ପ୍ରତ୍ୟାବର୍ତ୍ତନ କରିଥିଲା । ନଗର ବିଜେବେଳେ ଚଉଦୋଳରେ ବିଜେ ଆଦିଶଙ୍କରଙ୍କ ପ୍ରତିମାଙ୍କ ନିକଟରେ ବିଭିନ୍ନ ସ୍ଥାନରେ ଫଳ୍ଗି ଭୋଗ ଲାଗିଥିଲା । ସାଧୁସନ୍ଥ, ମଠାଧୀଶ, ଭକ୍ତ, ବେଦପାଠୀଙ୍କ ସହିତ ପୁରୀବାସୀ, ଷୋଳଶାସନ ପଣ୍ଡିତ ବ୍ରାହ୍ମଣ, ଜାଗା-ଆଖଡ଼ାର ମାନ୍ୟଗଣ୍ୟ ମହାନୁଭବ ପ୍ରମୁଖ ସାମିଲ୍ ହୋଇଥିଲେ ।



## 'ମହାପ୍ରଭୁଙ୍କ ଅନନ୍ୟ ରଥଯାତ୍ରା' ଲୋକାର୍ପିତ

ପୁରୀ,୨୧।୪(ସମିସ): ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନ ପକ୍ଷରୁ ଅକ୍ଷୟ ତୃତୀୟା ମହୋତ୍ସବରେ ବରିଷ୍ଠ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ଭାସ୍କର ମିଶ୍ରଙ୍କ ରଚିତ ୯୭ତମ ଗ୍ରନ୍ଥ 'ମହାପ୍ରଭୁଙ୍କ ଅନନ୍ୟ ରଥଯାତ୍ରା' ଲୋକାର୍ପିତ ହୋଇଯାଇଛି । ପ୍ରାକ୍ତନ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଚିକିତ୍ସକ ଡା. ଅଶୋକ କୁମାର ମହାପାତ୍ର, ସଂସ୍କୃତିବିତ୍ ମନୋଜ କୁମାର ମହାପାତ୍ର, ସଙ୍ଗୀତ ଗୁରୁ ସଙ୍ଗୀତା ଗୋସାଇଁ, ସାହିତ୍ୟିକ ଡ. ପୀତବାସ ରାଉତରାୟ, ଭାଷାବିତ୍ ଡ. ଦେବୀପ୍ରସନ୍ନ ପଟ୍ଟନାୟକ ପ୍ରମୁଖ ଅତିଥିଙ୍କ ଦ୍ୱାରା ଶ୍ରୀଜଗନ୍ନାଥ ଚେତନା ଭିତ୍ତିକ ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାର ଅନାଲୋଚିତ ତଥ୍ୟକୁ ନେଇ ଉକ୍ତ ଗ୍ରନ୍ଥ ଉନ୍ମୋଚନ ହୋଇଛି । ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ମହାସଚିବ ଡ. ନରେଶ ଚନ୍ଦ୍ର ଦାଶ ଗ୍ରନ୍ଥରେ ଅଭିମତ ରଖିଛନ୍ତି । ଏହି ଗ୍ରନ୍ଥ ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ସଭାପତି ପ୍ରଫେସର ଗୋପାଳକୃଷ୍ଣ ଦାଶ ଏବଂ ସମ୍ପାଦକ ଗବେଷକ ଡ. ଶ୍ରୀନିବାସ ଆଚାର୍ଯ୍ୟଙ୍କୁ ଉତ୍ସର୍ଗ କରାଯାଇଛି । ଶ୍ରୀପୁରୁଷୋତ୍ତମ ସଦ୍‌ଗ୍ରନ୍ଥାଳୟ, ଶ୍ରୀଧାମ ଦ୍ୱାରା ଏହି ପୁସ୍ତକ ପ୍ରକାଶ ପାଇଛି । ଗ୍ରନ୍ଥରେ ଶ୍ରୀଗୁଣ୍ଡିଚା ଯାତ୍ରାର ତିଥି ନିର୍ଣ୍ଣୟ, ତିନି ରଥ, ଗୁଣ୍ଡିଚା ଯାତ୍ରାର ମଙ୍ଗଳାର୍ପଣ, ରଥ ପ୍ରତିଷ୍ଠା, ବିବିଧ ଭୋଗ, ଶ୍ରୀକ୍ଷେତ୍ର ବାହାରେ ମହାପ୍ରଭୁଙ୍କ ରଥଯାତ୍ରା, ନୀଳାଦ୍ରି ନାଥଙ୍କ ନୀଳାଦ୍ରି ବିଜେ, ଅଣସର ପରମ୍ପରା ଏବଂ କୋଭିଡ୍ ସମୟରେ ୨୦୨୦ ରଥଯାତ୍ରା ସମ୍ପର୍କିତ ସବିଶେଷ ବିବରଣୀ ସ୍ଥାନ ପାଇଛି ।





■ ସିଂହଦ୍ୱାର ଗୁମୁଟରେ 'ଦଶାବତାର ମୂର୍ତ୍ତି' ପୁନଃ ସଂସ୍ଥାପନ ପ୍ରସ୍ତାବ

## ଜଗଦ୍‌ଗୁରୁଙ୍କ ମାର୍ଗଦର୍ଶନ ଲୋଡ଼ିଲା ଶ୍ରୀମନ୍ଦିର ପ୍ରଶାସନ

ପୁରୀ,୨୧।୪(ସମିସ): ଶ୍ରୀମନ୍ଦିର ସିଂହଦ୍ୱାର ଗୁମୁଟରୁ ଅପସାରଣ କରାଯାଇଥିବା ଦଶାବତାର ମୂର୍ତ୍ତି ପୁନଃ ଅବସ୍ଥାପନ କରାଯିବା ପ୍ରସ୍ତାବ ଉପରେ ମୁକ୍ତି ମଣ୍ଡପ ସ୍ଥାୟୀ ସଭାପତି ପରମପୂଜ୍ୟ ଶ୍ରୀମଦ୍ ଜଗଦ୍‌ଗୁରୁଙ୍କ ମାର୍ଗଦର୍ଶନ ଲୋଡ଼ିଛନ୍ତି ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ । ୨୦୧୨ରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ)ଙ୍କ ଦ୍ୱାରା ସିଂହଦ୍ୱାର ଗୁମୁଟ ଓ ପାର୍ଶ୍ୱବର୍ତ୍ତୀ ପୁରାତନ ନିର୍ମାଣ କାର୍ଯ୍ୟର ମରାମତି ଓ ସଂରକ୍ଷଣ କରାଯାଇଥିଲା । ଏହି କାମ ସମୟରେ ସିଂହଦ୍ୱାର ଗୁମୁଟରେ ସଂସ୍ଥାପିତ ହୋଇଥିବା ଦଶାବତାର ମୂର୍ତ୍ତି ଅପସାରଣ କରାଯାଇ ସେହି ସ୍ଥାନରେ ନୂତନ ପ୍ରସ୍ତର ବିମ୍ ସ୍ଥାପନ କରାଯାଇଛି । ପୂର୍ବରୁ ଦଶାବତାର ମୂର୍ତ୍ତି ଚୂନ ପ୍ରଲେପରେ ତିଆରି ହୋଇଥିଲା । ଦଶାବତାର ମୂର୍ତ୍ତି ନବମ ଅବତାର ସ୍ଥାନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତିଙ୍କ ଅବସ୍ଥିତି ରହିଥିଲା, ଯାହାକି ସେତେବେଳେ ମତଭେଦ ସୃଷ୍ଟି କରିଥିଲା । ତେବେ ଦଶାବତାର ମୂର୍ତ୍ତି ପୁନଃ ଅବସ୍ଥାପନ ନିମନ୍ତେ ଗତ ଜାନୁଆରୀ ୧୭ରେ ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟିରେ ଆଲୋଚନା କରାଯାଇଥିଲା । ଏ ସମ୍ପର୍କରେ ଶ୍ରୀମଦ୍ ଜଗଦ୍‌ଗୁରୁଙ୍କ ମାର୍ଗଦର୍ଶନ ଲୋଡ଼ିବାକୁ ପରିଚାଳନା କମିଟି ନିଷ୍ପତ୍ତି ନେଇଥିଲା । ପରମ୍ପରାନୁଯାୟୀ ଶ୍ରୀମନ୍ଦିର ଧାର୍ମିକ ପ୍ରସଙ୍ଗ ଉପରେ ମୁକ୍ତିମଣ୍ଡପ ପଣ୍ଡିତ ସଭାର ସ୍ଥାୟୀ ଅଧ୍ୟକ୍ଷ ଶ୍ରୀମଦ୍ ଜଗଦ୍‌ଗୁରୁଙ୍କ ମାର୍ଗଦର୍ଶନ ପାଇଁ ସବିନୟ ଅନୁରୋଧ କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢ଼ୀ ।



● ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଦର୍ଶନ ସୁବିଧା ଦାବି

## ୨୧ ଦିନରେ ସଚେତନତା ପଦଯାତ୍ରା

ପୁରୀ ସହର ଓ ସଦରବାସୀଙ୍କୁ ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ଦାବିରେ ଏପ୍ରିଲ୍ ପହିଲାରୁ ଆରମ୍ଭ କରାଯାଇଥିବା ସଚେତନତା ପଦଯାତ୍ରା ମଙ୍ଗଳବାର ୨୧ ଦିନରେ ପହଞ୍ଚିଛି ।

'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ' ସମାରୋହ

# ଜୀବନ ସାଥୀ ହେଲେ ୬୭ ବର-କନ୍ୟା



ପୁରୀ,୨୧।୪(ସମିସ): ପୁରୀ ଜିଲ୍ଲାସ୍ତରୀୟ 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ' ସମାରୋହ ବଗଲା ଧର୍ମଶାଳା ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୬୭ ବର-କନ୍ୟା ପରସ୍ପରର ଜୀବନସାଥୀ ହୋଇଛନ୍ତି । ଏହି ଅବସରରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ଭିଡିଓ ବାର୍ତ୍ତା ମାଧ୍ୟମରେ ଯୋଗଦେଇ ସାଂସଦ ଡ. ସମ୍ବିତ୍ ପାତ୍ର ଏହା ଏକ ଐତିହାସିକ ଯୋଜନା । ଅନେକ ଗରିବ ଓ ଅସହାୟ ପରିବାରରେ କନ୍ୟା ବିବାହ ଏକ କଷ୍ଟଦାୟକ ବ୍ୟାପାର ହୋଇଥାଏ । ଆର୍ଥିକ ଦୃଷ୍ଟିକୋଣରୁ ଅନେକ କନ୍ୟା ବିବାହରୁ ବଞ୍ଚିତ ହୋଇଥା'ନ୍ତି । କିନ୍ତୁ ସରକାରଙ୍କ ଏହି ଯୋଜନା ସେମାନଙ୍କ ପାଇଁ ବରଦାନ ସଦୃଶ୍ୟ ହୋଇଛି ବୋଲି କହିବା ସହ ସମସ୍ତ ନବ ଦମ୍ପତିଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ୍ ପଟ୍ଟନାୟକ ଓ ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଏହି ଯୋଜନା ମାଧ୍ୟମରେ ଆର୍ଥିକ ଦୁର୍ବଳ, ଗରିବ ଓ ଅସହାୟ ପରିବାର କେବଳ ଉପକୃତ ହେବେ ନାହିଁ ବରଂ ଏକ ନୂଆ ପରିବାର ଘର ଓ ପରିବାର ବସାଇବାର ସ୍ୱପ୍ନକୁ ସାକାର କରିପାରିବେ । ବିବାହ ସ୍ୱର୍ଗରୁ ସ୍ଥିର ହୋଇଥାଏ ବୋଲି ପ୍ରବାଦ ରହିଛି । ତାହାକୁ ସାମୂହିକ ବିବାହ ମାଧ୍ୟମରେ ଆୟୋଜନ କରିବାର ପରିକଳ୍ପନା ବହୁତ ସୁନ୍ଦର ଓ ହୃଦୟସ୍ପର୍ଶୀ ବୋଲି କହିଥିଲେ । ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏଥିରେ ଅଧ୍ୟକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ପରେ ଅତିଥିମାନେ ବିବାହ ମଣ୍ଡପର ସମସ୍ତ ନବ ଦମ୍ପତିଙ୍କୁ ପୁଷ୍ପ, ଅକ୍ଷତ ଇତ୍ୟାଦି ବିଞ୍ଚି ଆଶୀର୍ବାଦ ପ୍ରଦାନ କରିଥିଲେ । ଆଇନ ଅନୁସାରେ ବିବାହ କରିବାକୁ ସହାୟତା, ଅର୍ଥନୈତିକ ଦୁର୍ବଳ ପରିବାରର ଝିଅଙ୍କ ବିବାହ ଖର୍ଚ୍ଚ ହ୍ରାସ, ବାଲ୍ୟ ବିବାହ ଓ ଯୌତୁକ ପ୍ରଥାକୁ ନିରୁତ୍ସାହିତ କରିବା, ବିଧବା ପୁନର୍ବିବାହକୁ ସମର୍ଥନ ଓ ସାମାଜିକ ସୁଧାର କ୍ଷେତ୍ରରେ ସହାୟତା କରିବା ଲକ୍ଷ୍ୟରେ ଏହା ଅଧିକ ଫଳପ୍ରଦ ହୋଇପାରିବ । ଏହି ଅବସରରେ ନବ ଦମ୍ପତିଙ୍କୁ ବିବାହ ପ୍ରମାଣପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା ।

ସରକାରଙ୍କ ଏହି ଯୋଜନା ମାଧ୍ୟମରେ ପ୍ରତ୍ୟେକ ନବଦମ୍ପତିଙ୍କ ପାଇଁ ୬୦ ହଜାର ଟଙ୍କାର ବ୍ୟବସ୍ଥା କରାଯାଇଛି । ଏଥିରୁ ୪୫ ହଜାର ଟଙ୍କା ଦମ୍ପତିଙ୍କ ଆକାଉଣ୍ଟକୁ ଯିବ । ଅନ୍ୟ ୧୫ ହଜାର ଟଙ୍କାରେ ମଣ୍ଡପଠାରୁ ଆରମ୍ଭ କରି ବିବାହର ସମସ୍ତ ବ୍ୟବସ୍ଥା, ଭୋଜି ଆୟୋଜନ ଇତ୍ୟାଦି ବ୍ୟବସ୍ଥା ସମ୍ପୃକ୍ତ ଏଜେନ୍ସି କରିବେ । ଏହି ସମାରୋହରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ ପ୍ରମୁଖ ଯୋଗଦେଇଥିଲେ । ଶେଷରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ଧନ୍ୟବାଦ ଅର୍ପଣ କରିଥିଲେ । ପତିତା ଉଦ୍ଧାର ସମିତି ଏହାର ଆୟୋଜନ ଦାୟିତ୍ୱ ନେଇ ସମସ୍ତ କାର୍ଯ୍ୟକୁ ସୁନ୍ଦର ଭାବେ ପରିଚାଳନା କରିଥିଲେ ।





ଇଂ. ମାୟାଧର ସ୍ୱାଇଁ

## ଅନନ୍ୟ ପୃଥିବୀ

**ବିଶ୍ୱ ହେଉଛି ଅନନ୍ତ ଓ ଅସୀମ । କୋଟି କୋଟି ଗାଲାକ୍ସିକୁ ନେଇ ଏହା ଗଠିତ ଏବଂ ପ୍ରତ୍ୟେକ ଗାଲାକ୍ସିରେ ଅସଂଖ୍ୟ ନକ୍ଷତ୍ର ରହିଛି । ଆମ ସୂର୍ଯ୍ୟ ହେଉଛି ଗୋଟିଏ ନକ୍ଷତ୍ର ଏବଂ ଆଠଟି ଗ୍ରହ, ଅନେକ ଉପଗ୍ରହ, ଗ୍ରହାଣୁ ଆଦିକୁ ନେଇ ଏହା ଏକ ଗ୍ରାହିକ ପଦ୍ଧତି ସୃଷ୍ଟି କରିଛି । ସେହିପରି ବିଶ୍ୱର ଅନ୍ୟ ନକ୍ଷତ୍ରରେ ମଧ ଗ୍ରହ ଗୁଡ଼ିଏ ତାହାକୁ ପରିକ୍ରମଣ କରୁଛନ୍ତି । ଆମ ସୌରଜଗତର ଆଠଟି ଗ୍ରହ ବ୍ୟତୀତ ବୈଜ୍ଞାନିକମାନେ ଏହା ବାହାରେ ପ୍ରାୟ ୬୫୦୦ ଟି ଗ୍ରହ ଆବିଷ୍କାର କଲେଣି । ଏତେ ସବୁ ଗ୍ରହ ଭିତରେ ଆମ ପୃଥିବୀର ସ୍ଥାନ ହେଉଛି ସ୍ୱତନ୍ତ୍ର ଓ ଅନନ୍ୟ । ଏହା ହେଉଛି ଏକମାତ୍ର ଗ୍ରହ ଯେଉଁଠାରେ ଜୀବଜଗତ ଗଢ଼ି ଉଠିଛି । କୌଣସି ଗ୍ରହରେ ଜୀବଜଗତ ସୃଷ୍ଟି ହେବାର ଏକ ପ୍ରମୁଖ କାରଣ ହେଉଛି ଏହାର ଅବସ୍ଥିତି । ପୃଥିବୀ ସୂର୍ଯ୍ୟଠାରୁ ଏମିତି ଦୂରତାରେ ଅଛି ଯେଉଁଠାରେ ତାପମାତ୍ରା ଅତି ଅଧିକ କିମ୍ବା ଅତି କମ୍ ନୁହେଁ । ଫଳରେ ଏଠାରେ ତରଳ ଅବସ୍ଥାରେ ଜଳ ଉପଲବ୍ଧ ହେଉଛି । ଜୀବନ ପାଇଁ ଜଳ ଅତ୍ୟାବଶ୍ୟକ ।**

ପୃଥିବୀ ଯେଉଁ ଅଞ୍ଚଳରେ ରହିଛି , ତାକୁ ନକ୍ଷତ୍ରର 'ବାସଯୋଗ୍ୟ ଅଞ୍ଚଳ' କୁହାଯାଏ । ଏଥିପାଇଁ ପୃଥିବୀରେ ଗଛଲତା, ପ୍ରାଣୀ, ନଦୀ, ସମୁଦ୍ର ଆଦି ସୃଷ୍ଟି ହୋଇଛି ଏବଂ ଏହା ଶସ୍ୟଶ୍ୟାମଳା ହୋଇପାରିଛି ।

ପୃଥିବୀ ହେଉଛି ଆମର ମାତା । ଏହା ଆମକୁ ଯଥେଷ୍ଟ ପ୍ରାକୃତିକ ସମ୍ପଦ ଦେଇଛି । ଏହାର ସୁସ୍ଥ ପରିବେଶ ଏଠାରେ ସଭ୍ୟତାର ବିକାଶରେ ସାହାଯ୍ୟ କରିଛି । ଏହାର ପ୍ରକୃତି, ଜଙ୍ଗଲ, ନଦନଦୀ, ଜୀବନ ଓ ସର୍ବୋପରି ମନୁଷ୍ୟକୁ ନେଇ ଏକ ସୁନ୍ଦର ପରିସଂସ୍ଥା ସୃଷ୍ଟି ହୋଇଛି । କିନ୍ତୁ ସେହି ମନୁଷ୍ୟକୁ ନେଇ ଆଜି ପୃଥିବୀର ସୁନ୍ଦର ପରିବେଶ ବିଷାକ୍ତ ହେଉଛି । ବର୍ତ୍ତମାନର ଏକ ମୁଖ୍ୟ ପାରିବେଶିକ ସମସ୍ୟା ହେଉଛି ଜଳବାୟୁ ପରିବର୍ତ୍ତନ ଯାହା ଯୋଗୁଁ ପୃଥିବୀରେ ବନ୍ୟା, ବାତ୍ୟା ବୃଦ୍ଧି ପାଇଛି । ସମୁଦ୍ର ପତନ ବଢୁଛି ଓ ଅନେକ କ୍ଷୁଦ୍ର ଦ୍ୱୀପ ଜଳମଗ୍ନ ହେବାର ଆଶଙ୍କା ଦେଖାଦେଇଛି । ଜଳବାୟୁ ପରିବର୍ତ୍ତନର କାରଣ ହେଉଛି ବାୟୁମଣ୍ଡଳକୁ ନିର୍ଗତ ସବୁଜ ଗୃହ ଗ୍ୟାସ୍ । ଏହା ମଧ୍ୟରେ ଅଙ୍ଗାରକାମ୍ଳ ହେଉଛି ପ୍ରମୁଖ । ଯାହା କଳକାରଖାନା, ବିଦ୍ୟୁତ କେନ୍ଦ୍ର ଓ ଯାନବାହନର ଜୀବାଶ୍ମ ଇନ୍ଧନର ଦହନ ଯୋଗୁଁ ବାୟୁମଣ୍ଡଳ ପ୍ରଦୂଷିତ ହେଉଛି ।

କଳକାରଖାନାରୁ ନିର୍ଗତ ବିଷାକ୍ତ ଗ୍ୟାସ୍ ଯୋଗୁଁ ବାୟୁମଣ୍ଡଳ ଏବଂ ବର୍ଜ୍ୟଜଳ ନିଷ୍କାସନ ଯୋଗୁଁ ଜଳ ପ୍ରଦୂଷିତ ହେଉଛି । ଆଜି ଅନେକ ନଦୀର ଜଳ ଏଭଳି ପ୍ରଦୂଷିତ ହୋଇଛି ଯେ, ସେଗୁଡ଼ିକର ଜଳ ପାନୀୟଯୋଗ୍ୟ ନୁହେଁ । କେତେକ ମଧ ସ୍ନାନଯୋଗ୍ୟ ହୋଇନାହିଁ । ବାୟୁ ପ୍ରଦୂଷଣ ଯୋଗୁଁ ୨୦୨୩ ମସିହାରେ କେବଳ ଭାରତରେ କୋଡ଼ିଏ ଲକ୍ଷ ଲୋକ ପ୍ରାଣ ହରାଇଥିବାର ଏକ ଅଧ୍ୟୟନରୁ ଜଣାପଡ଼ିଛି । ପୃଥିବୀରୁ କ୍ରମଶଃ ଜଙ୍ଗଲ ପରିମାଣ ହ୍ରାସ ପାଇବାରେ ଲାଗିଛି, ଯାହା ବୃଷ୍ଟିପାତକୁ ପ୍ରଭାବିତ କରୁଛି । ଜଙ୍ଗଲ କ୍ଷୟ ଯୋଗୁଁ ବନ୍ୟଜନ୍ତୁ ଖାଦ୍ୟ ଅନ୍ୱେଷଣରେ ଜନବସତି ଆଡ଼କୁ ଆସୁଛନ୍ତି । ଫଳରେ ମନୁଷ୍ୟ-ବନ୍ୟଜୀବ ସଂଘର୍ଷରେ ଅନେକ ଜନ୍ତୁ ସହିତ ଅନେକ ଲୋକ ମଧ ପ୍ରାଣ ହରାଉଛନ୍ତି । ପୃଥିବୀର ଅନ୍ୟ ଏକ ପରିବେଶଗତ ସମସ୍ୟା ହେଉଛି ପ୍ଲାଷ୍ଟିକ୍ । ପ୍ଲାଷ୍ଟିକ୍ ହେଉଛି ଗୋଟିଏ ଦରକାରୀ ପଦାର୍ଥ । ଅନେକ ବସ୍ତୁ ନିର୍ମାଣରେ ଏହା ବ୍ୟବହୃତ ହେଉଛି । ଶସ୍ତା ଓ ହାଲୁକା ହୋଇଥିବାରୁ ଏହା ଲୋକପ୍ରିୟ ହୋଇପାରିଛି । କିନ୍ତୁ ଏହା ଜୈବବିଘଟନକାରୀ ପଦାର୍ଥ ନୁହେଁ । ଏଣୁ ବର୍ଜ୍ୟ ପ୍ଲାଷ୍ଟିକ୍ ପରିବେଶରେ ଅନେକ ବର୍ଷ ପଡ଼ି ରହି ଏହାକୁ ପ୍ରଦୂଷିତ କରୁଛି । ଏପରିକି ମହାସାଗରରେ ଏହା ଜଳଚର ପ୍ରାଣୀଙ୍କ ପାଇଁ ବିପଦ ହୋଇଛି ।

ଏହିପରି ଅନେକ ପାରିବେଶିକ ସମସ୍ୟା ଦେଇ ପୃଥିବୀ ବର୍ତ୍ତମାନ ଗତି କରୁଛି । ଯଦି ଏହାକୁ ନିୟନ୍ତ୍ରଣ କରା ନ ଯାଏ, ତାହାହେଲେ ପୃଥିବୀରୁ ଜୀବଜଗତ ଲୋପ ପାଇଯିବାର ଆଶଙ୍କା ରହିଛି । ଅବଶ୍ୟ ପରିବେଶ ସୁରକ୍ଷା ପାଇଁ ବିଭିନ୍ନ ଅନୁଷ୍ଠାନ କାର୍ଯ୍ୟ କରୁଛନ୍ତି । ବିଭିନ୍ନ ଦେଶର କେତେକ ମିଳିତ କାର୍ଯ୍ୟକ୍ରମ ମଧ ଚାଲିଛି ।

ପରିବେଶ ସୁରକ୍ଷାର ସଚେତନତା ପାଇଁ ପ୍ରତିବର୍ଷ ଅପ୍ରେଲ ୨୨ ତାରିଖକୁ ' ବିଶ୍ୱ ପୃଥିବୀ ଦିବସ' ଭାବେ ସମଗ୍ର ପୃଥିବୀରେ ପାଳନ କରାଯାଉଛି । ଉଦ୍ଦେଶ୍ୟ ହେଉଛି, ପୃଥିବୀ ପ୍ରତି ପରିବେଶ ପ୍ରଦୂଷଣର କୁପ୍ରଭାବକୁ ଜନସାଧାରଣଙ୍କୁ ଜଣାଇବା ଏବଂ ଏହାର ବିହିତ ପ୍ରତିକାର କରିବାର ଉପାୟ ବାହାର କରିବା । ଯୁକ୍ତରାଷ୍ଟ୍ର ଆମେରିକାର ସିନେଟ୍ ସଭ୍ୟ ଗେଲର୍ଡ ନେଲସନ୍ ଏବଂ ହାର୍ଭାଡ ବିଶ୍ୱବିଦ୍ୟାଳୟର ଛାତ୍ର ଡେନିସ୍ ହେୟସ୍ ପ୍ରଥମେ ୧୯୭୦ ମସିହା ଅପ୍ରେଲ ୨୨ ତାରିଖରେ 'ପୃଥିବୀ ଦିବସ' ପାଳନ କରିଥିଲେ । ଏଥିରେ ଆମେରିକାର ପ୍ରାୟ ଦୁଇ କୋଟି ଲୋକ ଭାଗ ନେଇଥିଲେ । ୧୯୯୦ ମସିହାରେ ସେମାନେ ଏହାକୁ ଜାଗତିକସ୍ତରରେ ପାଳନ କଲେ । ଏବେ ଏହା ସମସ୍ତ ଦେଶରେ ପାଳିତ ହେଉଛି ।

ଚଳିତ ବର୍ଷ 'ବିଶ୍ୱ ପୃଥିବୀ ଦିବସ' ପାଳନର ଚର୍ଚ୍ଚାର ବିଷୟ ହେଉଛି "ଆମ କ୍ଷମତା, ଆମ ଗ୍ରହ" । ଏଠାରେ 'କ୍ଷମତା' ଦୁଇଟି ଅର୍ଥକୁ ବୁଝାଉଛି । ପ୍ରଥମତଃ ଏହା ହେଉଛି ବିଦ୍ୟୁତ୍ ଶକ୍ତି ଯାହା ଆମକୁ ଆଲୋକ ପ୍ରଦାନ କରୁଛି, ଆମ କଳକାରଖାନାକୁ ଚଳାଉଛି ଏବଂ ଆମ ଜୀବନର ଏକ ଅପରିହାର୍ଯ୍ୟ ବସ୍ତୁରେ ପରିଣତ ହୋଇଛି । ବର୍ତ୍ତମାନ ପୃଥିବୀର ପ୍ରାୟ ଅଧା ବିଦ୍ୟୁତ୍ ତାପଜ କେନ୍ଦ୍ରରୁ ଉତ୍ପାଦିତ ହେଉଛି, ଯାହା ବାୟୁ ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନର ମୁଖ୍ୟ କାରଣ । ଏଣୁ ସମୟ ଆସିଛି ଆମକୁ ବିକଳ୍ପ ପରିଷ୍କାର ଶକ୍ତି ଉତ୍ସ ଉପରେ ନିର୍ଭର କରିବାକୁ ପଡ଼ିବ । ଜଳବିଦ୍ୟୁତ୍, ସୌର ବିଦ୍ୟୁତ୍ ଓ ପବନ ବିଦ୍ୟୁତ୍ ହେଉଛି ଏହାର ଉଦାହରଣ । ଆମକୁ ଏହାକୁ ଅଧିକ ବିକଶିତ କରିବାକୁ ପଡ଼ିବ ।

'କ୍ଷମତା'ର ଦ୍ୱିତୀୟ ଅର୍ଥ ହେଉଛି ବ୍ୟକ୍ତିଗତ କାର୍ଯ୍ୟ ଓ ପ୍ରଭାବ । ପ୍ରତ୍ୟେକ ଗୃହରେ ଯଦି ପ୍ରତ୍ୟେକ ବ୍ୟକ୍ତି ନିଜ ଉଦ୍ୟମରେ ବୃକ୍ଷରୋପଣ କରେ, ନିଜ ଘରେ ସୌରଫଳକ ସ୍ଥାପନ କରି ବିଦ୍ୟୁତ୍ ବ୍ୟବହାର କରେ, ଏକକ-ବ୍ୟବହୃତ ପ୍ଲାଷ୍ଟିକ୍ ବ୍ୟବହାର ନକରେ ଏବଂ ନିଜ ଘର ଚାରିପଟ ପରିଷ୍କାର ରଖେ, ତାହାହେଲେ ପରିବେଶ ସୁସ୍ଥ ରହିବ । ପୃଥିବୀ ମାତାର ଆଶୀର୍ବାଦ ଆମ ଉପରେ ରହିବ । ଏହା ନିଶ୍ଚିତ ଭାବରେ ଜଣେ ବ୍ୟକ୍ତିର କ୍ଷମତା ପରିସରରେ ଅଛି, ଖାଲି ତାକୁ ଚେଷ୍ଟା କରି ଏହି ସବୁ କାର୍ଯ୍ୟ କରିବାକୁ ପଡ଼ିବ । ଆମ ଗ୍ରହକୁ ରକ୍ଷା କରିବାକୁ ହେବ ।

ଯଥାର୍ଥରେ ବିଶ୍ୱରେ ପୃଥିବୀର ଅନନ୍ୟତାକୁ ରକ୍ଷା କରିବା ପାଇଁ 'ପୃଥିବୀ ଦିବସ' ହେଉଛି ଆମ ପାଇଁ ଏକ ଆହ୍ୱାନ ଏବଂ 'ଆମ କ୍ଷମତା, ଆମ ଗ୍ରହ' ସ୍ଲୋଗାନ ହେଉଛି ଏକ ଯଥୋଚିତ ପଦ । ■

ସମ୍ପାଦକ, ସାଇନ୍ସ ହୋରିଜନ,
୭୦, ଲକ୍ଷ୍ମୀବିହାର ଫେଜ୍-୧
ଭୁବନେଶ୍ୱର-୭୫୧୦୧୮
ମୋ: ୯୪୩୮୬୯୩୭୨୪

## ଉତ୍ତପ୍ତ ପରିବେଶ, ଉଦାସ ପୃଥିବୀ

**ଅନନ୍ତ ଅନ୍ତରୀକ୍ଷରେ ଆମର ପୃଥିବୀ ଏକମାତ୍ର ଗ୍ରହ ଯେଉଁଠି ଜୀବନ ସମ୍ଭବ ହୋଇଛି । ପୃଥିବୀରେ ଜୀବନ ବଞ୍ଚିବା ପାଇଁ କିଛି ଅନୁକୂଳ ପରିବେଶ ରହିଛି, ଯାହା ଅନ୍ୟ କୌଣସି ଗ୍ରହରେ ନାହିଁ । ପ୍ରଥମତଃ, ପୃଥିବୀର ତାପମାତ୍ରା ପରିସରରେ ଜୀବନ ନିମନ୍ତେ ମୁଖ୍ୟ ଆବଶ୍ୟକତା ଜଳ ନିଜର ସମସ୍ତ ତିନୋଟି ରୂପ ଯଥା କଠିନ, ତରଳ ଓ ଗ୍ୟାସୀୟ ଅବସ୍ଥାରେ ରହିପାରେ । ଦ୍ୱିତୀୟତଃ, ପୃଥିବୀର ଏକ ବାୟୁମଣ୍ଡଳ ଅଛି, ଯେଉଁଥିରେ ବିଭିନ୍ନ ଜୀବନ ରକ୍ଷାକାରୀ ଗ୍ୟାସ୍ ଉପଯୁକ୍ତ ଅନୁପାତରେ ଉପଲବ୍ଧ ଅଛନ୍ତି । ଆମ ବାୟୁମଣ୍ଡଳରେ ଥିବା ବିଭିନ୍ନ ସବୁଜଘର ବାଷ୍ପ ସୂର୍ଯ୍ୟର ତାପରଶ୍ମିକୁ ଶୋଷଣ କରିବା ଦ୍ୱାରା ପୃଥିବୀରେ ଜୀବନରକ୍ଷା ପାଇଁ ଆବଶ୍ୟକୀୟ ତାପମାତ୍ରା ସୃଷ୍ଟି ହୋଇଥାଏ । ଆମ ବାୟୁମଣ୍ଡଳର ଏହି ସବୁଜଘର ବାଷ୍ପଙ୍କ ବିନା ପୃଥିବୀର ହାରାହାରି ତାପମାତ୍ରା ଏବେକାର ୧୪ ଡିଗ୍ରୀ ସେଲସିୟସ୍ ପରିବର୍ତ୍ତେ –୧୮ ଡିଗ୍ରୀ ସେଲସିୟସ୍ ମୂଲ୍ୟରେ ପହଞ୍ଚି ଥାଆନ୍ତା, ଯେଉଁଥିରେ ଜୀବନ ବଞ୍ଚିବା ସମ୍ଭବପର ନୁହେଁ । ତୃତୀୟତଃ, ଆମ ପୃଥିବୀର ଉର୍ଦ୍ଧ୍ୱ ବାୟୁମଣ୍ଡଳରେ ଏକ ଓଜୋନସ୍ତର ରହିଛି, ଯାହା ଏକ କବଚ ଭଳି ସୂର୍ଯ୍ୟରୁ ଆସୁଥିବା ମାରାତ୍ମକ ଅତି ବାଇଗଣି ରଶ୍ମିକୁ ଶୋଷି ନେଇ ପୃଥିବୀପୃଷ୍ଠରେ ଜୀବଜଗତକୁ ରକ୍ଷା କରେ । ପ୍ରକୃତିରେ ଉପଲବ୍ଧ ଏହିସବୁ କାରଣରୁ ପୃଥିବୀର ଜଳ, ସ୍ଥଳ ଓ ବାୟୁରେ ଏକ ବିଶାଳ ବିବିଧତା ବିଶିଷ୍ଟ ଜୀବଜଗତର ଅଭ୍ୟୁଦୟ ଘଟିଛି ।**



ନିକୁଞ୍ଜ ବିହାରୀ ସାହୁ

ଘୋର ପରିତାପର ବିଷୟ ଯେ, ଆମ ପୃଥିବୀର ପୂର୍ବର ସେ ମାଧୁର୍ଯ୍ୟ ଓ ମାଦକତା ଏବେ ଆଉ ନାହିଁ । ପ୍ରକୃତି ସହିତ ମନୁଷ୍ୟର ହସ୍ତକ୍ଷେପ କାରଣରୁ ବିଶ୍ୱତାପନ ପ୍ରକ୍ରିୟା ଫଳରେ ବିଶ୍ୱରେ ଜଳବାୟୁ ପରିବର୍ତ୍ତନ ଘଟୁଛି । ବିଶେଷକରି, କୋଇଲା, ପେଟ୍ରୋଲିୟମ ଭଳି ଜୀବାଶ୍ମ ଇନ୍ଧନ ଦହନରୁ ଉତ୍ପନ୍ନ କିଛି ସବୁଜଘର ବାଷ୍ପ ସୂର୍ଯ୍ୟର ବିକିରିତ ତାପରଶ୍ମିକୁ ଅତ୍ୟଧିକ ଶୋଷଣ ଦ୍ୱାରା ପୃଥିବୀର ତାପମାତ୍ରା କ୍ରମେ ବଢ଼ିବାରେ ଲାଗିଛି । ଏହା କୌଣସି ଅଞ୍ଚଳର ଏକ ସ୍ଥାନୀୟ ସମସ୍ୟା ନୁହେଁ, ବରଂ ଏକ ବୈଶ୍ୱିକ ସମସ୍ୟା । ଏହା ସାରା ବିଶ୍ୱର ବୃଷ୍ଟିପାତ, କୃଷି ଉତ୍ପାଦନ, କ୍ରାନ୍ତିମଣ୍ଡଳୀୟ ଝଡ଼ ତଥା ବନ୍ୟା ମରୁଡ଼ି ଭଳି ଚରମ ପାଣିପାଗ ଜନିତ ପରିଣାମର ସଂଖ୍ୟା ବୃଦ୍ଧି ଏବଂ ସାରା ବିଶ୍ୱର ପାଣିପାଗ ଜଳବାୟୁକୁ ପ୍ରଭାବିତ କରୁଥିବା ଏଲ୍-ନିନୋ ଶୃଙ୍ଖଳାକୁ ବିଶେଷ ପ୍ରଭାବିତ କରିଛି । ଆହୁରି ମଧ୍ୟ, ସମୁଦ୍ରର ଜଳରାଶି ଅତ୍ୟଧିକ ଅଙ୍ଗାରକାମ୍ଳ ଗ୍ୟାସ୍ ଶୋଷଣ କରିବା ହେତୁ ଅମ୍ଳୀୟ ପାଲଟି ଯାଉଛି । ଏହାଦ୍ୱାରା ମାଛମାନଙ୍କ ଜନ୍ମସ୍ଥଳୀ ସମୁଦ୍ରର ପ୍ରବାଳ ପ୍ରାଚୀର ବିଶେଷ କ୍ଷତିଗ୍ରସ୍ତ ହେବା ଦ୍ୱାରା ବିଶ୍ୱସାରା ମତ୍ସ୍ୟ ଉତ୍ପାଦନ ଘୋର ବାଧାପ୍ରାପ୍ତ ହୋଇଛି ।

ଖରାଦିନର ତାପମାତ୍ରା ଏବେ ୪୫ ଡିଗ୍ରୀ ତାପମାତ୍ରା ଛୁଇଁବାକୁ ବସିଲାଣି । ମୌସୁମୀ ଆଜି ଅନିୟମିତ ଓ ଛନ୍ଦହରା। ବିଶ୍ୱତାପନର ଯଦି ଏହି ପ୍ରକ୍ରିୟା ଅବ୍ୟାହତ ରହେ, ତେବେ ଚଳିତ ଶତାବ୍ଦୀର ଶେଷ ସୁଦ୍ଧା ବିଶ୍ୱର ତାପମାତ୍ରା ପ୍ରାକ-ଶିଳ୍ପ ବିପ୍ଳବ ସ୍ଥିତି ତୁଳନାରେ ୨.୭ ଡିଗ୍ରୀ ତାପମାତ୍ରା ଅଙ୍କ ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ଆକଳନ କରାଯାଏ ଯାହା ନିରାପଦ ମୂଲ୍ୟଠାରୁ ଯଥେଷ୍ଟ ଅଧିକ । ଏହା ପ୍ରକୃତିର ମନୁଷ୍ୟର ମନମୁଖୀ କାର୍ଯ୍ୟକଳାପ ବିରୁଦ୍ଧରେ କ୍ରୁର ପ୍ରତିକ୍ରିୟା ନୁହେଁ ତ ଆଉ କ'ଣ !

ଜଳବାୟୁ ପରିବର୍ତ୍ତନ ବିଶ୍ୱସାରା ଲୋକମାନଙ୍କର ଜୀବନ ଜୀବିକାକୁ ବହୁଳ ଭାବେ ପ୍ରଭାବିତ କରିଛି । ଏହାଦ୍ୱାରା ବିଶ୍ୱର ବିକାଶଶୀଳ ଓ ଦ୍ୱୀପ ଦେଶସବୁରେ ବାସ କରୁଥିବା ମୂଳ ଅଧିବାସୀ ଓ ସମୁଦାୟମାନେ ସବୁଠାରୁ ବେଶୀ କ୍ଷତିଗ୍ରସ୍ତ ହେବେ ବୋଲି ଆଶଙ୍କା ପ୍ରକାଶ କରାଯାଏ ଯେହେତୁ ସେମାନେ ଏକ ଚିରାଚରିତ ଜୀବନଶୈଳୀ ସହିତ କେଉଁ ଆବାହମାନ କାଳରୁ ଅଭ୍ୟସ୍ତ ଏବଂ ପ୍ରକୃତିର ଏହି ଆହ୍ୱାନର ମୁକାବିଲା କରିବା ନିମନ୍ତେ ସେମାନଙ୍କ ନିକଟରେ ଯଥେଷ୍ଟ ସମ୍ବଳ କିମ୍ବା ପ୍ରଯୁକ୍ତିଗତ ଜ୍ଞାନକୌଶଳ ଉପଲବ୍ଧ ନାହିଁ ।

ବିଶ୍ୱ ତାପନର ପ୍ରଭାବ ଆମ ରାଜ୍ୟ ଓଡ଼ିଶାରେ ମଧ ଦେଖିବାକୁ ମିଳିଛି । ଲଘୁଚାପ, ଘୂର୍ଣ୍ଣିଝଡ଼ ଏବଂ ଅବପାତ ଜନିତ ବୃଷ୍ଟିପାତ ଏବେ ଆମ ରାଜ୍ୟବାସୀଙ୍କ ପାଇଁ ଏକ ସାଧାରଣ ଘଟଣା ପାଲଟି ଗଲାଣି । ଅଦିନିଆ ଓ ଅନିୟମିତ ବୃଷ୍ଟିପାତ ଫଳରେ ଚାଷୀମାନେ ଗୁରୁତର କ୍ଷତିଗ୍ରସ୍ତ ହେଉଛନ୍ତି । ଲଗାଣ ବନ୍ୟା ଏବଂ ମରୁଡ଼ି ରାଜ୍ୟ ଅର୍ଥନୀତିକୁ ଗୁରୁତର ପ୍ରଭାବିତ କରିଥିଲାବେଳେ ଅଦିନିଆ ବର୍ଷା ଓ ଫସଲହାନି ଚାଷୀଙ୍କର ମେରୁଦଣ୍ଡ ଭାଙ୍ଗି ଦେଇଥିଲା । ପ୍ରକୃତି ଚିରଦିନ ମଧୁର ଓ ଉଦାର । ମାତ୍ର ପ୍ରକୃତି ସହିତ ହସ୍ତକ୍ଷେପ କଲେ ଏହା ପାଲଟି ଯାଏ ଉତ୍ତପ୍ତ ଓ ଉଦାସ । ତେବେ ଆଜିର ଏହି ବିପର୍ଯ୍ୟୟ ଓ ଅବକ୍ଷୟ ପ୍ରକୃତିର ମନୁଷ୍ୟ ପ୍ରତି ବିଦ୍ରୂପ ନୁହେଁ କି?

ଆମକୁ ମନେ ରଖିବାକୁ ହେବ ଯେ, ପୃଥିବୀର ସୁରକ୍ଷା ନିମନ୍ତେ ପଦକ୍ଷେପ ନେବାକୁ ହେଲେ ଆମକୁ ମିଳିତ ଭାବେ କାର୍ଯ୍ୟ କରିବାକୁ ପଡ଼ିବ । ଏଥିପାଇଁ କୌଣସି ରାଜନୈତିକ କିମ୍ବା ଭୌଗୋଳିକ ସୀମାବଦ୍ଧ ଭିତ୍ତିରେ କାର୍ଯ୍ୟ କଲେ ଚଳିବନି (ଯେହେତୁ ଆମ ପୃଥିବୀ ମଣିଷର ବାସସ୍ଥଳୀ ସମେତ ଏକ ଅବିଭକ୍ତ ଜୀବମଣ୍ଡଳ), ବରଂ ସାମଗ୍ରିକ ଭାବେ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ପଡ଼ିବ । ବିଶ୍ୱ ପାଇଁ ଚିନ୍ତନ, ସ୍ଥାନୀୟ ଭାବେ ଉଦ୍ୟମ - ଏହା ଆମର ମନ୍ତ୍ର ହେବା ଉଚିତ । ସୁତରାଂ ଆମେ ଆମ ପୃଥିବୀର ସୁରକ୍ଷା ପାଇଁ ଏବେ ଯାହା କାର୍ଯ୍ୟ କରିବା, ତାହା ଆଗାମୀ ପିଢ଼ି ପାଇଁ ଆମ ଗ୍ରହରେ ଜୀବନର ମୂଳଦୂଆକୁ ଯେ ସୁଦୃଢ଼ କରିବାରେ ସହାୟକ ହେବ ଏଥିରେ ସନ୍ଦେହ ନାହିଁ । ■

ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର
ଭୁବନେଶ୍ୱର, ମୋ: ୮୯୧୭୬୩୭୯୭୪



# ସମ୍ପାଦକୀୟ



ନୂଆ ପ୍ରଶ୍ନ ଓ ନୂଆ ସମ୍ଭାବନାର ସନ୍ଧାନ ସବୁବେଳେ ସୃଜନାତ୍ମକ ଚିନ୍ତାଧାରାକୁ ଇଙ୍ଗିତ କରେ।
-ଆଲବର୍ଟ ଆଇନଷ୍ଟାଇନ୍

ସକାଳ
THE SAKALA

## ଦକ୍ଷିଣ ଓଡ଼ିଶାକୁ ଉପେକ୍ଷା!

ଦକ୍ଷିଣ ଓଡ଼ିଶାର ଗଜପତି ଓ ମାଲକାନଗିରି ଜିଲ୍ଲାରେ ରାଜ୍ୟ ସରକାର ଦୁଇଟି ଆୟୁର୍ବେଦ ଭେଷଜ ମହାବିଦ୍ୟାଳୟ ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ଚଳିତ ଆର୍ଥିକ ବର୍ଷର ବଜେଟ୍ ଅଭିଭାଷଣରେ ସ୍ଥାନିତ ଏହି ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ପାଇଁ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ମେଡିକାଲ୍ କଲେଜ୍ ପାଇଁ ଜମି ଚିହ୍ନଟ କରିବାକୁ ସରକାର ସମ୍ପୃକ୍ତ ଜିଲ୍ଲାପାଳମାନଙ୍କୁ ଇତିମଧ୍ୟରେ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି। ସରକାରଙ୍କ ତତ୍ପରତା ସ୍ୱାଗତଯୋଗ୍ୟ; କିନ୍ତୁ ଦୃଷ୍ଟିକୋଣ ସମ୍ପ୍ରସାରଣରେ ବାଧକଟିଏ ଦେଖାଯାଉଛି।

ଗଜପତି ଓ ମାଲକାନଗିରି କେବଳ ଆଦିବାସୀ ଅଧ୍ୟୁଷିତ ଓ ଗରିବ ଜିଲ୍ଲା ଭାବେ ପରିଗଣିତ ହେଉନାହିଁ; ଉପାନ୍ତ ଓ ଦୁର୍ଗମ ଅଞ୍ଚଳ ଭାବେ ଏହି ଦୁଇଟି ଜିଲ୍ଲାର ଭୌଗୋଳିକ ସ୍ଥିତି ଅତି ସମ୍ବେଦନଶୀଳ। ତେଣୁ ଏହି ଦୁଇଟି ଜିଲ୍ଲାରେ ସ୍ୱାସ୍ଥ୍ୟ ସେବା ପରି ମୌଳିକ ସୁବିଧାସୁଯୋଗର ସର୍ବାଧିକ ଆବଶ୍ୟକତା ରହିଛି। ଅଥଚ ଭେଷଜ ମହାବିଦ୍ୟାଳୟ ବା ଉଚ୍ଚ ଓ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଭଳି ଅନୁଷ୍ଠାନଠାରୁ ଏହି ଦୁଇ ଜିଲ୍ଲାବାସୀ ବହୁଦୂରରେ। କୌଣସି ଦୁରାରୋଗ୍ୟ କିମ୍ବା ଆପତ୍କାଳୀନ ଚିକିତ୍ସା ପାଇଁ ଗଜପତି ଓ ମାଲକାନଗିରି ଜିଲ୍ଲାବାସୀଙ୍କ ପାଇଁ ନିକଟତମ ଉନ୍ନତ ଚିକିତ୍ସା କେନ୍ଦ୍ରର ଏକମାତ୍ର ସାଧନ ହେଉଛି ବ୍ରହ୍ମପୁର ମେଡିକାଲ କଲେଜ୍। ତା' ନ ହେଲେ ପଡ଼ୋଶୀ ଆନ୍ଧ୍ରପ୍ରଦେଶ ହିଁ ବିକଳ୍ପ ଭରସା। ଏହାର ଫାଇଦା ନେଇ ଆନ୍ଧ୍ରପ୍ରଦେଶର ନର୍ସିଂହୋମ୍, ଘରୋଇ ଡାକ୍ତରଖାନାଗୁଡ଼ିକ ଓଡ଼ିଶାବାସୀଙ୍କଠାରୁ ମାତ୍ରାଧିକ ଶୋଷଣ କରୁଛନ୍ତି। ତେଣୁ ଆର୍ଥିକ ଦୃଷ୍ଟିରୁ ଅସ୍ୱଚ୍ଛଳ ଏହି ଦୁଇ ଜିଲ୍ଲାବାସୀଙ୍କ ପାଇଁ ଉନ୍ନତମାନର ସ୍ୱାସ୍ଥ୍ୟ ସେବା ଏକପ୍ରକାର ଦୁର୍ଲଭ ହୋଇପଡ଼ିଛି।

ଏହି ପୃଷ୍ଠଭୂମିରେ ସରକାର ଏହି ଦୁଇ ଜିଲ୍ଲାରେ ଆୟୁର୍ବେଦିକ ମହାବିଦ୍ୟାଳୟ ବଦଳରେ ଏଲୋପାଥିକ ମେଡିକାଲ୍ କଲେଜ୍ ଖୋଲିବା ଦିଗରେ ଦୃଷ୍ଟି ଦେଇଥିଲେ ଅନେକ ଦୃଷ୍ଟିରୁ ଉତ୍ତମ ହୋଇଥା'ନ୍ତା। ଆୟୁର୍ବେଦ ଆମ ଭାରତୀୟ ପ୍ରାଚୀନ ଚିକିତ୍ସା ଶାସ୍ତ୍ରର ଆଦି ଭିତ୍ତି ଏହା ଅନସ୍ୱୀକାର୍ଯ୍ୟ। କିନ୍ତୁ ଅତ୍ୟାଧୁନିକ ରୋଗ ଚିକିତ୍ସାରେ ଏହା ତତ୍କାଳ ଫଳପ୍ରଦ ହୋଇପାରୁ ନ ଥିବାରୁ ଲୋକେ ଏହା ଉପରେ ଭରସା କରିପାରୁନାହାନ୍ତି। ତେଣୁ ଏଠାରେ ଆୟୁର୍ବେଦିକ ମେଡିକାଲ୍ କଲେଜ୍ ଖୋଲିଲେ ଯେ ଏହି ଦୁଇ ଜିଲ୍ଲାବାସୀ ଏହାର କୌଣସି ସୁଫଳ ପାଇପାରିବେ ସେ ଆଶା ଦେଖାଯାଉନାହିଁ। ଏହାଛଡ଼ା ଏହି ଦୁଇ ଜିଲ୍ଲାରେ ଅଶିକ୍ଷା ଓ ଅନ୍ଧବିଶ୍ୱାସ ଯୋଗୁଁ ରୋଗ ମୃତ୍ୟୁ ହାର ତୁଳନାତ୍ମକ ଭାବେ ଅଧିକ ହୋଇଥିବାରୁ ଉନ୍ନତ ମାନର ଚିକିତ୍ସାଳୟର ଆବଶ୍ୟକତା ଉପକୂଳ ଓଡ଼ିଶା ତୁଳନାରେ ବହୁ ଅଧିକ। ଅଥଚ ମେଡିକାଲ୍ କଲେଜ୍ ପ୍ରତିଷ୍ଠାରେ ଏହି ଦୁଇ ଉପାନ୍ତ ଜିଲ୍ଲାକୁ ଉପେକ୍ଷା କରିବା ପଛରେ ସରକାରଙ୍କ ଉଦ୍ଦେଶ୍ୟ ଅବୁଝା ରହୁଛି।

ଜଙ୍ଗଲବହୁଳ ଏହି ଦୁଇ ଜିଲ୍ଲାରେ ଚେରମୂଳିର ପ୍ରାଚୁର୍ଯ୍ୟ ଦୃଷ୍ଟିରୁ ଯଦି ସେଠାରେ ସରକାର ଆୟୁର୍ବେଦିକ ମେଡିକାଲ୍ କଲେଜ୍ ପ୍ରତିଷ୍ଠା କରିବାକୁ ଚାହୁଁଥିବେ ତେବେ ଭିନ୍ନ କଥା। ଉକ୍ତ ଦୁଇ ଜିଲ୍ଲାର ପ୍ରଚୁର ବିଶୁଦ୍ଧ କଞ୍ଚାମାଲ୍ ଉପଯୋଗରେ ଉନ୍ନତମାନର ଆୟୁର୍ବେଦ ଔଷଧ ଉତ୍ପାଦନର ସମ୍ଭାବନା ବହୁଳ। ତେଣୁ ସରକାର ସେଠାରେ ବରଂ ଆୟୁର୍ବେଦ ଔଷଧ ଶିଳ୍ପ ପ୍ରତିଷ୍ଠା ଦିଗରେ ଦୃଷ୍ଟି ଦିଅନ୍ତୁ। ଏହାଦ୍ୱାରା ସୁଲଭ ମୂଲ୍ୟରେ କଞ୍ଚାମାଲ୍ ସହିତ ଉନ୍ନତ ମାନର ଔଷଧ ଉତ୍ପାଦନ ଓ ରପ୍ତାନି ଜରିଆରେ ରାଜ୍ୟ ସରକାରଙ୍କ ରାଜକୋଷ ପୁଷ୍କଳ ହେବ। ସ୍ଥାନୀୟ ଲୋକଙ୍କୁ ପର୍ଯ୍ୟାପ୍ତ ନିଯୁକ୍ତି ମିଳିବ ଏବଂ ସେମାନଙ୍କର ସାମାଜିକ-ଆର୍ଥିକ ମାନଦଣ୍ଡ ସ୍ୱଚ୍ଛଳ ହେବ। ଏଥିରେ ସ୍ଥାନୀୟ ଜନସାଧାରଣଙ୍କୁ ଯେଭଳି ତତ୍କାଳ ଫାଇଦା ମିଳିବ ତାହା ଆୟୁର୍ବେଦିକ ମେଡିକାଲ୍ କଲେଜ୍ ସ୍ଥାପନାରେ ମିଳିପାରିବ ନାହିଁ।

ଗଜପତି ଓ ମାଲକାନଗିରି ଜିଲ୍ଲାରେ ନକ୍ସଲ୍ ଉପଦ୍ରବ ହ୍ରାସ ପାଇଥିଲେ ହେଁ ସମ୍ପୂର୍ଣ୍ଣ ବିଲୋପ ହୋଇନାହିଁ। ଅପରପକ୍ଷରେ ପଡ଼ୋଶୀ ଆନ୍ଧ୍ରପ୍ରଦେଶର ଲୋଲୁପ ଦୃଷ୍ଟି ସବୁବେଳେ ଏହି ଦୁଇ ଜିଲ୍ଲାର ସୀମାନ୍ତ ଗ୍ରାମଗୁଡ଼ିକ ଉପରେ ରହିଛି। ଶିକ୍ଷା, ସ୍ୱାସ୍ଥ୍ୟ ଆଦି ମୌଳିକ ସୁବିଧା ସୁଯୋଗର ଅଭାବ ଦର୍ଶାଇ ଆନ୍ଧ୍ରପ୍ରଦେଶ ଉପାନ୍ତ ଓଡ଼ିଶାବାସୀଙ୍କୁ ପ୍ରଲୋଭିତ କରିଚାଲିଛି। ତେଣୁ ସେଠାରେ ଦୁଇଦୁଇଟି ମେଡିକାଲ୍ କଲେଜ୍ ପ୍ରତିଷ୍ଠା ହେଲେ ସ୍ୱାସ୍ଥ୍ୟ ସେବା ପରି ମୌଳିକ ସୁବିଧା ସୁଯୋଗର ଉପଲବ୍ଧି ହାର ବଢ଼ିବ। ଆନ୍ଧ୍ରର ପ୍ରଭାବ ମଧ୍ୟ ହ୍ରାସ ପାଇବ। ଏହାଛଡ଼ା ଆଖପାଖ ଜିଲ୍ଲାର ଗରିବ ଅଧିବାସୀମାନେ ଉପକୃତ ହେବେ। ତେଣୁ ଆମର ଅନୁରୋଧ ସରକାର ବରଂ ଆୟୁର୍ବେଦିକ ମେଡିକାଲ୍ କଲେଜ୍ ପ୍ରତିଷ୍ଠା ନିଷ୍ପତ୍ତି ଉପକୂଳ ଓଡ଼ିଶାକୁ ସ୍ଥାନାନ୍ତର କରନ୍ତୁ ଏବଂ ଉପାନ୍ତ ଜିଲ୍ଲାରେ ଏଲୋପାଥିକ ମେଡିକାଲ୍ କଲେଜ୍ ସ୍ଥାପନା ପାଇଁ ପୁନଃବିଚାର କରନ୍ତୁ। ଯଦି ସରକାରୀ ସ୍ତରରେ ଏହା ସମ୍ଭବ ନୁହେଁ ବୋଲି ସରକାର ଚିନ୍ତା କରୁଛନ୍ତି ତେବେ ପିପିପି(ସରକାରୀ-ଘରୋଇ ସହଭାଗିତା)ରେ ପ୍ରତିଷ୍ଠା ପାଇଁ ଉଦ୍ୟମ କରନ୍ତୁ। ରାଜଧାନୀ ଶୈଳୀରେ ସେହି ଦୁଇ ଜିଲ୍ଲାରେ ଘରୋଇ ମେଡିକାଲ୍ କଲେଜ୍ ସ୍ଥାପନା ପାଇଁ ସରକାରୀ ସହାୟତା ଓ ପ୍ରୋତ୍ସାହନ ଯୋଗାଇ ଦେଲେ ଘରୋଇ ସଂସ୍ଥାମାନେ ଆଗ୍ରହ ପ୍ରକାଶ କରିବେ। ଉପାନ୍ତ ଅଞ୍ଚଳବାସୀଙ୍କ ଓଡ଼ିଶା ଶାସନ-ପ୍ରଶାସନ ପ୍ରତି ଭରସା ପୁନଃପ୍ରତିଷ୍ଠା ପାଇଁ ଏହା ଏକ ପ୍ରଭାବଶାଳୀ ସୁବର୍ଣ୍ଣ ସୁଯୋଗ।

ଆଞ୍ଚଳିକ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାରେ ସବୁଠାରୁ ବଡ଼ ଯୋଗଦାନ ଓ ନିର୍ଣ୍ଣାୟକ ଭୂମିକା ରହିଛି ଅଞ୍ଚଳବାସୀଙ୍କର। ତେଣୁ ଗଜପତି ଓ ମାଲକାନଗିରି ଭଳି ଦୁର୍ଗମ ଓ ଉପାନ୍ତ ଜିଲ୍ଲାରେ ମେଡିକାଲ୍ କଲେଜ୍ ପ୍ରତିଷ୍ଠା ପାଇଁ ସରକାରଙ୍କ ନିରନ୍ତର ଦୃଷ୍ଟି ଆକର୍ଷଣ ପାଇଁ ସମ୍ପୃକ୍ତ ଦୁଇ ଜିଲ୍ଲାବାସୀ ଉଦ୍ୟମ ଆରମ୍ଭ କରିବାର ଆବଶ୍ୟକ। କଥାରେ ଅଛି ଉଦ୍ୟୋଗ ବଳେ କାର୍ଯ୍ୟ ସିଦ୍ଧି। ତେଣୁ ଏବେଠାରୁ ସାମୂହିକ ଉଦ୍ୟମ ଜାରି ରହିଲେ ଈପ୍ସିତ ଲକ୍ଷ୍ୟ ହାସଲ ହୋଇପାରିବ, ଯେଉଁଥିରେ ସାମଗ୍ରିକ ଭାବେ ଦୁଇ ଉପାନ୍ତ ଜିଲ୍ଲାବାସୀଙ୍କ ସମେତ ଓଡ଼ିଶାବାସୀ ଉପକୃତ ହେବେ। ସରକାର ଏହି ପ୍ରସ୍ତାବକୁ ସମ୍ବେଦନଶୀଳତାର ସହ ଗ୍ରହଣ କରିବେ ବୋଲି ଆଶା।

## ଶକ୍ତିସଙ୍କଟରେ ଭାରତର ଅସ୍ଥିର ଭବିଷ୍ୟତ

ଡ.ବିମଳ ଷଡ଼ଙ୍ଗୀ

୧୯୪୪ ମସିହାରେ ଜନ୍ମଗ୍ରହଣ କରିଥିବା ଚେକ୍ ରିପବ୍ଲିକ୍‌ର ପ୍ରସିଦ୍ଧ ଚିନ୍ତାନାୟକ ଭାକଲାଭ ସ୍ମାଇଲଙ୍କ ମତରେ, 'ଶକ୍ତି ହେଉଛି ସଭ୍ୟତାର ସାର୍ବଭୌମ ମୁଦ୍ରା'। ଏହି ଉକ୍ତିଟି କେବଳ ଗୋଟିଏ ଦାର୍ଶନିକ ସଂଜ୍ଞା ନୁହେଁ, ବରଂ ମାନବ ସଭ୍ୟତା ଇତିହାସ ଓ ଭବିଷ୍ୟତର ମୂଳ ଦର୍ଶନ। ଶକ୍ତି ବିନା ବିକାଶର କଳ୍ପନା ଅସମ୍ଭବ। ଶିଳ୍ପ, ବିଜ୍ଞାନ, ଅର୍ଥନୀତି ଓ ମାନବ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଏହାର ଅଭିନ୍ନ ଭୂମିକା ରହିଛି।

ପ୍ରାଚୀନ କାଳରେ ଅଗ୍ନିର ଆବିଷ୍କାର ମାନବସଭ୍ୟତାର ପ୍ରଥମ ବିପ୍ଳବ ଥିଲା, ଯାହା ଖାଦ୍ୟ ପ୍ରକ୍ରିୟାକରଣ, ସୁରକ୍ଷା ଓ ଜୀବନ ରକ୍ଷାରେ ମୂଳ ଭୂମିକା ତୁଲାଇଥିଲା। ପରେ କୃଷି ଯୁଗରେ ପଶୁଶକ୍ତି ଓ ଜଳଶକ୍ତିର ବ୍ୟବହାର ମାନବ ଶ୍ରମକୁ ହ୍ରାସ କରି ଗ୍ରାମୀଣ ସଭ୍ୟତା ବିକାଶର ଆଧାର ଭାବେ ସ୍ଥାନିତ ହୋଇଥିଲା। ଶିଳ୍ପ ବିପ୍ଳବ ସମୟରେ କୋଇଲା ଓ ବାଷ୍ପ ଶକ୍ତି ଯାନ୍ତ୍ରିକ ଉତ୍ପାଦନର ଦ୍ରୁତବିକାଶ ସହିତ ରେଳପଥ, କାରଖାନା ଓ ଯାନବାହନର ବିକାଶ ମାନବ ସମାଜକୁ ନୂତନ ଦିଗଦର୍ଶନ ଦେଇଥିଲା। ପରେ ପେଟ୍ରୋଲିୟମ ଓ ବିଦ୍ୟୁତ ଶକ୍ତି ଆଧୁନିକ ଯୁଗର ଭିତ୍ତିଭୂମି ଦ୍ୱାରା ଇଣ୍ଟରନେଟ, କୃତ୍ରିମ ବୁଦ୍ଧିମତ୍ତା ଓ ଡାଟା ସେଣ୍ଟର ଭଳି ସମସ୍ତ ବ୍ୟବସ୍ଥା କେବଳ ଶକ୍ତି ନିର୍ଭରଶୀଳ। ମୋଟାମୋଟି ଭାବରେ କହିବାକୁ ଗଲେ ଶକ୍ତି ହେଉଛି ମାନବ ସଭ୍ୟତା ବିକାଶର ମୂଳପିଣ୍ଡ।

ଭାରତ ବିଶ୍ୱର ଗୋଟିଏ ବୃହତ ମାନବ ସମ୍ବଳ ଅଧିକାରୀ ଏବଂ ତୃତୀୟ ସର୍ବାଧିକ ଶକ୍ତି ଉପଭୋକ୍ତାର ରାଷ୍ଟ୍ର ହେଲେ ମଧ୍ୟ ୮୫% ଅଶୋଧିତ ତୈଳ, ପ୍ରାୟ ୯୦% ଏଲପିଜି ଆମଦାନି ନିର୍ଭରଶୀଳତା, କୋଇଲା ଉପରେ ଅଧିକ ନିର୍ଭରଶୀଳତା, ନବୀକରଣ ଶକ୍ତିରେ କ୍ଷୀଣ ଉପଯୋଗିତା ରାଷ୍ଟ୍ର ପ୍ରଗତିରେ ସ୍ଥିରତାର ଅଭାବ ସୂଚିତ କରିଥାଏ। ଫଳରେ ସ୍ୱାଧୀନତାର ୭୯ ବର୍ଷ ପରେ ମଧ୍ୟ ଆମେ ଶକ୍ତିସୁରକ୍ଷା ଓ ଆତ୍ମନିର୍ଭରଶୀଳତାରେ ଏପର୍ଯ୍ୟନ୍ତ ଅସ୍ଥିର ଏବଂ ବାହ୍ୟ ରାଷ୍ଟ୍ର ଉପରେ ନିର୍ଭରଶୀଳ। ଯଦି କୌଣସି ରାଷ୍ଟ୍ର କୋଇଲା ଜାଳି ଶକ୍ତି ଉତ୍ପାଦନ କରେ ଆମେ ସଙ୍ଗେ ସଙ୍ଗେ କୋଇଲା ଜାଳି ଶକ୍ତି ବାହାର କରିବାରେ ଲାଗିପଡୁଛନ୍ତି। ଯଦି କେହି କୁହେ ଯେ କୋଇଲା ଜଳିଲେ ପରିବେଶ ନଷ୍ଟ ହୁଏ, ସୌରଶକ୍ତି ସବୁଠାରୁ ଭଲ ଶକ୍ତିର ଉତ୍ସ, ଆମେ କିଛି ନଭାବି ସୌର ଶକ୍ତି ଉତ୍ପାଦନରେ ଲାଗିପଡ଼ିବା। ଆଉ ଆସନ୍ତାକାଲି ଯଦି ଆଉ କେହି କହିବେ ଯେ ୨୫ ବର୍ଷ ପରେ ସୌରଶକ୍ତିରେ ବ୍ୟବହୃତ ସୌରପ୍ୟାନେଲଗୁଡ଼ିକ ଭାରତକୁ ଗୋଟିଏ ଡମ୍ପୟାର୍ଡ କରିଦେବ, ଯାହା ମଧ୍ୟ ଯଥାର୍ଥ, ସେତେବେଳେ ଆମେ ନିଜର ବୁଦ୍ଧିକୁ ବିକଶିତ ନ କରି ସୌରଶକ୍ତି ବିନିଯୋଗକୁ ଗୁରୁତ୍ୱ ନଦେଇ ବାହାର ରାଷ୍ଟ୍ରରୁ ଖଣିଜ ତୈଳ କ୍ରୟ କରିବାରେ ଲାଗିପଡ଼ିବା। ଆମେ ନିଜକୁ ବା ଆମର ଭବିଷ୍ୟତ ପିଢ଼ିକୁ ସୁସ୍ଥ ଓ ସକ୍ଷମ ରଖିବା ପାଇଁ ନିଜର ବୁଦ୍ଧିକୁ ବିକଶିତ କରିବାରେ ଆଜିପର୍ଯ୍ୟନ୍ତ କାହିଁକି ଅକ୍ଷମ ତାହା ଆଜି ଚିନ୍ତାର ବିଷୟ। ପରନ୍ତୁ ଆମର ବୃହତ ମାନବ ସମ୍ବଳକୁ ନେଇ ଆମେ ବହୁତ ଗର୍ବିତ।

ଇରାନ ଓ ଆମେରିକା-ଇସ୍ରାଏଲ ଯୁଦ୍ଧ ତଥା ହର୍ମୁଜ୍ ପ୍ରଣାଳୀରେ ସଂଘର୍ଷ ଯୋଗୁଁ ଲିକୁଇଫାଏଡ ପେଟ୍ରୋଲିୟମ୍ ଗ୍ୟାସ, ଅଶୋଧିତ ତୈଳ, ଖାଇବା ତେଲ ଆଦିର ସଙ୍କଟ ଯୋଗୁଁ ଭାରତ ଚିରାଚରିତ ହତାଶାଜନକ ସଂଘର୍ଷ ଦେଇ ଗତିକରୁଛି। ଦରଦାମ ବୃଦ୍ଧି, ରୋଷେଇ ଗ୍ୟାସ ପାଇଁ ଲମ୍ବା ଲାଇନ, ଉଦ୍ୟୋଗଗୁଡ଼ିକର ଶକ୍ତିଜନିତ ସମସ୍ୟା ଓ ଶକ୍ତି ଆବଶ୍ୟକତା ନିମିତ୍ତ ଅନ୍ୟାନ୍ୟ ସମସ୍ୟା ଭାରତ ଭଳି ଗୋଟିଏ ବୃହତ ଜନସଂଖ୍ୟା ବିଶିଷ୍ଟ ରାଷ୍ଟ୍ରକୁ ଗଭୀର ଭାବରେ ଆଘାତ ଦେବା ଆରମ୍ଭ କରିଛି, ଯାହା ଆମର ଶକ୍ତି ସୁରକ୍ଷାର ଅକ୍ଷମତାକୁ ପ୍ରକାଶ କରେ। ଏଲପିଜି ସଙ୍କଟ ଘରୋଇ ଜୀବନ ସହିତ ଅର୍ଥନୀତିରେ ମଧ୍ୟ ଗଭୀର ସଙ୍କଟ ପକାଇଛି। ହୋଟେଲ ଓ ରେଷ୍ଟୁରାଣ୍ଟ ଶିଳ୍ପ ଆମର ପଥଚାରୀଙ୍କୁ ଖାଦ୍ୟ ଯୋଗାଉଥିବା ଅସଂଖ୍ୟ ରାସ୍ତାକଡ଼ ଢାବା ଓ ଭୋଜନାଳୟ ସହିତ ପ୍ରାୟ୩କୋଟି ଲୋକଙ୍କ ପାଇଁ ଗୋଟିଏ ଜୀବନରେଖା ପ୍ରଦାନ କରିଥାଏ। ସେଠାରେ କାର୍ଯ୍ୟରତ ଶ୍ରମିକମାନଙ୍କ ମଧ୍ୟରୁ ଅଧିକାଂଶ ଅସଂଗଠିତ କ୍ଷେତ୍ରରେ ନିଜର ଜୀବିକା ନିର୍ବାହ କରନ୍ତି।

ରୋଷେୟା, ସଫେଇ କର୍ମଚାରୀ, ବାସନ ସଫା କରୁଥିବା କର୍ମଚାରୀ ଓ ସହାୟକ, ଯେଉଁମାନେ ଗ୍ରାମାଞ୍ଚଳର ଦୁର୍ଦ୍ଦଶାରୁ ମୁକୁଳିବାର ଆଶା ନେଇ ସହରାଞ୍ଚଳକୁ ଧାଇଁ ଆସିଥିଲେ ସେମାନେ ଏବେ ଲକ୍ଷ ଲକ୍ଷ ସଂଖ୍ୟାରେ ଏଲପିଜି ଓ ଅନ୍ୟାନ୍ୟ ଗ୍ୟାସ ଅଭାବରୁ ନିଜ ଗ୍ରାମକୁ ଫେରିଯାଉଛନ୍ତି। ତଥ୍ୟ ଅନୁଯାୟୀ କେରଳରେ ଗତ ଦୁଇ ସପ୍ତାହ ମଧ୍ୟରେ ୧୭୦୦ରୁ ଅଧିକ ଭୋଜନାଳୟ ସେମାନଙ୍କର ବ୍ୟବସାୟ ବନ୍ଦ କରିଦେଇଛନ୍ତି। ମୁମ୍ବାଇରେ ପ୍ରାୟ ୪୫ ପ୍ରତିଶତ ହୋଟେଲର କାର୍ଯ୍ୟ ବନ୍ଦ ହୋଇଯାଇଛି। ଶ୍ରମିକମାନେ କେବଳ ସେମାନଙ୍କ କାର୍ଯ୍ୟ ହରାଇ ନାହାନ୍ତି, ବରଂ ସହରରେ ସେମାନଙ୍କର ରହିବା ସ୍ଥାନ ମଧ୍ୟ ହରାଇଛନ୍ତି। ପରିଣାମରେ ଆମେ ବର୍ତ୍ତମାନ ପୁଣିଥରେ କୋଭିଡ୧୯ ଭଳି ଆଭ୍ୟନ୍ତରୀଣ ନିର୍ବାସନର ଚିତ୍ରକୁ ଟିଭି ପରଦାରେ ବା ଅନ୍ୟ ଗଣମାଧ୍ୟମରେ ଦେଖିବାର ସୁଯୋଗ ପାଉଛନ୍ତି, ଯେଉଁଠାରେ ହଜାର ହଜାର ଶ୍ରମିକଙ୍କୁ ସେମାନଙ୍କ ଗାଁକୁ ଫେରିବାକୁ ବାଧ୍ୟ କରାଯାଉଛି। ଭାରତୀୟ ଶ୍ରମର ଭବିଷ୍ୟତ ଭାବରେ ପ୍ରାୟତଃ ପ୍ରଚାରିତ ହେଉଥିବା ଗିଗ୍ ଅର୍ଥନୀତି ବର୍ତ୍ତମାନ ଏକପ୍ରକାର ପତନର ସ୍ଥିତିରେ। ଜମାଟୋ, ସ୍ୱିଗି ଭଳି ପ୍ଲାଟଫର୍ମର ମେରୁଦଣ୍ଡ୧.୨କୋଟିରୁ ଅଧିକ ଡେଲିଭରି ପାର୍ଟନର। ସେମାନଙ୍କର ଦୈନିକ ଅର୍ଡର ୬୦ ପ୍ରତିଶତ ପର୍ଯ୍ୟନ୍ତ ହରାଇଛନ୍ତି। ଦିନକୁ ଅତିକମରେ ୩୦ଟି ଅର୍ଡର ପରିଚାଳନା କରୁଥିବା ଜଣେ ଡେଲିଭରି କର୍ମୀ ବର୍ତ୍ତମାନ ପାଞ୍ଚଟି ଅର୍ଡର ପାଇବା କାଠିକର ପାଠ ହେଉଛି। ଏହା ହେଉଛି ଆମ ଭାରତର ବାସ୍ତବତା। ବର୍ତ୍ତମାନର ସ୍ଥିତି ହଜାର ହଜାର ଯୁବପିଢ଼ିଙ୍କ ଜୀବନରେଖାକୁ ସ୍ଥାଣୁ ଓ ବେକାରି ଦିଗକୁ ସୂଚିତ କରୁଛି।

ଅଦ୍ୟାବଧି ଭାରତ ଶକ୍ତିଗ୍ରାହକଙ୍କ ଗୋଟିଏ ମହାନ ରାଷ୍ଟ୍ର ହୋଇ ରହିଛି। ମାତ୍ର ପ୍ରତିବଦଳରେ ପ୍ରତ୍ୟେକ ଛାତକୁ ଗୋଟିଏ ବିଦ୍ୟୁତ୍ କେନ୍ଦ୍ରଭାବରେ ଗଢ଼ିବାର ସ୍ୱପ୍ନଠାରୁ ବହୁଦୂରରେ। ସୌର ପ୍ୟାନେଲଗୁଡ଼ିକର ପୁନଃ ବ୍ୟବହାର କୌଶଳ ଏବେଠାରୁ ପ୍ରସ୍ତୁତ କଲେ ଭବିଷ୍ୟତରେ ତାହାକୁ ବର୍ଜ୍ୟରୁ ବଞ୍ଚାଇ ପାରିବା। ୧୯୪୪ ମସିହାରେ ଜନ୍ମିତ ଜର୍ମାନର ରାଜନେତା, ପରିବେଶବିତ ତଥା ବିଖ୍ୟାତ ଲେଖକ ହରମାନ ସେର, ଯିଏକି ଜର୍ମାନରେ ସୌର ଶକ୍ତିର ବ୍ୟବହାରକୁ ଆଗେଇ ନେଇଥିଲେ ଏବଂ କହିଥିଲେ 'ସଭ୍ୟତାର ଭବିଷ୍ୟତ ପାଇଁ ନବୀକରଣଯୋଗ୍ୟ ଶକ୍ତିକୁ ଆପଣେଇବା ନିଶ୍ଚିତ'। ଜର୍ମାନୀ ଓ ନେଦରଲ୍ୟାଣ୍ଡ ଭଳି ଦେଶରେ ଏପରି ବିକେନ୍ଦ୍ରୀକୃତ ସମବାୟ ସଂସ୍ଥାଗୁଡ଼ିକ ପୂର୍ବରୁ ଗ୍ରୀଡ୍ ଓ ଶକ୍ତି ସ୍ୱାଧୀନତାକୁ ସ୍ଥିର କରିଆସୁଛନ୍ତି। ଭାରତ ବର୍ଷକରେ ପ୍ରାୟ ୨୮୫ ଦିନରୁ ଅଧିକ ସୌରଦିନ ପାଇଥାଏ, ଯାହା ଏହି ବିଶାଳ ଦେଶକୁ ଅନେକ ଥର ବିନ ପ୍ରଦୂଷଣରେ ବିଦ୍ୟୁତ୍ ପ୍ରଦାନ କରିପାରିବ। ତଥାପି ଆମେ ଆଜି ଯାଏଁ ଗୋଟିଏ ଅସ୍ଥିର ତୈଳ ବଜାରର ଦାସ ହୋଇ ରହିଛନ୍ତି। ହରିଆଣା, ପଞ୍ଜାବ, ଦିଲ୍ଲୀ ଆଦି ରାଜ୍ୟରେ କୃଷି କ୍ଷେତ୍ରର ନଡ଼ାପୋଡ଼ି ଓ ବଣପୋଡ଼ିରେ ଦେଶର କୋଟି କୋଟି ଟଙ୍କା ନଷ୍ଟ ହୋଇ ଅନେକ ସହର ଓ ଗ୍ରାମ ପ୍ରଦୂଷିତ ହେଉଛି। ମାତ୍ର ବଣରେ ଜମା ହେଉଥିବା ପତ୍ର, ଶୁଖିଲା କାଠ, କୃଷି କ୍ଷେତ୍ରର ନଡ଼ା ଆଦି ଶୁଖିଲା ଦ୍ରବ୍ୟକୁ ସଂଗ୍ରହକରି ଜୈବଜାଳେଣୀ ରୂପେ ବ୍ୟବହାରଯୋଗ୍ୟ କରିବାର ଇଚ୍ଛା ବା କୌଶଳ ଆମ ବୈଷୟିକ ଜ୍ଞାନଧାରୀ ବ୍ୟକ୍ତି ବା ଶାସନାଧୀଶଙ୍କ ଦୃଷ୍ଟିକୁ ଆସେନାହିଁ।

ଭୁବନେଶ୍ୱରଠାରେ ଥିବା ଭାରତ ସରକାରଙ୍କ ଆଇଆଇଏମଏମଟିରେ ବହୁ ଅର୍ଥ ବ୍ୟୟରେ ଗବେଷଣାରେ ସୀମିତ ଥିବା ପ୍ରାୟ ୬୦୦୦ରୁ ଅଧିକ ଚୁଲାରୁ ଗୋଟିକୁ ନେଇ ଯଦି ଜୈବିକ ଇନ୍ଧନ ବ୍ୟବହାରରେ ରୋଷେଇର ଆବଶ୍ୟକତାକୁ ପୂରଣ କରାଯାଇ ପାରନ୍ତା, ତେବେ ତାହା ଇନ୍ଧନ ସମସ୍ୟା ସହିତ ପ୍ରଦୂଷଣକୁ ବହୁମାତ୍ରାରେ ଲାଘବ କରିବାକୁ ସମର୍ଥ ହୋଇପାରନ୍ତା। ସେହିପରି ବର୍ଜ୍ୟବସ୍ତୁର ପରିଚାଳନା ଓ ଶକ୍ତି ସଂଗ୍ରହ ଆଜି ରାଷ୍ଟ୍ରର ଆଉ ଗୋଟିଏ ନୂତନ ସମ୍ଭାବନାକୁ ସୃଷ୍ଟି କରିପାରେ। ତେଣୁ ଆମର ବୈଷୟିକ ଜ୍ଞାନକେନ୍ଦ୍ର ପ୍ରତିଷ୍ଠାତା ଓ ନୀତିପ୍ରଣେତାମାନେ ଯଥାକ୍ରମେ କାଗଜ ଡିଗ୍ରୀ ତଥା ଆତ୍ମପ୍ରଚାର ନକରି ସର୍ବିଆନଆମେରିକାନ ଉଦ୍ଭାବକ ନିକୋଲା ଟେସଲାଙ୍କ ଉକ୍ତି ଅନୁସାରେ 'ବ୍ରହ୍ମାଣ୍ଡର ରହସ୍ୟ ବୁଝିବାକୁ ଶକ୍ତି, ତରଙ୍ଗ ଓ କମ୍ପନରେ ଚିନ୍ତା କର' ଭଳି ଉଚ୍ଚ ଚିନ୍ତା ଓ କର୍ମ ଆଧାରରେ ଆଗେଇ ଗଲେ ହୁଏତ ଆତ୍ମନିର୍ଭର ଭାରତକୁ ସାକାର କରାଯାଇପାରନ୍ତା। ପ୍ରଦୂଷଣ ମୁକ୍ତ ରାଷ୍ଟ୍ର ନିର୍ମାଣ, ଯୁବକଙ୍କୁ କର୍ମ ସଂସ୍ଥାନ, ବନ ସଂରକ୍ଷଣ, ଜୀବଜନ୍ତୁଙ୍କ ସୁରକ୍ଷା ଓ ଜୈବ ବିବିଧତା ରକ୍ଷା କରାଯାଇପାରନ୍ତା।

ଭୁବନେଶ୍ୱର, ମୋ: ୯୪୩୭୧୨୩୮୯୨

## ତେଲଆଭିଭ୍‌ରୁ ତେହେରାନ୍

ବିଧାନ ଚନ୍ଦ୍ର ସାମଲ

ତେଲଆଭିଭ୍‌ରୁ ତେହେରାନ ଏକ ସୁଦୀର୍ଘ ପ୍ରାଚୀନ ଇତିହାସ, ଯାହାର ନିର୍ବାକ ମୂକସାକ୍ଷୀ ସିରିଆର ଦିଗନ୍ତବିସ୍ତାରୀ ବାଲୁକାରାଶି ଓ ଅଦ୍ୟାବଧି ଦଣ୍ଡାୟମାନ କାଳଭାରୀ ପର୍ବତମାଳା। ପ୍ରାଚୀନ କାଳର ଲୁଣ୍ଠନକାରୀ ହବିର ଜାତି ପରବର୍ତ୍ତୀ ପର୍ଯ୍ୟାୟର ଯାଯାବରୀ ହିବ୍ରୁ ଓ ଆଜିର ନବଗଠିତ ଇସ୍ରାଏଲ ରାଜ୍ୟର ଅତି ବିଚକ୍ଷଣ କର୍ମତତ୍ପର, ବୁଦ୍ଧିମାନ୍, ପରମପରାକ୍ରମୀ ଦୁର୍ଦ୍ଧର୍ଷ ଇହୁଦି ଜାତି, ଯାହାର ଅତୀତ ଖାଲି ଯେ ବୈଦେଶିକ ଆକ୍ରମଣର ଏକ ଧାରାବାହିକ ଇତିହାସ ତାହା ନୁହେଁ, ବରଂ ଇହୁଦିଜାତି ପାଇଁ ଦାରୁଣ ନିର୍ଯ୍ୟାତନାର ଏକ କଳଙ୍କିତ ଇତିହାସ।

ଏକଦା ଅତ୍ୟାଚାରୀ ମିଶର ସମ୍ରାଟ ଫୋରୋ ରାଜ୍ୟର ସର୍ବହରା ହିବ୍ରୁଦାସ, ଯେକି ମୋଜେସଙ୍କ ନେତୃତ୍ୱରେ ଦାସତ୍ୱ ପରିତ୍ୟାଗ କରି ସ୍ୱାଧୀନ ରାଜ୍ୟ ସନ୍ଧାନରେ ବାହାରିଥିଲା, ସେହି ଜାତି ତରୁଣ ଯେଶୋଆ ନେତୃତ୍ୱରେ ପାଲେଷ୍ଟାଇନ୍ ଭୂଖଣ୍ଡରେ ପାଦ ଦେଲା। ପାଲେଷ୍ଟାଇନ୍‌ର ମୂଳ ଅଧିବାସୀ କାନାନାଇଟ୍‌ଙ୍କ ସହ ଦୀର୍ଘ ସଂଘର୍ଷ ଓ ପରବର୍ତ୍ତୀ ପର୍ଯ୍ୟାୟରେ ବୈବାହିକ ସମ୍ପର୍କାଦି ସ୍ଥାପନ କରି ଇହୁଦିମାନେ ଯେଉଁ ସ୍ୱାଧୀନ ସହାବସ୍ଥାନର ସୁନେଲି ସ୍ୱପ୍ନରେ ବିଭୋର ଥିଲେ, ତାହା ନିଷ୍ଠୁର ଏସିରିଆ ଶାସକଙ୍କ ଲୋଲୁପ ଦୃଷ୍ଟିରୁ କ୍ଷାନ୍ତ ପାଇଲା ନାହିଁ। ଏସିରିଆମାନଙ୍କ ବର୍ବରୋଚିତ ଆକ୍ରମଣ ଫଳସ୍ୱରୂପ ସେମାନଙ୍କୁ ସୁଦୂର ବେବିଲୋନିଆରେ ବନ୍ଦୀ ଭାବେ ନିର୍ବାସନ ଦଣ୍ଡ ତାଙ୍କ ଭାଗ୍ୟର ବିଡ଼ମ୍ବନାମାତ୍ର। ନିଷ୍ଠୁର ଏସିରିଆମାନଙ୍କ ପରେ ନିର୍ମମ ଚାଲ୍‌ଡିୟ ସମ୍ରାଟ ନେବୁଚାଦନାଜାରଙ୍କ ଦୀର୍ଘ ନିର୍ଯ୍ୟାତନାର କଳଙ୍କମୟ ଇତିହାସ ଇହୁଦିଜାତିର ଭାଗ୍ୟ ପ୍ରତି ଉପହାସ ମନେହୁଏ।

ଚାଲ୍‌ଡିୟ ସାମ୍ରାଜ୍ୟର ପତନ ଓ ପାରସ୍ୟରେ ଏକିମୋନେଡ୍ ସାମ୍ରାଜ୍ୟର ଉତ୍‌ଥାନ ଘଟନ୍ତେ ମହାମହିମମୟ ମହାନୁଭବ ପାରସ୍ୟ ସମ୍ରାଟ ସାଇରସ ଇହୁଦିମାନଙ୍କୁ ମୁକ୍ତି ଦେଲେ ସତ, ହେଲେ ସ୍ୱାଧୀନତା ଇହୁଦି ଜାତିର ଭାଗ୍ୟକୁ ଉପହାସ କଲା। ଗ୍ରୀକ୍‌ବୀର ଆଲେକଜାଣ୍ଡାରଙ୍କ ବିଶ୍ୱବିଜୟ ଅଭିଯାନରୁ ପାଲେଷ୍ଟାଇନ୍ ନିସ୍ତାର ପାଇଲା ନାହିଁ। ଦୀର୍ଘ ନିର୍ଯ୍ୟାତନାର କଳଙ୍କମୟ ଇତିହାସ ବହନ କରି ବଞ୍ଚି ରହିଥିବା ଇହୁଦିଜାତି ଚରମ ବିପର୍ଯ୍ୟୟର ସମ୍ମୁଖୀନ ହେଲା ସେତେବେଳେ, ଯେତେବେଳେ ପ୍ରବଳ ପ୍ରତାପୀ ରୋମ୍ ସମ୍ରାଟ ଭେସପାସିଆନଙ୍କ ପୁତ୍ର ଟାଇଟସ୍‌ଙ୍କ ରାଜତ୍ୱକାଳରେ ଧ୍ୱଂସ ପାଇଲା ଜେରୁଜେଲମ୍। ଲୋପ ପାଇଲା ସ୍ୱାଧୀନ ପାଲେଷ୍ଟାଇନ୍‌ର ସ୍ୱାଭିମାନ। ଇହୁଦିମାନେ ପୁନର୍ବାର ପାଲଟିଗଲେ ପୂର୍ବ ମିଶରସମ୍ରାଟ ଫାରୋଙ୍କ ଦୁର୍ଦ୍ଦଶାଗ୍ରସ୍ତ ପ୍ରଜା ଭଳି।

ଏଭଳି ଦାରୁଣ ପରିସ୍ଥିତିର କରୁଣ ଇତିହାସ ବହନ କରି ବିକ୍ଷିପ୍ତଭାବେ ବିଭିନ୍ନ ଅଞ୍ଚଳରେ ସୌଭାଗ୍ୟକ୍ରମେ ବଞ୍ଚି ରହିଥିବା ଇହୁଦିଜାତି ଜର୍ମାନୀର ଶୌର ଶାସକଙ୍କ ବିଷ ଦୃଷ୍ଟିରୁ ବାଦ ପଡ଼ିଲା ନାହିଁ। ଦ୍ୱିତୀୟ ମହାସମରର ମହାନାୟକ ଆଡଲଫ ହିଟଲର ଇହୁଦିଜାତିକୁ ଦେଶଦ୍ରୋହୀ ଭାବେ ପ୍ରଥମ ବିଶ୍ୱଯୁଦ୍ଧରେ ଜର୍ମାନୀ ପରାଜୟ କାରଣ ଦର୍ଶାଇ ଚରମ ଘୃଣାରାବ ପ୍ରଦର୍ଶନପୂର୍ବକ ଏକ ଇହୁଦିବିହୀନ ଜର୍ମାନୀ ଗଢ଼ିବାର ସ୍ୱପ୍ନ ଦେଖିଲେ। ଇତିହାସ ବହନକଲା ବହୁ ଚର୍ଚ୍ଚିତ ଗ୍ୟାସଚାମ୍ବର ହତ୍ୟାକାଣ୍ଡ ଏବଂ ହିଟଲର ପାଲଟିଗଲେ ପୃଥିବୀର ଶ୍ରେଷ୍ଠ ନିରହନ୍ତା। ହିଟଲରଙ୍କ ବିଜୟ ନିଶାଣ ଯେତେଦୂର ଯାଏଁ ପରିବ୍ୟାପ୍ତ ହେଲା, ସେସବୁ ଅଞ୍ଚଳରେ ଇହୁଦୀମାନଙ୍କ ଚରମ ଦୁର୍ଦ୍ଦଶା କହିଲେ ନସରେ। ସେତେବେଳେ ମନେହେଲା ସତେଯେଭଳି ଇହୁଦି ଏକ ଉଦ୍‌ବାସ୍ତୁ ସର୍ବହରା ଲାଞ୍ଛିତ ଜାତି।

ଇତିହାସ ପୃଷ୍ଠାରେ ଏକ ଦୀର୍ଘ ନିର୍ଯ୍ୟାତିତ, ଅବହେଳିତ, ଅପମାନିତ, ଲାଞ୍ଛିତ ତଥା ରାଜ୍ୟହୀନ ଜାତି ରୂପେ ବଞ୍ଚି ଆସିଥିବା ଇହୁଦିଜାତି ଭୂଗୋଳ ସୃଷ୍ଟି କରିବାକୁ ଆଗ୍ନେୟ ଶପଥ ନେଇ ଚାଇମ୍‌ୱେଜମାନଙ୍କୁ ଅସ୍ଥାୟୀ ରାଷ୍ଟ୍ରପତି ଓ ଡେଭିଡବେନ୍‌ଗୁରିଆନଙ୍କୁ ପ୍ରଧାନମନ୍ତ୍ରୀ ଭାବେ ଉପସ୍ଥାପିତ କରି ୧୯୪୮ ମସିହା ମେ' ମାସ ୧୫ ତାରିଖ ନିଶାର୍ଦ୍ଧରେ ତେଲଆଭିଭ୍‌କୁ ଇହୁଦି ଜାତିର ରାଜଧାନୀ ଓ ଇହୁଦି ଜାତି ପାଇଁ ଇସ୍ରାଇଲ୍ ରାଷ୍ଟ୍ରର ପୂର୍ଣ୍ଣ ସ୍ୱାଧୀନତା ଘୋଷଣା କରନ୍ତେ ପଶ୍ଚିମ ଏସିଆରେ ଶାନ୍ତି ପ୍ରତି ସତର୍କ ଘଣ୍ଟି ବାଜିଉଠିଲା। ତତ୍‌କ୍ଷଣାତ୍ ରୁଷ୍, ଆମେରିକା ଓ ଇଂଲଣ୍ଡ ନୂତନ ରାଷ୍ଟ୍ରକୁ ସ୍ୱାଗତ କରନ୍ତେ ସେହି ମୁହୂର୍ତ୍ତରେ ଟ୍ରାନ୍ସଜୋର୍ଡାନ, ମିଶର, ସିରିଆ, ଲେବାନନ ଓ ଇରାକକୁ ନେଇ ଜନ୍ମ ନେଲା ଦୁର୍ଦ୍ଧର୍ଷ ଆରବଲିଗ୍।

ଇହୁଦି-ଆରବ ସଂଘର୍ଷରେ ରକ୍ତରଞ୍ଜିତ ହୋଇଉଠିଲା ପରମକାରୁଣିକ ଯୀଶୁଙ୍କ ପବିତ୍ର ଭୂଇଁ ଜେରୁଜେଲମ୍। ପ୍ରାରମ୍ଭରୁ ସୂଚନା ମିଳିଥିଲା ନବଗଠିତ ଇସ୍ରାଏଲ୍ ରାଜ୍ୟ ଅଚିରେ ଧ୍ୱଂସ ପାଇ ଇହୁଦି ଏକ ଅଭିସଂପାଦିତ ଜାତି ପାଲଟିଯିବେ। ଆରବମାନଙ୍କ ପ୍ରବଳ ଆକ୍ରମଣକୁ ଇସ୍ରାଏଲ ଧୈର୍ଯ୍ୟର ସହ ମୁକାବିଲା କରି ଇହୁଦି ଜାତି ପାଇଁ ସୃଷ୍ଟି କରିଥିବା ଭୂଗୋଳ ପଛରେ ଆମେରିକାର ପ୍ରଚ୍ଛନ୍ନ ହାତ ରହିଲା।

ପ୍ରାରମ୍ଭରୁ ଇହୁଦିମାନଙ୍କ ସହ ଶାନ୍ତିରେ ସହବସ୍ଥାନ କରୁଥିବା ଆରବ ମୁସଲମାନ ଆଜି ଇହୁଦିମାନଙ୍କ ଚିରଶତ୍ରୁ। ମଧ୍ୟପ୍ରାଚ୍ୟ ଆଜି ପାଲଟି ଯାଇଛି ଏକ ସୁପ୍ତ ଆଗ୍ନେୟଗିରି। ଜନ୍ମ ନେଇଛି ହିଜିବୁଲ୍ଲା, ହୁତି ଓ ହାମସ୍ ଭଳି ଦୁର୍ଦ୍ଧର୍ଷ ଜାତୀୟତାବାଦୀ ଆତଙ୍କବାଦୀ ସଂଗଠନ। ଧର୍ମକୁ ଆଧାର କରି ଲାଗିଥିବା ଯୁଦ୍ଧର ପରିଣତି ଅତି ଭୟଙ୍କର। ବିଶ୍ୱଶାନ୍ତି ପ୍ରତି ବିପଦ ଘନେଇ ଆସୁଛି। ହେଲେ ଜାତିସଂଘ? ମରୁଦ୍ୟାନରେ ଗୋଲାପର ସହର ଆଜି ମିଶାଇଲ ବର୍ଷାର ତାଣ୍ଡବରେ ଭସ୍ମୀଭୂତ। ଖ୍ରୀ.ପୂ ୫୫୦ରେ ମହାନୁଭବ ସାଇରସଙ୍କ ପ୍ରାଚୀନ ପାରସ୍ୟ ଲୋପ ପାଇ ସପ୍ତମ ଶତାବ୍ଦୀରେ ଆରବଦେଶରେ ଇସଲାମ ଧର୍ମ ବିସ୍ତାର ଲାଭ କରିଛି। ୧୯୩୫ ମସିହାରେ ପାରସ୍ୟ ଧ୍ୱଂସ ପାଇ ହୋଇଛି ଆଧୁନିକ ଇରାନ୍ ରାଷ୍ଟ୍ର। ୧୯୭୯ ମସିହାରେ ଆୟାତୁଲ୍ଲା ରୋହଲା ଖୋମିନ୍ ହେଲେ ଇରାନ୍‌ର ଭାଗ୍ୟବିଧାତା। ପ୍ରାଚୀନ ପାରସ୍ୟ ସାମ୍ରାଜ୍ୟ କଙ୍କାଳ ଉପରେ ଛିଡ଼ାହୋଇଛି ଇସଲାମିକ୍ ରିପବ୍ଲିକ୍ ଅଫ୍ ଇରାନ୍। ଲିଭିଯାଇଛି ଅତୀତର ସ୍ମୃତି। ସୃଷ୍ଟି ହେଲା ବିଦ୍ରୋହ, ବିପ୍ଳବ ଓ ଧାର୍ମିକ ଆନ୍ଦୋଳନ। ପରମାଣୁ ଅସ୍ତ୍ର ନିର୍ମାଣର ନିଶାରେ ଆଜି ଆଧୁନିକ ଇରାନ୍ ପାଉଁଶରେ ପରିଣତ।

କେନ୍ଦ୍ରାପଡ଼ା, ମୋ: ୯୪୩୭୪୭୦୭୦୦

## ଚତୁର୍ଦ୍ଧାମୂର୍ତ୍ତିରେ ଶ୍ରୀସୁଦର୍ଶନ

ସ୍ୱପ୍ନେଶ୍ୱର

ଲୋକକଥାରେ ଲୋକଦେବତା

ମହାନ ବିଷ୍ଣୁଭକ୍ତ ରାଜା ଅମ୍ବରୀଶ ବାର ମାସରେ ଚବିଶ ଏକାଦଶୀ ନିର୍ଜଳା ଉପବାସରେ ରହି ଦ୍ୱାଦଶୀ ଦିନ ବିଷ୍ଣୁ ପୂଜା କରି ବ୍ରତ ଭାଙ୍ଗୁଥିଲେ। ଦିନେ ଦ୍ୱାଦଶୀ ଦିନ ବ୍ରତ ଉଜେଇଁବା ପୂର୍ବରୁ ତାଙ୍କ ପ୍ରାସାଦରେ ମହର୍ଷି ଦୁର୍ବାସା ପହଞ୍ଚିଲେ। ରାଜା ତାଙ୍କୁ ଯଥୋଚିତ ଆତିଥେୟତା ପ୍ରଦାନ କଲେ। ଋଷି ରାଜାଙ୍କର ଆତିଥେୟତା ସ୍ୱୀକାର କରି ସ୍ନାନ ତର୍ପଣ ନିମିତ୍ତ ନଦୀକୁ ଚାଲିଗଲେ। ଋଷି ସ୍ନାନ କରି ଆସିବା ଆଗରୁ ରାଜା ବ୍ରତ ଭାଙ୍ଗିବା କାର୍ଯ୍ୟକ୍ରମ ସାରି ଦେଇ ଅପେକ୍ଷା କରିବାକୁ ନିଷ୍ପତ୍ତି ନେଲେ। ତେଣୁ ବିଷ୍ଣୁ ଆରାଧନା କରି ସେ ଏକ ଗଣ୍ଡୁଶ(ହାତକୁ ଠୋଲା କଲେ ହାତରେ ଯେତିକି ଜଳ ରହେ) ଜଳ ପାନ କରି ବ୍ରତ ଉଜେଇଁଲେ ଓ ଋଷିଙ୍କୁ ଅପେକ୍ଷା କଲେ। ତେଣେ ଋଷି ନିଜର ତପ ବଳରେ ଏହା ଜାଣିପାରି ରାଜାଙ୍କୁ ଅଭିଶାପ ଦେବା ପାଇଁ ଉଦ୍ୟତ ହେଲେ।

ରାଜା ଅମ୍ବରୀଶ ଅନନ୍ୟ ବିଷ୍ଣୁଭକ୍ତ ହୋଇଥିବାରୁ ମହାପ୍ରଭୁ ତାଙ୍କୁ ଚକ୍ରରାଜ ସୁଦର୍ଶନଙ୍କ ସୁରକ୍ଷା ବଳୟ ଭିତରେ ରଖିଥିଲେ। ଋଷି ରାଜାଙ୍କର କିଛି ଅନିଷ୍ଟ କରିବା ଆଗରୁ ସୁଦର୍ଶନ ତାଙ୍କୁ ଆକ୍ରମଣ କରିବାକୁ ଉଦ୍ୟତ ହେଲେ। ଏହା ଦେଖି ଋଷି ପ୍ରାଣ ବିକଳରେ ପଳାୟନ କଲେ; ଚକ୍ରରାଜ ତାଙ୍କ ପଛେପଛେ ଗୋଡ଼େଇଲେ। ପ୍ରଜାପତି ବ୍ରହ୍ମା ଏବଂ ଦେବଦେବ ମହାଦେବଙ୍କ ଶରଣାପନ୍ନ ହୋଇ ନିରାଶ ହେବା ପରେ ଶେଷରେ ଋଷି ଦୁର୍ବାସା ଭଗବାନ ବିଷ୍ଣୁଙ୍କର ଶରଣାଗତ ହେଲେ। ବିଷ୍ଣୁ କହିଲେ, 'ମହର୍ଷି! ଆପଣ କ୍ରୋଧର ବଶବର୍ତ୍ତୀ ହୋଇ ତପବଳର ଅପପ୍ରୟୋଗ କରି ଚାଲିଛନ୍ତି। ମୁଁ ନିଜେ ସୁଦର୍ଶନଙ୍କୁ ମୋର ଭକ୍ତର ସୁରକ୍ଷା ଦାୟିତ୍ୱ ପ୍ରଦାନ କରିଛି। ସେ ତାଙ୍କର କର୍ତ୍ତବ୍ୟ ନିର୍ବାହନ କରୁଛନ୍ତି। ନିଜ କର୍ତ୍ତବ୍ୟରୁ ନିବୃତ୍ତ ହେବା ପାଇଁ ମୁଁ ତାଙ୍କୁ ନିର୍ଦ୍ଦେଶ ଦେଇପାରିବି ନାହିଁ। ଆପଣ ରାଜା ଅମ୍ବରୀଶଙ୍କ ଶରଣକୁ ଯାଆନ୍ତୁ। ସେ ଚାହିଁଲେ ଆପଣଙ୍କୁ ସୁଦର୍ଶନଙ୍କ ରୋଷରୁ ରକ୍ଷା କରିପାରନ୍ତି।' ଋଷି ରାଜାଙ୍କ ପାଖକୁ ଯାଇ କ୍ଷମା ପ୍ରାର୍ଥନା କରି ସୁଦର୍ଶନଙ୍କ ରୋଷରୁ ରକ୍ଷା କରିବାକୁ ଅନୁରୋଧ କଲେ। ରାଜାଙ୍କ ଅନୁରୋଧରେ ସୁଦର୍ଶନ ଶାନ୍ତ ହେଲେ।

ଏ ଘଟଣା ପରେ ଦିନେ ସୁଦର୍ଶନ ଚିନ୍ତା କଲେ - 'ଯେଉଁ ଋଷିଙ୍କ କ୍ରୋଧ ଓ ଅଭିଶାପକୁ ଦେବତାମାନେ ମଧ୍ୟ ଭୟ କରନ୍ତି ସେ ମୋ ଭୟରେ ତିନିଭୁବନ ଦୌଡ଼ିଲେ। ତାଙ୍କୁ ମୋ କବଳରୁ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ମଧ୍ୟ ରକ୍ଷା କରି ପାରିଲେ ନାହିଁ। ତା' ହେଲେ ଏହି ତିନି ଦେବତାଙ୍କଠାରୁ କୋଉ ଗୁଣରେ ମୁଁ କମ!' ଅନ୍ତର୍ଯ୍ୟାମୀ ମହାପ୍ରଭୁ ସୁଦର୍ଶନଙ୍କ ମନ କଥା ଜାଣିପାରିଲେ। ଗର୍ବଗଞ୍ଜନ ମହାବାହୁ ସୁଦର୍ଶନଙ୍କ ଗର୍ବ ଖର୍ବ କରିବା ପାଇଁ ଉପାୟ ପାଞ୍ଚିଲେ। ତହୁଁ ହନୁମାନଙ୍କୁ ଡାକି ଆଣିବା ପାଇଁ ପ୍ରଭୁ ସୁଦର୍ଶନଙ୍କୁ ଆଦେଶ ଦେଲେ। ସୁଦର୍ଶନ ଭାବୁଥିଲେ, ମୋ ପରି ଜଣେ ପରାକ୍ରମୀ ଯୋଦ୍ଧାକୁ ଗୋଟେ ସାମାନ୍ୟ ମାଙ୍କଡ଼କୁ ଡାକିବାକୁ ପଠାଉଛନ୍ତି! ତଥାପି ସେ ଗଲେ। ସେତେବେଳେ ହନୁମାନ ଧ୍ୟାନମଗ୍ନ ଥିଲେ। ବିଷ୍ଣୁ ଡକେଇଛନ୍ତି ବୋଲି ସୁଦର୍ଶନ ବାରମ୍ବାର କହିବା ସତ୍ତ୍ୱେ ହନୁମାନ ଆଖି ଖୋଲିଲେ ନାହିଁ। ସୁଦର୍ଶନ ଫେରି ଯାଇ ବିଷ୍ଣୁଙ୍କ ଆଗରେ ସମସ୍ତ ବୃତ୍ତାନ୍ତ ବର୍ଣ୍ଣନା କଲେ। ମହାପ୍ରଭୁ ପୁଣି କହିଲେ, 'ଆଚ୍ଛା ଆଉ ଥରେ ଯାଅ, ଏଥର ରାମଚନ୍ଦ୍ର ଡାକିଛନ୍ତି ବୋଲି କହିବ।' ଇଚ୍ଛା ନ ଥିଲେ ବି ସୁଦର୍ଶନ ପୁଣି ଯାଇ ହନୁମାନଙ୍କୁ କହିଲେ, 'ପ୍ରଭୁ ଶ୍ରୀରାମ ଆପଣଙ୍କୁ ଡକେଇଛନ୍ତି।' ରାମନାମ ଶୁଣି ହନୁମାନ ଆଖି ଖୋଲିଲେ। ମହାପ୍ରଭୁ ଯାହା ଚାହୁଁଥିଲେ ସେ ଧ୍ୟାନ ବଳରେ ଜାଣିପାରିଲେ। ସେ ସୁଦର୍ଶନଙ୍କୁ ମୋଡ଼ି ଖମ୍ବାକାର କରିଦେଲେ।

କ୍ରୋଧ, ଭୟ, ଦୁଃଖ ଓ ଅପମାନର ଏକ ଫେଣ୍ଟାଫେଣ୍ଟି ଭାବର ଗ୍ଲାନି ନେଇ ସୁଦର୍ଶନ ମହାପ୍ରଭୁଙ୍କ ପାଖକୁ ଫେରିଗଲେ। ମହାପ୍ରଭୁ ସୁଦର୍ଶନଙ୍କ ଅବସ୍ଥା ଦେଖି କହିଲେ, 'ସୁଦର୍ଶନ! ତମର ଏ ଅବସ୍ଥା କିଏ କଲା?' ସୁଦର୍ଶନ କହିଲେ, 'ମହାପ୍ରଭୁ! ଆପଣ ସର୍ବବ୍ୟାପୀ, ସର୍ବଜ୍ଞ, ସର୍ବଶକ୍ତିମାନ। ଆପଣଙ୍କ ଅନୁଗ୍ରହରୁ ପ୍ରାପ୍ତ ସ୍ୱଳ୍ପ ଶକ୍ତିକୁ ନେଇ ମୁଁ କରିଥିବା ଗର୍ବ ଓ ଅହଙ୍କାରର ପରିଣାମ ଏହା। ଆପଣ କରୁଣା ବରୁଣାଳୟ, ଏ ଅକିଂଚନର ଦୋଷ ମାର୍ଜନା କରିବା ହୁଅନ୍ତୁ।' କରୁଣାସାଗର ପ୍ରଭୁ କହିଲେ, 'ଭକ୍ତର ସମର୍ପଣ ଭାବ ମୋତେ ଯେତିକି ଆନନ୍ଦ ଦିଏ, ତା'ର ଅହଙ୍କାର ମୋତେ ତା'ଠାରୁ ବେଶି ବ୍ୟଥିତ କରେ। ତୁମର ଅନୁତାପ ପାଇଁ ତୁମେ ପୁରସ୍କୃତ ହେବ। କଳିଯୁଗରେ ମୁଁ ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ସହ ଦାରୁ ସ୍ୱରୂପରେ ନୀଳାଚଳରେ ବିରାଜମାନ କରିବି। ତୁମେ ମୋ ସହ ଖମ୍ବାକାର ଦାରୁ ସ୍ୱରୂପରେ ମୋର ବାମ ପାର୍ଶ୍ୱରେ ବିଜେ କରିବ। ଆମେ ରତ୍ନବେଦୀ ଉପରେ ଚତୁର୍ଦ୍ଧାବିଗ୍ରହ ରୂପେ ଆରାଧିତ ହେବ। ତୁମେ ମୋର ଚାରି ସ୍ୱରୂପରୁ ଗୋଟିଏ ସ୍ୱରୂପ ରୂପେ ଗୃହୀତ ହେବ।'

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଲେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବ୍ରହ୍ମଗିରି ଅଞ୍ଚଳରେ ୬ ବର୍ଷର ନାବାଳିକାକୁ ଦୁଷ୍କର୍ମ ଘଟଣା

# ରାଜ୍ୟରେ ମହିଳା ଓ ଶିଶୁଙ୍କ ସୁରକ୍ଷା ବିପର୍ଯ୍ୟସ୍ତ: ବିଜେଡି

ଭୁବନେଶ୍ୱର/ବ୍ରହ୍ମଗିରି, ୨୧।୪(ସମିସ): ପୁରୀ ଜିଲ୍ଲା ବ୍ରହ୍ମଗିରି ଅଞ୍ଚଳରେ ଜଣେ ୬ ବର୍ଷର ଶିଶୁକୁ ଦୁଷ୍କର୍ମ ଘଟଣାରେ ରାଜ୍ୟ ସରକାରଙ୍କ ବିରୋଧରେ ଭୀଷଣ ବର୍ଷିଛି ବିଜେଡି। ରାଜ୍ୟରେ ମହିଳା ଓ ଶିଶୁଙ୍କ ସୁରକ୍ଷା ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି ଦଳ ଅଭିଯୋଗ କରିଛି। ବିଜୁ ଜନତା ଦଳର ଉପ-ସଭାପତି ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା ଆଜି ଏହି ଘଟଣାକୁ ନେଇ ଗଣମାଧ୍ୟମରେ ନିଜର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଶ୍ରୀ ଦାସବର୍ମା କହିଥିଲେ ଯେ ରାଜ୍ୟରେ ମହିଳା ଓ ଶିଶୁଙ୍କ ସୁରକ୍ଷା ଦିନକୁ ଦିନ ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଏହାକୁ ନେଇ ବିଜେଡି ଓ ଅନ୍ୟ ବିରୋଧୀ ଦଳମାନେ ବାରମ୍ବାର ସ୍ୱର ଉତ୍ତୋଳନ କରିଆସୁଥିଲେ ମଧ୍ୟ ସରକାର ବିହିତ କାର୍ଯ୍ୟାନୁଷ୍ଠାନ ନେବାରେ ସଫଳ ହୋଇନାହାନ୍ତି। ରାଜ୍ୟର ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ଏଭଳି ଘଟଣାମାନ ବାରମ୍ବାର ଦେଖିବାକୁ ମିଳୁଛି। ବ୍ରହ୍ମଗିରି ଅଞ୍ଚଳରେ ଥିବା ଚିଲିକା ଅନ୍ୟ ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ।



### ୨ଦିନ ପରେ ବି ପୁଲିସ ହାତ ଖାଲି

ଏହିଭଳି ଘଟଣା ଦ୍ୱାରା ରାଜ୍ୟର ପର୍ଯ୍ୟଟନ ବିକାଶ ଉପରେ ନକାରାତ୍ମକ ପ୍ରଭାବ ପଡୁଛି। ତେଣୁ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ପୁଲିସ ତୁରନ୍ତ ଅଭିଯୁକ୍ତକୁ ଗିରଫ କରିବା ସହ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେଉ ବୋଲି ସେ ଦାବି କରିଛନ୍ତି। ଅପରପକ୍ଷେ, ଏହି ଘଟଣାକୁ ୨ ଦିନ ବିତିଯାଇଥିଲେ ହେଁ ପୁଲିସର ହାତ ଖାଲି। ଅଭିଯୁକ୍ତ ଶିବାଜୀ ବେହେରା ଫେରାର୍ ଥିବାବେଳେ ପୁଲିସ ତାକୁ ଧରିବାରେ ବିଫଳ ହୋଇଛି।

■ ବିଜେଡି ଗଠନ କଲା ପ୍ରତିନିଧି ମଣ୍ଡଳୀ

# ଘଟଣାସ୍ଥଳକୁ ଯାଇ ସଂଗ୍ରହ କରିବ ସବିଶେଷ ତଥ୍ୟ

ଭୁବନେଶ୍ୱର,୨୧।୪(ସମିସ): ପୁରୀ ଜିଲ୍ଲାର ବ୍ରହ୍ମଗିରି ଅଞ୍ଚଳରେ ଜଣେ ୬ ବର୍ଷର ଶିଶୁକୁ ଦୁଷ୍କର୍ମ ହୋଇଥିବା ଘଟଣାରେ ଗଭୀର ଉଦବେଗ ପ୍ରକାଶ କରିଛି ବିଜେଡି। ଏପରି ଏକ ସମ୍ବେଦନଶୀଳ ଘଟଣାର ସମସ୍ତ ବିବରଣୀ ସଂଗ୍ରହ କରିବା ପାଇଁ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ଗଠନ କରାଯାଇଛି। ପ୍ରତିନିଧି ମଣ୍ଡଳୀରେ ରାଜ୍ୟସଭା ସାଂସଦ ସୁଲତା ଦେଓ, ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ, ବିଧାୟକ ତୁଷାରକାନ୍ତି ବେହେରା, ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, ପୁରୀ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ, ବ୍ରହ୍ମଗିରି ପଞ୍ଚାୟତ ସମିତି ଅଧ୍ୟକ୍ଷା ରତ୍ନମାଳା ବେହେରା, ବିଜୁ ମହିଳା ଜନତା ଦଳର ଜୋନ୍ ସଭାନେତ୍ରୀ ପୁଷ୍ପାଞ୍ଜଳି ରଣା ଓ ପୁରୀ ଜିଲ୍ଲା ମହିଳା ବିଜେଡି କାର୍ଯ୍ୟକାରୀ ସଭାନେତ୍ରୀ ମାନସୀ ହରିଚନ୍ଦନ ପ୍ରମୁଖ ସାମିଲ ଅଛନ୍ତି। ପ୍ରତିନିଧିମଣ୍ଡଳୀ ଘଟଣାସ୍ଥଳକୁ ଯାଇ ଓ ପୀଡ଼ିତା ଏବଂ ତାଙ୍କ ପରିବାରକୁ ଭେଟିବ। ଏହାସହ ସ୍ଥାନୀୟ ପୁଲିସ, ସ୍କୁଲ କର୍ତ୍ତୃପକ୍ଷଙ୍କ ସହ ଏ ବାବଦରେ ଆଲୋଚନା କରି ତଥ୍ୟ ସଂଗ୍ରହ କରିବ ବୋଲି ଜଣାପଡ଼ିଛି। ପୀଡ଼ିତାଙ୍କୁ ଯେପରି ତୁରନ୍ତ ନ୍ୟାୟ ମିଳିବ ଏବଂ ତାଙ୍କ ପରିବାରକୁ ଯେପରି ସମସ୍ତ ସହଯୋଗ ଯୋଗାଇ ଦିଆଯାଇପାରିବ, ଏହି ପ୍ରତିନିଧିମଣ୍ଡଳୀର ମୁଖ୍ୟ ଲକ୍ଷ୍ୟ ବୋଲି ଦଳ ପକ୍ଷରୁ କୁହାଯାଇଛି।

# ଛାତ୍ରଙ୍କ ପ୍ୟାଣ୍ଟରେ ବିଚ୍ଛୁଆତି ଲଗାଇ ପ୍ରଧାନ ଶିକ୍ଷକ ନିଲମ୍ବିତ

କାଳିଆପାଣି, ୨୧।୪(ସମିସ): ସ୍କୁଲ ଛାତ୍ରଙ୍କ ପ୍ୟାଣ୍ଟରେ ବିଚ୍ଛୁଆତି ପୂରାଇବା ଅଭିଯୋଗରେ ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ୍ କାଳିଆପାଣି କ୍ଲଷ୍ଟର୍ ସାରୁଆବିଲ ଉପ୍ରା ସ୍କୁଲର ପ୍ରଧାନ ଶିକ୍ଷକ ବାସୁଦେବ ଦେହୁରୀଙ୍କୁ ନିଲମ୍ବିତ କରାଯାଇଛି। ସୁକିନ୍ଦା ବିଇଓ ନାରାୟଣ ଦାସ ତାଙ୍କୁ ନିଲମ୍ବିତ କରିଥିବା ଜଣାପଡ଼ିଛି। ଶ୍ରୀ ଦେହୁରୀ ଗତ ୧୯ତାରିଖରେ ସ୍କୁଲ ପରିସରରେ ୧୦ରୁ ଅଧିକ ଛାତ୍ରଙ୍କ ପ୍ୟାଣ୍ଟରେ ବିଚ୍ଛୁଆତି ଡାଳ ପୂରାଇ ଦେଇଥିଲେ। ଛାତ୍ରମାନେ ଯନ୍ତ୍ରଣାରେ ଛଟପଟ ହୋଇଥିଲେ। ପ୍ରଧାନଶିକ୍ଷକଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବିରେ ଶନିବାର ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକମାନେ ସକାଳ ସାଢ଼େ ୭ଟାରୁ ସ୍କୁଲ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ। ଖବର ପାଇ କାଳିଆପାଣି ଥାନା ଅଧିକାରୀ ପ୍ରକାଶ ଚନ୍ଦ୍ର ପ୍ରଧାନ ସ୍କୁଲରେ ପହଞ୍ଚି ଆପୋସ ସମାଧାନ ଉଦ୍ୟମ କରିଥିଲେ। ବିଇଓ ଶ୍ରୀ ଦାସଙ୍କ ନିର୍ଦ୍ଦେଶରେ ସିଆର୍‌ସିସି ସଞ୍ଜୟ କୁମାର ସାମଲ ତଦନ୍ତ କରିଥିଲେ।


ADITYA BIRLA CAPITAL
FINANCE

Regd Office: Indian Rayon Compound, Veraval, Gujarat - 362 266 | (T) +91-22-6723 9101 | (Toll free) 1800 270 7000 | CIN: L64920GJ2007PLC058890 | www.adityabirlacapital.com

**ସୂଚନା**

ଏଠାରେ ସୂଚନା ଦିଆଯାଇଛି ଯେ 23 ଜୁଲାଇ 2026 ଠାରୁ,
**ଆଦିତ୍ୟ ବିର୍ଲା କ୍ୟାପିଟାଲ୍ ଲିମିଟେଡ୍, ପୁରୀ ଶାଖା**
ନିମ୍ନଲିଖିତ ପରିସରକୁ ସ୍ଥାୟୀ ଭାବରେ ବନ୍ଦ କରିବ -

**ସମାପ୍ତ ସ୍ଥାନ ଠିକଣା:**
ଦ୍ୱିତୀୟ ମହଲା, ଭିଆଇପି ରୋଡ୍,
ନୂତନ ସଦର ଥାନା ସାମ୍ନାରେ,
ପୁରୀ, ଓଡ଼ିଶା - 752001

**ଆଦିତ୍ୟ ବିର୍ଲା କ୍ୟାପିଟାଲ୍ ଲିମିଟେଡ୍ ପାଇଁ**
ସ୍ଥାନ: ପୁରୀ — ଏସ୍‌ଡି/-
ଡିଓପି: 22 ଏପ୍ରିଲ 2026 — ଅଧିକୃତ ସ୍ୱାକ୍ଷରକାରୀ


# ମଧ୍ୟାହ୍ନ ଭୋଜନରେ ପିଲାଙ୍କୁ ଲୁଣ ଭାତ ଦେଇ ଶିକ୍ଷକ ନିଲମ୍ବିତ

ତୁମୁଡିବନ୍ଧ, ୨୧।୪(ସମିସ): କନ୍ଧମାଳ ତୁମୁଡିବନ୍ଧ ବ୍ଲକ୍ ଅନ୍ତର୍ଗତ ଶିମିଳିପଦର ପ୍ରାଥମିକ ବିଦ୍ୟାଳୟରେ କୋମଳମତି ବିଦ୍ୟାର୍ଥୀଙ୍କୁ ମଧ୍ୟାହ୍ନ ଭୋଜନରେ ଭାତ ସହ ଲୁଣ ଖାଇବାକୁ ଦିଆଯିବା ଘଟଣାରେ ଶିକ୍ଷକଙ୍କୁ ନିଲମ୍ବନ କରାଯାଇଛି। ଏ ନେଇ ଗତ ୧୮ ତାରିଖରେ ଖବର ପ୍ରକାଶ ପାଇବା ପରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶାନୁସାରେ ତୁମୁଡିବନ୍ଧ ଆଞ୍ଚଳିକ ସାଧନ ସଂଯୋଜକ (ସିଆରସିସି) ଭାସ୍କର ଚନ୍ଦ୍ର ସଂଗ୍ରାମ ସିଂ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ (ଏବିଇଓ) ତଥା ମଧ୍ୟାହ୍ନଭୋଜନ ନୋଡାଲ ଅଫିସର ଡମ୍ବୁରୁଧର ସାହୁ ପ୍ରମୁଖ ଅଧିକାରୀ ଉକ୍ତ ଶିମିଳିପଦର ପ୍ରାଥମିକ ବିଦ୍ୟାଳୟକୁ ଯାଇ ଘଟଣାର ତଦନ୍ତ ସାରି ଫେରିଥିଲେ। ତଦନ୍ତର ସବିଶେଷ ରିପୋର୍ଟ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପ୍ରେରଣ କରିବା ପରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଅନୁମୋଦନକ୍ରମେ ପ୍ରଧାନ ଶିକ୍ଷକ ଏବଂ ସହକାରୀ ଶିକ୍ଷକଙ୍କ ବିରୋଧରେ ବିଭାଗ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ସ୍ପଷ୍ଟ ହୋଇଛି। ପ୍ରଧାନଶିକ୍ଷକ ମୋହନ ମୁରାରୀ ସିଂଙ୍କୁ ଜନଗଣନା କାର୍ଯ୍ୟରେ ନିୟୋଜିତ ରହି ବିଦ୍ୟାଳୟ ପରିଚାଳନା ଦାୟିତ୍ୱରେ ଅବହେଳା କାରଣରୁ ଡ୍ରାଫ୍ଟ ଚାର୍ଜ କରି ଗୋଟିଏ ଇନ୍‌କ୍ରିମେଣ୍ଟ ବନ୍ଦ କରାଯାଇଥିବା ବେଳେ ବିଦ୍ୟାଳୟରେ ଉପସ୍ଥିତ ରହି କର୍ତ୍ତବ୍ୟରେ ଅବହେଳା ଯୋଗୁଁ ସହକାରୀ ଶିକ୍ଷକ ସୁଶାନ୍ତ କହଁରଙ୍କୁ ନିଲମ୍ବନ କରାଯାଇଛି।



# ଯାଜପୁରରେ ଆସନ୍ତା ୪ ଦିନ ସ୍କୁଲ ଛୁଟି

ଯାଜପୁର, ୨୧।୪(ସମିସ): ଯାଜପୁର ଜିଲ୍ଲାରେ ଜାରି ରହିଛି ଗ୍ରୀଷ୍ମଲହରୀ। ଏଥିପାଇଁ ଆସନ୍ତାକାଲି ଅର୍ଥାତ ୨୨ ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ ୪ ଦିନ ପାଇଁ ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟ ଗୁଡିକ ବନ୍ଦ ରହିବ। ଆଜି ଏ ସଂକ୍ରାନ୍ତରେ ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ବିଜ୍ଞପ୍ତି (୪୯୮୮) ପ୍ରକାଶ ପାଇଛି। ପାଣିପାଗରେ ପରିବର୍ତ୍ତନ ଆସିବା ପରେ ବିଦ୍ୟାଳୟ ଖୋଲାଯିବା ନେଇ ନିଷ୍ପତି ନିଆଯିବ ବୋଲି ଜିଲ୍ଲା ପ୍ରଶାସନ ସୂତ୍ରରୁ ଜଣାପଡିଛି।

# ବଜ୍ରାଘାତରେ ବୃଦ୍ଧାଙ୍କ ମୃତ୍ୟୁ

ରାଇରଙ୍ଗପୁର, ୨୧।୪(ସମିସ): ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବିଜାତଲା ବ୍ଲକ୍‌ର ବଣକାଟି ପଞ୍ଚାୟତ ଅନ୍ତର୍ଗତ ବାଲିଆଡ଼ିପା ଗ୍ରାମରେ ଜଣେ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର ହୋଇଛି। ବଜ୍ରାଘାତରେ ବୃଦ୍ଧାଙ୍କ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି। ଗତକାଲି ଝିପିଝିପି ବର୍ଷା ହୋଇଥିବା ବେଳେବିଜୁଳିଚଡ଼କରେବୃଦ୍ଧାଙ୍କଜୀବନଯାଇଥିବାସନ୍ଦେହକରାଯାଉଛି। ସେ ହେଲେ, ବଣକାଟି ପଞ୍ଚାୟତର ବାଲିକଟା ଗ୍ରାମର ସୁମି ସୋରେନ। ଶବ ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ହସ୍ପିଟାଲକୁ ପଠାଯାଇଛି।

# ସଂରକ୍ଷିତ ଜଙ୍ଗଲ ଜମିରେ ବହୁତଳ ପାର୍କିଂ ନିର୍ମାଣ ଉପରେ ସ୍ଥିତାବସ୍ଥା ଜାରି କଲେ ହାଇକୋର୍ଟ

କଟକ, ୨୧।୪ (ସମିସ): ଏକ ସଂରକ୍ଷିତ ଜଙ୍ଗଲ ଜମିରେ ବହୁତଳ ପାର୍କିଂ ନିର୍ମାଣ ଅଭିଯୋଗ ପ୍ରସଙ୍ଗକୁ ନେଇ ରୁଜୁ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ବାଲେଶ୍ୱର ନୀଳଗିରି ଶ୍ୟାମସୁନ୍ଦରପୁର ମୌଜାରେ ଚାଲିଥିବା ଏହି ନିର୍ମାଣ କାର୍ଯ୍ୟ ଉପରେ ହାଇକୋର୍ଟ ଅନ୍ତରୀଣ ରୋକ୍ ଲଗାଇଛନ୍ତି। ଏହି ସ୍ଥାନରେ ମାମଲାର ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ସ୍ଥିତାବସ୍ଥା ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ପ୍ରଭାତ କୁମାର ପାଢ଼ୀଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ବି.ପି ରାଉତରାୟ ଏହି ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଛି ଯେ ଶ୍ୟାମସୁନ୍ଦରପୁର ମୌଜାର ଖାତା ନମ୍ବର ୮୦୯ ଏବଂ ପ୍ଲଟ ନମ୍ବର ୧୦୩୮ ହେଉଛି ଏକ ସଂରକ୍ଷିତ ଜଙ୍ଗଲ ଜମି। ଏହା ଉପରେ ଏକ ବହୁତଳ ପାର୍କିଂ ନିର୍ମାଣ କାର୍ଯ୍ୟ କରାଯାଉଛି। ଓଟିଡିସି, ଜିଲ୍ଲା ଓ ତହସିଲ ପ୍ରଶାସନ ପକ୍ଷରୁ ସଂରକ୍ଷିତ ଜଙ୍ଗଲ ଜମିରେ ଏଭଳି ନିର୍ମାଣ କାର୍ଯ୍ୟ 'ଜଙ୍ଗଲ ସଂରକ୍ଷଣ ଆଇନ ୧୯୮୦'ର ଉଲ୍ଲଙ୍ଘନ କରୁଛି ବୋଲି ଆବେଦନକାରୀ ଯୁକ୍ତି ବାଢ଼ିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ସମ୍ପୃକ୍ତ ଜମି କ୍ଷେତ୍ରରେ ସ୍ଥିତାବସ୍ଥା ବଜାୟ ରଖିବାକୁ ହାଇକୋର୍ଟ ସରକାରୀ ପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମେ' ୧୧ ତାରିଖରେ ହେବା ପାଇଁ ଧାର୍ଯ୍ୟ କରାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୨ ରାଜ୍ୟର...

ଏହି ନିର୍ବାଚନରେ 'କର-ବା-ମର' ସ୍ଥିତି ସୃଷ୍ଟି କରିଛି। ଏଭଳି ନିର୍ବାଚନକୁ ନେଇ ସାରା ରାଜ୍ୟରେ ପରିସ୍ଥିତି ସରଗରମ ରହିଥିବା ବେଳେ ଯେକୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ଲାଗି ବ୍ୟାପକ ସଂଖ୍ୟାରେ କେନ୍ଦ୍ରୀୟ ନିରାପତ୍ତା ବାହିନୀର ଯବାନମାନଙ୍କୁ ମୁତୟନ କରାଯାଇଛି। ପ୍ରଥମ ପର୍ଯ୍ୟାୟ ଲାଗି କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ଫୋର୍ସର ୨୪୦୦ କଂପାନୀ ଅର୍ଥାତ ଅଢ଼େଇ ଲକ୍ଷ ଯବାନଙ୍କୁ ମୁତୟନ କରାଯାଇଛି। ସ୍ୱାଧୀନ ଭାରତର ନିର୍ବାଚନ ଇତିହାସରେ କୌଣସି ରାଜ୍ୟରେ କେବେହେଲେ ଏତେ ସଂଖ୍ୟକ କେନ୍ଦ୍ରୀୟ ଯବାନ ମୁତୟନ ହୋଇନାହାନ୍ତି। ଏଥିରେ ସିଆରପିଏଫ୍, ବିଏସ୍‌ଏଫ୍, ସିଆଇଏସ୍‌ଏଫ୍, ଆଇଟିବିପି ଏବଂ ଏସଏସବି ଭଳି ।।କେନ୍ଦ୍ରୀୟ ସଶସ୍ତ୍ର ବାହିନର ଯବାନ ରହିଛନ୍ତି। ବିଭିନ୍ନ କେନ୍ଦ୍ରୀୟ ବାହିନୀ ଯବାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ଲାଗି ଦୁଇ ଦିନ ତଳେ କୋଲକାତାରେ କେନ୍ଦ୍ରୀୟ ସୁରକ୍ଷା ବାହିନୀ ୟୁନିଟ୍ ମୁଖ୍ୟମାନଙ୍କର ବୈଠକ ଯୁଦ୍ଧ ପରିସ୍ଥିତିର ଭ୍ରମ ସୃଷ୍ଟି କରିଥିଲା। ଟିଏମ୍‌ସିର ଗଡ଼ କୁହାଯାଉଥିବା ମୁର୍ଶିଦାବାଦ ଜିଲ୍ଲାରେ ସର୍ବାଧିକ ୩୧୬ କଂପାନୀ ମୁତୟନ କରାଯାଇଛି। ଏତେ ସଂଖ୍ୟାରେ କେନ୍ଦ୍ରୀୟ ବାହିନୀ ମୁତୟନ ନେଇ ପ୍ରତିବାଦ କରିଛି ଟିଏମ୍‌ସି। ଟିଏମ୍‌ସି ସାଂସଦ ମହୁଆ ମୈତ୍ର ଅଭିଯୋଗ କରିଛନ୍ତି ଯେ ବିଜେପି ଏବଂ ମୁଖ୍ୟ ନିର୍ବାଚନ କମିସନର ସାମରିକ ଶୈଳୀରେ ବେଙ୍ଗଲ ଦଖଲ ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ପାର୍ଟିର ଅନ୍ୟତମ ନେତା ସାକେତ ଗୋଖଲେ କହିଛନ୍ତି ଯେ ଭୋଟରଙ୍କୁ ଡରାଇବା ଲାଗି ଚକ୍ରାନ୍ତ ଚାଲିଛି। ମଣିପୁରରେ ହିଂସା ଚରମ ସୀମାରେ ପହଞ୍ଚିଥିବା ସମୟ।।ରେ ସେଠାରେ ୨୯ ହଜାର କେନ୍ଦ୍ରୀୟ ଯବାନଙ୍କୁ ମୁତୟନ କରାଯାଇଥିବା ବେଳେ ପଶ୍ଚିମ ବଙ୍ଗରେ ଏତେ ସଂଖ୍ୟକ ଯବାନ ମୁତୟନର କାରଣ କଣ ବୋଲି ସେ ପ୍ରଶ୍ନ କରିଛନ୍ତି। ଇତିମଧ୍ୟରେ ଆସନ୍ତା ୨୭ ତାରିଖରୁ ସନ୍ଧ୍ୟା ୬ରୁ ସକାଳ ୬ଟା ଯାଏଁ କୋଲକାତାରେ ଦୁଇ ଚକିଆ ମୋଟର ସାଇକଲ ଚଳାଚଳକୁ ନିଷିଦ୍ଧ କରାଯାଇଛି।

ଅନ୍ୟପକ୍ଷରେ ତାମିଲନାଡୁ ବିଧାନସଭା ନିର୍ବାଚନ ପାଇଁ ମଧ୍ୟ ଆଜି ପ୍ରଚାର ଅଭିଯାନ ଶେଷ ହୋଇଛି। ୨୩୪ ଆସନ ବିଶିଷ୍ଟ ରାଜ୍ୟ ବିଧାନସଭା ପାଇଁ ଆସନ୍ତା ୨୩ ତାରିଖରେ ମତଦାନ ହେବ। ରାଜ୍ୟରେ ଡିଏମକେ, ଆନ୍ନାଡିଏମକେ ଏବଂ ଅଭିନେତା ବିଜୟଙ୍କ ଟିଭିକେ ମଧ୍ୟରେ ତ୍ରିମୁଖୀ ଲଢ଼େଇ ହେବାକୁ ଯାଉଛି।

### 'ଆପୋସ' ଭେଳିକି...

ପ୍ରସ୍ତାବ ଆନୁଷ୍ଠାନିକ ଭାବେ ଦାଖଲ ହୋଇ ପାରି ନ ଥିଲା । ଯାହାକୁ ନେଇ ଟ୍ରିବ୍ୟୁନାଲ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ଯେଉଁଭଳି ଭାବେ ଉଭୟ ରାଜ୍ୟ ଆବଶ୍ୟକ ପ୍ରକ୍ରିୟାର ଅନୁସରଣ କରି ଆଲୋଚନା କରିବା କଥା, ସେଭଳି କରାଯାଉ ନାହିଁ ବୋଲି ଉଲ୍ଲେଖ କରି ଟ୍ରିବ୍ୟୁନାଲ କ୍ଷୋଭ ପ୍ରକାଶ କରିଛନ୍ତି। ବିବାଦର ସମାଧାନ କ୍ଷେତ୍ରରେ ଉଭୟ ରାଜ୍ୟ ଯେପରି ପ୍ରକ୍ରିୟା ଆପଣେଉଛନ୍ତି, ସେଥିରେ ଆମେ ଆଦୌ ସନ୍ତୁଷ୍ଟ ନୁହେଁ ବୋଲି କଡ଼ା ମନ୍ତବ୍ୟ ଦେଇଛନ୍ତି ଟ୍ରିବ୍ୟୁନାଲ। ଆସନ୍ତା ୨ ତାରିଖରେ ଏ ସଂକ୍ରାନ୍ତରେ ଶେଷ ଶୁଣାଣି ପାଇଁ ଦୁଇ ରାଜ୍ୟକୁ ସୁଯୋଗ ଦେବା ସହ ଉଭୟ ରାଜ୍ୟ ପକ୍ଷରୁ ଦୁଇ ରାଜ୍ୟ ତଥ୍ୟ ଦାଖଲ ନ କଲେ, ଟ୍ରିବ୍ୟୁନାଲ ନିଜେ ଆଇନ ଅନୁଯାୟୀ ପଦକ୍ଷେପ ନେବେ ବୋଲି ରୋକଠୋକ୍ ଶୁଣାଇଛନ୍ତି। ସେହିପରି ଉଭୟ ରାଜ୍ୟ ମଧ୍ୟରେ ଥିବା ବିଭିନ୍ନ ବିବାଦୀୟ ପ୍ରସଙ୍ଗର ସମାଧାନ ଦିଗରେ ମଧ୍ୟ କୌଣସି ପ୍ରସ୍ତାବ ଦାଖଲ କରାଯାଇନଥିବା ବେଳେ ଏହାକୁ ନେଇ ଟ୍ରିବ୍ୟୁନାଲ ଅସନ୍ତୋଷ ପ୍ରକାଶ କରିଛନ୍ତି । ମାମଲାର ସମାଧାନ ନିମନ୍ତେ ପଦକ୍ଷେପ ପାଇଁ ଦୁଇ ରାଜ୍ୟ ଚେଷ୍ଟା କରୁଥିବା କହୁଥିଲେ ହେଁ ବାସ୍ତବରେ ତାହା କାର୍ଯ୍ୟରେ ପ୍ରତିଫଳିତ ହେଉନାହିଁ ବୋଲି ଟ୍ରିବ୍ୟୁନାଲ କହିଛନ୍ତି ।

ଟ୍ରିବ୍ୟୁନାଲଙ୍କ ଏପରି ଟିପ୍ପଣୀକୁ ନେଇ ବିଶେଷଜ୍ଞ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ୨୨ ମାସ ହେଲାଣି ରାଜ୍ୟ ସରକାର ଜଳ ବିବାଦର ସମାଧାନ ପାଇଁ ଛତିଶଗଡ଼ ସହ ଆପୋଷ ବୁଝାମଣା ଚାଲିଛି ବୋଲି କହୁଛନ୍ତି। ମାତ୍ର ଏଯାଏଁ ଆପୋଷ ଆଲୋଚନାର ସର୍ତ୍ତ, ଆଲୋଚନାର ଅଗ୍ରଗତି ବିଷୟରେ ସରକାର କୌଣସି ତଥ୍ୟ ସାର୍ବଜନୀନ କରୁନାହାନ୍ତି। ଏତିକି ବେଳେ ଉଭୟ ରାଜ୍ୟ ମହାନଦୀରେ ଜଳର ଉପଲବ୍ଧତା ପରି ଏକ ସାମାନ୍ୟ ପ୍ରସଙ୍ଗରେ ସହମତିରେ ପହଞ୍ଚିବାକୁ ନେଇ ବାରମ୍ବାର ବିଫଳ ହେବା ଆପୋଷ ବୁଝାମଣାର ଦିଗ ପ୍ରତି ସଂଶୟ ସୃଷ୍ଟି କରୁଛି। ଯଦି ଏପରି ଏକ ସାମାନ୍ୟ ପ୍ରସଙ୍ଗରେ ସହମତି ସୃଷ୍ଟି ହୋଇପାରୁ ନାହିଁ, ତାହେଲେ ଆଗାମୀ ଦିନରେ ଓଡ଼ିଶା ନିଜର ହକ୍ ପାଇବା ଦିଗରେ ଛତିଶଗଡ଼ ଯେ ସହଯୋଗ କରିବ, ତାହା ବିରାଟ ପ୍ରଶ୍ନବାଚୀ ଭାବେ ଉଭା ହେଲାଣି ବୋଲି ବିଶେଷଜ୍ଞ ମହଲରେ ମତପ୍ରକାଶ ପାଇଛି। କେବଳ ଜଳ ବିଶେଷଜ୍ଞ ନୁହନ୍ତି, ବିରୋଧୀ ବିଜେଡି ମଧ୍ୟ ଆପୋସ ଆଲୋଚନାକୁ ନେଇ ସଂଶୟ ପ୍ରକାଶ କରିଆସୁଛି। ଏନେଇ ବିଜେଡିର ବରିଷ୍ଠ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ ଟ୍ରିବ୍ୟୁନାଲ ଗତ ୮ ବର୍ଷ ମଧ୍ୟରେ କୌଣସି ରାୟ ଦେଇପାରିଲେ ନାହିଁ। ଆସନ୍ତା ୯ ମାସ ମଧ୍ୟରେ ଏନେଇ କୌଣସି ନିଷ୍କର୍ଷ ବାହାରିବା ନେଇ ସମ୍ଭାବନା ଦେଖାଦେଉନାହିଁ। ସରକାର ଆପୋସ ସମାଧାନର କଥା କହୁଛନ୍ତି।ଆପୋସ ସମାଧାନ ପାଇଁ ଛତିଶଗଡ଼ ଆଦୌ ଆଗ୍ରହୀ ନୁହନ୍ତି। ଓଡ଼ିଶା ସରକାର ଏନେଇ ପ୍ରସ୍ତାବ ଦେଇଥିଲେ ହେଁ ଛତିଶଗଡ଼ ସରକାର ଏନେଇ କୌଣସି ସକରାତ୍ମକ ଆଭିମୁଖ୍ୟ ରଖୁନାହାନ୍ତି। ତେଣୁ ଆପୋସ ସମାଧାନ ଏକ ପ୍ରହେଳିକାରେ ପରିଣତ ହୋଇଛି ବୋଲି ସେ କହିଛନ୍ତି।

### ଝାରସୁଗୁଡ଼ା ଦେଶର...

ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହି ଜିଲ୍ଲାଗୁଡ଼ିକରେ ଉଷ୍ମ ଆର୍ଦ୍ର ପାଣିପାଗ ଆଶଙ୍କା ସହ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି। ଏହାବ୍ୟତୀତ, ଅପରାହ୍ଣ ପରେ ମୟୂରଭଞ୍ଜ, କେନ୍ଦୁଝର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ ଓ ଜଗତସିଂହପୁର ଜିଲ୍ଲାର କିଛି ଅଞ୍ଚଳରେ କାଳବୈଶାଖୀ ଆଶଙ୍କା ରହିଛି। ଏହି ଜିଲ୍ଲାଗୁଡ଼ିକରେ ବିଜୁଳି ଘଡ଼ଘଡ଼ି ସାଙ୍ଗକୁ ହାଲୁକା ବର୍ଷା ଏବଂ ଘଣ୍ଟା ପ୍ରତି ୩୦-୪୦ କିମି ବେଗରେ ପବନ ହେବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି।

### ଖରା ତାପ...

ପ୍ରଦାନ କରାଯିବାକୁ ଆଶ୍ୱାସନା ଦେଇଛନ୍ତି ଓ ତଦନ୍ତ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି କହିଛନ୍ତି। ଅପରପକ୍ଷରେ ବଂଶୀଧରଙ୍କ ପତ୍ନୀ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପଛରେ ଜନଗଣନା ଚାପକୁ ଦାୟୀ କରିଛନ୍ତି। ପ୍ରଚଣ୍ଡ ଗରମ ଓ ଗୁଳୁଗୁଳିରେ ଜନଗଣନା କାର୍ଯ୍ୟରେ ନିୟୋଜନ ଯୋଗୁଁ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟିଥିବା ସେ ଅଭିଯୋଗ କରିଛନ୍ତି। ଏହାପରେ ଖରା ଓ ଗରମରେ ଜନଗଣନା କାର୍ଯ୍ୟରେ ନିଯୁକ୍ତ ଶିକ୍ଷକ ଓ ତୃଣମୂଳସ୍ତରର କର୍ମଚାରୀଙ୍କ ସୁରକ୍ଷା ନେଇ ଚିନ୍ତା ବଢ଼ିବାରେ ଲାଗିଛି। ଏହି କାର୍ଯ୍ୟରେ ନିୟୋଜିତ ସରକାରୀ କର୍ମଚାରୀଙ୍କ ସୁରକ୍ଷା ଓ ସହାୟତା ପଦକ୍ଷେପ ନେବାକୁ ଦାବି ହୋଇଛି।

### ତେଲଙ୍ଗାନାରୁ ୪...

ମୋବାଇଲ ଓ ମେଲ ହ୍ୟାକ୍ କରୁଥିଲା, ଅନ୍ୟ ଜଣକ ଆକାଉଣ୍ଟକୁ ଟଙ୍କା ଯାଉଥିଲା ଓ ତୃତୀୟ ସଦସ୍ୟ ଟଙ୍କା ଉଠାଉଥିଲା। ମାଷ୍ଟରମାଇଣ୍ଡ ସବୁକିଛି ଅପରେଟ୍ କରୁଥିଲା। ଓଡ଼ିଶା ସମେତ ସାରା ଦେଶରୁ ହଜାର ହଜାର ଲୋକ ଏମାନଙ୍କ ଠକେଇର ଶିକାର ହୋଇଥିଲେ।

ଗତ ବର୍ଷ ସେପ୍ଟେମ୍ବର ମାସ ୨୫ ତାରିଖରେ ଭୁବନେଶ୍ୱର ପାଣ୍ଡରା ଅଞ୍ଚଳର ଯଶମନ୍ତ ଜେନାଙ୍କ ପାଖକୁ ଦୁଇଟି ମେସେଜ୍ ଆସିଲା। ତାଙ୍କ ଏଚ୍‌ଡିଏଫ୍‌ସି ବ୍ୟାଙ୍କ୍ ଆକାଉଣ୍ଟରୁ ୭ ଲକ୍ଷ ଟଙ୍କା ଉଠାଯାଇଥିବା ଏଥିରେ ଉଲ୍ଲେଖ ଥିଲା। ଏ ସଂକ୍ରାନ୍ତରେ ସେ ସାଇବର ଥାନାରେ ଏତଲା ଦେବା ପରେ ପୁଲିସ ୨ ଲକ୍ଷ ଟଙ୍କା ଫ୍ରିଜ୍ କରି ଦେଇଥିଲା। ମୋବାଇଲ୍ ହ୍ୟାକ୍ କରି ତାଙ୍କ ଆକାଉଣ୍ଟରୁ ଲୁଟିଆମାନେ ଟଙ୍କା ଉଠାଇ ନେଇଥିବା ଜଣା ପଡ଼ିଥିଲା। ପୁଲିସ ଏହାର ତଦନ୍ତ ଆରମ୍ଭ କରିବା ପରେ ଆଳୁ ଖୋଳୁଖୋଳୁ ମହାଦେବ ବାହାରିବା ପରି ସବୁ ତଥ୍ୟ ଜଣା ପଡ଼ିଥିଲା। ଶେଷରେ ପୁଲିସ ତେଲଙ୍ଗାନାରୁ ସମ୍ପୃକ୍ତ ଠକ ଗୋଷ୍ଠୀକୁ ଗିରଫ କରିବାକୁ ସଫଳ ହୋଇଥିଲା ।


**OFFICE OF THE MUNICIPAL COUNCIL, BHAWANIPATNA**
**DIST-KALAHANDI, PIN-766001** 13001/254/2627
**e-Procurement NOTICE**
**Bid Identification No.: BPM /02/2026-27**
**Bid Identification No.: BPM /1492, Dt.: 17/04/2026**

The Executive Officer on behalf of Bhawanipatna Municipality invites tenders in Single Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. https://tendersodisha.gov.in

1. Number of Civil Works: **14 (Fourteen) numbers**
2. Estimated Cost: **₹5.88 lakhs to ₹16.94 lakhs**
3. Period of completion: **As per NIT**
4. Date and Time of Availability of the bid documents in the portal:
**From 11:00 AM of 18.04.2026**
**To 05:00 PM of 28.04.2026**
5. Last Date/Time for receipt of bids in the portal: **05:00 PM of 28.04.2026**
6. Bids will be opened on: **05:30 PM of 28.04.2026**
7. Name and address of the officer inviting Officer inviting bid: **Executive Officer, Bhawanipatna Municipality**

Sd/- Executive Officer,
Bhawanipatna Municipality

OIPR-13001/13100/1/26-27/0004

**OFFICE OF THE MUNICIPAL COUNCIL, SONEPUR**
**e-Procurement Notice**
**Bid Identification No.: SNP-MUN-36/2025-26**
**Tender ID: 2026_ORULB_128169**
**Tender Call Notice No.: 1029 / Date: 16.04.2026**
13001/248/2627

Bid Documents consisting of Work, Estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract & other necessary documents can be seen in Govt. website i.e. www.tendersodisha.gov.in.

1. Name of Work: **As per DTCN**
2. No. of Works: **19 Nos.**
3. Amount Put to Tender: **As per DTCN**
4. Period of Completion: **As per DTCN**
5. Starting date & Time of Bidding: **from Dt. 17.04.2026 from 11:00 AM**
6. Last Date & Time for Receipt of tenders through online : **on or before Dt. 27.04.2026 up to 05:00 PM**
7. Bid received online shall be opened on : **on Dt. 28.04.2026 at 11:00 AM**
8. Name and address of the Officer inviting Bid: **Executive Officer, Sonepur Municipality**

Further details can be seen from the procurement portal i.e. www.tendersodisha.gov.in

Sd/- Executive Officer
Sonepur Municipality

OIPR-13001/13098/1/26-27/0003

34001/96/2627

**OFFICE OF THE SUPERINTENDING ENGINEER**
**DHENKANAL (R&B) DIVISION, DHENKANAL**
Email – eedklpwd@gmail.com
**INVITATION FOR BIDS THROUGH e-Procurement**
Bid Identification No. SE DKL (R&B). 03/ 2026-27
Invitation for Bids

| | | | |
|---|---|---|---|
| 1. | The Superintending Engineer Dhenkanal (R&B) Division, Dhenkanal, on behalf of Governor of Odisha, invites percentage rate bids in single cover system in ONLINE MODE only, for Construction of Building work as detailed below. | | |
| 2. | Nature of work | : | 2 Nos Civil works |
| 3. | No. of work | : | 02 Nos. |
| 4. | Bid Cost. | : | ₹ 6,000/- |
| 5. | Class of Contractor | : | 'B' & 'C' License |
| 6. | Availability of Bid Documents in the website | : | From 10.00 AM of 24.04.2026 to 5.00 PM of 08.05.2026 |
| 7. | Date of Opening of Bid | : | Dt. 09.05.2026 at 11:00 AM. |
| 8. | The Bidders have to participate in ONLINE bidding only. Further details can be seen from the website :https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

Superintending Engineer
Dhenkanal (R&B) Division

OIPR-34001/34016/1/26-27/0003

**NOTICE INVITING TENDER** 13001/263/2627
**OFFICE OF THE MUNICIPAL COUNCIL, NAYAGARH (Odisha), PIN-752069**
Email: nacnayagarh@yahoo.co.in
**Tender Call Notice No.: 893 / Dt. 16.04.2026**
**E-Procurement Notice No.: MUNLNGR-06/2025-26**

| | | | |
|---|---|---|---|
| 1 | Name of Work | : | Civil Works |
| 2 | No. of Works | : | 08 Nos. |
| 3 | Value of Works | : | ₹1,69,575/- to ₹16,96,232/- |
| 4 | Class of Contractor | : | D & C |
| 5 | Period of Completion | : | As per DTCN |
| 6 | Date of Publication | : | Dt. 20.04.2026 |
| 7 | Date and Time of Availability of Document in the portal. | : | Form Dt. 20.04.2026 at 10 AM to Dt. 04.05.2026 up to 5 PM |
| 8 | Last Date/Time of receipt of bids in portal | : | Dt. 04.05.2026 up to 5 PM |
| 9 | Last date of Submission of original Documents in this Office | : | On or before 1.00 P.M. on Dt. 07.05.2026 by Register Post / Speed Post / Courier Service (No Tender Box) at Municipal Office, Nayagarh. |
| 10 | Date and Time of opening Bid Opening | : | Dt. 08.05.2026 at 11.00 AM at Municipality Office, Nayagarh |
| 11 | Name and address of the officer inviting bid | : | Sd/- Executive Officer, Nayagarh Municipality |

Further details can be seen from e-Procurement Portal https://tendersodisha.gov.in
OIPR-13001/13134/1/26-27/0002

**ପୂର୍ବ ତଟ ରେଳପଥ**
ଟେଣ୍ଡର ନଂ.02-KUR-TRD-OT-2026-27

କାର୍ଯ୍ୟର ନାମ: ଡିପୋଜିଟ୍ ସ୍କିମ୍‌ରେ ବାହ୍ୟ ଠେକିବା ପ୍ରଣାଳୀ ଦ୍ୱାରା ଖୋର୍ଦ୍ଧା ରୋଡ଼(KUR) ମଣ୍ଡଳରେ ଭଞ୍ଜପୁର- ବାଂଶପାଣୀ ଶାଖା ଲାଇନରେ ବାଙ୍ଗୁଆପାଳ (BGPL) ଏବଂ ସୁକିନ୍ଦା ରୋଡ଼ (SKND) ଷ୍ଟେସନ ମଧ୍ୟରେ କି.ମି.164.199 (164/4-6) ଠାରେ ରେଲୱେ ଉପରେ ... (ବାମ ପାର୍ଶ୍ୱ ଲେନ-II) ନିମନ୍ତେ RCC ବାକ୍ସ ବ୍ରିଜ୍ ନଂ.442B (3x2x4.5 x4.25M) ର ପ୍ରସ୍ତାବିତ ନିର୍ମାଣ ସମୟରେ OHE ସ୍ଥାନାନ୍ତରଣ କାର୍ଯ୍ୟର ସମ୍ପାଦନ ।

ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 25,89,110.51, EMD (ଟଙ୍କାରେ): 51,800/-, ସମ୍ପୂର୍ଣ୍ଣ ହେବା ଅବଧି : 180 ଦିନ ।

ବିଡ୍ ଆରମ୍ଭ ହେବା ତାରିଖ: ତା.24.04.2026ରୁ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.08.05.2026 ଦିନ 1300 ଘଣ୍ଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫର ଗ୍ରହଣ କରାଯିବ ନାହିଁ ଏବଂ ସେଭଳି କୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଟେଣ୍ଡର ନଥିପତ୍ର ସହିତ ସମ୍ପୂର୍ଣ୍ଣ ବିବରଣୀ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଛେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍
PR-65/R/26-27

**AFFIDAVIT**
By virtue of an affidavit sworn before Executive Magistrate, Nayagarh dated 16.05.2025. I, Rasmita Dash, aged 33 years, D.O.B. 05.07.1992, wife of Sri Upendra Kumar Dash of Vill- Solapata (Main Road), Po- Gotisahi, Ps- Sarankul, Dist- Nayagarh (Odisha), Pin- 752070 declare that I have changed my son's name from Jagannath Dash to Rohit Dash. Henceforth, he shall be known as **Rohit Dash** for all purposes.
Sd/-Rasmita Dash

**NOTICE**
By virtue of an affidavit sworn before Notary Public Nayagarh dated 13.04.26, I, Kausalya Jena, W/o- Late Abhimanyu Jena, At/Po - Sikharpur, P.S - Sarankul, Dist - Nayagarh, State - Odisha, Pin - 752080 declare that I have changed my name from Kausalya Bewa to **Kausalya Jena.** Henceforth, I shall be known as **Kausalya Jena** for all purposes.
Kausalya Jena

**AFFIDAVIT**
I, SATTI VEER RAGHAVA REDDY, S/o- Satti Veer Reddy, residence of Parmanpur Farm, Po.- Tope, Ps.- Attabita, Dist.- Bargarh (Odisha) declare vide this Affidavit Sl. no.- 944 that, now onwards I shall be known as **SATTI BIRARAGHAB REDDY** for all purposes.

**AFFIDAVIT**
I, Sipra Saha, aged about 44 years, W/o- Sudipta Saha, permanent resident of At- New Dangal Para, Po/Ps: Suri, Dist: Birbhum, State: West Bengal, PIN: 731101, present resident of At- IIT Bhubaneswar, Argul Campus, Po/Ps: Jatni, Dist: Khordha, State: Odisha, PIN: 752050 declared by this affidavit No. 04, dtd- 18/06/2024 that now onwards I shall be known as **SIPRA DEY** for all future purposes.

**LOST**
We, AGM, Bhubaneswar Main Branch (0041), Unit-1, Rajpath, Bhubaneswar hereby declared that, **Original LIC Policy No.: 587508123 and 598312900** relating to Loan A/c of Mr. Pradip Chandra Mohanty has been lost in our bank/ department. Inspite of our best effort we could not trace these documents. If anyone find these policies please inform us.
**Contact No- 9938234040**

**LOST**
I **Smt. Anusaya Sasmal,** W/o: Dhabaleswar Sasmal, resident of Plot No.: 1584, Prachi Colony, Lingipur, PO: Sisupalgarh, PS: Dhauli, Bhubaneswar, Dist.: Khordha, Odisha, do hereby states that, on 18.04.2026 when I was travelling from my home to Punjab National Bank situated at Dhauli, I was carrying the original Regd. Sale deed bearing No.: 11081013965, dt. 05.06.2010 executed in favour of Pruthiraj Malla and GPA-15007 dt. 02.09.2009 executed in favour of Pratap Chandra Routray which is just the link document of my sale deed No.: 11082305318 dt. 25.04.2023 with other documents, the same has been misplaced on the way and after my best effort I could not be able to trace out the same. If anybody find this please Contact: 9910467640

**ଜିଲ୍ଲା କଂଗ୍ରେସର ରଣହୁଙ୍କାର**

# ଏସ୍‌ପିଙ୍କୁ ବଦଳି ଓ ଏସ୍‌ଡିପିଓଙ୍କୁ ଗିରଫ ଦାବି

ନୟାଗଡ଼,୨୧।୪(ସମିସ):

ନୟାଗଡ଼ ଜିଲ୍ଲାରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପାଇଁ ଅପାରଗ ଏସ୍‌ପିଙ୍କୁ ତ୍ୱରିତ ବଦଳି କରାଯାଉ। ଖଣ୍ଡପଡ଼ା ଏସ୍‌ଡିପିଓଙ୍କୁ ନିଲମ୍ବନ ସହିତ ଗିରଫ କରାଯାଉ, ନଚେତ ମହିଳା କଂଗ୍ରେସ ଆନ୍ଦୋଳନ କରିବ ବୋଲି ଆଜି ଚେତାବନୀ ଦେଇଛି। ନୟାଗଡ଼ ଜିଲ୍ଲା ଏସ୍‌ପି ଏସ୍ ସୁଶ୍ରୀଙ୍କ ଅପାରଗତା ପାଇଁ ଜିଲ୍ଲାରେ ଆଇନଶୃଙ୍ଖଳା ବେଲଗାମ ହୋଇଛି। ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବାରେ ଏସ୍‌ପି ଏସ ସୁଶ୍ରୀ ସମ୍ପୂର୍ଣ୍ଣ ବିଫଳ। ନୟାଗଡ଼ ଜିଲ୍ଲାରେ ଏସ୍‌ପି କିଏ ଏସ୍ ସୁଶ୍ରୀ ନା ସୁବାସ ଚନ୍ଦ୍ର ପଣ୍ଡା ତାହା ଲୋକଙ୍କ ମନରେ ଭ୍ରମ ସୃଷ୍ଟି କରୁଛି ବୋଲି ଡିସିସି ସଭାପତି ତଥା ବରିଷ୍ଠ ଆଇନଜୀବୀ ରଣଜିତ ଦାଶ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି। ନୟାଗଡ଼ ଜିଲ୍ଲାର ପ୍ରତ୍ୟେକ ଥାନାରେ ଚୋରି ରାହାଜାନୀ, ଡକାୟତି କ୍ରମଶଃ ବୃଦ୍ଧି ପାଉଛି। ପ୍ରଚୁର ଦେଶୀ ମଦ, ଚୋରା ଗଞ୍ଜେଇ ଏବଂ ଧଳା ଜହର କାରବାରରେ ଜିଲ୍ଲା ହବ ହୋଇଛି। ମହାନଦୀରୁ ବେଆଇନ ବାଲି ଚାଲାଣ, ମାଙ୍କଡ଼ା ପଥର ବେଆଇନ ଖନନ, ଚୋରାଚାଲାଣ ସବୁ ପୁଲିସ ଜାଣତରେ ଚାଲିଛି। ଖଣ୍ଡପଡ଼ା ଏସ୍‌ଡିପିଓ ମଦନମୋହନ ପ୍ରଧାନ ଜଣେ ପୀଡ଼ିତାଙ୍କୁ ତାଙ୍କ ସହ ରାତି ବିତାଇବା ଓ ପ୍ରେମାଳାପ କରିବା ନୟାଗଡ଼ରେ ଖାକିରେ କଳଙ୍କ ଲଗାଇଛି। ଜିଲ୍ଲାରେ ପୁଲିସ ନିନ୍ଦିତ ହୋଇଛି। ସମ୍ପୃକ୍ତ ଏସ୍‌ଡିପିଓଙ୍କୁ ତୁରନ୍ତ ନିଲମ୍ବନ କରାଯିବା ସହିତ ଗିରଫ କରିବା ପାଇଁ ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ଦାଶ ଦାବି କରିଛନ୍ତି। ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ଏହାକୁ ଗୁରୁତର ପ୍ରସଙ୍ଗ ଭାବେ ନେଇ ପ୍ରଦେଶ ମହିଳା କଂଗ୍ରେସ ବରିଷ୍ଠ ଉପସଭାନେତ୍ରୀ ପ୍ରଣତି ମିଶ୍ର, ବିଶ୍ୱକଲ୍ୟାଣୀ କର ଏବଂ ସାଧାରଣ ସମ୍ପାଦିକା ସିଲି ସେଠୀ ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ରହି ଏସ୍‌ପିଙ୍କ ବଦଳି ଦାବି କରିଛନ୍ତି। ଏଥିସହିତ ଏସ୍‌ଡିପିଓ ଗିରଫ ସହିତ ନିଲମ୍ବନ କରି ପୀଡ଼ିତା ମହିଳାଙ୍କୁ ନ୍ୟାୟ ଦେବାରେ ବିଫଳ ହେଲେ ମହିଳା କଂଗ୍ରେସ ଜୋରଦାର ଆନ୍ଦୋଳନ କରିବ ବୋଲି ଚେତାବନୀ ଦିଆଯାଇଛି।

## ଆଇନ ତା ବାଟରେ ଯିବ ; ବିଧାୟକ

ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଆଜି ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଖଣ୍ଡପଡ଼ା ଏସ୍‌ଡିପିଓଙ୍କ ପ୍ରସଙ୍ଗରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି କି, ଆଇନ ତା ବାଟରେ ଯିବ। ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସରକାରରେ କୌଣସି ବିଶୃଙ୍ଖଳା ହେବ ନାହିଁ, କେବଳ ଉନ୍ନତି ଓ ବିକାଶ ପାଇଁ କାର୍ଯ୍ୟ କରାଯିବ ବୋଲି କହିଛନ୍ତି। ଖଣ୍ଡପଡ଼ା ଏସ୍‌ଡିପିଓ ମଦନ ମୋହନ ପ୍ରଧାନ ବିଧାୟକଙ୍କ ବଳରେ ବଳିଆନ ହୋଇ ବିଭିନ୍ନ ଅନୀତି ଓ ଅନ୍ୟାୟ କରି ଆସୁଥିଲେ। ସାଧାରଣ ଲୋକଙ୍କୁ ହଇରାଣ କରିବା, ଜମି ମାଫିଆ ଓ ବାଲି ମାଫିଆଙ୍କ ହାତବାରିସି ସାଜିବା ଭଳି କାର୍ଯ୍ୟ କରି ଆସୁଥିଲେ। ଅନେକ ଯୁବକଙ୍କୁ କାର୍ଯ୍ୟାଳୟକୁ ଡାକି ମାଡ଼ ମାରିବା, ସେମାନଙ୍କ ମୋବାଇଲ ଛଡ଼ାଇ ରଖିବା ଭଳି ଘଟଣା ବାରମ୍ବାର ସାମ୍ନାକୁ ଆସିଛି। ଏସ୍‌ଡିପିଓଙ୍କ ବିରୁଦ୍ଧରେ ଜନସାଧାରଣ ଅତିଷ୍ଠ ଅବସ୍ଥାରେ ରହିଥିଲେ। ଏବେ ଜଣେ ମହିଳାଙ୍କ ସହ ରାତି ବିତାଇବାକୁ ଡାକିବା, ତାଙ୍କୁ ଅଡୁଆ ମଧ୍ୟକୁ ଠେଲି ଦେଇଛି।

● ଲଙ୍କାପୋଡ଼ି ଯାତ୍ରା

# ରାମଙ୍କ ଶରରେ ରାବଣ ନିହତ



ଗଣିଆ,୨୧।୪(ସମିସ): ଗଣିଆର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ରଘୁନାଥଙ୍କ ପୀଠରେ ଚାଲିଥିବା ଲଙ୍କାପୋଡ଼ି ଯାତ୍ରାର ମୁଖ୍ୟ ଉତ୍ସବ ରାବଣ ବଧ ବା ଲଙ୍କାପୋଡି ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଯାତ୍ରା ଦେଖିବାକୁ ହଜାର ହଜାର ଦର୍ଶକଙ୍କ ସମାଗମ ହୋଇଥିଲା। ଏଥିପାଇଁ ଉତ୍ସବ ମୁଖର ହୋଇଉଠିଛି ଗଣିଆ। ଜଣ ଜଣ କରି ରାବଣର ପୁତ୍ର ନାତିଙ୍କ ମୃତ୍ୟୁ ପରେ ରାବଣ ସୈନ୍ୟ ଘେନି ନିଜେ ଯୁଦ୍ଧକୁ ବାହାରିଥିଲା। ଯାତ୍ରାର ମୁଖ୍ୟ ମଞ୍ଚଠାରୁ ରାମ ରାବଣ ଯୁଦ୍ଧ କରି ବ୍ଲକ ଅଫିସ ପର୍ଯ୍ୟନ୍ତ ଯାଇଥିଲେ। ରାମ ସେନା ରଥ ଉପରେ ଥାଇ ବାଣ ନିକ୍ଷେପ କରୁଥିବା ବେଳେ ରାବଣ ରଥ ଉପରେ ଅସୁର ମାନଙ୍କୁ ନେଇ ଯୁଦ୍ଧ କରୁଥିଲେ। ଏକ ବିଶାଳ ଶୋଭାଯାତ୍ରାରେ ବାଜା ବାଣ ରୋଷଣୀ କରି ଶୋଭାଯାତ୍ରା ସ୍ଥାନୀୟ ଶାସନ ସାହିରୁ ବାହାରିଥିଲା। ଯୁଦ୍ଧର ଶେଷ ପର୍ଯ୍ୟାୟରେ ସ୍ଥାନୀୟ ବାଣ କାରିଗରଙ୍କ ଦ୍ୱାରା ତିଆରି ହୋଇଥିବା ବ୍ରହ୍ମାସ୍ତ୍ର ରାମଚନ୍ଦ୍ରଙ୍କ ତୂଣିରରୁ ବାହାରି ପ୍ରବଳ ପ୍ରତାପି ରାବଣକୁ ବଧ କରି ପୁନର୍ବାର ଫେରି ଆସିଥିଲା। ଏହି ଦୃଶ୍ୟକୁ ଦେଖିବାକୁ ଦର୍ଶକ କୌତୁହଳର ସହିତ ଅନାଇ ବସିଥିଲେ। ପରେ ପରେ ରାବଣର ମୃତ୍ୟୁରେ ଆତସବାଜି ଫୁଟିଥିଲା। ପ୍ରଭୁ ରାମଚନ୍ଦ୍ର ବିଭୀଷଣକୁ ଲଙ୍କାଗଡରେ ରାଜ୍ୟାଭିଷେକ କରିଥିଲେ। ଲଙ୍କାଗଡରେ ଥିବାରୁ ସତୀ ସୀତାଙ୍କୁ ଅଗ୍ନି ପରୀକ୍ଷା ଦେବାକୁ ପଡିଥିଲା। ଚାରିପଟେ ନିଆଁ ଲାଗିଥିବା ବେଳେ ତା ଭିତରେ ସୀତା ପ୍ରବେଶ କରିବା ବେଳର ଦୃଶ୍ୟ ଅତ୍ୟନ୍ତ ମନୋମୁଗ୍ଧକର ଥିଲା। ଯାତ୍ରା ପଡିଆରେ ମୀନା ବଜାର, ପଲ୍ଲୀଶ୍ରୀ ମେଳା ଅନୁଷ୍ଠିତ ହୋଇଥିଲା। ନୟାଗଡ଼ ଜିଲ୍ଲାର ପ୍ରାୟ ୧୩ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ନିଜର ହାତ ତିଆରି ସାମଗ୍ରୀ ବିକ୍ରି କରିଥିଲେ। କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଆନୁଷ୍ଠାନିକ ଭାବେ ଏହି ମେଳାକୁ ଉଦଘାଟନ କରିଥିଲେ। ଦର୍ଶକଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ମେଲୋଡି ଅନୁଷ୍ଠିତ ହୋଇଥିଲା। ୪ ଦିନ ଧରି ମହୋତ୍ସବ ମଞ୍ଚରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ଜଣାପଡ଼ିଛି। ରଘୁନାଥ ଜୀଉ ମନ୍ଦିର ମୁଖ୍ୟ ମଞ୍ଚରେ ବୁଧବାର ଶ୍ରୀରାମ ଅଭିଷେକ ନାଟକ ମଞ୍ଚସ୍ଥ ହେବ ବୋଲି ରାମଲୀଳା କମିଟିର ସମ୍ପାଦକ ଉଦ୍ୟନାଥ ସାହୁ ପ୍ରକାଶ କରିଛନ୍ତି।

**ମନମୋହିଲା ସୀତାଙ୍କ ଅଗ୍ନି ପରୀକ୍ଷା ଦୃଶ୍ୟ**

## ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା



ଗଣିଆ,୨୧।୪(ସମିସ): ଗଣିଆ ବ୍ଲକ୍ ବେଲପଡ଼ାପାଟଣା ପଞ୍ଚାୟତର ଦଶିପୁରଠାରେ ଥିବା ମା’ କଟାଚଣ୍ଡୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୨୦ ତାରିଖ ଠାରୁ ଆରମ୍ଭ ହୋଇ ଏହି କାର୍ଯ୍ୟକ୍ରମ ୨୪ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଜଣାପଡ଼ିଛି। ସୋମବାର ଅଙ୍କୁରାରୋପଣ ଅନୁଷ୍ଠିତ ହୋଇଥିବା ବେଳେ ମଙ୍ଗଳବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମହାନଦୀରୁ ମହିଳା ଏବଂ ପୁରୁଷ ଏକତ୍ରିତ ହୋଇ ୧୦୮ କଳସରେ ଜଳ ସଂଗ୍ରହ କରି ଏକ ବିଶାଳ ଶୋଭାଯାତ୍ରାରେ ମନ୍ଦିର ପରିସରରେ ପହଞ୍ଚିଥିଲେ। ପରେ ପରେ ସୂର୍ଯ୍ୟ ପୂଜା, ଘୃତ ଯଜ୍ଞ, ମହିଳା ସଂକୀର୍ତ୍ତନ ଏବଂ ଭଜନ ସମାରୋହ ଧୁମଧାମରେ ପାଳନ କରାଯାଇଥିଲା। ୨୩ ତାରିଖରେ ପୂର୍ଣ୍ଣାହୁତି ସହିତ ୨୪ ତାରିଖରେ ନଗର କୀର୍ତ୍ତନ ଅନୁଷ୍ଠିତ ହେବ ବୋଲି ଜଣାପଡ଼। ଦଶିପୁର ଗ୍ରାମବାସୀଙ୍କ ସହଯୋଗରେ ମନ୍ଦିରଟି ଗଢି ଉଠିଥିବା ବେଳେ ନୂତନ ମନ୍ଦିରର ପ୍ରତିଷ୍ଠା ପାଇଁ ଗ୍ରାମବାସୀ ଅହରହ ଉଦ୍ୟମ ଜାରି ରଖିଛନ୍ତି। ଦିନ ରାତି ଭକ୍ତ ମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି।

● କଦଳୀବନ୍ଧ ଓ ମଠ ଖଜୁରିଆ ବିଦ୍ୟାଳୟ

## ବିଦ୍ୟୁତ୍ ଓ ପାନୀୟଜଳ ସଂଯୋଗ ପ୍ରତିଶ୍ରୁତି

ଓଡ଼ଗାଁ,୨୧।୪(ସମିସ): ଓଡ଼ଗାଁ ବ୍ଲକ୍ ଓ ଏନ୍‌ଏସି ଅଧୀନସ୍ଥ କଦଳୀ ବନ୍ଧ ଏବଂ ମଠ ଖଜୁରୀଆ ପ୍ରାଥମିକ ବିଦ୍ୟାଳୟରେ ବିଦ୍ୟୁତ୍ ସଂଯୋଗ ଓ ପାନୀୟଜଳ ସମସ୍ୟା ସମାଧାନ ପାଇଁ ପୁନର୍ବାର ପ୍ରତିଶ୍ରୁତି ଦିଆଯାଇଛି। ସୋମବାର ଆୟୋଜିତ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିରରେ ଉଭୟ ବିଦ୍ୟାଳୟ ପକ୍ଷରୁ ଏହି ସମସ୍ୟା ଉଠା ଯାଇଥିଲା। ଅଭିଯୋଗ ଶୁଣିବା ପରେ ଆଗାମୀ ୫ ଦିନ ମଧ୍ୟରେ ବିଦ୍ୟୁତ୍ ସଂଯୋଗ ଓ



ପାନୀୟଜଳ ବ୍ୟବସ୍ଥା ସୁନିଶ୍ଚିତ କରାଯିବ ବୋଲି କହାଯାଇଛି। ଏହା ପୂର୍ବରୁ ଗତ ଫେବୃଆରୀ ୧୬ ତାରିଖରେ ମଧ୍ୟ ଏହି ସମସ୍ୟା ନେଇ ଶିବିରରେ ଅଭିଯୋଗ ହୋଇଥିଲା। ଏପରି ସ୍ଥିତିରେ ଗରମ ଓ ଗୁଳୁଗୁଳି ପରିସ୍ଥିତିରେ ଶିଶୁମାନଙ୍କ ପାଇଁ ପଢ଼ାପଢି କଷ୍ଟକର ହୋଇପଡ଼ିଛି। ବିଡ଼ମ୍ବନାର କଥା ହେଲା, ଓଡ଼ଗାଁ ଏନ୍‌ଏସିକୁ ପାନୀୟଜଳ ଯୋଗାଣ କରୁଥିବା ଜଳ ବିଶୋଧନାଗାର ପାର୍ଶ୍ୱରେ କଦଳୀ ବନ୍ଧ ବିଦ୍ୟାଳୟ ପାଣିପାଇଁ ଶୋଷରେ ରହିବା ଦୁଃଖଦ କଥା। ଏବେ ପ୍ରଶାସନ ପକ୍ଷରୁ ମିଳିଥିବା ନୂତନ ପ୍ରତିଶ୍ରୁତି କାର୍ଯ୍ୟକାରୀ ନେଇ ଅଭିଭାବକମାନେ ଆଶାବାଦୀ ରହିଛନ୍ତି। ତେବେ ଯଦି ସମୟସୀମା ମଧ୍ୟରେ ସମସ୍ୟାର ସମାଧାନ ନହେଲେ ଆଗାମୀ ଦିନରେ ଦୃଢ ପଦକ୍ଷେପ ନିଆଯିବ ବୋଲି ସୂଚନା ମିଳିଛି।

**ଲୁଟେରାଙ୍କ ଟେର୍ ମିଳୁନି; ରହସ୍ୟରେ ହତ୍ୟା ମାମଲା**

# ଗାମୁଛା ପକାଇ ବୁଲୁଥିଲେ ଏସ୍‌ଡିପିଓ

ଖଣ୍ଡପଡ଼ା,୨୧।୪(ସମିସ): ଖଣ୍ଡପଡ଼ା ଥାନା ଅଧୀନ ଖଳିସାହି ଗ୍ରାମର ସୁନା ଅଳଙ୍କାର ବ୍ୟବସାୟୀ ବିଜୟ କୁମାର ପୃଷ୍ଟିଙ୍କ ବାସଗୃହ ପଛ ପାଖରେ ଗତ ଜାନୁୟାରୀ ୧୪ ତାରିଖ ରାତିରେ ଲୁଟେରାମାନେ ପ୍ରବେଶ କରି ନଗଦ ଲକ୍ଷାଧିକ ଟଙ୍କା ସହ ସୁନା ଅଳଙ୍କାର ସବୁକିଛି ଲୁଟି ନେଇଥିଲେ। ଏ ସମ୍ପର୍କରେ ବିଜୟ ଖଣ୍ଡପଡ଼ା ଥାନାରେ ଲିଖିତ ଅଭିଯୋଗ କରିବାରେ ଖଣ୍ଡପଡ଼ା ଥାନାରେ ପୁଲିସ ଏକ କେସ ରୁଜୁ କରିବା ସହ ଖୋଦ ବିବାଦୀୟ ଏସଡିପିଓ ମଦନ ମୋହନ ପ୍ରଧାନ ଏବଂ ଥାନା ଅଧିକାରୀ କୃତ୍ତିବାସ ହରିଚନ୍ଦନ ଘଟଣାସ୍ଥଳରେ ପହଞ୍ଚି ସନ୍ଧାନୀ କୁକୁର ସହାୟତାରେ ଛାନଭିନ କରିଥିଲେ। ମାତ୍ର ଘଟଣାର ୯୩ ଦିନ ପରେ ବି ପୁଲିସ ଘଟଣାରେ ସମ୍ପୃକ୍ତ ଲୁଟେରାଙ୍କୁ ଠାବ କରି ପାରିନାହିଁ। ଘଟଣାସ୍ଥଳରେ ଲାଗିଥିବା ସିସିଟିଭି ଫୁଟେଜକୁ ଆଧାର କରି ପୁଲିସ ଚୋରି ଘଟଣାର ପର୍ଦ୍ଦାଫାସ କରିବାରେ ସଫଳ ହେବ ବୋଲି ଖଳିସାହି ଗ୍ରାମବାସୀ ଆଶା ରଖିଥିଲେ ହେଁ ଅଦ୍ୟାବଧି ପୁଲିସ ଚୋରୀ ଘଟଣାର ଟେର ପାଇ ପାରୁନାହିଁ। ତେବେ ଏହି ଘଟଣା ପଛରେ ଖଳିସାହି ଗ୍ରାମର କିଛି ଅସାମାଜିକ ଯୁବକଙ୍କ ହାତଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ପାରିପାର୍ଶ୍ୱିକ ସ୍ଥିତିକୁ



ଆଧାର କରି ପୁଲିସ ଘଟଣାର ଖୋଳତାଡ କରୁଥିଲେ ହେଁ ଚୋରୀ ଘଟଣାର ପର୍ଦ୍ଦାଫାସ କରିବାରେ ବିଳମ୍ବ ହେଉଥିବାରୁ ଖଣ୍ଡପଡ଼ା ପୁଲିସର କାର୍ଯ୍ୟଦକ୍ଷତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷେ ଏହି ଘଟଣା ପର ଠାରୁ ଖଳିସାହି ଗ୍ରାମର ବ୍ୟବସାୟୀମାନଙ୍କ ମନରେ ଭୟର ବାତାବରଣ ସୃଷ୍ଟି ହେବା ସହ ସେମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ସେହିପରି ଖଳିସାହି ପଞ୍ଚାୟତ ତୋଟା ହନୁମାନ ନିକଟରେ ଥିବା ଏକ ଭଡାଘରୁ ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣାକୁ ୩୩ ଦିନ ବିତି ଯାଇଥିଲେ ମଧ୍ୟ ମୃତ୍ୟୁ ର କାରଣ ଏବେବି ଅସ୍ପଷ୍ଟ ଥିବା ଜଣାପଡିଛି। ଏନେଇ ଖଣ୍ଡପଡ଼ା ପୁଲିସ ପକ୍ଷରୁ ଗଣମାଧ୍ୟମକୁ କୌଣସି ସୂଚନା ପ୍ରଦାନ କରୁନଥିବା ଦେଖିବାକୁ ମିଳିଛି। ଉକ୍ତ ଘଟଣାରେ ଖଣ୍ଡପଡ଼ା ଏସଡିପିଓ, ଥାନା ଅଧିକାରୀ, ସାଇଣ୍ଟିଫିକ ଟିମ ଏବଂ ସନ୍ଧାନୀ କୁକୁର ଘଟଣା ସ୍ଥଳରେ ପହଂଚି ସ୍ଥିତି ଅନୁଧ୍ୟାନ କରିବା ସହ ଅନେକ ସନ୍ଦେହ ଜନକ ଘଟଣା ଦେଖିବା ପରେ ସେସବୁର ପରୀକ୍ଷା ନିରୀକ୍ଷା କରିବା ପାଇଁ ନମୁନା ନେଇଥିବା ଦେଖିବାକୁ ମିଳିଥିଲା। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଉକ୍ତ ମୃତ୍ୟୁର କାରଣ ଖୋଜିବା ପାଇଁ ଏସ୍‌ଡିପିଓ ଯେତିକି ବ୍ୟସ୍ତ ନଥିଲେ ସେହିଦିନ ସନ୍ଧ୍ୟାରେ ଖଳିସାହି ଦଶଦୋଳ ମହୋତ୍ସବରେ ବିଧାୟକଙ୍କ ସହ ମଞ୍ଚରେ ଉପସ୍ଥିତ ରହି ଭାଷଣ ଦେବା ଏବଂ ସମ୍ମାନିତ ହେବା ପାଇଁ ବ୍ୟାକୁଳ ଥିବା ଜଣାପଡ଼ିଥିଲା। ତେବେ ଜଣେ ମହିଳାଙ୍କୁ ଫୋନ ମାଧ୍ୟମରେ ପ୍ରେମ ନିବେଦନ କରି ବିବାଦୀୟ ହୋଇ ଖଣ୍ଡପଡ଼ାରୁ ବଦଳି ହୋଇଥିବା ଏସଡିପିଓ ବିଧାୟକଙ୍କ ଛତ୍ରଛାୟା ତଳେ ରହି ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀରେ ଡ୍ରାମା, ଏକୋଇଶିଆ, ମେଳା ମହୋତ୍ସବରେ ଅତିଥି ହୋଇ ସମୟ ବିତାଉଥିଲେ। ବିଜେପିର ଏଜେଣ୍ଟ ହୋଇ ବିଜେଡି କର୍ମୀ ଓ ନିର୍ଦ୍ଦୋଷକୁ ଡାକି ଅଫିସରେ ଘଣ୍ଟା ଘଣ୍ଟା ଧରି ଜେରା କରାଇବା ସହିତ ମୋଟା ଅଙ୍କର ଅର୍ଥ ମାଗିବା ସହ ବିଜେପିରେ ମିଶିବା ପାଇଁ ଧମକାଉଥିବା ସାଧାରଣରେ ଆଲୋଚନା ହେଉଛି। ନୟାଗଡ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

**‘ମୁଖ୍ୟମନ୍ତ୍ରୀ କନ୍ୟା ବିବାହ’ ଯୋଜନା**

# ବରଣମାଳା ପିନ୍ଧିଲେ ୨୨ ଯୋଡ଼ା ବର-କନ୍ୟା

ନୟାଗଡ଼,୨୧।୪(ସମିସ): ନୟାଗଡ଼ ଜିଲ୍ଲାରେ ଆଜି ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ୨୨ ଜଣ କନ୍ୟାଙ୍କ ବିବାହ ସମ୍ପନ୍ନ ହୋଇଯାଇଛି। ନୟାଗଡ଼ ଜିଲ୍ଲା ପ୍ରଶାସନ ଦ୍ୱାରା ସ୍ଥାନୀୟ ପଠାଣି ସାମନ୍ତ ସଂସ୍କୃତି ଭବନ ପରିସରରେ ଏକ



ଆଡମ୍ବର ପୂର୍ଣ୍ଣ ପରିବେଶରେ ଜିଲ୍ଲାର ଆଠ ଗୋଟି ବ୍ଲକରୁ ଆସିଥିବା ୨୨ଜଣ ଆର୍ଥିକ ଅନାଗ୍ରସର ବର୍ଗର କନ୍ୟାଙ୍କୁ ସରକାରୀ ସ୍ତରରେ ବିବାହ କରାଯାଇଛି। ଏହି ବିବାହ କାର୍ଯ୍ୟ ସମ୍ପାଦନ ପାଇଁ ଜିଲ୍ଲାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବାକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସେବା ଦ୍ୱାରା ପଠାଣି ସାମନ୍ତ ସଂସ୍କୃତି ଭବନକୁ ଆକର୍ଷଣୀୟ ଭାବେ ସାଜ ସଜା କରାଯାଇଥିଲା। କନ୍ୟାବିବାହ ପାଇଁ ୨୨ଗୋଟି ବେଦୀ ପ୍ରସ୍ତୁତ କରାଯାଇ ସେହି ପରିମାଣର ହୋମ କୁଣ୍ଡ ପ୍ରସ୍ତୁତ କରାଯାଇଥିଲା। ୨୨ ଜଣ ପୁରୋହିତଙ୍କ ବୈଦିକ ମନ୍ତ୍ର ଉଚ୍ଚାରଣ ଓ ମଙ୍ଗଳ ବାଦ୍ୟରେ ନୟାଗଡ଼ ସହରରେ ଆଜି ଏକ ଭାବ ବିହ୍ୱଳ ପରିବେଶ ସୃଷ୍ଟି କରିଥିଲା। ଜିଲ୍ଲାପାଳ ମଧୁମିତା ରଥଙ୍କ ମାର୍ଗଦର୍ଶନରେ ବିବାହ କାର୍ଯ୍ୟ ଚାଲିଥିଲା। ଏହି ଅବସରରେ ଜିଲ୍ଲାପାଳଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ରୂପେ ଖଣ୍ଡପଡ଼ାର ବିଧାୟକ ତଥା ନୟାଗଡ଼ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଙ୍କ ଦେବାଶିଷ ପଟ୍ଟନାୟକ, ନୟାଗଡ଼ ପୌର ପରିଷଦ ଅଧ୍ୟକ୍ଷ ନିରୁପମା ଖଟେଇ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ, ସମାଜକଲ୍ୟାଣ ଅଧିକାରୀ ଜୟଶ୍ରୀ ପଟ୍ଟନାୟକ ଓ ସେବା ଅନୁଷ୍ଠାନ ସଞ୍ଜୟ କୁମାର ସୁବୁଦ୍ଧି ଯୋଗ ଦେଇ ବର କନ୍ୟାଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ସମସ୍ତ ନବ ବିବାହିତ ଦମ୍ପତିଙ୍କୁ ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗ ତରଫରୁ ବିଭିନ୍ନ ଉପହାର ପ୍ରଦାନ କରାଯାଇଥିଲା। “ସେବା” ଦ୍ୱାରା ଝିଅ ପେଡି ଓ ଉପହାର ପ୍ରଦାନ କରାଯାଇଥିଲା।

## ଶିକ୍ଷାନବୀଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ



ନୟାଗଡ଼,୨୧।୪(ସମିସ): ନୟାଗଡ଼ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟ ସଭାକକ୍ଷରେ କଳା, ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ତଥାସ୍ତୁ ଓ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟ ଓଡ଼ିଆ ଭାଷା, ସାହିତ୍ୟ ବିଭାଗର ମିଳିତ ଆନୁକୂଲ୍ୟରେ ଶିକ୍ଷାନବୀଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଆ ଭାଷାରେ ସୃଜନ ଓ ବ୍ୟାକରଣ ଦକ୍ଷତା ଅଭିବୃଦ୍ଧି ପ୍ରଶିକ୍ଷଣ ଆଧାରିତ ଏହି ଶିକ୍ଷାନବିଶ କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ସ୍ମିତାରାଣୀ ରାଉତରାୟ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରିଥିଲେ। ବିଭାଗୀୟ ମୁଖ୍ୟ ବିକେଶ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅତିଥି ଭାବେ ଇଂରାଜୀ ବିଭାଗର ବିଭାଗୀୟ ମୁଖ୍ୟ କୃଷ୍ଣାକୁମାରୀ ଦାସ, ବିଶିଷ୍ଟ ସାହିତ୍ୟିକା ବସିରନ ବିବି ଓ ତଥାସ୍ତୁର ସମ୍ପାଦକ ଶରତ ଚନ୍ଦ୍ର ଆଚାର୍ଯ୍ୟ ଯୋଗ ଦେଇଥିଲେ। ଶିକ୍ଷାନିବୀଶ କାର୍ଯ୍ୟକ୍ରମ ବିଦ୍ୟାର୍ଥୀଙ୍କ ପାଇଁ କେବଳ ପ୍ରଶିକ୍ଷଣ ମାତ୍ର ନୁହେଁ, ବଂର ଜୀବନର ପ୍ରାୟୋଗିକ ଶିକ୍ଷାର ଏକ ଦୃଢ ସ୍ଥିତି। ଏଥିରେ ଛାତ୍ର ଛାତ୍ରୀ ପୁସ୍ତକୀୟ ଜ୍ଞାନ ସହ ବାସ୍ତବ ଜୀବନରେ ଶିକ୍ଷାର ପ୍ରୟୋଗ ଉପରେ ଜ୍ଞାନ ପ୍ରାପ୍ତ କରିଥାନ୍ତି। ଭାଷା, ସାହିତ୍ୟ ଦୃଷ୍ଟିକୋଣରୁ ଏହି କାର୍ଯ୍ୟକ୍ରମ ବିଦ୍ୟାର୍ଥୀଙ୍କ ପାଇଁ ଅତ୍ୟନ୍ତ ଉପଯୋଗୀ କାରଣ ଏହା ସେମାନଙ୍କ ମାତୃଭାଷା ସହ ନିବିଡତା ସୃଷ୍ଟି କରି ସେମାନଙ୍କ ସୃଜନଶୀଳତାକୁ ଉନ୍ନତ କରେ ବୋଲି ଆଲୋଚକମାନେ ମତପ୍ରକାଶ କରିଥିଲେ। ଚାରିଦିନ ଧରି ଅନୁଷ୍ଠିତ ହେବାକୁଥିବା ଏହି ଶିକ୍ଷାନବିଶ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ତିରିଶ ଜଣ ଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନ ସମାରୋହରେ ମାତୃଭାଷାର ମହତ୍ତ୍ୱ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଅଧ୍ୟାପିକା ମୋନାଲିସା ଦଳବେହେରା, ଅଧ୍ୟାପିକା ରଶ୍ମିତା ଭୁଜବଳ ଓ ଅଧ୍ୟାପକ ବନମାଳୀ ବେହେରା ଆଲୋଚନାଚକ୍ରକୁ ସଂଯୋଜନା କରିଥିଲେ। ସାହିତ୍ୟିକ ସୁଶାନ୍ତ ସାହୁ, ମଣିମାଳା ପାଣିଗ୍ରାହୀ ଓ ମମତା ମଂଜରୀ ଦେବୀଙ୍କ ତତ୍ତ୍ୱାବଧାନରେ ଛାତ୍ରୀଙ୍କ ମଧ୍ୟରେ ଚିତ୍ର-କବିତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ତଥାସ୍ତୁ ବରିଷ୍ଠ ସଦସ୍ୟ ସୁଦର୍ଶନ ସାହୁ ଏବଂ ଗୋପୀନାଥ ସେଠୀ ଆସନ୍ତା ୩ ଦିନର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଛାତ୍ରୀଙ୍କୁ ଅବଗତ କରାଇଥିବା ବେଳେ ଧନ୍ୟବାଦ ପ୍ରଦାନ କରିଥିଲେ ତଥାସ୍ତୁ ନିର୍ଦ୍ଦେଶିକା ସସ୍ମିତା ଆଚାର୍ଯ୍ୟ।

## କୁମ୍ଭୀର କାନ୍ଦଣା ବନ୍ଦ କରୁ ବିଜେପି : କଂଗ୍ରେସ




ନୟାଗଡ଼,୨୧।୪(ସମିସ): କଂଗ୍ରେସ ଦଳ ମହିଳାଙ୍କ ସଶକ୍ତୀକରଣ ଓ ନେତୃତ୍ୱକୁ ଆଗକୁ ବଢ଼ାଇବା ପାଇଁ ସର୍ବଦା ପ୍ରତିବଦ୍ଧ। ପଞ୍ଚାୟତିରାଜ ପ୍ରତିଷ୍ଠାନରେ ୩୩ ପ୍ରତିଶତ ସଂରକ୍ଷଣଠାରୁ ଆରମ୍ଭ କରି ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି, ଲୋକସଭା ବାଚସ୍ପତି, ଏବଂ ଓଡ଼ିଶାର ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ, କଂଗ୍ରେସ ଦଳ ସବୁବେଳେ ମହିଳାଙ୍କୁ ଅଗ୍ରଣୀ ଭୂମିକା ନେବା ପାଇଁ ପ୍ରୋତ୍ସାହିତ କରିଆସିଛି। ମହିଳାଙ୍କୁ ଦେଶରେ ୩୩ ପ୍ରତିଶତ ସଂରକ୍ଷଣ ପାଇଁ ୨୦୨୩ ମସିହାରେ ଦେଶର ସଂସଦରେ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହେବା ପରେ ମହମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୋହର ମାରି ଆଇନରେ ପରିଣତ କରିବା ପରେ କେନ୍ଦ୍ର ବିଜେପି ସରକାର ମହିଳାଙ୍କୁ ୨୦୨୪ ସାଧାରଣ ନିର୍ବାଚନରେ ଉପଯୁକ୍ତ ପ୍ରତିନିଧିତ୍ୱ ଦେଲେ ନାହିଁ ଏବଂ ଏହା ପଛରେ କି ରାଜନୈତିକ ରହସ୍ୟ ରହିଛି ଆଜି ଦେଶ ପ୍ରଧାନମନ୍ତ୍ରୀଙ୍କ ଠାରୁ ଉତ୍ତର ଚାହୁଁଛି। ୨୦୨୩ ରେ ଗୃହୀତ ହୋଇଥିବା ମହିଳା ବିଲ ତୁରନ୍ତ କାର୍ଯ୍ୟକାରୀ କରିବା ମହିଳାଙ୍କୁ ନ୍ୟାୟ ଦେବା ପାଇଁ ଲୋକସଭା ବିରୋଧି ଦଳ ନେତା ଜନନାୟକ ରାହୁଲ ଗାନ୍ଧୀ ଇଣ୍ଡିଆ ବ୍ଲକ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ଆହ୍ୱାନ ଦେଇଛନ୍ତି। ନୟାଗଡ଼ ଡିସିସି ସଭାପତି ରଣଜିତ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପିସିସି ମୁଖପାତ୍ର ଅଭିଷେକ ମହାନନ୍ଦ, ବରିଷ୍ଠ କଂଗ୍ରେସ ନେତା ହଳଧର ସେଠୀ, ରାଜ୍ୟ ମହିଳା କଂଗ୍ରେସ ବରିଷ୍ଠ ଉପସଭାନେତ୍ରୀ ପ୍ରଣତି ମିଶ୍ର, ବିଶ୍ୱକଲ୍ୟାଣୀ କର, ସାଧାରଣ ସମ୍ପାଦିକା ସିଲି ସେଠି, ଡିସିସି ଉପସଭାପତି ଫକୀର ଚରଣ ମଲ୍ଲ, ଡିସିସି ଅନୁସୂଚିତ ଜାତି ସଭାପତି ଜିତେନ୍ଦ୍ର ଦଳେଇ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶିବରଞ୍ଜନ ସାହୁ, ଡିସିସି ମନରେଗା କମିଟି ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

**ସୋଲାର ପ୍ରକଳ୍ପ ନାଁରେ ଶାଳ ଗଛ କାଟିବା ଘଟଣା**

# ବନ ବିଭାଗ ନିରବଦ୍ରଷ୍ଟା; ଏସ୍‌ଡିପିଓ ତ୍ରାଣକର୍ତ୍ତା

ନୟାଗଡ଼/ଖଣ୍ଡପଡ଼ା,୨୧।୪(ସମିସ):

ସୋଲାର ପ୍ରକଳ୍ପ ଆଳରେ ଘରୋଇ ସଂସ୍ଥାର ଦାଦାଗିରି ଥମିବାର ନାଁ ନେଉନି। ଜଙ୍ଗଲ ଜମି ଜବରଦଖଲ କରି ଶାଳ ଗଛ କାଟିବା ଘଟଣାରେ ବନବିଭାଗ ନିରବ ଦ୍ରଷ୍ଟା ସାଜିଥିବା ବେଳେ ସମ୍ପୃକ୍ତ ସଂସ୍ଥା ପାଇଁ ଖଣ୍ଡପଡ଼ା ଏସ୍‌ଡିପିଓ ତ୍ରାଣକର୍ତ୍ତା ସାଜିଥିଲେ ବୋଲି ଅଭିଯୋଗ ହୋଇଛି। ପୂର୍ବରୁ ଜମି ଜବରଦଖଲ ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ ପରେ ଏବେ ମାପଚୁପ ଚାଲିଥିବା ବେଳେ ନିୟମବାହାରେ ସଂରକ୍ଷିତ ଜଙ୍ଗଲରୁ ଗଛ କଟାଯାଇଥିବା ଦେଖାଯାଇଛି। ଖଣ୍ଡପଡ଼ା ବ୍ଲକ ସିଙ୍ଘାପଡ଼ା ପଞ୍ଚାୟତ ଅଧୀନ ଦଉପୋଖରୀ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ପାର୍ଶ୍ୱରେ ସୋଲାର ପ୍ରକଳ୍ପ ନିମନ୍ତେ ଖୁଣ୍ଟ ପୋତାଯାଇ ବିଦ୍ୟୁତ ତାର ଟାଣିବା କାର୍ଯ୍ୟ ଚାଲୁରହିଛି। ମାତ୍ର ରାସ୍ତା ପାର୍ଶ୍ୱରେ ବିଦ୍ୟୁତ ଖୁଣ୍ଟ ଗୁଡିକ ପୋତାଯାଉଥିବା ବେଳେ ଗତ ବର୍ଷ ବର୍ଷ ଧରି ବନୀକରଣ ଯୋଜନାରେ ବନ ବିଭାଗ ପକ୍ଷରୁ ଲଗାଯାଇଥିବା ଶାଳ ଓ ଅନ୍ୟ ମୂଲ୍ୟବାନ ଗଛ ଗୁଡିକ ବଳିପଡୁଥିବା ଦେଖିବାକୁ ମିଳିଛି। ଗଛ ଗୁଡିକର ଅର୍ଦ୍ଧାଧିକ ଅଂଶକୁ ଘରୋଇ ସଂସ୍ଥାର କର୍ମଚାରୀମାନେ ବେଫିକର ଭାବେ କାଟି ଦେଉଥିବାରୁ



ଗତ ମାର୍ଚ୍ଚ ମାସରେ ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ରବିବାର ପୁଣିଥରେ ଘରୋଇ ସଂସ୍ଥା ପକ୍ଷରୁ ୭ ରୁ ଊର୍ଦ୍ଧ୍ୱ ଶାଳ ଗଛ କାଟିଦିଆ ଯାଇଥିବା ବେଳେ ସ୍ଥାନୀୟ ଗ୍ରାମବାସୀ ତୀବ୍ର ବିରୋଧ କରିଥିଲେ। ସାପୁଆ ସଂରକ୍ଷିତ ଜଙ୍ଗଲରେ ଗଛ କାଟିବାକୁ ଅନୁମତି ନଥିବା ବେଳେ କାହା ବଳରେ ଘରୋଇ ସଂସ୍ଥା ଏଭଳି ବେଆଇନ କାର୍ଯ୍ୟ କଲା ତାକୁ ନେଇ ପ୍ରଶ୍ନ କରିଥିଲେ ଗ୍ରାମବାସୀ। ଅନ୍ୟପକ୍ଷରେ ଏ ନେଇ ପଞ୍ଚାୟତ ବାସିନ୍ଦା ରେଞ୍ଜର ଦିଲ୍ଲୀପ ପଟ୍ଟନାୟକଙ୍କୁ ଫେରାଦ ହୋଇ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଘରୋଇ ସଂସ୍ଥାର ମାଲିକ ଗ୍ରାମବାସୀଙ୍କୁ ଅଢ଼େଇ ଲକ୍ଷ ଟଙ୍କା କ୍ଷତିପୂରଣ ଦେଇ ମାମଲା ରଫାଦଫା କରିବାକୁ ଉଦ୍ୟମ କରୁଥିବା ବେଳେ ବନବିଭାଗ ଚୁପ ରହିଛି। ଘରୋଇ କମ୍ପାନୀର ତାର ବିଛାରେ ଗଛ କାଟିବାକୁ ବନବିଭାଗ କିଭଳି ଅନୁମତି ଦେଲା ତାକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସ୍ଥାନୀୟ ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ ଗତ କିଛି ମାସ ହେବ ସିଙ୍ଘାପଡା ପଞ୍ଚାୟତ ଅଧୀନ ରୂପାପଲ୍ଲୀ, ହରିହରପ୍ରସାଦ, ନୂଆଗାଁ, ଦଉପୋଖରୀ ମୌଜାରେ ଏକ ଘରୋଇ ସଂସ୍ଥା ସୋଲାର ପ୍ରକଳ୍ପ ତିଆରି କରୁଛି। ଏକର ଏକର ସରକାରୀ, ଜଙ୍ଗଲ ଓ ରାଜସ୍ୱ ଜମି ମାଡିବସି ଉକ୍ତ ଘରୋଇ ସଂସ୍ଥା ବିବାଦରେ ଥିବାବେଳେ ନୟାଗଡ ଜିଲ୍ଲାପାଳଙ୍କ ନିକଟରେ ଘଟଣା ବାବଦରେ ଲିଖିତ ଅଭିଯୋଗ ମଧ୍ୟ ହୋଇଛି। ଏଭଳି ବେଆଇନ କାମରେ ଖଣ୍ଡପଡ଼ା ବିବାଦୀୟ ଏସ୍‌ଡିପିଓ ମଦନ ମୋହନ ପ୍ରଧାନ ଘରୋଇ ସଂସ୍ଥାଠାରୁ ଲକ୍ଷାଧିକ ଟଙ୍କା ଖାଇ ଘରୋଇ ସଂସ୍ଥାର ମାଲିକଙ୍କୁ ସହଯୋଗ କରି ଅଞ୍ଚଳବାସୀଙ୍କୁ ପ୍ରତି ଦମନ ଲୀଳା ଆଭିମୁଖ୍ୟରେ କାର୍ଯ୍ୟ କରି ଆସିଥିବା ଅଭିଯୋଗ ହେଉଛି। ଏ ନେଇ ସ୍ଥାନୀୟ ଅଞ୍ଚଳବାସୀ ଏସ୍‌ଡିପିଓଙ୍କ ନାମରେ ଏତଲା ଦେବାକୁ ପ୍ରସ୍ତୁତି ଚଳାଇଥିବା ସୂଚନା ମିଳିଛି।

## ମାଙ୍କଡ଼ କାମୁଡ଼ାରେ ବୃଦ୍ଧ ଗୁରୁତର

ନିରାକାରପୁର,୨୧।୪ (ସମିସ): ମାଙ୍କଡ କାମୁଡାରେ ପୁଣି ଜଣେ ବୃଦ୍ଧ ଗୁରୁତର ଆହତ ହୋଇଛନ୍ତି। ନିରାକାରପୁର ମଞ୍ଜାରିଆପାଟଣା ଗ୍ରାମର ଧ୍ୱଜ ବାରିକ (୬୫) ଆଜି ନିଜ ଘରୁ ବାହାରକୁ ଆସୁଥିବା ସମୟରେ ଅତର୍କିତ ଭାବେ ଏକ ମାଙ୍କଡ ତାଙ୍କୁ ଆକ୍ରମଣ କରିଥିଲା। ଏହି କାମୁଡାରେ ସେ ରକ୍ତାକ୍ତ ହୋଇଥିବା ବେଳେ ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନାଯୋଗ୍ୟ ଯେ, ଏହା କୌଣସି ନୂଆ ଘଟଣା ନୁହେଁ। ପୂର୍ବରୁ ଏହି ଅଞ୍ଚଳରେ ମାଙ୍କଡ ଆକ୍ରମଣରେ ୪୦ରୁ ଅଧିକ ଲୋକ ଶିକାର ହୋଇ ଗୁରୁତର ଆହତ ହୋଇସାରିଲେଣି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ବନ ବିଭାଗ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରୁନାହିଁ।

## ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

ନିରାକାରପୁର,୨୧।୪ (ସମିସ): ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଅନ୍ତର୍ଗତ ହଜ ରୋଡରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ଏକ ଦ୍ରୁତଗାମୀ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଆରୋହୀ ଗୁରୁତର ହୋଇଥିବା ଜଣାପଡ଼ିଛି। ଗୁରୁତର ବ୍ୟକ୍ତିଜଣକ ହେଉଛନ୍ତି ଜଙ୍କିଆ ଥାନା ସରପାରୀ କଂସାରୀ ସାହିର ଡମ୍ବୁରଧର ସାହୁଙ୍କ ପୁଅ ପ୍ରଶାନ୍ତ କୁମାର ସାହୁ। ପ୍ରଶାନ୍ତ ପେସାରେ ଜଣେ ଚୁଡ଼ି ଓ କାଚ ବ୍ୟବସାୟୀ। ଆଜି ଅପରାହ୍ନରେ ସେ ନିଜ ଗ୍ରାମରୁ ଏକ ବାଇକ୍ ଯୋଗେ ହଜ ରାସ୍ତା ଦେଇ ରଣପୁର ଅଞ୍ଚଳକୁ ଯାଉଥିଲେ। ଟାଙ୍ଗୋଳ-ହଜ ରାସ୍ତା ମଝିରେ ଏକ ଟ୍ରକ୍ ତାଙ୍କୁ ଧକ୍କା ଦେବା ସହ ତାଙ୍କ ଉପରେ ଚଢ଼ି ଯାଇଥିଲା। ଫଳରେ ତାଙ୍କର ଏକ ଗୋଡ଼ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଯାଇଛି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ପ୍ରଶାନ୍ତଙ୍କୁ ଉଦ୍ଧାର କରିଥିଲେ। ତାଙ୍କର ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ତୁରନ୍ତ ଭୁବନେଶ୍ୱରସ୍ଥିତ ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

## ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ନିରାକାରପୁର,୨୧।୪ (ସମିସ): ନିରାକାରପୁର ଥାନା ଅନ୍ତର୍ଗତ ଡିଆ ଗ୍ରାମରେ ଏକ ବଡ଼ଧରଣର ଚୋରି ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ଘରୁ ଲକ୍ଷାଧିକ ଟଙ୍କାର ସୁନା ଗହଣା ଓ ନଗଦ ଟଙ୍କା ଲୁଟି ନେଇଥିବା ନେଇ ଗ୍ରାମର ଜ୍ୟୋତି ରଞ୍ଜନ ମହାପାତ୍ର ଥାନାରେ ଏକ ଲିଖିତ ଏତଲା ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ଗତ ଏପ୍ରିଲ ୨୦ ତାରିଖ ରାତିରେ ଜ୍ୟୋତି ରଞ୍ଜନ ଓ ତାଙ୍କ ପରିବାର ସଦସ୍ୟ ଖାଇସାରି ଶୋଇବାକୁ ଯାଇଥିଲେ। ରାତି ପ୍ରାୟ ୧ଟାରୁ ୩ଟା ମଧ୍ୟରେ କେହି ଦୁର୍ବୃତ୍ତ ଘର ଭିତରକୁ ପଶି ଗୋଟିଏ ରୁମକୁ ବାହାର ପଟୁ ବନ୍ଦ କରିଦେଇଥିଲେ। ପରେ ଅନ୍ୟ ଏକ ରୁମରେ ଥିବା ଆଲମିରା ଓ ସିନ୍ଦୂକର ଲକ୍ ଭାଙ୍ଗି ସମସ୍ତ ସୁନା ଅଳଙ୍କାର ଓ ଟଙ୍କା ଲୁଟି ନେଇଥିଲେ। ଲୁଟ୍ ହୋଇଥିବା ସାମଗ୍ରୀ ମଧ୍ୟରେ ପ୍ରାୟ ୭୦ ଗ୍ରାମ ଓଜନର ସୁନା ଗହଣା (ହାର, କାନଫୁଲ, ମୁଦି ଓ ଚେନ୍),ନଗଦ ୫୦,୦୦୦ ଟଙ୍କା ଓ ଅନ୍ୟାନ୍ୟ କାଗଜପତ୍ର ଓ ରୁପା ଅଳଙ୍କାର ରହିଛି। ଏ ନେଇ ନିରାକାରପୁର ଥାନା ଅଧିକାରୀଙ୍କୁ ଭେଟି ଘଟଣାର ତୁରନ୍ତ ତଦନ୍ତ କରିବାକୁ ଏବଂ ଚୋରଙ୍କୁ ଗିରଫ କରିବାକୁ ଜ୍ୟୋତି ରଞ୍ଜନ ଅନୁରୋଧ କରିଛନ୍ତି। ପୁଲିସ ଏହି ମାମଲାକୁ ଗୁରୁତ୍ୱର ସହ ଗ୍ରହଣ କରି ତଦନ୍ତ ଆରମ୍ଭ କରିଛି।

## ବାଣପୁରରେ ଅକ୍ଷୟ ତୃତୀୟାରେ ରଥକାଠ ଅନୁକୂଳ

ବାଣପୁର,୨୧।୪(ସମିସ) : ଓଡିଶାର କୃଷି ଭିତ୍ତିକ ପର୍ବ ଅକ୍ଷୟ ତୃତୀୟା ଉପଲକ୍ଷେ ସର୍ବ ଧର୍ମ ସମନ୍ୱୟର ପୀଠ ବାଣପୁରରେ କୃଷକ ଭାଇମାନଙ୍କର କୃଷି କ୍ଷେତ୍ରରେ ଅକ୍ଷି ମୁଠି ଅନୁକୂଳ ସହିତ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପୀଠରେ ଆନନ୍ଦ ଉଲ୍ଲାସର ସହିତ ରଥ କାଠ ଅନୁକୂଳ ଓ ଶ୍ରୀଜୀଉ ମାନଙ୍କର ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇ ଯାଇଛି। ଏପରିସ୍ଥଳେ ଭଗବତୀ କ୍ଷେତ୍ର ବାଣପୁରର ଆରାଧ୍ୟ ଠାକୁର ଶ୍ରୀ ରଙ୍କନାଥ ଦେବଙ୍କ ପୀଠରେ ସମସ୍ତ



ନୀତିକାନ୍ତି ସହିତ ମନ୍ଦିର ପୁରୋହିତଙ୍କ ଦ୍ୱାରା ରଥଖଳା ଠାରେ ୩ ଗୋଟି ଫାସିକାଠକୁ ରଖାଯାଇ ତିନି ବାଡ଼ରୁ ଆଜ୍ଞାମାଳ ଅଣାଯିବା ପରେ ସ୍ଥାପନ କରାଯାଇ ହୋମ ସରି ବିଶ୍ୱକର୍ମାଙ୍କ ଦ୍ୱାରା ରଥ କାଠ ଅନୁକୂଳ କରାଯାଇଥିଲା। ପରେ ଧୂପ ହୋଇ ମଦନମୋହନ ରାମକୃଷ୍ଣଙ୍କୁ ଚନ୍ଦନ କୁଣ୍ଡରେ ସ୍ଥାପନ କରାଯାଇ ଶୀତଳ ମଣୋହି ଓ ଆଳତି ପରେ ପହୁଡ଼ ପଡିଥିଲା। ସେହିପରି ଶ୍ରୀ ଦକ୍ଷେଶ୍ୱର ଭଗବତୀଙ୍କ ପୀଠରେ ମଧ୍ୟ ସମସ୍ତ ନୀତିକାନ୍ତି ପରେ ପରିଚ୍ଛା ସାଆନ୍ତ ଶ୍ରୀ ଗୋପୀନାଥ, ଶ୍ରୀ ଚନ୍ଦ୍ରଶେଖର ଓ ମା' ଭଗବତୀଙ୍କୁ ଧୂପ ବଢ଼ାଇ ଶୀତଳ ଚନ୍ଦନ ଅର୍ପଣ ପରେ ଚନ୍ଦନ କୁଣ୍ଡରେ ସ୍ଥାପନ କରିଥିଲେ। ବୈଶାଖ ମାସର ପ୍ରଚଣ୍ଡ ରୌଦ୍ରତାପରୁ ନିଜକୁ ଶୀତଳ ରଖିବା ପାଇଁ ଦେବା ଦେବୀଙ୍କର ଏହି ମାନବୀୟ ଲୀଳାର ପ୍ରତୀକ ଚନ୍ଦନଯାତ୍ରା ସମଗ୍ର ଓଡ଼ିଶାରେ ଦେବା ଦେବୀଙ୍କ ପୀଠ ମାନଙ୍କ ପରି ବାଣପୁରରେ ମଧ୍ୟ ଅନୁଷ୍ଠିତ ହୋଇ ଆସୁ ଥିବା ପରମ୍ପରା କାହିଁ କେଉଁ ଅନାଦି କାଳରୁ ପ୍ରଚଳିତ ହୋଇ ଆସୁଛି। ଶ୍ରୀ ଚରଣ ଚକା ଦେବ, ଅନନ୍ତସ୍ୱାମୀ, ଉମାମହେଶ୍ୱର ଦେବଙ୍କ ପୀଠ ପରି ପ୍ରତ୍ୟେକ ବୈଷ୍ଣବ ଓ ଶୈବ ପୀଠ ମାନଙ୍କରେ ଅନୁଷ୍ଠିତ ହୋଇଥିଲା।

### ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା

# ବିବାହ ବନ୍ଧନରେ ବାନ୍ଧିହେଲେ ୪୯ ଯୋଡ଼ି ବରକନ୍ୟା

ଖୋର୍ଦ୍ଧା,୨୧।୪(ସମିସ): ସ୍ଥାନୀୟ ମା' ବରୁଣେଇ ମନ୍ଦିର ପରିସରରେ ରାଜ୍ୟ ସରକାରଙ୍କ ମୁଖ୍ୟମନ୍ତ୍ରୀ କନ୍ୟା ଯୋଜନାରେ ଜିଲ୍ଲା ପ୍ରଶାସନ ଏବଂ ପିପୁଲ୍ସ ଫୋରମ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମିଳିତ ଆନୁକୂଲ୍ୟରେ ୪୯ଯୋଡିଙ୍କ ସାମୁହିକ ବିବାହ ସମ୍ପନ୍ନ ହୋଇଛି। ଜିଲ୍ଲାପାଳ ଅମ୍ରିତ୍ ଋତୁରାଜଙ୍କ ପୌରହିତ୍ୟରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଜଗଦେବ ଯୋଗଦେଇ ୪୯ ଯୋଡି ବର କନ୍ୟାଙ୍କୁ ରୁପାର ମଙ୍ଗଳ ସୂତ୍ର ଏବଂ ଗୋଡ଼ର ଝୁଁଟିଆ ବଣ୍ଟନ କରି ଆର୍ଶୀବାଦ ପ୍ରଦାନ କରିଥିଲେ।

ସମ୍ମାନିତ ଅତିଥିଭାବେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, ଜିଲ୍ଲା ପରିଷଦ ସଭାପତି ରୂପଶ୍ରୀ ରାଣୀ ଗୁମାନସିଂହ, ଖୋର୍ଦ୍ଧା ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପ୍ରତାପ ଚନ୍ଦ୍ର ବେଉରା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅନାଦି ଚରଣ ସେଠୀ, ଅବକାରୀ ଅଧିକ୍ଷକ ସୁମିତୀ ତ୍ରିପାଠୀ, ସଦର ବିଡ଼ିଓ ସିଦ୍ଧାର୍ଥ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।

ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେଉରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ ଓ କାର୍ଯ୍ୟକାରୀ ସଂସ୍ଥା ପିପୁଲ୍ସ ଫୋରମ୍ ସଭାପତି, ସମ୍ପାଦକ ମିଳିତ ପରିଚାଳନାରେ ସମସ୍ତ କାର୍ଯ୍ୟ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଥିଲା। ଏଥି ନିମନ୍ତେ ୪୯ଟି ବରକନ୍ୟା ଯୋଡି ବିଭାଘର ନିମନ୍ତେ ୪୯ ଗୋଟି ବେଦି ସହ ୪୯ ଜଣ ବ୍ରାହ୍ମଣଙ୍କୁ ନିୟୋଜିତ କରାଯାଇଥିଲା। ୪୯ଜଣ କନ୍ୟାଙ୍କୁ ସମସ୍ତ ବିବାହ ସାମଗ୍ରୀ, ବୈଦିକ ରୀତିନୀତି ତେଲିଙ୍ଗି ବାଜା, ଶଙ୍ଖ, ୧୭୦୦ ଲୋକଙ୍କ ନିମନ୍ତେ ମଧ୍ୟାହ୍ନ ଭୋଜନ ପ୍ରଭୃତି ଯୋଗାଇ ଦିଆଯାଇଥିଲା।

ଏହି ସାମୁହ ବିବାହ ଉତ୍ସବରେ ବିବାହ ପରେ ୪୯ ଯୋଡି ଦମ୍ପତିଙ୍କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେଉରା ବିବାହ ରେଜେଷ୍ଟ୍ରି ସାର୍ଟିଫିକେଟ ପ୍ରଦାନ କରିଥିଲେ। ଏହି



ମୁଖ୍ୟମନ୍ତ୍ରୀ କନ୍ୟା ଯୋଜନାରେ ଆଜିଠାରୁ ସାତ ଦିନ ମଧ୍ୟରେ ସିଧାସଳଖ କନ୍ୟାର ବ୍ୟାଙ୍କ ଆକାଉଁଟକୁ ୪୫ ହଜାର ଟଙ୍କା ଡିବିଟି ମାଧ୍ୟମରେ ପଇଠ କରାଯିବ। ଆଜିର ଏହି ବିବାହ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବେସମାରିକ ଜିଲ୍ଲା ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରୀୟ ମିଶ୍ର, ଅଗ୍ରଣୀ ବ୍ୟାଙ୍କ ପରିଚାଳକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଡେପୁଟି କଲେକ୍ଟର ସୌମ୍ୟା ସାଗରିକା ସ୍ୱାଇଁ,, ରଞ୍ଜନ କୁମାର ଜେନା,ସାରା ମଲ୍ଲିକ, ସ୍ୱିଟି ସୋରେନ, ନିଜାରତ ଅଧିକାରୀ, ରିସବ ତ୍ରିପାଠୀ, ଜିଲ୍ଲାସମାଜ କାର୍ଯାଳୟ ପୋଗ୍ରାମ ଅଫିସର ସୌଦାମିନୀ ଦାସ, ସମସ୍ତ ସିଡିପିଓ ,ଅଙ୍ଗନବାଡି ସୁପରଭାଇଜର,ଅଙ୍ଗନବାଡି କର୍ମୀ, ବରୁଣେଇ ମନ୍ଦିର ପୂଜକ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ବିବାହିତା ଦମ୍ପତି ମାନେ ଗୁରୁଜନ ମାନଙ୍କ ଆର୍ଶୀବାଦ ସହ ମା' ବରୁଣେଇ କରୁଣେଇଙ୍କ ଆର୍ଶୀବାଦ ନେଇଥିଲେ।

ପ୍ରକାଶ ଥାଉକି ଓଡିଶା ସରକାରଙ୍କ ମୁଖ୍ୟ ମନ୍ତ୍ରୀ କନ୍ୟା ବିବାହ ଯୋଜନା ହେଉଛି ଆର୍ôଥକ ଅନଗ୍ରସର ପରିବାରର ଝିଅ ମାନଙ୍କ ବିବାହ ପାଇଁ ଏକ ସହାୟକ ଯୋଜନା। ଏହି ଯୋଜନା ଆଧୀନରେ ହିତାଧିକାରୀଙ୍କୁ ମୋଟ ୬୦ ହଜାର ଟଙ୍କା ସହାୟତା ଦିଆଯାଇଥାଏ। ୪୫ ହଜାର ଟଙ୍କା ଡିବିଟି ମାଧ୍ୟମରେ ପୈଠ କରାଯିବା ସହ ୧୦ ହଜାର ତାଙ୍କ ବିବାହ ଉପହାର ଯଥା ଶାଢ଼ୀ, ଚୁଡି, ପାଉଁଜି ଏବଂ ଅନନ୍ୟା ଜରୁରୀ ସାମଗ୍ରୀ ପାଇଁ ବ୍ୟୟ କରାଯାଏ ଏବଂ ୫ ହଜାର ଟଙ୍କା ବିବାହ ମଣ୍ଡପ ସାଜସଜା, ଖାଦ୍ୟପେୟ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ପାଇଁ ବ୍ୟବହୃତ ହୁଏ। ଏହି ଯୋଜନାରେ ହିତାଧିକାରୀ ହେବାକୁ ହେଲେ କନ୍ୟାର ବୟସ ୧୮ ରୁ ୩୫ ଓ ବରର ବୟସ ୨୧ରୁ ୩୫ ହବା ଆବଶ୍ୟକ। ଉଭୟ ବର କନ୍ୟା ଓଡ଼ିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ। ଗୋଟିଏ ପରିବାରରୁ କେବଳ ଜଣେ ଝିଅ ଏହି ଯୋଜନା ରେ ଲାଭ ପାଇ ପାରିବେ। ବିଧବା ବିବାହ କରୁଥିବା ମହିଳା, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ଦିବ୍ୟାଙ୍ଗମାନଙ୍କୁ ପ୍ରାଥମିକତା ଦିଆଯାଏ।

## ଦୁର୍ଘଟଣାରେ କମ୍ୟୁନିଷ୍ଟ ନେତା ଆହତ

ବେଗୁନିଆ,୨୧।୪ (ସମିସ): ବେଗୁନିଆ ଥାନା ଅନ୍ତର୍ଗତ ସାନପଦର ଗ୍ରାମର ବରିଷ୍ଠ କମ୍ୟୁନିଷ୍ଟ ପାର୍ଟିର ବରିଷ୍ଠ ରାଜ୍ୟ ନେତା ବସନ୍ତ କୁମାର ପାଇକରାୟଙ୍କ ଦୁର୍ଘଟଣାରେ ଆହତ ହୋଇଛନ୍ତି। ଭୁବନେଶ୍ୱରରେ ଏକ ଦଳୀୟ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଏକ ଅଟୋରେ ଯାଉଥିବା ବେଳେ ଦୁର୍ଘଟଣା ଯୋଗୁଁ ମେରୁଦଣ୍ଡରେ ଗୁରୁତର ଆଘାତ ଲାଗି ଥିବାରୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

## ବରଯାତ୍ରୀ ନେଇ ଆସିଥିବା ବସ୍ ଚାଳକର ବେପରୁଆ ଗାଡି ଚାଳନା

ବେଗୁନିଆ,୨୧।୪(ସମିସ): ବେଗୁନିଆ ବ୍ଲକ ବଡବେରଣା ପଞ୍ଚାୟତ ଅନ୍ତର୍ଗତ କୋଲୁହାପାଟଣା ଗ୍ରାମରେ ସୋମବାର ଦିନ ସନ୍ଧ୍ୟାରେ ବିବାହ ଉତ୍ସବ ଅନୁଷ୍ଠିତ ହେଉଥିଲା। ଏଥିରେ ବରଘର ପକ୍ଷରୁ ଚନ୍ଦନ ନାମକ ଏକ ଘରୋଇ ଯାତ୍ରୀବାହୀ ବସ ଭଡାରେ ଆସିଥିବା ବେଳେ ବକ୍ସ ବାଣ ଫୁଟୁଥିବା ସମୟରେ ଗାଡ଼ିଟିର ଚାଳକ ବେପରୁଆ ଭାବେ ଆଗକୁ ଯାଇଥିଲେ। ଯାହା ଫଳରେ ଗାଡିଟିର ଚକରେ ଚାପି ହୋଇ ଫୁଟୁଥିବା ବକ୍ସ ବାଣ ସାହିର ଭିତର ପଟକୁ ଓଲଟି ପଡିଥିଲା। ଏହା ଦ୍ୱାରା ଫୁଟନ୍ତା ବାଣ ଜନ ସାଧାରଣଙ୍କ ଆଡ଼କୁ ପଳାଇ ଯିବାରୁ ଭୟରେ ଏଣେ ତେଣେ ଧାଁ ଧପଡ ଆରମ୍ଭ କରିଥିଲେ। ଏଥିରେ କାହାର କିଛି କ୍ଷତି ହୋଇ ନ ଥିବା ବେଳେ ଅଳ୍ପକେ ରକ୍ଷା ପାଇ ଯାଇ ଥିଲେ। ଏହି ଘଟଣାକୁ ନେଇ ଗ୍ରାମବାସୀ ମାନେ ଉତକ୍ଷିପ୍ତ ହୋଇ ବସଟିର ନିକଟରେ ପହଁଚିବା ପୂର୍ବରୁ ଚାଳକ ଜଣକ ଫେରାର ହୋଇ ଯାଇଥିଲା। କୌଣସି ସୂତ୍ରରୁ ଖବର ପାଇ ବେଗୁନିଆ ଥାନା ପୁଲିସ କର୍ମଚାରୀ ଓ ୧୧୨ ପୁଲିସ ସହାୟତା ଗାଡ଼ି ପହଁଚି ବସଟିକୁ ହେପାଜତକୁ ଆଣି ଘଟଣାଟିର ଅନୁସନ୍ଧାନ ଆରମ୍ଭ କରିଥିଲେ।

## ୭୫ କେଜି ବନ୍ୟଜନ୍ତୁ ମାଂସ ସହ ବନ୍ଧୁକ ଜବତ, ଶିକାରୀ ଫେରାର

ବାଣପୁର,୨୧।୪(ସମିସ) : ବାଣପୁର ଅଞ୍ଚଳରେ ଅବାଧ ପଶୁ ଶିକାର କରି ମାଂସ କାରବାର ହେଉ ଥିବା ନେଇ ବିଶେଷ ସୂତ୍ରରୁ ଖବର ପାଇ ବାଲୁଗାଁ ବନାଞ୍ଚଳ ପଦ୍ମପୁର ସେକ୍ସନ ବନ ବିଭାଗ ଚଢ଼ଉ କରି ବାଣପୁର ବ୍ଲକ ଅନ୍ତର୍ଗତ ଗୋପୀନାଥ ପ୍ରସାଦ ଗ୍ରାମ ସ୍ଥିତ ଏକ ମଶାଣି ନିକଟରୁ ପ୍ରାୟ ୭୫ କେଜି ବନ୍ୟ ଜନ୍ତୁ ମାଂସ ସମେତ ଏକ ବନ୍ଧୁକ ଜବତ କରିଛି। ହେଲେ ଶିକାରୀ ମାନେ ଘଟଣାସ୍ଥଳରୁ ଫେରାର ହୋଇଯିବାରେ ସକ୍ଷମ ହୋଇଛନ୍ତି। ବାଣପୁର ବ୍ଲକ ଅନ୍ତର୍ଗତ ଆୟତପୁର ପଞ୍ଚାୟତ ଗୋପୀନାଥ ପ୍ରସାଦ ଗ୍ରାମ ସ୍ଥିତ ମଶାଣି ନିକଟ ଏକ ବିଲ ମଧ୍ୟରେ କିଛି ଶିକାରୀ, ବନ୍ୟ ଜନ୍ତୁ ଶିକାର କରି ଜଙ୍ଗଲୀ ମାଂସକୁ ଭାଗ ବାଣ୍ଟୁଥିବା ନେଇ ଖବର ପାଇ ବାଲୁଗାଁ ବନାଞ୍ଚଳ ପଦ୍ମପୁର ସେକ୍ସନ ଫରେଷ୍ଟର ଶର୍ମିଷ୍ଠା ରାୟଚୌଧୁରୀ ଓ ଧୂଆଁନଳୀ ସେକ୍ସନ ଫରେଷ୍ଟର ଶିଳ୍ପୀ ସଳିତା ମହାକୁଡ ସଦଳ ବଳେ ଉକ୍ତ ସ୍ଥାନରେ ଚଢ଼ାଉ କରିଥିଲେ। ଚଢାଉ ସମୟରେ ମାଂସ ଭାଗ ବାଣ୍ଟୁ ଥିବା ସନ୍ଦିଗ୍ଧ ଶିକାରୀମାନେ ଖବର ପାଇ ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିଲେ। ବନ୍ଧୁକ ବିଭାଗ ଘଟଣା ସ୍ଥଳରୁ ପ୍ରାୟ ୭୫ କେଜି ବନ୍ୟ ଜନ୍ତୁ ମାଂସ ଜବତ କରିଥିଲେ। ପରେ ଗମ୍ଭାରୀମୁଣ୍ଡା ପୋଲିସ ବିଟହାଉସ ଅଧିକାରୀ ପ୍ରସନ କୁମାର ସାହୁ ଆୟତପୁର ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଦେବାଶିଷ ପ୍ରଧାନଙ୍କ ଉପସ୍ଥିତିରେ ବନ୍ୟ ବିଭାଗର ଟିମ ଉକ୍ତ ଗ୍ରାମର ହରି ଦଳେଇଙ୍କ ଘର ଉପରେ ଚଢ଼ାଉ କରିଥିଲେ। ତେବେ ଚଢ଼ାଉ ସମୟରେ ହରିଙ୍କ ଘରେ କୌଣସି ବ୍ୟକ୍ତି ନଥିବାରୁ ବନ୍ୟ ବିଭାଗ, ପୁଲିସ, ରାଜସ୍ୱ ବିଭାଗର ଉପସ୍ଥିତିରେ ଉକ୍ତ ଘର ଉପରେ ଚଢ଼ାଉ କରିବା ସମୟରେ ଉକ୍ତ ଘରୁ ଏକ ଦେଶୀ ବନ୍ଧୁକ, ବାରୁଦ, ଶିକାରୀ ହେଡ଼ଲାଇଟ ଓ ଦୁଇଟି ଛୁରୀ ସହିତ ୪ ଅଖା ଦେଶୀ ମହୁଲି ମଦ ବସ୍ତା ଜବତ କରି ବନ୍ୟ ବିଭାଗ ପୁଲିସ ବିଟ ହାଉସ ଅଧିକାରୀଙ୍କୁ ହସ୍ତାନ୍ତର କରିଛନ୍ତି । ଏ ସମ୍ପର୍କରେ ବାଲୁଗାଁ ରେଞ୍ଜର ରେଶମା ପରିଡାଙ୍କୁ ପଚାରିବାରେ, ଜବତ ମାଂସକୁ ଯାଞ୍ଚ ପାଇଁ ଫୋରେନେସିକ ଲାବୋରାଟୋରି କୁ ପଠା ଯାଇଛି ସେଠାରୁ ରିପୋର୍ଟ ପାଇଲା ପରେ ଉକ୍ତ ଜବତ ମାଂସ କେଉଁ ପ୍ରାଣୀର ବୋଲି ସଠିକ ଜଣା ପଡିବ ବୋଲି ସେ କହିଥିଲେ। ଉକ୍ତ ଘଟଣାକୁ ନେଇ ନାଚୁଣୀ ପୁଲିସ ଓ ବନ୍ୟ ବିଭାଗ ଦୁଇଟି ପୃଥକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛନ୍ତି।

## ସର୍ବଭାରତୀୟ ରାଜ୍ୟ ସରକାରୀ କର୍ମଚାରୀ ପେନ୍‌ସନ୍ ଭୋଗୀ ମହାସଂଘ ତରଫରୁ ଦାବିପତ୍ର

**ଟାଙ୍ଗୀ,୨୧।୪(ସମିସ):** ଟାଙ୍ଗୀ ଅବସରପ୍ରାପ୍ତ କର୍ମଚାରୀ ସଂଘ ତରଫରୁ ସର୍ବ ଭାରତୀୟ ରାଜ୍ୟ ସରକାରୀ କର୍ମଚାରୀ ପେନସନ ଭୋଗୀ ମହାସଂଘ ଆହ୍ୱାନକ୍ରମେ ମଙ୍ଗଳବାର ଦିନ ପାଳିତ ହେଉଥିବା ଦାବୀ ଦିବସ ଅବସରରେ ୧୦ ଦଫା ସମ୍ବଳିତ ଦାବୀ ପତ୍ର ଟାଙ୍ଗୀ ବିଡ଼ିଓ ରୁମାନା ଜାଫ୍ରିଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଙ୍କ ନିକଟକୁ ପ୍ରଦାନ କରାଯାଇଛି। ଏହି ଦଶ ଦଫା ଦାବି ମଧ୍ୟରେ ରହିଛି ୨୦୨୫ମସିହାର ଆର୍ଥିକ ବିଲ ବୈଧି କରଣ ଆକ୍ଟ କୁ ପ୍ରତ୍ୟାହାର, ନୂଆ ପେନସନ (ଏନ ପି ଏସ ଓ ଉ ପି ଏସ )କୁ ସମ୍ପୂର୍ଣ୍ଣ ବାତିଲ କରି ପୁରୁଣା ପେନସନ ସମସ୍ତ କର୍ମଚାରୀ ଙ୍କ ପାଇଁ ଲାଗୁ କରାଯିବା, ଅଷ୍ଟମ କେନ୍ଦ୍ରୀୟ ବେତନ କମିଶନ ଙ୍କ ସୁପାରିଶ ୨୦୨୫ମସିହା ଡିସେମ୍ବର ୩୧ତାରିଖ ପୂର୍ବରୁ ଅବସର ଗ୍ରହଣ କରିଥିବା ପେନସନ ଭୋଗୀଙ୍କୁ ଲାଗୁ କରାଯାଉ, କେନ୍ଦ୍ର କର୍ମଚାରୀ ଙ୍କ ପାଇଁ ଲାଗୁ ହେଉଥିବା ମହଙ୍ଗା ଭତ୍ତା ଅବିକଳ ଭାବେ ରାଜ୍ୟ ପେନସନ ଭୋଗୀଙ୍କୁ ପ୍ରଦାନ ସହ କୋଭିଡ-୧୯ ସମୟରେ ସ୍ଥଗିତ ରଖାଯାଇଥିବା ୧୮ ମାସର ମହଙ୍ଗା ଭତ୍ତା ସୁଧ ସହିତ ପ୍ରଦାନ, ଅବସର ପ୍ରାପ୍ତ କର୍ମଚାରୀଙ୍କୁ ଯାତ୍ରୀ ବାହୀ ବସ, ରେଳ ଓ ବିମାନରେ ରିହାତିରେ ଦିଆଯିବା ଇତ୍ୟାଦି ଏହି ଦାବୀ ଗୁଡିକ ଏଥିରେ ସନ୍ନିହିତ କରାଯାଇଛି। ମଙ୍ଗଳବାର ଦିନ ପୂର୍ବାହ୍ନରେ ଟାଙ୍ଗୀ ଅବସର ପ୍ରାପ୍ତ କର୍ମଚାରୀ ସଂଘ ସଭାପତି ପଦ୍ମନାଭ ବିଶ୍ୱାଳ, ଉପସଭାପତି ରାଜକିଶୋର ରଣସିଂହ, ସମ୍ପାଦକ ଭଗବାନ ଚମ୍ପତି, କୋଷାଧ୍ୟକ୍ଷ ବିଜୟ କୁମାର ରାଉତ, ହିମାଂଶୁଭୂଷଣ ରଥ, ଚିତ୍ତରଞ୍ଜନ ସୁନ୍ଦରାୟ, ହଜାରୀ ବରାଡ଼, ଗୋବିନ୍ଦ ଚନ୍ଦ୍ର ସାହୁ, ପଠାଣୀ ସୁନ୍ଦରାୟ ଓ ପରୀକ୍ଷିତ ମହାରଣା ପ୍ରମୁଖ ସଭ୍ୟ ମାନେ ଏଥିରେ ସାମିଲ ଥିଲେ।

## ଭୂଷଣ୍ଡପୁରରେ ଶ୍ରୀଜଗନ୍ନାଥଙ୍କ ରଥକାଠ ଅନୁକୂଳ

ଭୂଷଣ୍ଡପୁର,୨୧।୪(ସମିସ): ଟାଙ୍ଗୀ ବ୍ଲକର ଭୂଷଣ୍ଡପୁରଠାରେ ଦୀର୍ଘ ବର୍ଷ ଧରି ଚାଲି ଆସୁଥିବା ରଥ ଯାତ୍ରାର ରଥ କାଠ ଅନୁକୂଳ ହୋଇଯାଇଛି। ଦୋଳପଡ଼ିଆ ଠାରେ ବୈଦିକ ବ୍ରାହ୍ମଣଙ୍କ ପୂଜା ପାଠରେ ରଥ କାଠ ଅନୁକୂଳ କରାଯାଇଥିଲା। ମୁଖ୍ୟ ଆବାହକ ବିଜୟ ବାବା ଙ୍କ ସହିତ ଅନ୍ୟ ସଦସ୍ୟ ମାନେ ମଧ୍ୟ ଉପସ୍ଥିତ



ରହିଥିଲେ। ମହାରଣା କାରିଗର ମାନେ କାଠରେ ବାରିସୀ ଦେଇ ଅନୁକୂଳ କରିଥିଲେ। ସମବେତ ଭକ୍ତ ମାନଙ୍କ ଦ୍ୱାରା ସଂକୀର୍ତ୍ତନ କରାଯାଇଥିଲା। ଆଜିର ରଥ କାଠ ଅନୁକୂଳ କାର୍ଯ୍ୟକ୍ରମ ଦୋଳପଡ଼ିଆଠାରେ ଅନୁଷ୍ଠିତ ହୋଇଥିଲା। ଠାକୁରଙ୍କ ସେବାବିଧି ପାଇଁ ନୈଷ୍ଠିକ ବ୍ରାହ୍ମଣ ସୂର୍ଯ୍ୟକାନ୍ତ ସାମନ୍ତରା ଓ ସମସ୍ତ ଜଗନ୍ନାଥ ପ୍ରେମୀ ମାନେ ଅଂଶଗ୍ରହଣ କରିଥିଲେ।

### ଏକାଦଶତମ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି

# ଜାନକୀବଲ୍ଲଭ ଥିଲେ ସାହିତ୍ୟ, ରାଜନୀତି ଓ ସାମ୍ବାଦିକତାର ତ୍ରିବେଣୀ ସଙ୍ଗମ





ଖୋର୍ଦ୍ଧା,୨୧।୪(ସମିସ): ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆସାମର ପ୍ରାକ୍ତନ ରାଜ୍ୟପାଳ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କର ଏକାଦଶତମ ଶ୍ରାଦ୍ଧବାର୍ଷିକୀ ମଙ୍ଗଳବାର ଜାନକୀ ବଲ୍ଲଭ ସ୍ମୃତି କମିଟି ତରଫରୁ ଖୋର୍ଦ୍ଧାସ୍ଥିତ ଜାନକୀବଲ୍ଲଭ ଉଦ୍ୟାନ ପରିସରରେ ପାଳିତ ହୋଇଯାଇଛି। ସ୍ମୃତି କମିଟି ଟ୍ରଷ୍ଟର ସଭାପତି ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ବେଗୁନିଆ ବିଧାୟକ ପ୍ରଦୀପ ସାହୁ, ମୁଖ୍ୟବକ୍ତା ବରିଷ୍ଠ ସାହିତ୍ୟିକ ଅଭିରାମ ବିଶ୍ୱାଳ, ସମ୍ମାନିତ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ପୂର୍ବତନ ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର, ଖୋର୍ଦ୍ଧା ବାର ସଭାପତି ଲୋତକ ବିନ୍ଦୁ ପଟ୍ଟନାୟକ, ପୃଥୀବଲ୍ଲଭ ପଟ୍ଟନାୟକ, ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ ପ୍ରାକ୍ତନ କୁଳପତି ମେଜର କ୍ଷୀରୋଦପ୍ରସାଦ ମହାନ୍ତି ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପଟ୍ଟନାୟକଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ। ସ୍ୱର୍ଗତ ଜାନକୀ ପଟ୍ଟନାୟକ କେବଳ ରାଜନୀତିଜ୍ଞ ନ ଥିଲେ ବରଂ ସାହିତ୍ୟ ଓ ସାମ୍ବାଦିକାର ତ୍ରିବେଣୀ ସଙ୍ଗମ ଥିଲେ। ସେ ଏକାଧାରରେ ଜଣେ ସଫଳ ରାଜନୀତିଜ୍ଞ, ସୁସାହିତ୍ୟିକ ଓ ସନାତନ ଧର୍ମର ପ୍ରଚାରକ ଭଳି ପ୍ରତିଭାର ଅଧିକାରୀ ହୋଇଥିବାବେଳେ ଏଭଳି ସଫଳ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆଶିବାର ସୁଯୋଗ ଖୁବ କମ୍ ଲୋକଙ୍କୁ ମିଳିଥାଏ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଏହି ଅବସରରେ ଗଣଦୌଡ ବିଜେତା ଏବଂ ଦୁଇ ଜଣ ସେନା ନିବୃତ କର୍ମଚାରୀଙ୍କୁ ସ୍ମୃତିଫଳକ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସ୍ମୃତି ପରିଷଦର ସମ୍ପାଦକ ସଞ୍ଜୟ ପଟ୍ଟନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କୋଷାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

ପ୍ରକାଶ ଥାଉକି, ସକାଳ ୭ଟା ସମୟ ରେ କ୍ଲବ ମର୍ଣ୍ଣିଂ ଷ୍ଟାର ପକ୍ଷରୁ ଟାଉନ ହଲ ଠାରୁ ଜାନକୀ ବଲ୍ଲଭ ପଟ୍ଟନାୟକ ଉଦ୍ୟାନ ପର୍ଯ୍ୟନ୍ତ ଏକ ବିରାଟ ଗଣଦୌଡର ଆୟୋଜନ କରାଯାଇଅଛି। ଏଥିରେ ବହୁ ଯୁବ, ଛାତ୍ର, ମହିଳା, କ୍ରୀଡ଼ାବିତ, ସେନା ନିବୃତ କର୍ମଚାରୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। କ୍ଲବ ମର୍ଣ୍ଣିଂ ଷ୍ଟାର ର ସମ୍ପାଦକ ଶୁଭେନ୍ଦୁ ସ୍ୱାଇଁ ପରିଚାଳନା କରିଥିଲେ।

**ନିରାକାରପୁର :** ଓଡ଼ିଶା ରାଜନୀତିର ଭୀଷ୍ମ ପିତାମହ, ବିଶିଷ୍ଟ ସାହିତ୍ୟିକ ତଥା ସାମ୍ବାଦିକ ସ୍ୱର୍ଗତ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ମହାପ୍ରୟାଣଦିବସଆଜିଖୋର୍ଦ୍ଧାଜିଲ୍ଲାଜନ୍ମମାଟି ରାମେଶ୍ୱରସ୍ଥିତ ପ୍ରଭାବତୀ ମଣ୍ଡପଠାରେ ଅତ୍ୟନ୍ତ ଗାମ୍ଭୀର୍ଯ୍ୟପୂର୍ଣ୍ଣ ପରିବେଶରେ ପାଳିତ ହୋଇଯାଇଛି। 'ଜାନକୀବଲ୍ଲଭ ସ୍ମୃତି ସଂସଦ' ଆନୁକୂଲ୍ୟରେ ଆୟୋଜିତ ଏହି ସ୍ମୃତି ସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଓଡ଼ିଶାର ବିକାଶ ପ୍ରତି ତାଙ୍କର ଅତୁଳନୀୟ ଅବଦାନକୁ ମନେ ପକାଇଥିଲେ। ଜାନକୀ ବଲ୍ଲଭ ସ୍ମୃତି କମିଟି ସମ୍ପାଦକ ତଥା କାର୍ଯ୍ୟକ୍ରମର ଆବାହକ ଇଞ୍ଜିନିୟର ବିଶ୍ୱମୋହନ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ସ୍ମୃତି ସଂସଦର ସଭାପତି ତଥା ପୂର୍ବତନ ବିଧାୟକ ଡ ଦିଲ୍ଲୀପ କୁମାର ଶ୍ରୀଚନ୍ଦନ ଏହି ସଭାରେ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ରାଜ୍ୟ ପାଇକ ଆଖଡ଼ା ମହାସଂଘ ସଭାପତି ଡ. ପ୍ରକାଶ ଶ୍ରୀଚନ୍ଦନ, ଗବେଷକ ତଥା ଐତିହାସିକ ସତ୍ୟବାଦୀ ବଳିଆରସିଂହ, ବିଶିଷ୍ଟ ପ୍ରବକ୍ତା ଡ. ପୂର୍ଣ୍ଣ ଚନ୍ଦ୍ର ଦାଶ, ଜାନକୀ ବଲ୍ଲଭ ଜନ୍ମ ଶତବାର୍ଷିକୀ ରାଜ୍ୟ ସମ୍ପାଦକ ଡ. ସଞ୍ଜୟ କୁମାର ପଟ୍ଟନାୟକ, ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ପ୍ରକାଶ କୁମାର ସାମନ୍ତରାୟ, ବରିଷ୍ଠ ରାଜନେତା ବିପିନ କୁମାର ଜୟସିଂହ, ସରପଞ୍ଚ ପ୍ରତିନିଧି ରଞ୍ଜିତ କୁମାର ଜଗଦେବ, ସମିତି ସଭ୍ୟ ରମେଶ ଚନ୍ଦ୍ର ବିଶ୍ୱାଳ ଏବଂ ସ୍ଥାନୀୟ ସାହିତ୍ୟ ଘର ସଭାପତି ଦିବ୍ୟସିଂହ ତ୍ରିପାଠୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପଟ୍ଟନାୟକଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ।

**ବେଗୁନିଆ:** ବେଗୁନିଆ ସଦର ମହକୁମାରେ ପ୍ରବାଦ ପୁରୁଷ, ପୂର୍ବତନ ଆସାମ ରାଜ୍ୟପାଳ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଏକାଦଶତମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଛି। ଏଥିରେ ସରପଞ୍ଚ ହାଡୁବନ୍ଧୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଶିକ୍ଷାବିତ୍ ହରିବନ୍ଧୁ ପଣ୍ଡା, ରବୀନ୍ଦ୍ର ନାଥ ପାଣିଗ୍ରାହୀ, ସଂଖ୍ୟାଲଘୁ ସମ୍ପ୍ରଦାୟର ରାଜ୍ୟ ସାଧାରଣ ସମ୍ପାଦକ ତଥା ବ୍ଲକ କଂଗ୍ରେସ କମିଟି ସଭାପତି ମହମ୍ମଦ ମୋହି ଉଦ୍ଦିନ ଅହମ୍ମଦ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ନବ କିଶୋର ସ୍ୱାଇଁ, କାଳନ୍ଦୀ ଚରଣ ମହାପାତ୍ର ଓ ସମାଜସେବୀ ବଂଶୀଧର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତଙ୍କ ବେଗୁନିଆ ଓ ବୋଲଗଡ ପ୍ରତି ଅନନ୍ୟ ଅବଦାନ ସମ୍ପର୍କରେ ସ୍ମୃତିକୁ ସାଉଁଟି ଥିଲେ। ସଭାର ପ୍ରାରମ୍ଭରେ ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ।

## ବରଯାତ୍ରୀରେ ଆସି ଗୁଳି ଫୁଟାଇ ଯୁବକ ଫେରାର; ୨ ଅଟକ

ଖୋର୍ଦ୍ଧା,୨୧।୪(ସମିସ): ଆଜି ଅପରାହ୍ନରେ ପଲ୍ଲା ଇସ୍କନ ମନ୍ଦିର ନିକଟରେ ବରଯାତ୍ରୀରେ ଆସିଥିବା ଯୁବକଙ୍କ ମଧ୍ୟରେ ଫାଙ୍କା ଗୁଳିଚାଳନା ହୋଇଛି। ଏଥିରେ କାହାରି କିଛି କ୍ଷତି ହୋଇନଥିବାବେଳେ ସ୍ଥାନୀୟ ଅଂଚଳରେ ଏହାକୁ ନେଇ ଏକ ଆତଙ୍କ ଦେଖାଦେଇଛି। ମୁଖ୍ୟ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ଖବର ପାଇ ସ୍ପେଶାଲ ସ୍କ୍ୱାର୍ଡ ୨ଜଣ ଯୁବକଙ୍କୁ ବନ୍ଧୁକ ଓ ଗାଡି ସହ ଘଟଣାସ୍ଥଳରୁ ଧରି ଆଦର୍ଶଥାନା ଜିମା ଦେଇଛି।

ସୂଚନା ଅନୁସାରେ, ଆଜି ଖୋର୍ଦ୍ଧା ଅଂଚଳକୁ ମେଣ୍ଢାଶାଳର କିଛି ଯୁବକ ଏକ ବାହାଘର ବରଯାତ୍ରୀ ଆସିଥିଲେ। ଉକ୍ତ ଯୁବକମାନେ ମଦ୍ୟପାନ କରି ସ୍ଥାନୀୟ ଅଂଚଳର ଅନ୍ୟକିଛି ଯୁବକଙ୍କ ସହିତ ଗଣ୍ଡଗୋଳ କରିଥିଲେ। ପରେ ଏହା ଉଗ୍ରରୂପ ଧାରଣ କରିଥିଲା। ଏହି ସମୟରେ ଜଣେ ଯୁବକ ଅଂଟାରେ ରଖିଥିବା ଏକ ବନ୍ଧୁକ କାଢି ଅନ୍ୟଜଣେ ଯୁବକଙ୍କୁ ଗୁଳିମାଡ କରିଥିଲା। ମାତ୍ର ଗୁଳିଟି କାହାରି ଦେହରେ ନବାଜି ତଳେ ବାଜିଥିଲା। ଏହି ସମୟରେ ଘଟଣାସ୍ଥଳରୁ ଏକ ବାଇକ୍ ଯୋଗେ ଦୁଇଜଣ ଯୁବକ ବନ୍ଧୁକ ଧରି ଖସିଯାଉଥିବାବେଳେ ପୁଲିସ ସ୍ପେଶାଲ ସ୍କ୍ୱାର୍ଡ ସେମାନଙ୍କୁ କାବୁ କରିଛି। ସେମାନଙ୍କଠାରୁ ଗୁଳିମାଡ କରାଯାଇଥିବା ବନ୍ଧୁକ ଓ ବାଇକ୍ କୁ ଜବତ କରି ଆଦର୍ଶ ଥାନା ଜିମା ଦେଇଛି। ତେବେ ଘଟଣାସ୍ଥଳରୁ ମାଗାଜିନ ଧରି ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଥିବା ଜଣାଯାଇଛି। ରିପୋର୍ଟ ଲେଖାହେବା ଯାଏଁ ଥାନାରେ ମାମଲା ରୁଜୁ ହୋଇନି। ଘଟଣାର ତଦନ୍ତ ଜାରୀ ରହିଥିବାବେଳେ ତଦନ୍ତରେ ବାଧା ଉପୁଜିବା ଆଶଙ୍କାରେ ଏ ସମ୍ପର୍କରେ ପୁଲିସ ମୁହଁ ଖୋଲୁନି।

## ଲକ୍ଷ୍ମୀନାରାୟଣ କିଷାନ ବିକାଶ ସଂଘ ପକ୍ଷରୁ ଅକ୍ଷିମୁଠି ଅନୁକୂଳ

ଖୋର୍ଦ୍ଧା,୨୧।୪(ସମିସ): ଲକ୍ଷ୍ମୀନାରାୟଣ କିଷାନ ବିକାଶ ସଙ୍ଘ ପକ୍ଷରୁ ଅକ୍ଷିମୁଠି ଅନୁକୂଳ କରାଯାଇଛି। ଏହି କାର୍ଯ୍ୟକ୍ରମ ବ୍ରହ୍ମପୁରାପାଟଣା ପରିଚ୍ଛଳ ପକ୍ଷରୁ ପବିତ୍ର ଅକ୍ଷୟ ତୃତୀୟା ଉପଲକ୍ଷେ ସଙ୍ଘର କୃଷକ ଭାଇ ମାନଙ୍କ ଦ୍ୱାରା କରାଯାଇଛି ।ବରିଷ୍ଠ ନାଗରିକ ତଥା ଚାଷୀ ଓ ସଂଘର ପରାମର୍ଶ ଦାତା ଭରତ ସାହୁ ଏହି ଅକ୍ଷିମୁଠି ଅନୁକୂଳ କରିଥିଲେ। କାର୍ଯ୍ୟ କ୍ରମରେ ସଙ୍ଘର ଉପ ସଭାପତି ଲକ୍ଷ୍ମୀପ୍ରିୟା ସାହୁ, ସମ୍ପାଦକ ଜୟନ୍ତ କୁମାର ସାହୁ, ଯୁଗ୍ମ ସମ୍ପାଦକ ନୃସିଂହ ଚରଣ ସାହୁ, ଜଳୀ ସାହୁ, ମନୋରମା ସାହୁ, ସୁଲୋଚନା ସେଠୀ, ସବିତା ଛୁଆଲସିଂ, ପୂର୍ଣ୍ଣ ସାହୁ, ସନ୍ତୋଷ କୁମାର ସାହୁ, କବିରାଜ ସାହୁ, ବିଜୟ ସାହୁ, ଅକ୍ଷୟ ସାହୁ, ଦେବପ୍ରସାଦ ମହାପାତ୍ର, ରମା ମଣି ସେଠୀ, ମାନସ ସାହୁ, ସଦସ୍ୟ, ସଦସ୍ୟା ମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ।

ସକାଳ THE SAKALA



www.sakalaepaper.com

# ବ୍ୟାପୁଛି ଅଜଣା ରୋଗ; ଗାଁରେ ପହଞ୍ଚିଲେ ଡାକ୍ତରୀ ଦଳ

କଣାସ,୨୧।୪(ସମିସ)

ପୁରୀ ଜିଲ୍ଲା କଣାସ ବ୍ଲକ୍ ଚିଲିକା ଉପକୂଳରେ ହୋଇଥିବାରୁ ଏଠାରେ ପାନୀୟ ଜଳ ମୁଖ୍ୟ ସମସ୍ୟା ପାଲଟିଛି। ଫଳରେ ଗତ ଦୁଇ ଦିନ ତଳେ ଚିଲିକା ଉପକୂଳବର୍ତ୍ତୀ ଗାଁଗୁଡ଼ିକରେ ଏକ ଅଜଣା ରୋଗରେ ବହୁ ଲୋକ ଆକ୍ରାନ୍ତ ହୋଇଥିବା ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ରୋଗୀମାନଙ୍କ ନଳି ଗୋଡ଼ ଦରଜ ହୋଇ ଯନ୍ତ୍ରଣା ହେବା ସହ ଦୁଇ



ଆଣ୍ଠୁର ଗଣ୍ଠି ବିନ୍ଧିବା, ଦୁଇ ହାତର ଗଣ୍ଠି ବିନ୍ଧିବା, ଅଣ୍ଟା ବିନ୍ଧିବା ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ମଙ୍ଗଳବାର ପୁରୀ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ, ଅର୍ଥୋପେଡିକ୍ ଓ ମେଡିସିନର ଦୁଇ ଜଣ ଡାକ୍ତର, ସ୍ୱାସ୍ଥ୍ୟ କର୍ମୀ ହରିପୁର ଗ୍ରାମରେ ପହଞ୍ଚିଥିଲେ। ରୋଗୀମାନଙ୍କଠାରୁ ରକ୍ତ ନମୁନା ସଂଗ୍ରହ କରିବା ସହିତ ଗ୍ରାମବାସୀ ପାନୀୟ ଭାବେ ବ୍ୟବହାର କରୁଥିବା ଜଳକୁ ପରୀକ୍ଷା ପାଇଁ ନେଇଯାଇଥିବା ଜଣାପଡ଼ିଛି।

## ମେଗା ପ୍ରକଳ୍ପର ଜଳ ନ ପିଇବାକୁ ନିର୍ଦ୍ଦେଶ

କଣାସ,୨୧।୪(ସମିସ): କଣାସ ବ୍ଲକ୍‌ର ୧୫୮ଟି ଗାଁକୁ ମେଗା ଜଳ ପ୍ରକଳ୍ପରୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇବା ପାଇଁ ଗାଁ ଗାଁରେ ପାଇପ୍ ପକାଯାଇ ପରୀକ୍ଷା ପାଇଁ ଜଳ ଛଡ଼ାଯାଉଛି। କେତେକ ଗ୍ରାମରେ ଲୋକମାନେ ଉକ୍ତ ଜଳକୁ ପାଇପ୍‌ରୁ ସଂଗ୍ରହ କରୁଥିବାରୁ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଲୋକମାନଙ୍କୁ ଉକ୍ତ ଜଳ ପାନୀୟ ରୂପେ ବ୍ୟବହାର ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କାରଣ ପାଇପ୍‌ରେ ବାଲି ଓ ମାଟି ରହିଥିବାରୁ ତାହା ପାନୀୟ ଅନୁପଯୋଗୀ। ଯଦି କୌଣସି ଲୋକ ପାନୀୟ ରୂପେ ବ୍ୟବହାର କରନ୍ତି ତେବେ ପାଣିକୁ ସିଝାଇ ସଫା କପଡ଼ାରେ ଛାଣି ପିଇବା ପାଇଁ ପାନୀୟ ଜଳ ଯୋଗାଣ ପକ୍ଷରୁ ସୂଚନା ଦିଆଯାଇଛି।



● ୪୫୦ ଲିଟର ପୋଚ ଓ ୨୫ କେଜି ୟୁରିଆ ନଷ୍ଟ

## ମାଟି ତଳେ ପୋତା ହୋଇଥିଲା

ବ୍ରହ୍ମଗିରି,୨୧।୪(ସମିସ): ମଙ୍ଗଳବାର ପୁରୀ ଜିଲ୍ଲା ଅରଖକୁଦା ମେରାଇନ୍ ପୁଲିସକୁ ବଡ଼ ସଫଳତା ମିଳିଛି। ପୁଲିସ ଅତର୍କିତ ଚଢ଼ଉ କରି ଦେଶୀ ମଦ ପାଇଁ ଥିବା ବିଭିନ୍ନ ପ୍ରକାର ପୋଚ ଓ ୟୁରିଆ ସାରକୁ ନଷ୍ଟ କରିଛି। ମଙ୍ଗଳବାର ଅପରାହ୍ଣରେ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିବା



ପରେ ଅରଖକୁଦା ମେରାଇନ୍ ପୁଲିସ ଅରଖକୁଦା ଭାଗବତ ସାହିରେ ଚଢ଼ଉ କରିଥିଲା। ଦେଶୀ ମଦ ତିଆରି ପାଇଁ ମାଟି ତଳେ ପୋତା ହୋଇଥିବା ପ୍ଲାଷ୍ଟିକ୍ ଜାର୍‌ରେ ୪୫୦ ଲିଟର ପୋଚ ଖୋଳି ବାହାର କରିଥିଲେ। ପରେ ଏହାକୁ ନଷ୍ଟ କରିଛି। ଏହା ସହ ମଦ ପ୍ରସ୍ତୁତି ପାଇଁ ଥିବା ୨୫ କେଜି ୟୁରିଆ ସାରକୁ ମଧ୍ୟ ନଷ୍ଟ କରିଛି। ଜନବସତି ପାଖରେ ଥିବା ଏହି ମଦ କାରଖାନାକୁ ପୁଲିସ ନଷ୍ଟ କରିଛି। ପୁଲିସ ଚଢ଼ଉ ଜାଣିପାରି ଅଭିଯୁକ୍ତ ଫେରାର୍ ହୋଇ ଯାଇଛନ୍ତି।

## ମଙ୍ଗଳା ମନ୍ଦିରରେ ଚନ୍ଦନ ଯାତ୍ରା ଆରମ୍ଭ

କାକଟପୁର,୨୧।୪(ସମିସ): କାକଟପୁର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ପୀଠରେ ଅକ୍ଷୟ ତୃତୀୟାଠାରୁ ବାହାର ଚନ୍ଦନ ଯାତ୍ରା ମହାସମାରୋହରେ ଆରମ୍ଭ ହୋଇଛି। ପୁରୀ ଶ୍ରୀମନ୍ଦିର ଭଳି ବାର ମାସରେ ତେର ପର୍ବ ପାଳିତ ହୋଇଥାଏ। ତନ୍ମଧ୍ୟରୁ ଚନ୍ଦନ ଯାତ୍ରା ଅନ୍ୟତମ। ଯାହାକି ଦୀର୍ଘ ୨୨ ଦିନ ଧରି ଚାଲିଥାଏ। ଏହା ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇ ୨୨ ଦିନ ଚାଲିବା ପରେ ହଳଦୀ ପାଣିରେ ସମାପ୍ତ ହୋଇଥାଏ। ପ୍ରତ୍ୟହ ସନ୍ଧ୍ୟା ଆଳତି ପରେ ବେଢ଼ାରେ ଥିବା ରାଧାକୃଷ୍ଣଜୀଉଙ୍କୁ ଏକ ସୁସଜ୍ଜିତ ମଣି ବିମାନରେ ବସାଯାଇ ଘଣ୍ଟ, ଘଣ୍ଟା, ମାର୍ଦ୍ଦଳ, ଢୋଲ, ମହୁରୀ ଆଦି ପାରମ୍ପରିକ ବାଦ୍ୟ ବଜାଯାଇ ନିକଟସ୍ଥ ପ୍ରାଚୀ ନଦୀର ଚନ୍ଦନ ଘାଟକୁ ନିଆଯାଇଥାଏ। ସେଠାରେ ଶ୍ରୀଜୀଉମାନଙ୍କୁ ଚନ୍ଦନ, କର୍ପୂର, ଚୁଆ, ହଳଦୀ, କସ୍ତୁରୀ ଆଦି ମିଶ୍ରିତ ପାଣିରେ ସ୍ନାନ କରାଯିବା ପରେ ବାଳଧୂପ କରାଯାଇ ବନ୍ଦାପନା କରାଯାଇଥାଏ। ପରେ ଶ୍ରୀଜୀଉମାନଙ୍କୁ ଏକ ଡଙ୍ଗାରେ ବସାଇ ଚାପ ଖେଳାଯାଇଥାଏ। ପରେ ରାଧାକୃଷ୍ଣଙ୍କୁ ମନ୍ଦିର ପ୍ରତ୍ୟାବର୍ତ୍ତନ ବାଟରେ ବିଭିନ୍ନ ସ୍ଥାନରେ ଫଳ୍କି ଭୋଗ କରାଯାଇ ସ୍ୱମନ୍ଦିରକୁ ଫେରିଥାଆନ୍ତି। ପ୍ରବଳ ରୌଦ୍ରତାପରୁ ରକ୍ଷା ପାଇବା ପାଇଁ ଦେବଦେବୀମାନଙ୍କର ଏହି ଶୀତଳ ଯାତ୍ରା ଅନୁଷ୍ଠିତ ହୋଇଥାଏ।

## 'ଆମ ଗାଁ ସାହିତ୍ୟ'ର ଦ୍ୱିତୀୟ ବାର୍ଷିକ ଉତ୍ସବ



ନୟାହାଟ,୨୧।୪(ସମିସ): ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ କୋଣାର୍କ ଓଡ଼ିଶା ପରିବାର ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ପୁରୀ ଜିଲ୍ଲା ଗୋପ ବ୍ଲକ୍ ନୟାହାଟସ୍ଥିତ ଗଡ଼କରମଳା ଗ୍ରାମରେ ଦ୍ୱିତୀୟ ବାର୍ଷିକ 'ଆମ ଗାଁ ସାହିତ୍ୟ' ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ସମାଜସେବୀ ସତ୍ୟବ୍ରତ ପାତ୍ର ମୁଖ୍ୟ ଅତିଥି, ବରିଷ୍ଠ ସାହିତ୍ୟିକ ଦାଶ ବେନହୁର ମୁଖ୍ୟବକ୍ତା, ବରିଷ୍ଠ ଗୀତିକବି ଏବଂ ସଙ୍ଗୀତ ନିର୍ଦ୍ଦେଶକ ଲକ୍ଷ୍ମୀନାରାୟଣ ମହାନ୍ତି ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଏହି ଉତ୍ସବରେ ଟ୍ରଷ୍ଟର ସମ୍ପାଦକ ବିଚିତ୍ର ମହାପାତ୍ରଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ହୋଇଥିବାବେଳେ ଅଂଶୁମାନ ସାହୁ ମଞ୍ଚ ପରିଚାଳନା କରିଥିଲେ। ବିଷ୍ଣୁମୋହନ ପ୍ରଧାନ, ନିହାରିକା ତ୍ରିପାଠୀଙ୍କୁ 'ସେବା ସମ୍ମାନ', ସୌମ୍ୟରଞ୍ଜନ ରାଉତଙ୍କୁ 'ଆମ ଗାଁ ପ୍ରତିଭା ସମ୍ମାନ' ଏବଂ ଦେବବ୍ରତ ଦାସଙ୍କୁ 'ଆମ ଗାଁ ସାହିତ୍ୟ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ପରେ ଦ୍ୱିତୀୟ ଅଧିବେଶନରେ କବିତା ଆସର କାର୍ଯ୍ୟକ୍ରମ ହୋଇଥିଲା। ଏହାକୁ ପ୍ରିୟଙ୍କା ରାୟ ସଂଯୋଜନା କରିଥିବାବେଳେ ଓଡ଼ିଶାରୁ ଆସିଥିବା କୋଣ ଅନୁକୋଣରୁ କବି ପ୍ରଫୁଲ୍ଲ ଚକ୍ର, ଆଶୁତୋଷ ମେହେର, ପ୍ରମୋଦ ମହାପାତ୍ର, ଭାରତୀ ଭୂଷଣ ମିଶ୍ର, ଶଶାଙ୍କ ଶେଖର ସାହୁ, ସସ୍ମିତା ଷଡ଼ଙ୍ଗୀ, ସ୍ୱର୍ଣ୍ଣଲତା ତ୍ରିପାଠୀ, ନୀଳାମ୍ବର ପଣ୍ଡା, ନିଶିପଦ୍ମା ଶୁଭଦର୍ଶିନୀ, ରମେଶ ସାହୁ, ଅବିନାଶ ସାହୁ, ପ୍ରଣୟ ସୁଧା, ସ୍ୱରୂପ ନାୟକଙ୍କ ସହିତ ୩୦ରୁ ଊର୍ଦ୍ଧ୍ୱ କବି କବିତାପାଠ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜ୍ୟୋତି ରଞ୍ଜନ ବାରିକ, ବିଚିତ୍ରାନନ୍ଦ ରାଉତ, ଦୀପକ ସ୍ୱାଇଁ, ଦୀପକ ବେହେରା ପରିଚାଳନା କରିଥିବାବେଳେ ଶିବିର ଚନ୍ଦ୍ର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

ନିମାପଡ଼ା,୨୧।୪(ସମିସ): ପୁରୀ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ନିମାପଡ଼ା ବ୍ଲକ୍ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୋଟ୍ ୩୪ଟି ଅଭିଯୋଗ ମିଳିଥିଲା। ସେଥିରୁ ୩୧ଟି ବ୍ୟକ୍ତିଗତ ଓ ୩ଟି ଗ୍ରାମ ସମ୍ବନ୍ଧୀୟ ଥିଲା। ତତ୍‌କ୍ଷଣାତ ୨ଟି ଅଭିଯୋଗର ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗମାନଙ୍କୁ ପ୍ରେରଣ କରାଯାଇଥିଲା। ଏହି ଶୁଣାଣିରେ ସିଡିଏମ୍‌ଓ ଡା. ଅକ୍ଷୟ କୁମାର ଶତପଥୀ, ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ, ନିମାପଡ଼ା ବିଡିଓ ଡ. ଅଭିଜିତ୍ ଷଡ଼ଙ୍ଗୀ, ତହସିଲ୍‌ଦାର ଡ. ମନୋଜ ପ୍ରଧାନ, ଅଭିଯୋଗ ଶୁଣାଣି ଅଧିକାରୀ ବିବେକାନନ୍ଦ ସାହୁ ଓ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ। ଆସନ୍ତା ୨୭ ତାରିଖ ପୂର୍ବାହ୍ଣ ୭ଟାରୁ ୧୦ଟା ପର୍ଯ୍ୟନ୍ତ କଣାସ ବ୍ଲକ୍ ସମ୍ମିଳନୀ କକ୍ଷରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଜଣାଯାଇଛି।

## ବର ଓ ଅଶ୍ୱତ୍ଥ ବୃକ୍ଷ ବିବାହ ସମ୍ପନ୍ନ

ଚାରିଛକ,୨୧।୪(ସମିସ): ସୋମବାର ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଚାରିଛକ ନିକଟସ୍ଥ ତୁଳସୀପୁର ପଞ୍ଚାୟତ ଭଇଁଚି ଗୋରଡ଼ି ଗ୍ରାମରେ ଏକ ବଟ ବୃକ୍ଷ ସହ ଅଶ୍ୱତ୍ଥ ବୃକ୍ଷ ବିବାହ ଅନୁଷ୍ଠିତ ହୋଇଯାଇଛି। ହିନ୍ଦୁ ପ୍ରଥା ଅନୁଯାୟୀ ପୁଅ-ଝିଅଙ୍କ ବିବାହ ଭଳି ବର ଓ ଅଶ୍ୱତ୍ଥ ବୃକ୍ଷ ବିବାହ ଦେଖିବାକୁ ମିଳିଛି। ପୂଜକ ଅକ୍ଷୟ ମିଶ୍ର, ସନ୍ତୋଷ ମିଶ୍ର, ଜନ୍ମେଜୟ ମିଶ୍ର, ନୃସିଂହ ମିଶ୍ର ଓ ପ୍ରମୋଦ ମିଶ୍ର ପ୍ରମୁଖ ଯଥା ରୀତିନୀତି ଅନୁସାରେ ବିବାହ କାର୍ଯ୍ୟ ଆରମ୍ଭ କରିଥିଲେ। ଭରତ ବାରିକ, ସୁକାନ୍ତି ବାରିକ, ଗଙ୍ଗାଧର ସାହୁ, ତପସ୍ୱିନୀ ସାହୁ ବିବାହ କାର୍ଯ୍ୟରେ ଯୋଗଦେଇଥିଲେ। ଦୀର୍ଘ ୧୮ ବର୍ଷ ତଳେ ଏହି ଦୁଇ ବୃକ୍ଷକୁ ଗ୍ରାମର ମାଧବ ସାହୁ ରୋପଣ କରିଥିଲେ। ଏହି ବିବାହ ଉତ୍ସବରେ ରାଜକିଶୋର ସାହୁ, ବିଶ୍ୱନାଥ ସାହୁ, ଚିତ୍ତରଞ୍ଜନ ବାରିକ, ଅନିଲ ନାୟକ, ଚିନ୍ମୟ ଗୁରୁ, ଅଶୋକ ସାହୁ, ଦିଲ୍ଲୀପ ଦାସ ପ୍ରମୁଖ ସହଯୋଗ କରିଥିଲେ। ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦସେବନର ବ୍ୟବସ୍ଥା କରାଯାଇଥିଲା।

● ଟଙ୍କା ନେଣଦେଣକୁ କେନ୍ଦ୍ର କରି ଅମାନୁଷିକ କାଣ୍ଡ

## ହାତ, ଗୋଡ଼ ବାନ୍ଧି ଘରେ ନିଆଁ ଲଗାଇଦେଲେ ଦୁର୍ବୃତ୍ତ

ନିମାପଡ଼ା,୨୧।୪(ସମିସ): ନିମାପଡ଼ାରେ ଟଙ୍କା ନେଣଦେଣକୁ କେନ୍ଦ୍ର କରି ଜଣେ ବ୍ୟକ୍ତିଙ୍କ ପରିବାର ଉପରେ ଆକ୍ରୋଶ ରଖି ହାତ, ଗୋଡ଼ ବାନ୍ଧି ୬ ଜଣ ବ୍ୟକ୍ତି ତାଙ୍କ ଘରେ ନିଆଁ ଲଗାଇ ଦେଇଥିବା ଜଣାପଡ଼ିଛି। ବାପା, ମାଆ ଓ ପୁଅଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଏପରି କରାଯାଇଥିଲା। ପଡ଼ୋଶୀଙ୍କ ସହାୟତାରେ ଉକ୍ତ ୩ ଜଣ ବଞ୍ଚିଯାଇଛନ୍ତି। ଗତ ୧୭ ତାରିଖରୁ ଏ ସମ୍ପର୍କରେ ଥାନାରେ ଅଭିଯୋଗ କରାଯାଇଛି। ଅଭିଯୋଗ ଆଧାରରେ ପୁଲିସ ତଦନ୍ତ ଜାରି ରଖିଛି। ପୁରୀ ଜିଲ୍ଲା ନିମାପଡ଼ା ସଲଙ୍ଗ ପଞ୍ଚାୟତ ଛଚାଟିଆ ଗ୍ରାମରେ ଘଟିଛି ଏଭଳି ଏକ ଘଟଣା।



ମିଳିଥିବା ସୂଚନା ଅନୁଯାୟୀ, ଗତ ୧୭ ତାରିଖ ବିଳମ୍ବିତ ରାତିରେ ୬ ଜଣ ଦୁର୍ବୃତ୍ତ ମୁହଁରେ ମୁଖା ବାନ୍ଧି ଗ୍ରାମର ଗୁଣନିଧି ସ୍ୱାଇଁଙ୍କ ଘରର କବାଟ ବାଡ଼େଇଥିଲେ। ଗୁଣନିଧି କବାଟ ଖୋଲିବାରୁ ହଠାତ୍ ଘର ଭିତରକୁ ଦୁର୍ବୃତ୍ତମାନେ ପଶିଯାଇ ତାଙ୍କୁ ଘୋଷାରି ଆଣି ଘର ଦୁଆରେ ବାନ୍ଧି ପକାଇଥିଲେ। ବାପାଙ୍କୁ ବଞ୍ଚାଇବାକୁ ଆସିଥିବା ତାଙ୍କ ପୁଅ ଆଲୋକ ସ୍ୱାଇଁ ଓ ସ୍ତ୍ରୀ ଜାଇଫୁଲ ସ୍ୱାଇଁଙ୍କୁ ମଧ୍ୟ ହାତ, ଗୋଡ଼ ଓ ବେକକୁ ବାନ୍ଧି ପକାଇ ଘରେ ନିଆଁ ଲଗାଇ ଦେଇଥିଲେ। ନିଆଁ ଜଳିବାର ଦେଖି ଗ୍ରାମର କେତେକ ବ୍ୟକ୍ତି ହଠାତ୍ ସେଠାରେ ପହଞ୍ଚି ୩ ଜଣଙ୍କୁ ଉଦ୍ଧାର କରିଥିଲେ। ୩ ଜଣଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏହି ଘଟଣା ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏ ସମ୍ପର୍କରେ ଗୁଣନିଧିଙ୍କର ପ୍ରତିକ୍ରିୟା ନେବାରେ ସେ କହିଛନ୍ତି, ସ୍ଥାନୀୟ ଗ୍ରାମର ଜଣେ ବ୍ୟକ୍ତି ଓ ତାଙ୍କର ଦୁଇଜଣ ସହଯୋଗୀ ନାଲ୍‌କୋ କମ୍ପାନୀରେ ଚାକିରି କରାଇଦେବାକୁ କହି ୧୯ ଲକ୍ଷ ୫୦ ହଜାର ଟଙ୍କା ମୋ ପୁଅ ଅଲୋକଠାରୁ ନେଇଥିଲେ। ଚାକିରି ନ ହେବାରୁ ଆମ୍ଭେ ଟଙ୍କା ମାଗିଥିଲୁ। ଫଳରେ ସେମାନେ ଆମଙ୍କୁ ଭଣ୍ଡାଇ ଚାଲିବା ସହ ମିଥ୍ୟା ନିଯୁକ୍ତିପତ୍ର ଦେଇଥିଲେ। ତାହା ଜାଲ୍ ବୋଲି ଆମେ ଜାଣିପାରି ଟଙ୍କା ମାଗିବାରୁ ଆଜିକାଲି କହି ସମୟ ଗଡ଼ାଇ ଚାଲିଥିଲେ। ଏବେ ହଠାତ୍ ଆମ ଘରେ ପଶି ସେମାନେ ଏପରି ଅମାନୁଷିକ କାର୍ଯ୍ୟ କରିଛନ୍ତି। ଏହି ଦୁର୍ବୃତ୍ତମାନଙ୍କୁ କଡ଼ା ଦଣ୍ଡବିଧାନ ପାଇଁ ଗୁଣନିଧି ଓ ତାଙ୍କ ପତ୍ନୀ ଜାଇଫୁଲ ଦାବି କରିଛନ୍ତି।

## ପରମ୍ପରାରେ ବଞ୍ଚି ରହିଛି ଅକ୍ଷୟ ତୃତୀୟା

ଗମ୍ଭାରୀପଦା,୨୧।୪(ସମିସ): ପୂର୍ବ କାଳରେ ଚାଷୀ ଚାଷ କାର୍ଯ୍ୟର ସୁଫଳ ପାଇଁ ସନାତନ ହିନ୍ଦୁ ଧର୍ମର ପରମ୍ପରା, ରୀତିନୀତି, ଋତୁଚକ୍ର ଉପରେ ନିର୍ଭର କରି ଭକ୍ତିପୂତ ଭାବରେ ପୂଜାର୍ଚ୍ଚନା କରି ଚାଷକାର୍ଯ୍ୟ ଆରମ୍ଭ କରୁଥିଲେ। ଯେହେତୁ ପୂର୍ବ କାଳର ଧାନ ବିହନରୁ ଧାନ ଉତ୍ପାଦନ ପାଇଁ ଅଧିକ ସମୟ ଅବଧି ଓ ପ୍ରକୃତି ଉପରେ ନିର୍ଭରଶୀଳ ଥିଲା, ସେଥିପାଇଁ ତାକୁ ଅକ୍ଷୟ ତୃତୀୟା ପବିତ୍ର ତିଥିଠାରୁ ଚାଷ କାର୍ଯ୍ୟ ଆରମ୍ଭ କରିବାକୁ ପଡୁଥିଲା। ଫଳରେ ରଜ, ସାବିତ୍ରୀ ବେଳକୁ ଧାନଗଛ ଚଢ଼େଇ ଲୁଚିଲା ଭଳି ହୋଇଯାଇଥାଏ। ପରେ ତିଥି ଓ ପର୍ବ ମୁତାବକ ଚାଷକାର୍ଯ୍ୟ ସମାପନ କରିଥାଏ। ଆଧୁନିକ ଯୁଗରେ ପାଣିପାଗରେ ଅନିୟମିତତା, ସଅଳ ଅମଳକ୍ଷମ ଉନ୍ନତ କିସମର ବିହନ ଯୋଗୁଁ ଚାଷୀ ତା'ର ପାରମ୍ପରିକ ଚାଷ ସରଞ୍ଜାମକୁ ଛାଡ଼ିଦେଇ ସେଗୁଡ଼ିକର ବ୍ୟବହାରକୁ ମଧ୍ୟ ଭୁଲି ଗଲାଣି। ଯାହାକୁ ନେଇ ଆଜିକାଲିର ରାଜନୈତିକ ବ୍ୟକ୍ତିମାନେ ନିଜର ରାଜନୀତି ଭବିଷ୍ୟତ ପାଇଁ ଅକ୍ଷୟ ତୃତୀୟା ପରମ୍ପରାକୁ ଉଜ୍ଜୀବିତ କରି ଛଦ୍ମବେଶୀ ଚାଷୀ ପୁଅ ହୋଇ ସମାଜକୁ ଭଣ୍ଡୁଛନ୍ତି। ଭଙ୍ଗା ଲଙ୍ଗଳ ଓ କଳଙ୍କି ଖାଇଯାଉଥିଲା ଲଙ୍ଗଳ ଲୁହା ସହ ମଣ ହୋଇ ନ ଥିବା ବଳଦ ଯୋଚି କ୍ୟାମେରା ଆଗରେ ନିଜକୁ ଚାଷୀମାନଙ୍କ ହର୍ତ୍ତାକର୍ତ୍ତା ଦେଖାଇବା ପାଇଁ ସାମାଜିକ ଗଣମାଧ୍ୟମରେ ଫଟୋ ପ୍ରତିପାଦିତ କରୁଛନ୍ତି। ଏହାଦ୍ୱାରା ସେମାନେ ନିଜକୁ ଚାଷୀଙ୍କ ଦାୟାଦ ଦେଖାଇ ହୋଇ ଭୋଟ୍ ରାଜନୀତି କରୁଛନ୍ତି ସିନା ଚାଷୀଙ୍କ ପ୍ରକୃତ ସମସ୍ୟାକୁ ଅଣଦେଖା କରି ବେକାରୀ ସମସ୍ୟା ସୃଷ୍ଟି କରୁଥିବା ଅଗ୍ରଣୀ ଚାଷୀ ସଂଗଠନଗୁଡ଼ିକ ଅଭିଯୋଗ କରୁଛନ୍ତି। ପ୍ରକୃତ ପକ୍ଷରେ ଚାଷୀ ଆଉ ଚାଷକାର୍ଯ୍ୟ ଅକ୍ଷୟ ତୃତୀୟାରେ ଆରମ୍ଭ କରୁନାହାନ୍ତି। ତେଣୁ ସରକାର ବାସ୍ତବତା ଦେଖାଇ ଚାଷ ପାଇଁ ପର୍ଯ୍ୟାପ୍ତ ପରିମାଣରେ ଜଳସେଚନ ସୁବିଧା ଉପଲବ୍ଧ କରାଇବା ସହ ଆଧୁନିକ ପ୍ରଣାଳୀରେ ଚାଷକାର୍ଯ୍ୟ ପାଇଁ ଯୁବପିଢ଼ିଙ୍କୁ ପ୍ରଶିକ୍ଷିତ କରାଇବା ପାଇଁ ଦାବି ହେଉଛି।

## ଭଡ଼ାଘରୁ ଯୁବକଙ୍କ ମୃତଦେହ ଉଦ୍ଧାର

ନିମାପଡ଼ା,୨୧।୪(ସମିସ): ନିମାପଡ଼ା କଳାକାହ୍ନୁ କଲ୍ୟାଣ ମଣ୍ଡପ ନିକଟରେ ଏକ ଭଡ଼ାଘରେ ମଙ୍ଗଳବାର ଜଣେ ଯୁବକ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ତେବେ ମୃତ୍ୟୁର କାରଣ ଜଣାପଡ଼ି ନାହିଁ। ମୃତକ ଜଣକ ହେଉଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ଥାନା ଅନ୍ତର୍ଗତ ବାଘଡିହ ଗ୍ରାମର ଅମୂଲ୍ୟ ସାହୁଙ୍କ ପୁଅ ଆଶିଷ ସାହୁ (୨୨) ଓରଫ ହାପି। ସୂଚନା ମୁତାବକ, ଆଶିଷ ଓ ତାଙ୍କର ଦୁଇଜଣ ସାଙ୍ଗ ନିମାପଡ଼ାର ଏକ ଘରୋଇ କମ୍ପାନୀରେ ଚାକିରି କରିବା ସହ କଳାକାହ୍ନୁ କଲ୍ୟାଣ ମଣ୍ଡପ ନିକଟରେ ଏକ ତିନି ମହଲା କୋଠା ଘରର ମଝି ମହଲାରେ ଭଡ଼ାରେ ରହୁଥିଲେ। ତେବେ ଆଶିଷ ମଙ୍ଗଳବାର ଘରକୁ ଯିବ ବୋଲି କହି କମ୍ପାନୀରୁ ଦିନ ୧୨ଟା ସମୟରେ ଆସି କୌଣସି କାରଣବସତଃ ଭଡ଼ାଘରେ ଏକ ଫ୍ୟାନରେ ରଶି ଲଗାଇ ଦେଇଥିଲେ। କିଛି ସମୟ ପରେ ଅନ୍ୟ ଦୁଇ ସାଙ୍ଗ ଖାଇବାକୁ ଆସି ଦେଖନ୍ତି ତ କବାଟ ଭିତରପଟୁ ବନ୍ଦ ରହିଛି। ଝରକା ପଟେ ଦେଖିଲେ ଆଶିଷ ପଙ୍ଖାରେ ଝୁଲିଛନ୍ତି। ତୁରନ୍ତ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକ ଜଣକ ମରିପଡ଼ିଥିବାର ଦେଖିବାକୁ ପାଇଥିଲେ। ଖବର ପାଇ ସନ୍ଧ୍ୟାରେ ପୁରୀରୁ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ସାରି ଫେରିଯାଇଛି। ଆଶିଷଙ୍କ ସାଙ୍ଗ ଆଶୁତୋଷ ସୁଖାରୀଙ୍କ ଅଭିଯୋଗ କ୍ରମେ ପୁଲିସ ଏକ ମାମଲା ରୁଜୁ କରି ଶବକୁ ଜବତ କରିଥିବା ଜଣାପଡ଼ିଛି। ଖବର ଲେଖା ହେବା ସୁଦ୍ଧା ମୃତ ଯୁବକଙ୍କ ପରିବାର ଲୋକ କେହି ପହଞ୍ଚି ନ ଥିଲେ।

## ୬୦ତମ ବାର୍ଷିକ ଗୁରୁ ଭକ୍ତ ସମ୍ମିଳନୀ ଉଦ୍‌ଯାପିତ

ନୟାହାଟ,୨୧।୪(ସମିସ): ପ୍ରେମାଚାର୍ଯ୍ୟ ବାବା ମଧୁସୂଦନଙ୍କ ଦ୍ୱାରା ପ୍ରତିଷ୍ଠିତ ସର୍ବଧର୍ମ ସମନ୍ୱୟ ପୀଠ ପ୍ରାଚୀ ଗୁରୁ ଧର୍ମ କ୍ଷେତ୍ର ପରିସରରେ ୩ଦିନ ବ୍ୟାପୀ ଚାଲୁ ରହିଥିବା ୬୦ତମ ରାଜ୍ୟସ୍ତରୀୟ ଗୁରୁ ଭକ୍ତ ସମ୍ମିଳନୀ ମଙ୍ଗଳବାର ଆଶ୍ରମର ମୁଖ୍ୟ ବାବାଜୀ ଦାମୋଦର ଦାସଙ୍କ ପୌରୋହିତ୍ୟରେ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିନ ହଜାର ହଜାର ଭକ୍ତଙ୍କ ଗହଣରେ ଗୁରୁଦେବଙ୍କ ଶ୍ରୀବିଗ୍ରହ ଓ ପାଦୁକା ଘୋଷ ଯାତ୍ରା ବିବିଧ ଉଲ୍ଲାସରେ କରାଯାଇଥିଲା। ଦ୍ୱିତୀୟ ଦିନ ରାଜ୍ୟ ତଥା ରାଜ୍ୟ ବାହାରୁ ସାଧୁସନ୍ଥଙ୍କ ସମାବେଶରେ ପ୍ରେମାଚାର୍ଯ୍ୟଙ୍କ ବିଭିନ୍ନ ଲୀଳା ଅନୁଭୂତି ସମ୍ପର୍କରେ ଆଲୋଚନା ହୋଇଯାଇଛି। ଉଦ୍‌ଯାପନୀ ଅବସରରେ ଗୁରୁ କୃଷ୍ଣ ଭାଇ, ଗୁରୁକୃଷ୍ଣ ସ୍ୱାଇଁ, ଅମ୍ବିକା ସ୍ୱାଇଁ ପ୍ରମୁଖ ଗୁରୁଦେବଙ୍କ ଭଜନ ଗାନ କରିଥିଲେ।



ପରେ ସମସ୍ତ ଭକ୍ତଙ୍କ ମଧ୍ୟରେ ସମ୍ମିଳନୀର ସମୀକ୍ଷା ବୈଠକ ଓ ସନ୍ଧ୍ୟା ଅଧିବେଶନରେ ସେବିକା ସବିତା ଦାସ ଗୁରୁଦେବଙ୍କୁ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା କରିଥିଲେ। ଅନୁ ମା', ବାସନ୍ତୀ ମା', ଶାନ୍ତି ମା', ଶୁକ ମା', ସବିତା ମା', ଚୁମୁକି ମା' ପ୍ରଭୃତି ବନ୍ଦାପନା କରିଥିଲେ। ଶକୁନ୍ତଳା ଦାଶଙ୍କ ସଭାପତିତ୍ୱରେ ମାଆମାନଙ୍କ ଦ୍ୱାରା ପୂଜାର୍ଚ୍ଚନା ଓ ଭାବବିନିମୟ, ଗୁରୁ ଦର୍ଶନ ଉପରେ ବିନି ମା', ଝରଣା ମା'ଙ୍କ ସମେତ ବହୁ ମାଆ ଭାଗ ନେଇଥିଲେ। ଡା. ରତ୍ନାକର ମହାନ୍ତି ଗୁରୁ ତତ୍ତ୍ୱ ବିଷୟରେ ବ୍ୟାଖ୍ୟା କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସର୍ବଶ୍ରୀ ନୀଳମଣି ସାହୁ, ସୁରେନ୍ଦ୍ର ପାତ୍ର, ରମେଶ ବିଟି, କୃଷ୍ଣ ଚନ୍ଦ୍ର ଓଝା, ଗୁରୁ ଦତ୍ତ ମହାପାତ୍ର, ଚରଣ ସ୍ୱାଇଁ, ଲିଙ୍ଗରାଜ ଦଳେଇ, ରମୟ ରାଉତ, ଶଶୀକାନ୍ତ ଖୁଣ୍ଟିଆ, ଜ୍ଞାନ ରଞ୍ଜନ ପ୍ରମୁଖ ପରିଚାଳନା କରିଥିଲେ। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ସମସ୍ତଙ୍କ ସହଯୋଗ, ଶୃଙ୍ଖଳା ସହିତ ପରିଚାଳନା ଓ ପ୍ରଚାରପ୍ରସାର ହୋଇଥିବାରୁ ଆଶ୍ରମ ତରଫରୁ ସେବକ ପ୍ରୀତି ରଞ୍ଜନ ଦାସ ସମସ୍ତଙ୍କୁ ସାଧୁବାଦ ଜଣାଇଛନ୍ତି।

କାହାଣୀ କହିବା ଶୈଳୀକୁ ନେଇ କର୍ମଶାଳା

## ପ୍ରତି ପର୍ବ ଓ ପରମ୍ପରା ପଛରେ ଲୁଚିଛି କାହାଣୀ

ପୁରୀ,୨୧।୪(ସମିସ): ଉତ୍କର୍ଷ କଳାର ରାଜ୍ୟ ଉତ୍କଳର ପ୍ରତି ଗାଁ, ପ୍ରତି ପର୍ବ ଓ ପ୍ରତି ପରମ୍ପରା ପଛରେ କୌଣସି ନା କୌଣସି କାହାଣୀ ଲୁଚି ରହିଛି। ସମାଜକୁ ସୁନ୍ଦର ବାର୍ତ୍ତା ଦେଉଥିବା ଏହି କାହାଣୀକୁ ଓଡ଼ିଶା ଭିତରେ ସୀମିତ ନ ରଖି ବିଶ୍ୱଦରବାରରେ ପହଞ୍ଚାଇବା ପାଇଁ ଅଣ୍ଟା ଭିଡ଼ିଛି ସ୍ୱେଚ୍ଛାସେବୀ ସଂଗଠନ ସମ୍ପର୍କ ଏବଂ ଦିଲ୍ଲୀସ୍ଥିତ ସଂଗଠନ ପ୍ଲକ୍। ଏହି କାହାଣୀ କହିବାର ଶୈଳୀ ସମ୍ପର୍କରେ "ସମ୍ପର୍କ' ସହଯୋଗରେ ସ୍ଥାନୀୟ ୟୁଥ୍ ହଷ୍ଟେଲରେ ମଙ୍ଗଳବାର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାକୁ ଉଦ୍‌ଘାଟନ କରି ପ୍ରାକ୍ତନ ପ୍ରଶାସକ ପଦ୍ମନାଭ ପଣ୍ଡା ପୁରୀରୁ ପୃଥିବୀ ପରିପ୍ରେକ୍ଷୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମକରଣର ବିଶେଷତ୍ୱ ସମ୍ପର୍କରେ ସୂଚନା ଦେଇ ଏପରି କାହାଣୀ ମାଧ୍ୟମରେ ଆମର ଐତିହ୍ୟ ଓ ପରମ୍ପରାକୁ ବିଶ୍ୱଦରବାରରେ ଉପସ୍ଥାପନ କରିବା ସହ କଳାତ୍ମକ ଉତ୍ପାଦର ପ୍ରଚାରପ୍ରସାର କରିହେବ ବୋଲି ପ୍ରକାଶ କରିଥିଲେ।



ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସନ୍ତୋଷ କୁମାର ମହାନ୍ତି ଏହି କାହାଣୀ କଥନ କଳା ମାଧ୍ୟମରେ ସୁପ୍ତ ପ୍ରତିଭାର ବିକାଶ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ମାନସ ସାହୁ ସାମାଜିକ ଗଣମାଧ୍ୟମ ଜରିଆରେ ଅଳ୍ପ ସମୟ ମଧ୍ୟରେ ଏପରି କାର୍ଯ୍ୟକ୍ରମ ଦ୍ୱାରା ଲୁକ୍କାୟିତ ପ୍ରତିଭାକୁ ବିଶ୍ୱ ସମୁଦାୟ ଆଗରେ ଉପସ୍ଥାପନ କରିବା ସମ୍ଭବ ବୋଲି କହିଥିଲେ। କୃଷ୍ଣ ଚନ୍ଦ୍ର ମହାନ୍ତି ପ୍ରଶିକ୍ଷାର୍ଥୀମାନଙ୍କୁ ମାର୍ଗଦର୍ଶନ କରିଥିଲେ। 'ପ୍ଲକ୍'ର ପ୍ରତିନିଧି ଅଭିଷେକ ରାଜ୍ ଏବଂ ପ୍ରଶିକ୍ଷକ ନାଜିଆ ଜି ସୁନ୍ଦର ଦୃଶ୍ୟଶ୍ରାବ୍ୟ ଉପକରଣ ମାଧ୍ୟମରେ ତାଲିମ ଦେଇଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରୁଥିବା ସମ୍ପର୍କର ସାଧାରଣ ସମ୍ପାଦକ ସୌମେନ୍ଦ୍ର ଦାସ ପ୍ରଶିକ୍ଷାର୍ଥୀଙ୍କ ପାଇଁ ଭବିଷ୍ୟତରେ ଅଧିକ କାର୍ଯ୍ୟକ୍ରମ କରିବା ଲାଗି 'ପ୍ଲକ୍'ର ପ୍ରତିନିଧିଙ୍କୁ ଅନୁରୋଧ କରିଥିଲେ। ଶୁଭ ପ୍ରସାଦ ଶର୍ମା, ବିଶ୍ୱଜିତ୍ ମିଶ୍ର, ବାସୁଦେବ ସେନାପତି, ରାକେଶ ସେଠୀ, ଆଶିଷ କୁମାର ମାର୍ଥା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିଜେଡିର ସାଂଗଠନିକ ବୈଠକ ଓ ୱାର୍ଡ କମିଟି ଗଠନ



ଚାରିଛକ,୨୧।୪(ସମିସ): ନିମାପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ତୁଳସୀପୁର ପଞ୍ଚାୟତ ବିଜେଡିର ସାଂଗଠନିକ ବୈଠକ ଓ ୱାର୍ଡ କମିଟି ଗଠନ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ନିକଟସ୍ଥ କୁତାମଚଣ୍ଡୀ ମନ୍ଦିର ପରିସରରେ ପଞ୍ଚାୟତ ସଭାପତି ଅନିରୁଦ୍ଧ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବରିଷ୍ଠ ସଦସ୍ୟ ତଥା ମୁଖପାତ୍ର ନିରଞ୍ଜନ ତ୍ରିପାଠୀ, ବ୍ରଜ କିଶୋର ସାହୁ, ପର୍ଶୁରାମ ମହାପାତ୍ର, ବାବୁଲି ପାତ୍ର, ଯୁବ ସଂଗଠକ ପଦ୍ମନାଭ ବାରିକ, ଗଜାନନ ତ୍ରିପାଠୀ, ବିଷ୍ଣୁଚରଣ ମହାପାତ୍ର, ପ୍ରକାଶ ତ୍ରିପାଠୀ, ରମେଶ ଚନ୍ଦ୍ର କର, କୈଳାସ ଚନ୍ଦ୍ର କର, ମୁନୁ ଖାଁ, କୈଳାସ ବେହେରା, ଲକ୍ଷ୍ମୀଧର ଦାସ, ତ୍ରିଲୋଚନ ଭୋଇ ପ୍ରମୁଖ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ଆସନ୍ତା ପଞ୍ଚାୟତ ନିର୍ବାଚନରେ ଏହି ପଞ୍ଚାୟତରେ କିଭଳି ଆମ ଦଳର ପ୍ରାର୍ଥୀମାନେ ବିଜୟ ଲାଭ କରିବେ ସେ ସମ୍ପର୍କରେ ବିଶଦ୍ ଆଲୋଚନା କରାଯାଇଥିଲା। ଏହି ଅବସରରେ ସମସ୍ତ ୱାର୍ଡର କମିଟି ଗଠନ କରାଯାଇଥିଲା।

# ଜୟଦେବ ସଂକୀର୍ତ୍ତନ ପଦଯାତ୍ରା ନିମନ୍ତେ ସରକାରୀ ପ୍ରୋତ୍ସାହନ ଠପ୍

କାକଟପୁର,୨୧।୪(ସମିସ)

ଗୀତଗୋବିନ୍ଦର ରଚୟିତା କବି ଜୟଦେବଙ୍କ ସ୍ମୃତିକୁ ମନେପକାଇବା ଉଦ୍ଦେଶ୍ୟରେ ସୋମବାର ଅକ୍ଷୟ ତୃତୀୟାଠାରୁ କେନ୍ଦୁଲିରୁ ବାହାରିଥିବା ସଂକୀର୍ତ୍ତନ ପଦଯାତ୍ରୀ ଦଳ ମା' ମଙ୍ଗଳାଙ୍କ ପୀଠ କାକଟପୁରରେ ପହଞ୍ଚି ମା'ଙ୍କୁ ଦର୍ଶନ କରି ଦେଉଳିମଠରେ ବିଶ୍ରାମ କରିଛନ୍ତି। ବୁଧବାର ପଦଯାତ୍ରୀ ଦଳ କୋଣାର୍କ ଅଭିମୁଖେ ଯାତ୍ରା କରିବେ ବୋଲି ଜଣାପଡ଼ିଛି। କବି ଜୟଦେବଙ୍କୁ ଜଗନ୍ନାଥ ସଂସ୍କୃତିର ପ୍ରାଣକେନ୍ଦ୍ର ଭାବେ ବିବେଚନା କରାଯାଇଥିଲେ ମଧ୍ୟ ଗତ ଦୁଇ ବର୍ଷ ହେବ ଜୟଦେବ ଜୟନ୍ତୀରେ ସରକାରଙ୍କ ବୈମାତୃକ ମନୋଭାବ କାର୍ଯ୍ୟକ୍ରମରେ ବେଶ୍ ବାରିହୋଇ ପଡୁଛି। ଅକ୍ଷୟ ତୃତୀୟାଠାରୁ କବି ଜୟଦେବଙ୍କ ଜୟନ୍ତୀକୁ



ସାରା ଓଡ଼ିଶାରେ ପରିଚିତ କରିବା ପାଇଁ ପୂର୍ବ ସରକାର ବ୍ୟାପକ କାର୍ଯ୍ୟକ୍ରମ ଆୟୋଜନ କରିଥିବାବେଳେ ସରକାରୀସ୍ତରରେ ଏହାକୁ ଧୁମ୍‌ଧାମ୍‌ରେ ପାଳନ କରାଯାଉଥିଲା। ମାତ୍ର ବିଜେପି ସରକାରଙ୍କ ସମୟରେ ସଂକୀର୍ତ୍ତନ ଯାତ୍ରୀ ଦଳକୁ କୌଣସି ସରକାରୀ କ୍ଷେତ୍ରରେ ପ୍ରୋତ୍ସାହନ କିମ୍ବା ଆଦର ଅଭ୍ୟର୍ଥନା ଦିଆଯାଉନାହିଁ। କେବଳ କେନ୍ଦୁଲିରୁ ଏକ ସଂକୀର୍ତ୍ତନ ପଦଯାତ୍ରୀ ଦଳ ବାହାରି ପୁରୀ ଯାଇ ଫେରିଯାଉଥିବା ଦେଖିବାକୁ ମିଳୁଛି। ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଓଡ଼ିଆ ଅସ୍ମିତାର ପ୍ରତୀକ ଜୟଦେବ ଜୟନ୍ତୀର ଏଭଳି ଅବ୍ୟବସ୍ଥା ଦେଖି ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

● ରାଜନୈତିକ ଇଚ୍ଛାଶକ୍ତି ଅଭାବ; ବୁଦ୍ଧିଜୀବୀ ଅସନ୍ତୁଷ୍ଟ
● ବିଜେଡି ସରକାର ସମୟରେ ଧୁମ୍‌ଧାମ୍‌ରେ ପାଳନ ହେଉଥିଲା
● ଓଡ଼ିଆ ଅସ୍ମିତା ପ୍ରତି ଅଣଦେଖା କରୁଛନ୍ତି ରାଜ୍ୟ ସରକାର

ଜୟଦେବ ଜୟନ୍ତୀକୁ ଲୋକାଭିମୁଖୀ କରିବା ପାଇଁ ପୃଷ୍ଠପୋଷକ ଦାୟିତ୍ୱ ନେଇଥିବା ଜଗନ୍ନାଥ ସଂସ୍କୃତି ପ୍ରଚାରକ ପଣ୍ଡିତ ତ୍ରିଲୋଚନ ମିଶ୍ର ଏହି ଅବ୍ୟବସ୍ଥାକୁ ନେଇ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି। ଗୀତଗୋବିନ୍ଦର ରଚୟିତା କବି ଜୟଦେବଙ୍କ ଯୋଗୁଁ ପ୍ରାଚୀ ସଂସ୍କୃତି ଜାଜ୍ଜ୍ୱଲ୍ୟମାନ ହୋଇଥିବାବେଳେ ଆଜିର ଏହି ସଂକୀର୍ତ୍ତନ ଦଳକୁ ଉପେକ୍ଷା କରାଯିବା ଓ ଅବହେଳିତ ଭାବେ ଛାଡ଼ିଦେବା ଏହା କ'ଣ ଓଡ଼ିଆ ଅସ୍ମିତାକୁ କୁଠାରଘାତ କରୁନାହିଁ କି? ବୋଲି କ୍ଷୋଭର ସହ ପଣ୍ଡିତ ତ୍ରିଲୋଚନ ମିଶ୍ର ପ୍ରକାଶ କରିଛନ୍ତି।

## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ।

**ବୃଷ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ବୈବାହିକ ଜୀବନରେ ସମସ୍ୟା ଆସିବ। ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜରୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କର୍ମଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଘର ପାଇଁ ନୂଆ ଜିନିଷ କିଣିବେ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ।

**ଧନୁ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ।

**କୁମ୍ଭ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୮୭୦- ଋଷ୍ ବିପ୍ଳବର ଜନକ ଲେନିନ୍‌ଙ୍କ ଜନ୍ମ।
- ୧୯୨୧- ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଭାରତୀୟ ପ୍ରଶାସନିକ ସେବାରୁ ଇସ୍ତଫା ଦେଲେ।
- ୧୯୫୪- ତତ୍କାଳୀନ ସୋଭିଏତ୍ ରୁଷ୍ ୟୁନେସ୍କୋରେ ସାମିଲ ହେଲା।
- ୧୯୮୩- ମହାକାଶଯାନ ସୋୟୁଜ୍ ଟି-୮ ପୃଥିବୀ ପୃଷ୍ଠକୁ ଫେରିଲା।



## "ରାବଣ ଭୂମିକା ସହଜ ନ ଥିଲା"

ପ୍ୟାନ୍ ଇଣ୍ଡିଆ ଷ୍ଟାର୍ ଯଶ୍ ଏବେ ତାଙ୍କ ଆଗାମୀ ଫିଲ୍ମ 'ରାମାୟଣ'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ଏଥିରେ ସେ ରାବଣ ଭୂମିକାରେ ନଜର ଆସିବେ। ନିକଟରେ ଯଶ୍ ତାଙ୍କର ଏହି ଭୂମିକା ଉପରେ ଖୁଲମ୍‌ଖୁଲ୍ଲା ଆଲୋଚନା କରିଛନ୍ତି। ସିନେମାକନ୍ ଫେଷ୍ଟିଭାଲରେ ଯୋଗ ଦେବା ଅବସରରେ ଯଶ୍ ଗଣମାଧ୍ୟମକୁ ଦେଇଥିବା ସାକ୍ଷାତକାରରେ କହିଛନ୍ତି, "ରାବଣ ଭଳି ଏକ ପୌରାଣିକ ଚରିତ୍ରକୁ ପରଦାକୁ ଉପରକୁ ଆଣିବା ଏତେ ସହଜ କଥା ନୁହେଁ। ମୁଁ ପୂର୍ବରୁ ଏଭଳି ଚରତ୍ରରେ ଅଭିନୟ କରି ନ ଥିଲି। କଳା ଓ ସୁନେଲି ରଙ୍ଗର ପୋଷାକ, ଭାରୀ ମୁକୁଟ ସହ ଅସ୍ତ୍ରଶସ୍ତ୍ର ଧରି ଯଦିଓ ଶକ୍ତିଶାଳୀ ଅନୁଭବ କରୁଥିଲତ, ହେଲେ ବେଶୀ ସମୟ ଏହାକୁ ପିନ୍ଧି ପାରୁ ନ ଥିଲି।" ଏତେ ଭାରୀ ପୋଷାକରେ ସୁଟ୍ କରିବା ସହଜ ନ ଥିଲା ବୋଲି ମଧ୍ୟ ସେ କହିଛନ୍ତି। ସେହିଭଳି ରାବଣର ଦଶଟି ମୁଣ୍ଡକୁ ନେଇ ମଧ୍ୟ ସେ ଖୁଲାସା କରିଛନ୍ତି। ରାବଣ ପ୍ରତ୍ୟେକ କାମରେ ମାହିର୍ ଥିଲା ବୋଲି ଏଥିରେ ତା'ର ଦଶଟି ମୁଣ୍ଡ ମାଧ୍ୟମରେ ପ୍ରଦର୍ଶିତ କରାଯିବ। ଏହି ସିନ୍ ସବୁଠୁ ଖାସ୍ ହେବ ଓ ଦର୍ଶକଙ୍କୁ ଏକ ନୂଆ ଅନୁଭୂତି ଆଣିଦେବ ବୋଲି ଯଶ୍ କହିଛନ୍ତି। ଏଯାବତ୍ 'ରାମାୟଣ'ରେ ରାବଣଙ୍କ ଲୁକ୍‌କୁ ଲୁଚାଇ ରଖାଯାଇଛି। ଯଦିଓ ଏହାର ଟିଜର୍‌ରେ ରାବଣର ଝଲକ ଦେଖାଯାଇଥିଲା କିନ୍ତୁ ପୂରା ଲୁକ୍‌କୁ ସାମ୍ନାକୁ ଅଣାଯାଇ ନ ଥିଲା। ଖୁବ୍‌ଶୀଘ୍ର ଏହି ଲୁକ୍‌କୁ ସାମ୍ନାକୁ ଅଣାଯାଇପାରେ ବୋଲି ଅନୁମାନ କରାଯାଉଛି। ସେହିଭଳି ପ୍ରଯୋଜକ ନମିତ ମଲାହୋତ୍ରା ପୁଷ୍ପକ ବିମାନକୁ ନେଇ କହିଛନ୍ତି, ଟିଜର୍‌ରେ ଏହାର ଝଲକ ଦେଖାଯାଇଛି। ହେଲେ ଏହାକୁ ଏକ ସତସତିକା ଜିନିଷ ଭଳି ପରଦା ଉପରେ ଦେଖାଇବାକୁ ଆମକୁ ଏହାର ଗଠନ ଠୁ ଆରମ୍ଭ କରି ଡିଜାଇନ୍ ପର୍ଯ୍ୟନ୍ତ ପ୍ରତିଟି ଦିଗ ଉପରେ ଧ୍ୟାନ ଦେବାକୁ ପଡ଼ିଛି। 'ରାମାୟଣ'ର ପ୍ରଥମ ପାର୍ଟ ଚଳିତବର୍ଷ ଦୀପାବଳି ଅବସରରେ ଆସିବ।



## ଧରିତ୍ରୀ ମା' ପାଇଁ ଦିନଟିଏ'

ଆଜି ଧରିତ୍ରୀ ଦିବସ। ପ୍ରତିବର୍ଷ ଏପ୍ରିଲ୍ ୨୨ ତାରିଖକୁ ପୃଥିବୀ ଦିବସ ଭାବେ ପାଳନ କରାଯାଇଥାଏ। ଏ ପୃଥିବୀରେ କେବଳ ମଣିଷ ନୁହଁନ୍ତି, ଏହା ସହିତ ଲକ୍ଷ ଲକ୍ଷ ଅନ୍ୟାନ୍ୟ ପ୍ରାଣୀ ମଧ୍ୟ ବାସ କରନ୍ତି। ଏହି ବିଶାଳ ଦୁନିଆରେ, ବର୍ତ୍ତମାନ ପର୍ଯ୍ୟନ୍ତ କେବଳ ପୃଥିବୀରେ ଜୀବନର ପ୍ରମାଣ ମିଳିଛି। ତଥାପି, ମଣିଷର ଲୋଭ ପୃଥିବୀର ପ୍ରାକୃତିକ ସନ୍ତୁଳନକୁ ନଷ୍ଟ କରିଦେଇଛି, ଯେଉଁ କାରଣରୁ ଜଳବାୟୁ ପରିବର୍ତ୍ତନ, ବିଶ୍ୱ ତାପନ ଏବଂ ପ୍ରଦୂଷଣ ଭଳି ସମସ୍ୟା ଆଜିକାଲି ଏକ ଆହ୍ୱାନ ହୋଇଯାଇଛି। ପୃଥିବୀର ପ୍ରାକୃତିକ ସନ୍ତୁଳନକୁ ବଜାୟ ରଖିବା, ଜଳବାୟୁ ପରିବର୍ତ୍ତନ, ପ୍ରଦୂଷଣ, ବୃକ୍ଷରୋପଣ ଏବଂ ଜଳ ସଂରକ୍ଷଣ ବିଷୟରେ ଲୋକଙ୍କୁ ସଚେତନ କରିବା ଏହି ଦିବସ ପାଳନର ଉଦ୍ଦେଶ୍ୟ। ସୁନ୍ଦର ପୃଥିବୀ ହିଁ ସୁନ୍ଦର ଜୀବନର ମାଧ୍ୟମ। ପୃଥିବୀ ବଞ୍ଚିଲେ ହିଁ ଜୀବ ଜଗତ ବଞ୍ଚିବ। ହେଲେ ନିତିଦିନ ପ୍ରକୃତି ଉପରେ ପରୀକ୍ଷା ଚଳାଇଛି ମଣିଷ। ନିଜର ସଉକ୍ ପାଇଁ ପ୍ଲାଷ୍ଟିକ୍ ଠାରୁ ଆରମ୍ଭ କରି ବିଷାକ୍ତ ଧୂଆଁରେ ପୁରା ବିଶ୍ୱକୁ ଆକ୍ରାମାକ୍ରା କରି ପକାଇଲାଣି ମଣିଷ। ସହରୀକରଣ ନିଶା ଧୀରେ ଧୀରେ ଜଙ୍ଗଲକୁ ପଦା କରୁଛି। ତାର ପରିଣାମ ବି ଭୋଗୁଛି। ତଥାପି ହେଜିବାକୁ ନାରାଜ। ତେବେ ଏହି ସୁନ୍ଦର ପୃଥିବୀକୁ ବଞ୍ଚାଇ ରଖିବାକୁ ହେଲେ ସମସ୍ତେ ମିଳିମିଶି ପ୍ରକୃତି ଓ ପରିବେଶର ଧ୍ୟାନ ରଖିବାକୁ ହେବ। ଆମେରିକା କାଲିଫର୍ଣ୍ଣିଆର ସାନ୍ତାବାରବରାରେ ୧୯୬୯ ମସିହା ଜାନୁୟାରୀ ୨୮ ତାରିଖ ଦିନ ଏକ ଦୁର୍ଘଟଣା ଘଟି ୩୦ ଲକ୍ଷ ଅଶୋଧିତ ତୈଳ ସମୁଦ୍ରରେ ମିଶିଥିଲା। ଫଳରେ ୧୦ ହଜାରରୁ ଉର୍ଦ୍ଧ୍ୱ ସାମୁଦ୍ରିକ ପକ୍ଷୀଙ୍କ ସମେତ ଡଲଫିନ୍, ସିଲ୍ ଆଦି ଅନ୍ୟ ସାମୁଦ୍ରିକ ପ୍ରାଣୀଙ୍କର ମୃତ୍ୟୁ ହୋଇଥିଲା। ପରିବେଶବିତ୍ ତଥା ତତ୍କାଳୀନ ଆମେରିକା ସିନେଟର ଗେଲର୍ଡ ନେଲସନଙ୍କୁ ଏହି ଘଟଣା ବ୍ୟଥିତ କରିଥିଲା। ନେଲସନ୍‌ଙ୍କ ଆହ୍ୱାନରେ ତା' ପରବର୍ଷ ୧୯୭୦ ମସିହା ଏପ୍ରିଲ୍ ୨୨ରେ ଦେଶରେ 'ପୃଥିବୀ ଦିବସ' ପାଳନ କରାଯାଇଥିବାବେଳେ ଏଥିରେ ୨ କୋଟିରୁ ଅଧିକ ଆମେରିକୀୟ ଯୋଗ ଦେଇଥିଲେ। ପରିବେଶ ସୁରକ୍ଷା ଦିଗରେ ଏହା ଥିଲା ବିଶ୍ୱର ପ୍ରଥମ ପଦକ୍ଷେପ। ପରେ ୧୯୯୦ ମସିହାରେ ପୃଥିବୀର ୧୪୧ଟି ଦେଶରେ ଏହି ଦିବସ ପାଳନ ହୋଇଥିଲା। ବର୍ତ୍ତମାନ ବିଶ୍ୱର ୧୯୨ରୁ ଅଧିକ ଦେଶରେ 'ପୃଥିବୀ ଦିବସ' ପାଳିତ ହେଉଛି। ଏହି ଦିନ ସାରା ବିଶ୍ୱରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପରିବେଶ ସୁରକ୍ଷା ପାଇଁ ଶପଥ ଗ୍ରହଣ କରାଯାଏ।

### ମିଳିଲା ୧୦ ହଜାର ବର୍ଷ ତଳର ତଥ୍ୟ
## ଭୋଜନରେ ବି ଥିଲା ପାତରଅନ୍ତର



ମାନବ ବିବର୍ତ୍ତନ ଏବଂ ଖାଦ୍ୟାଭାସକୁ ନେଇ ୟୁରୋପରେ ଏକ ଗବେଷଣା କରାଯାଇଥିଲା। ଏଥିରୁ ଜଣାପଡ଼ିଛି ଲିଙ୍ଗଗତ ଭେଦଭାବ ଆଜିକାଲିର ନୁହେଁ, ଏହା ୧୦ ହଜାର ବର୍ଷ ତଳୁ ରହିଛି। ସେତେବେଳେ ବି ମହିଳାଙ୍କ ତୁଳନାରେ ପୁରୁଷଙ୍କୁ ଅଧିକ ପ୍ରୋଟିନ୍ ଏବଂ ମାଂସ ଖାଇବାକୁ ମିଳୁଥିଲା। ଏହାର ଅର୍ଥ ମାଂସ ଖାଇବାରେ ସ୍ତ୍ରୀ, ପୁରୁଷ ଭେଦଭାବ ଆଜିର ନୁହେଁ, ବହୁ ବହୁ ବର୍ଷ ପୁରୁଣା। ଗବେଷଣା ସମୟରେ ବୈଜ୍ଞାନିକମାନେ ୟୁରୋପ ତଥା ଅନ୍ୟ ସ୍ଥାନର ୧୦ ହଜାର ବର୍ଷ ପୁରୁଣା ହଜାର ହଜାର ସଂଖ୍ୟକ ମଣିଷ କଙ୍କାଳ, ଦାନ୍ତ ଏବଂ ହାଡ଼ର ରାସାୟନିକ ବିଶ୍ଳେଷଣ କରିଥିଲେ। ହାଡ଼ରେ ଥିବା ନାଇଟ୍ରୋଜେନ୍ ଏବଂ କାର୍ବନ ସ୍ତରରୁ ଜଣେ ବ୍ୟକ୍ତି ତା'ର ଜୀବନକାଳରେ ମାଂସ ଅଧିକ ଖାଉଥିଲା ନା ଫଳ-ପନିପରିବା ତାହା ଜଣା ପଡ଼ିଯାଏ। ସେହିପରି ପ୍ରସ୍ତର ଯୁଗରୁ ମଧ୍ୟଯୁଗ ପର୍ଯ୍ୟନ୍ତ ଅବଶେଷରୁ ମହିଳାଙ୍କ ତୁଳନାରେ ପୁରୁଷମାନେ ଅଧିକ ପ୍ରୋଟିନ୍ ଏବଂ ମାଂସ ଖାଉଥିବା ଜଣାପଡ଼ିଛି। ସେହିସମୟରେ ପୁରୁଷମାନେ ଶିକାର କରାଯାଉଥିବା ମାଂସ ଅଧିକ ଖାଉଥଲେ ଏବଂ ମହିଳାମାନେ ଅଧିକ କନ୍ଦମୂଳ, ଶସ୍ୟ ଓ ଫଳ ଉପରେ ନିର୍ଭରଶୀଳ ଥିଲେ। ଅବଶ୍ୟ ପ୍ରଥମେ ବିଚାର କରାଯାଉଥିଲା ଯେ, ପୁରୁଷମାନେ ଅତ୍ୟଧିକ ଶାରୀରିକ ପରିଶ୍ରମ କରିବା ସହ ଶିକାର କରୁଥିଲେ। ସେଥିପାଇଁ ସେମାନଙ୍କୁ ଅଧିକ ପ୍ରୋଟିନ୍‌ର ଆବଶ୍ୟକ ଥିଲା। ହେଲେ ଯେଉଁ ଅଞ୍ଚଳଗୁଡ଼ିକରେ ମହିଳାମାନେ ଅଧିକ ଶାରୀରିକ ପରିଶ୍ରମ କରୁଥିଲେ ସେଠାରେ ମଧ୍ୟ ଏହି ଅନ୍ତର ଦେଖାଯାଇଥିଲା। ତେଣୁ ଏହା କେବଳ ଶାରୀରିକ ଆବଶ୍ୟକତା ନୁହେଁ, ବରଂ ଏକ ସାଂସ୍କୃତିକ ପରମ୍ପରା ବି ହୋଇଥାଇପାରେ ବୋଲି ବୈଜ୍ଞାନିକମାନେ କହିଛନ୍ତି। ସେହିପରି ମଣିଷ ଯେଭଳି ଚାଷ କାମ କରିବା ଆରମ୍ଭ କଲା, ଏହି ଲିଙ୍ଗଗତ ପାର୍ଥକ୍ୟ କମ୍ ହେବା ପରିବର୍ତ୍ତେ ବଢ଼ିଲା। ଶସ୍ୟ ପ୍ରଚୁର ମାତ୍ରାରେ ଉପଲବ୍ଧ ହେବାରୁ ମହିଳାମାନେ ଏହାକୁ ଅଧିକ ମାତ୍ରାରେ ଖାଇବାକୁ ଲାଗିଲେ, ସେହିଭଳି ପୋଷା ପ୍ରାଣୀଙ୍କୁ ଅଧିକ ପୁରୁଷମାନେ ମାରି ଖାଉଥିଲେ। ଆଶ୍ଚର୍ଯ୍ୟର ବିଷୟ ହେଉଛି, ଆଧୁନିକ ଗବେଷଣା ଏକଥା ଦର୍ଶାଉଛି ଯେ ଆଜି ବି ବିଶ୍ୱର ଅନେକ ସ୍ଥାନରେ ପୁରୁଷମାନେ ମହିଳାଙ୍କ ତୁଳନାରେ ହାରାହାରି ୩୦ ପ୍ରତିଶତ ଅଧିକ ମାଂସ ଖାଆନ୍ତି। ବୈଜ୍ଞାନିକଙ୍କ ମତରେ, ଘରର ପୁରୁଷମାନଙ୍କୁ ସୁସ୍ଥ ଖାଦ୍ୟ ଯୋଗାଇବାର ପରମ୍ପରା ବାସ୍ତବରେ ୧୦ ହଜାର ବର୍ଷ ପୁରୁଣା ସାମାଜିକ କାର୍ଯ୍ୟକ୍ରମର ଏକ ଅଂଶ। ସେତେବେଳେ ଖାଦ୍ୟପେୟର ପାର୍ଥକ୍ୟ ମହିଳାଙ୍କ ସ୍ୱାସ୍ଥ୍ୟ ଏବଂ ଜୀବନକୁ ପ୍ରଭାବିତ କରିଥାଇପାରେ। କାରଣ ପ୍ରୋଟିନ ଅଭାବରୁ ପ୍ରାଚୀନକାଳରେ ମହିଳାମାନେ ପୁରୁଷମାନଙ୍କ ତୁଳନାରେ ଅସ୍ଥି ରୋଗରେ ଅଧିକ ପୀଡ଼ିତ ଥିଲେ। ଏହି ଗବେଷଣା ଲାଗି ବୈଜ୍ଞାନିକମାନେ ଷ୍ଟେବଲ ଆଇସୋଟୋପ ଆନାଲିସିସ୍ ଟେକ୍ନିକ୍‌ର ବ୍ୟବହାର କରିଛନ୍ତି। ଏହି ଟେକ୍ନିକ୍‌ରେ ଜଣେ ବ୍ୟକ୍ତି ତା'ର ଜୀବନକାଳରେ କ'ଣ ଖାଉଥିଲା ତାହା ଜଣା ପଡ଼ିଯାଏ।

# ସମ୍ଭାବନା

## ଚାକିରି ବଞ୍ଚାଇବାର ଭିନ୍ନ ପ୍ରୟାସ

**ଚାକିରିକୁ ନେଇ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଟ୍ରେଣ୍ଡ ମାନ ସାମ୍ନାକୁ ଆସୁଛି। ଏହି କ୍ରମରେ ଏବେ 'ଜବ୍ ହଗିଂ' ଚର୍ଚ୍ଚାରେ ଅଛି। ଏହା ହେଉଛି ଚାକିରି ବଞ୍ଚାଇ ରଖିବାର ଭିନ୍ନ ଏକ ପ୍ରଚେଷ୍ଟା। ଯେଉଁଥିରେ ଜଣେ ନିଜର ଉନ୍ନତିକୁ ଅଣଦେଖା କରି ଚାକିରିକୁ ଜାବୁଡ଼ି ଧରି ରଖନ୍ତି।**



ଜଣେ ଚାକିରି ଛାଡ଼ିବାକୁ ଚାହୁଁଛି। ହେଲେ ଚାହିଁକି ଚାକିରି ଛାଡ଼ି ନ ପାରିବା ଅର୍ଥ ଜଣେ ଜବ୍ ହଗିଂର ଶିକାର ହୋଇଥିବା କୁହାଯାଉଛି। ଜବ୍ ହଗିଂର ଅର୍ଥ ହେଉଛି ଚାକିରିକୁ ଜଣେ ଏମିତି ଧରି ରହିଥାନ୍ତି ଯେ, ସେହି ଚାକିରିରେ କୌଣସି ନୂଆ ଆହ୍ୱାନ ନ ଥାଏ, ଉନ୍ନତି ହୋଇ ନ ଥାଏ। କେବଳ ଚୁପ୍ ଚାପ୍ ବସି ରହିବାକୁ ଜବ୍ ହଗିଂ କୁହାଯାଏ। ତେବେ ଏହା ଚାକିରି ପ୍ରତି ସଚ୍ଚୋଟତକୁ ଦର୍ଶାଏ ନାହିଁ, ବରଂ ଭୟକୁ ସୂଚାଏ।

ସେହିପରି ଆହ୍ୱାନପୂର୍ଣ୍ଣ କାମରୁ ବଞ୍ଚିତ ହେବା ଅର୍ଥ ନୂଆ କାମ ଶିଖିବା ବନ୍ଦ କରି ଦେବା। ଏହା ଦ୍ୱାରା ଜଣେ ନିଜ ଗୁରୁତ୍ୱ କମାଏ। ବର୍ତ୍ତମାନ ସମୟରେ ଗୋଟିଏ ସ୍ଥାନରେ ରହିବା ଅର୍ଥ ପଛରେ ରହିବା। ସେହିପରି ଗବେଷଣା ଅନୁସାରେ ଜଣେ ବ୍ୟକ୍ତି ୨-୪ ବର୍ଷ ମଧ୍ୟରେ ଚାକିରି ପରିବର୍ତ୍ତନ କଲେ ଗୋଟିଏ କମ୍ପାନିରେ ଦୀର୍ଘ ସମୟ ରହିଥିବା ଅନ୍ୟ କର୍ମଚାରୀମାନଙ୍କଠାରୁ ତାଙ୍କ ଦରମା ବହୁତ ଅଧିକ ହୋଇଥାଏ। ଜବ୍ ହଗିଂ କର୍ମଚାରୀଙ୍କୁ କମ୍ପାନି ଭଲ ଦରମା ଦେବାକୁ ଠିକ୍ ଭୋଲି ଭାବେ ନାହିଁ। କାରଣ ଏଭଳି କର୍ମଚାରୀ ଚାକିରି ଛାଡ଼ି ଅନ୍ୟ କେଉଁଠିକୁ ଯିବା ଜାଣି ଥାଏ। ଅନ୍ୟପଟେ ଚାକିରିକୁ ନେଇ ଭୟ ରହିଲେ କାମରେ ସୃଜନଶୀଳତା କମ୍ ହୁଏ। ଚିଡଚିଡାପଣ ବୃଦ୍ଧି ପାଏ। କାମରେ ମନ ଲାଗେ ନାହିଁ। ଧୀରେ ଧୀରେ ଏ ସବୁ କାମର ପ୍ରଦର୍ଶନ ଉପରେ ପଡ଼ିଥାଏ। ଏଭଳି ଭାବେ ଜବ୍ ହଗିଂର ଶିକାର ନ ହୋଇ ନୂଆ କୌଶଳ ଶିକ୍ଷା କରିବା ଉଚିତ। ଲୋକଙ୍କ ସହ କଥାବାର୍ତ୍ତା ଜାରି ରଖିବା ଦରକାର। କାରଣ ଚାକିରି ବଞ୍ଚାଇ ରଖିବାର ପ୍ରଚେଷ୍ଟା ଏବଂ ଦକ୍ଷ ରହିବା ମଧ୍ୟରେ ବହୁତ ଫରକ୍ ଅଛି।

## କେମିତି ବଢ଼ିବ ସୃଜନଶୀଳତା

**ସୃଜନାତ୍ମକ ଚିନ୍ତାଧାରା ବ୍ୟକ୍ତିଗତ ବିକାଶ ପାଇଁ କେବଳ ଗୁରୁତ୍ୱପୂର୍ଣ୍ଣ ନୁହେଁ, ବୃତ୍ତିଗତ ଜୀବନ ପାଇଁ ଜରୁରି। ଅନେକ ଲୋକ ନିଜ ସୃଜନଶୀଳତାର ଉପଯୋଗ କରିପାରନ୍ତି ନାହିଁ। ତେବେ ସୃଜନାତ୍ମକ ଜ୍ଞାନ କୌଶଳକୁ କିଭଳି ବଢ଼ାଇ ହେବ, ସେ ସମ୍ପର୍କରେ ଜାଣିବା।**

- କୌଣସି ନୂତନ ଚିନ୍ତାଧାରା ମନକୁ ଆସିଲେ ତୁରନ୍ତ ତାହାକୁ ଟିପି ରଖନ୍ତୁ। ନଚେତ ମୋବାଇଲରେ ଲେଖି ରଖନ୍ତୁ।
- ନୂଆ କାମ କରିବାକୁ ପ୍ରଚେଷ୍ଟା କରନ୍ତୁ। ଅଲଗା ଅଲଗା ଲୋକଙ୍କ ସହିତ କଥାବାର୍ତ୍ତା କରନ୍ତୁ।
- ନୂଆ ପରିବେଶରେ କାମ କରନ୍ତୁ।
- କାମ ପ୍ରତି ଥିବା ଦୃଷ୍ଟିକୋଣରେ ପରିବର୍ତ୍ତନ ଆଣିବା ଜରୁରି। ମଝିରେ ମଝିରେ ଚିନ୍ତାଧାରାକୁ ସକ୍ରିୟ କରିବା ଦରକାର।
- ନିଜ କ୍ଷେତ୍ର ବ୍ୟତୀତ ଅନ୍ୟ କ୍ଷେତ୍ରରେ ଜ୍ଞାନ ଆହରଣ କରିବା ଜରୁରି।
- ନିତିଦିନ ଯୋଗ ତଥା ଧ୍ୟାନ କରିବା ଦ୍ୱାରା ମସ୍ତିଷ୍କ ଶାନ୍ତ ରହେ ଏବଂ କାମ ପ୍ରତି ଧ୍ୟାନ କେନ୍ଦ୍ରିତ କରି ହୁଏ।
- ଡାଏରୀ ତଥା ବ୍ଲଗ୍‌ରେ ନିଜ ବିଚାରଧାରାକୁ ଲେଖନ୍ତୁ।
- ଭୁଲ୍‌ରୁ ଶିଖିବା ଉଚିତ। ଏହାକୁ ବିଫଳତା ଭାବେ ନ ଦେଖିବା ଭଲ।



## ଖରା ଛୁଟିରେ ଶିଖନ୍ତୁ ନୂତନ କୌଶଳ

**ଖରା ଛୁଟି ସମୟରେ ସାଧାରଣତଃ ପିଲାମାନେ ଖେଳକୁଦ, ନାଚ, ଗୀତ ତଥା ବୁଲାବୁଲିରେ ସମୟ ଅତିବାହିତ କରନ୍ତି। ସେହିପରି ଆଉ କିଛି ବିଦ୍ୟାର୍ଥୀ ଏହି ଛୁଟିରେ ନୂଆ ନୂଆ ପାଠ ତଥା କୌଶଳ ଶିକ୍ଷା କରନ୍ତି।**




**ଏଆଇ ଟୁଲ୍:** ବର୍ତ୍ତମାନ ଏଆଇର ବ୍ୟବହାର ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି। ଏହା ଏମିତି ଏକ ଟେକ୍ନିକ୍, ଯାହାକି ଲୋକଙ୍କ କାମକୁ ସହଜ ଓ ଦ୍ରୁତ ଗତିରେ କରିପାରୁଛି। ତେଣୁ ଏଆଇ ଟୁଲ୍ ଶିଖିବା ଦ୍ୱାରା ନୋଟ୍ ଶୀଘ୍ର ପ୍ରସ୍ତୁତ ହୋଇପାରିବ, କଠିନ ପ୍ରଶ୍ନକୁ ସହଜ ଉପାୟରେ ବୁଝି ହେବ, କଣ୍ଟେଣ୍ଟ ଲେଖିବା ସହଜ ହେବ। ଏହା ସହ ଇମେଜ୍ ତଥା ଡିଜାଇନ ମଧ୍ୟ ପ୍ରସ୍ତୁତ କରାଯାଇପାରିବ। ପ୍ରାରମ୍ଭରେ ଛୋଟ ଛୋଟ ବିଷୟରୁ ଏହାକୁ ଆରମ୍ଭ କରିପାରିବେ। ସେହିପରି ଆଗାମି ଦିନରେ ପ୍ରାୟ ଅଧିକାଂଶ ଚାକିରିରେ ଏଆଇ ଦରକାର ପଡ଼ିବ। ତେଣୁ ଏହାକୁ ଶିଖିବା ଉଚିତ।

**ଭିଡିଓ ଏଡିଟିଂ ଓ କଣ୍ଟେଣ୍ଟ କ୍ରିଏସନ:** ସାମାଜିକ ଗଣମାଧ୍ୟମରେ ଆଜିକାଲି ଲୋକେ ନିଜ କଥା ଭିଡିଓ ମାଧ୍ୟମରେ ପହଞ୍ଚାଉଛନ୍ତି। ଏଭଳି ସ୍ଥିତିରେ ଭିଡିଓ ଏଡିଟିଂ ଏବଂ କଣ୍ଟେଣ୍ଟ ପ୍ରସ୍ତୁତିର କୌଶଳ ଶିଖିବା ଖୁବ୍ ଜରୁରି। ଏଥିରେ ଭିଡିଓ କିଭଳି ସୁଟ୍ କରାଯିବ, କିଭଳି ଏଡିଟ୍ କରାଯିବ, ସେଥିରେ ମ୍ୟୁଜିକ୍, ଟେକ୍ସଟ ତଥା ଇଫେକ୍ଟ କିଭଳି ଯୋଡ଼ା ଯିବ ଜାଣିବାକୁ ମିଳେ। ମୋବାଇଲରୁ ବି ଏହାର ଆରମ୍ଭ କରିପାରିବେ ଏବଂ ଧୀରେ ଧୀରେ ଉନ୍ନତ ଟୁଲ୍ ଶିଖିବାର ସୁଯୋଗ ମିଳେ।

**କୋଡିଂ ଓ ଆପ୍ ଡେଭଲପମେଣ୍ଟ:** କୋଡିଂ ଏମିତି ଏକ କୌଶଳ, ଯାହାକି ଟେକ୍ନୋଲୋଜି ଦୁନିଆରେ ଆଗକୁ ନେବାରେ ସାହାଯ୍ୟ କରେ। ଏଥିରେ କମ୍ପ୍ୟୁଟରକୁ ନିର୍ଦ୍ଦେଶ ଦେବା ଶିଖିବାକୁ ମିଳେ। ସେହିପରି ୱେବ୍‌ସାଇଟ୍, ଆପ୍, ସଫ୍ଟୱେୟାର୍ ତିଆରି କରାଯାଏ। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହା ଟିକେ କଷ୍ଟକର ଲାଗିପାରେ, କିନ୍ତୁ ଧୀରେ ଧୀରେ ଶିଖି ହେବ। ସେହିପରି ଛୋଟ ଛୋଟ ପ୍ରୋଜେକ୍ଟ ତିଆରି କରି ଅଭ୍ୟାସ କରିପାରିବେ। ଚାକିରି ସହିତ ଫ୍ରିଲାନ୍ସିଂ କାମ କରିବାର ସୁଯୋଗ ମିଳେ।

**ଡିଜିଟାଲ ମାର୍କେଟିଂ:** ପ୍ରାୟ ପ୍ରତ୍ୟେକ ବ୍ୟବସାୟ ଏବେ ଅନଲାଇନ୍ ହୋଇଗଲାଣି। ତେଣୁ ଡିଜିଟାଲ ମାର୍କେଟିଂର ଚାହିଦା ଖୁବ୍ ବଢ଼ିବାରେ ଲାଗିଛି। ଏହା ଦ୍ୱାରା ଏକଥା ଶିଖିବାକୁ ମିଳେ ଯେ, ଇଣ୍ଟରନେଟ୍ ମାଧ୍ୟମରେ କୌଣସି ଜିନିଷ ତଥା ସେବାକୁ ଅଧିକରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚାଯିବ। ଏଥିରେ ସୋସିଆଲ ମିଡିଆ, ଗୁଗଲ ସର୍ଚ୍ଚ, ଅନଲାଇନ୍ ବିଜ୍ଞାପନ, କଣ୍ଟେଣ୍ଟ ପ୍ରମୋସନ ଭଳି ନିଆରା ଉପାୟ ସାମିଲ ଅଛି। ନିଜର ସୋସିଆଲ ମିଡିଆ ପେଜ୍‌ରୁ ଏହାର ଆରମ୍ଭ କରିପାରିବେ। ଏହି କୌଶଳ ମାଧ୍ୟମରେ ଘରେ ବସି କାମ କରି ହେବ ଏବଂ କମ୍ପାନି ପାଇଁ ଅନଲାଇନ୍ ପ୍ରମୋସନ କରି ଭଲ ଆୟ କରି ହେବ।

**ପବ୍ଲିକ୍ ସ୍ପିକିଂ ଏବଂ ପର୍ସନାଲ ବ୍ରାଣ୍ଡିଂ:** ଲୋକଙ୍କ ସହିତ ଭଲ କଥା କହିବା, ନିଜକୁ ଠିକ୍ ଭାବେ ପ୍ରଦର୍ଶନ କରିବା ଶିଖିଗଲେ, ଏହା ସବୁଠୁ ବଡ଼ ସାହସ ହୋଇପାରିବ। ପବ୍ଲିକ୍ ସ୍ପିକିଂ ଆତ୍ମବିଶ୍ୱାସ ପ୍ରଦାନ କରେ, ବ୍ୟକ୍ତିତ୍ୱକୁ ବିକଶିତ ଏବଂ ସୁଦୃଢ଼ କରେ। ସେହିପରି ପର୍ସନାଲ ବ୍ରାଣ୍ଡିଂର ଅର୍ଥ ହେଉଛି, ଲୋକେ ଆପଣଙ୍କୁ କେଉଁ ଦୃଷ୍ଟିକୋଣରୁ ଦେଖୁଛନ୍ତି ଏବଂ ନିଜର ପରିଚୟ କିଭଳି ତିଆରି କରୁଛନ୍ତି। ଏ ଲାଗି ଦର୍ପଣ ସମ୍ମୁଖରେ କଥା କହିବା ଏବଂ ସାଙ୍ଗସାଥୀଙ୍କ ସହିତ ନିଜ କଥା ସେୟାର୍ କରିବା ଦରକାର। ଏହି କୌଶଳ ସାକ୍ଷାତକାର, ପ୍ରେଜେଣ୍ଟେସନ ଏବଂ ସାମାଜିକ ଗଣମାଧ୍ୟମ ଭଳି ପ୍ରତ୍ୟେକ କ୍ଷେତ୍ରରେ ଆଗରେ ରଖିବାରେ ସାହାଯ୍ୟ କରେ।

## ଆଇଫୋନ୍‌ର ଭିଜୁଆଲ ଇଣ୍ଟେଲିଜେନ୍ସ ଫିଚର୍

ଆପଲ୍ ଏବେ ଅନେକ ନୂଆ ଏଆଇ ଫିଚର୍ ଉପରେ କାମ କରୁଛି। ଏହି କ୍ରମରେ ଆଇଫୋନ୍ ବ୍ୟବହାରକାରୀଙ୍କୁ ଖୁବ୍‌ଶୀଘ୍ର ଭିଜୁଆଲ ଇଣ୍ଟେଲିଜେନ୍ସ ଫିଚ୍‌ର ମିଳିବ। ଏହି ଫିଚର୍ ମାଧ୍ୟମରେ ଆଇଫୋନ୍ ଖାଦ୍ୟଠୁ ଆରମ୍ଭ କରି ଟିକ୍‌ଟକ୍ ପର୍ଯ୍ୟନ୍ତ ସବୁ କିଛି ସ୍କାନ କରିପାରିବ। ଏହି ଫିଚର୍ ମାଧ୍ୟମରେ ବ୍ୟବହାରକାରୀ ପ୍ରିଣ୍ଟ ହୋଇଥିବା ଫୋନ ନମ୍ବର ଏବଂ ଠିକଣାକୁ ସ୍କାନ କରି ସିଧା କଣ୍ଟାକ୍ଟରେ ସେଭ୍ କରିପାରିବେ। ଏହିପ୍ରକାରେ ଖାଦ୍ୟ ସହିତ ଜଡ଼ିତ ଏହା ସ୍ୱାସ୍ଥ୍ୟ ସୂଚନା ପ୍ରଦାନ କରିବ। ଯାହାକି ହେଲଥ୍ ଆପ୍ ଭିତରେ ବ୍ୟବହାରକାରୀଙ୍କୁ ଉନ୍ନତ ଇନସାଇଟ୍ ମିଳିପାରିବ। କମ୍ପାନି ଆପଲ୍ ୱାଲେଟ୍‌କୁ ମଧ୍ୟ ଅପଗ୍ରେଡ୍ କରିବ। ତେବେ ଆଇଓଏସ୍ ୨୭ରେ ଭିଜୁଆଲ ଇଣ୍ଟେଲିଜେନ୍ସ ଉପରେ ପୂରା ଗୁରୁତ୍ୱ ଦେଉଛି। ଅନ୍ୟପଟେ କମ୍ପାନି ଅନେକ ଏଆଇ ୱିୟରେବଲ ଡିଭାଇସ୍ ତିଆରି କରୁଛି।



## ଅଭିଷେକଙ୍କ ଦ୍ୱିତୀୟ ଆଇପିଏଲ୍ ଶତକ

# କ୍ୟାପିଟାଲ୍ସକୁ ହରାଇଲା ହାଇଦରାବାଦ୍

ହାଇଦରାବାଦ, ୨୧।୪ (ଏଜେନ୍ସି): ଚଳିତ ଆଇପିଏଲ୍‌ର ଏକ ହାଇସ୍କୋରିଂ ମ୍ୟାଚରେ ମଙ୍ଗଳବାର ସନରାଇଜର୍ସ ହାଇଦରାବାଦ୍ ୪୭ ରନରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିଛି। ସ୍ଥାନୀୟ ରାଜୀବ ଗାନ୍ଧୀ ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ଓପନର୍ ଅଭିଷେକ ଶର୍ମା (୧୩୫*ରନ)ଙ୍କ ବିସ୍ଫୋରକ ଶତକୀୟ ପାଳି ବଳରେ ସନରାଇଜର୍ସ ପ୍ରଥମେ ବ୍ୟାଟିଂ କରି ୨ ୱିକେଟରେ ୨୪୨ ରନର ବିଶାଳ ସ୍କୋର କରିଥିଲା। ଜବାବରେ ଅକ୍ଷର ପଟେଲଙ୍କ ନେତୃତ୍ୱାଧୀନ ଦିଲ୍ଲୀ ଲଢ଼େଇ କରିଥିଲେ ମଧ୍ୟ ୨୦ ଓଭରରେ ୯ ୱିକେଟ ହରାଇ ୧୯୫ ରନ କରିବାକୁ ସମର୍ଥ ହୋଇଥିଲା। ସପ୍ତମ ମ୍ୟାଚରୁ ୪ର୍ଥ ବିଜୟ ସହ ହାଇଦରାବାଦ୍ ୮ ପଏଣ୍ଟ ପାଇ ଟେବଲର ୩ୟ ସ୍ଥାନକୁ ଉଠିଛି। ଅପରପକ୍ଷରେ ଦିଲ୍ଲୀ ଷଷ୍ଠ ମ୍ୟାଚରୁ ୩ଟି ଲେଖାଏ ବିଜୟ ଓ ପରାଜୟ ସହ ୬ ପଏଣ୍ଟ ପଞ୍ଚମ ସ୍ଥାନରେ ସ୍ଥିର ରହିଛି। କ୍ୟାରିୟରରେ ଦ୍ୱିତୀୟ ଆଇପିଏଲ୍ ଶତକ ହାସଲ କରିଥିବା ଅଭିଷେକଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା।

**୪୭ ବଲରେ ଶତକ:** ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ହାଇଦରାବାଦ ପାଇଁ ଦୁଇ ଓପନର୍ ଟ୍ରାଭିସ ହେଡ୍ ଓ ଅଭିଷେକ ଶର୍ମା ବିସ୍ଫୋରକ ଆରମ୍ଭ କରିଥିଲେ। ଓପନିଂ ୱିକେଟ୍ ଯୋଡ଼ିରେ ଉଭୟ ସନରାଇଜର୍ସର ବୋଲରଙ୍କୁ ନିର୍ଦ୍ଧୁମ ପ୍ରହାର କରି ପାୱାର ପ୍ଲେ'ରେ ୬୭ ରନ ଓ ୫୩ ବଲରେ ୯୭ ରନ ଉଠାଇଥିଲେ। ତେବେ ୯ ଓଭର ବୋଲିଂ କରିଥିବା ଅଧିନାୟକ ଅକ୍ଷର ପଟେଲ ହେଡ୍ (୨୬ ବଲରେ ୩୭ ରନ)ଙ୍କୁ ଆଉଟ୍ କରି ଏହି ଯୋଡ଼ି ଭାଙ୍ଗିଥିଲେ। ତେବେ ଅପରପାର୍ଶ୍ୱରେ ଅଭିଷେକ ତାଙ୍କ ଚିରାଚରିତ ବିସ୍ଫୋରକ ବ୍ୟାଟିଂ ଜାରି ରଖି ୨୫ ବଲରେ ନିଜର ୧୧ତମ ଆଇପିଏଲ୍ ଅର୍ଦ୍ଧଶତକ ପୂରଣ କରିଥିଲେ। ରାଜୀବ ଗାନ୍ଧୀ ଗ୍ରାଉଣ୍ଡରେ ଅଭିଷେକଙ୍କ ଏହା ୬ଷ୍ଠ ଓ ସବୁଠୁ ଧୀମା ଆଇପିଏଲ୍ ଅର୍ଦ୍ଧଶତକ ଥିଲା। ଅର୍ଦ୍ଧଶତକ ପୂରଣ ପରେ କିନ୍ତୁ ଅଭିଷେକ ଆହୁରି ବିସ୍ଫୋରକ ବ୍ୟାଟିଂ କରିଥିଲେ। ସେ ପରବର୍ତ୍ତୀ ୨୨ଟି ବଲରେ ଆଉ ୫୦ ରନ ସଂଗ୍ରହ କରିବା ସହ ଆଇପିଏଲ୍ କ୍ୟାରିୟରର ଶତକ ପୂରଣ କରିଥିଲେ। ସେ ଶେଷ ପର୍ଯ୍ୟନ୍ତ ଆଉଟ୍ ନ ହୋଇ ୬୮ ବଲରେ ୧୩୫ ରନ କରିଥିଲେ। ଯେଉଁଥିରେ ୧୦ଟି ଲେଖାଏ ଚୌକା ଓ ଛକା ସାମିଲ ରହିଥିଲା। ତାଙ୍କର ଏହି ବିସ୍ଫୋରକ ପାଳି ଯୋଗୁ ହାଇଦରାବାଦ୍ ୨ ୱିକେଟରେ ୨୪୨ ରନର ବିଶାଳ ସ୍କୋର ଠିଆକରାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଇଶାନ କିଶାନ ୨୫ ରନ କରି ଆଉଟ୍ ହୋଇଥିବାବେଳେ ହେନରିଚ କ୍ଲାସେନ ୧୩ ବଲରେ ଅପରାଜିତ ୩୭ ରନ କରିଥିଲେ।

ଜବାବରେ ଦିଲ୍ଲୀ ସମସ୍ତ ବ୍ୟାଟରଙ୍କ ମିଳିତ ସଫଳତା ସତ୍ତ୍ୱେ ୯ ୱିକେଟରେ ୧୯୫ ରନ କରିବାକୁ ସମର୍ଥ ହୋଇଥିଲା। ନୀତୀଶ ରାଣା ୫୭ (୩୦ ବଲ), ସମୀର ରିଜଭି ୪୧ (୨୮ ବଲ), ଲୋକେଶ ରାହୁଲ ୩୭ (୨୩ ବଲ), ଟ୍ରିଷ୍ଟାନ ଷ୍ଟବ୍ସ ୨୭ (୧୬ ବଲ) ଉପଯୋଗୀ ପାଳି ଖେଳିଥିଲେ। ସଫଳ ବୋଲର ଭାବେ ସନରାଇଜର୍ସର ଏସାନ ମାଲିଙ୍ଗା ୪ଟି ଓ ହର୍ଷ ଦୁବେ ୩ଟି ୱିକେଟ ନେଇଥିଲେ। ଶତକୀୟ ପାଳି ଅବସରରେ ଅଭିଷେକ ଟି-୨୦ କ୍ରିକେଟ୍‌ରେ ୩୫୦ତମ ଛକା ମାଇଲଖୁଣ୍ଟ ହାସଲ କରିଛନ୍ତି।




### ଆଇପିଏଲ୍‌ରେ ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋର

| ରନ | ବ୍ୟାଟର | ବଲ୍ | ମ୍ୟାଚ | ବର୍ଷ |
|---|---|---|---|---|
| ୧୭୫ | କ୍ରିସ ଗେଲ୍ | ୬୬ | କୋଲକାତା-ପୁନେ | ୨୦୧୩ |
| ୧୫୮ | ବି. ମ୍ୟାକକୁଲମ | ୭୩ | କୋଲକାତା-ବେଙ୍ଗାଲୁରୁ | ୨୦୦୮ |
| ୧୪୧ | ଅଭିଷେକ ଶର୍ମା | ୫୫ | ହାଇଦରାବାଦ୍-ପଞ୍ଜାବ | ୨୦୨୫ |
| ୧୪୦ | କ୍ୱିଣ୍ଟନ ଡି କକ୍ | ୭୦ | ଲକ୍ଷ୍ନୌ-କୋଲକାତା | ୨୦୨୨ |
| ୧୩୫ | ଅଭିଷେକ ଶର୍ମା | ୬୮ | ହାଇଦରାବାଦ-ଦିଲ୍ଲୀ | ୨୦୨୬ |

### ସଂକ୍ଷିପ୍ତ ସ୍କୋର

ହାଇଦରାବାଦ୍- ୨୪୨/୨, ୨୦ ଓଭର (ଅଭିଷେକ- ୧୩୫*, ହେଡ୍-୩୭, କ୍ଲାସେନ- ୩୭*, ଇଶାନ- ୨୫, ଅକ୍ଷର- ୧/୨୩)।
ଦିଲ୍ଲୀ- ୧୯୫/୯, ୨୦ ଓଭର (ନୀତୀଶ- ୫୭, ସମୀର- ୪୧, ରାହୁଲ- ୩୭, ଷ୍ଟବ୍ସ- ୨୭, ମିଲର- ୦, ମାଲିଙ୍ଗା- ୪/୩୨, ଦୁବେ- ୩/୧୨)।

## କ୍ରମାଗତ ୭ମ ଟସ୍ ହାରି ପ୍ରଥମେ ବ୍ୟାଟିଂ କଲା ସନ୍‌ରାଇଜର୍ସ

ଏଠାରେ ଆଜି ଖେଳାଯାଇଥିବା ସନ୍‌ରାଇଜର୍ସ ହାଇଦରାବାଦ୍ ବିପକ୍ଷ ମୁକାବିଲାରେ ଦିଲ୍ଲୀ କ୍ୟାପିଟାଲ୍ସର ଅଧିନାୟକ ଅକ୍ଷର ପଟେଲ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହା ଫଳରେ ଆଇପିଏଲ୍‌ରେ ନୂଆ ରେକର୍ଡ ସୃଷ୍ଟି ହୋଇଛି। ଆଇପିଏଲ୍ ଇତିହାସରେ ପ୍ରଥମ ଦଳ ଭାବେ ସନ୍‌ରାଇଜର୍ସ ତାହାର ପ୍ରଥମ ୭ଟି ମ୍ୟାଚ୍‌ରେ ଯଓ୍ ହାରି ପ୍ରଥମେ ବ୍ୟାଟିଂ କରିଛି। ଏହା ଏକ ନୂଆ ରେକର୍ଡ। ପୂର୍ବରୁ ୨୦୧୬ରେ ଆର୍‌ସିବି, ୨୦୧୮ ଓ ୨୦୨୧ରେ ମୁମ୍ବଇ ଇଣ୍ଡିଆନ୍ସ ସେମାନଙ୍କ ପ୍ରଥମ ୫ଟି ଲେଖାଏଁ ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିବାର ରେକର୍ଡର ଅଧିକାରୀ ଥିଲେ।

## ଦିଲ୍ଲୀ ପାଇଁ ୧୦୦ ମ୍ୟାଚ୍ ଖେଳିଲେ ଅକ୍ଷର

ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ ଅକ୍ଷର ପଟେଲ ଆଇପିଏଲ୍‌ରେ ଆଉ ଏକ ମାଇଲଖୁଣ୍ଟ ହାସଲ କରିଛନ୍ତି। ଦିଲ୍ଲୀ ଫ୍ରାଞ୍ଚାଇଜ (କ୍ୟାପିଟାଲ/ଡେୟାରଡେଭିଲ୍ସ) ପକ୍ଷରୁ ୧୦୦ ମ୍ୟାଚ୍ ଖେଳିବାରେ ସେ ଦ୍ୱିତୀୟ ଖେଳାଳି ହୋଇଛନ୍ତି। ମଙ୍ଗଳବାର ସନରାଇଜର୍ସ ବିପକ୍ଷ ମ୍ୟାଚ୍ ଖେଳି ଅକ୍ଷର ଦିଲ୍ଲୀ ଫ୍ରାଞ୍ଚାଇଜ ପାଇଁ ୧୦୦ତମ ମ୍ୟାଚ୍ ପୂରଣ କରିଛନ୍ତି। ଋଷଭ ପନ୍ତ ୧୧୧ ମ୍ୟାଚ୍ ସହ ଦିଲ୍ଲୀ ପାଇଁ ସର୍ବାଧିକଥର ଖେଳିବାର ରେକର୍ଡ ବହନ କରୁଛନ୍ତି। ୨୦୧୯ ସିଜନରୁ ଦିଲ୍ଲୀ ପାଇଁ ଖେଳି ଆସୁଥିବା ଅକ୍ଷର ବର୍ତ୍ତମାନ ସୁଦ୍ଧା ଫ୍ରାଞ୍ଚାଇଜ ପାଇଁ ୧୨୫୯ ରନ ଓ ୭୩ଟି ୱିକେଟ୍ ନେଇଛନ୍ତି। ପନ୍ତ ଦିଲ୍ଲୀ ପାଇଁ ୨୦୧୬ରୁ ୨୦୨୪ ପର୍ଯ୍ୟନ୍ତ ୧୧୧ଟି ମ୍ୟାଚ୍ ଖେଳି ୩୨୮୪ ରନ ସଂଗ୍ରହ କରିଥିଲେ।



### ଆଜିର ଆଇପିଏଲ୍ ମ୍ୟାଚ୍

ଲକ୍ଷ୍ନୌ ବନାମ ରାଜସ୍ଥାନ
ଭେନ୍ୟୁ - ଲକ୍ଷ୍ନୌ
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

### ଆଇପିଏଲ୍ ପଏଣ୍ଟ ଟେବଲ୍

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆର୍‌ଆର୍ |
|---|---|---|---|---|---|---|
| ପଞ୍ଜାବ | ୬ | ୫ | ୦ | ୧ | ୧୧ | +୧.୪୨୦ |
| ବେଙ୍ଗାଲୁରୁ | ୬ | ୪ | ୨ | ୦ | ୮ | +୧.୧୭୧ |
| ହାଇଦରାବାଦ | ୭ | ୪ | ୩ | ୦ | ୮ | +୦.୮୨୦ |
| ରାଜସ୍ଥାନ | ୬ | ୪ | ୨ | ୦ | ୮ | +୦.୫୯୯ |
| ଦିଲ୍ଲୀ | ୬ | ୩ | ୩ | ୦ | ୬ | -୦.୧୩୦ |
| ଗୁଜରାଟ | ୬ | ୩ | ୩ | ୦ | ୬ | -୦.୮୨୧ |
| ମୁମ୍ବଇ | ୬ | ୨ | ୪ | ୦ | ୪ | +୦.୦୬୭ |
| ଚେନ୍ନଇ | ୬ | ୨ | ୪ | ୦ | ୪ | -୦.୭୮୦ |
| ଲକ୍ଷ୍ନୌ | ୬ | ୨ | ୪ | ୦ | ୪ | -୧.୧୭୩ |
| କୋଲକାତା | ୭ | ୧ | ୫ | ୧ | ୩ | -୦.୮୭୯ |

## ମାହତ୍ରେ ବାଦ୍ ପଡ଼ିଲେ

ଚେନ୍ନଇ,୨୧।୪(ଏଜେନ୍ସି): ସିଏସ୍‌କେର ଯୁବ ବ୍ୟାଟର ଆୟୁଷ ମାହତ୍ରେ ଆଇପିଏଲ୍‌ରେ ଚଳିତ ସିଜନର ଅବଶିଷ୍ଟ ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ଏହା ଫଳରେ ସିଏସ୍‌କେକୁ ଶକ୍ତ ଧକ୍କା ଲାଗିଛି। ହାଇଦରାବାଦ୍‌ରେ ଶନିବାର ଖେଳାଯାଇଥିବା ସନ୍‌ରାଇଜର୍ସ ବିପକ୍ଷ ମ୍ୟାଚ୍‌ରେ ମାହତ୍ରେଙ୍କ ମାଂସପେସୀରେ ଗୁରୁତର ଆଘାତ ଲାଗିଥିଲା। ତାଙ୍କ ବାମ ହାମଷ୍ଟ୍ରିଙ୍ଗ ଟିୟର କ୍ଷତିଗ୍ରସ୍ତ ହୋଇଥିବା ସ୍କାନ ରିପୋର୍ଟରୁ ଜଣାପଡ଼ିଥିଲା। ଆଘାତ ସମସ୍ୟାରୁ ଫିଟ୍ ହେବାକୁ ମାହତ୍ରେଙ୍କୁ ୬ରୁ ୧୨ ସପ୍ତାହ ଲାଗିବ ବୋଲି ଡାକ୍ତର କହିଛନ୍ତି। ଯାହା ଫଳରେ ସେ ଚଳିତ ସିଜନରେ ଆଉ ଖେଳିବା ସମ୍ଭବ ନୁହେଁ ବୋଲି ସିଏସ୍‌କେ ମ୍ୟାନେଜମେଣ୍ଟ ପକ୍ଷରୁ କୁହାଯାଇଛି। ଫିଟ୍ ହୋଇ ନ ଥିବାରୁ ଏମ୍‌ଏସ୍ ଧୋନି ଏଯାଏ ଖେଳିପାରି ନାହାନ୍ତି। ଟୁର୍ଣ୍ଣାମେଣ୍ଟ ଆରମ୍ଭରୁ ନାଥାନ ଏଲିସ୍ ଏବଂ ନିକଟରେ ଖଲୀଲ ଅହମ୍ମଦ୍ ଦଳରୁ ବାଦ୍ ପଡ଼ିଛନ୍ତି। ଏଲିସ୍‌ଙ୍କ ବଦଳ ଖେଳାଳି ସ୍ପେନସର ଜନସନ ଏବେ ସୁଦ୍ଧା ଫିଟ ହୋଇନାହାନ୍ତି।

## ଏଲ୍‌ଏସ୍‌ଜିରେ ଯୋଗଦେବେ ଜୋଶ ଇଂଲିଶ

ନୂଆଦିଲ୍ଲୀ,୨୧।୪(ଏଜେନ୍ସି): ଅଷ୍ଟ୍ରେଲିଆର ୱିକେଟକିପର/ବ୍ୟାଟର ଜୋଶ ଇଂଲଶ ମେ' ୪ରେ ହେବାକୁ ଥିବା ମୁମ୍ବଇ ଇଣ୍ଡିଆନ୍ସ ମୁକାବିଲା ପୂର୍ବରୁ ଦଳ ସହ ଯୋଗଦେବେ ବୋଲି ଏଲଏସ୍‌ଜି ପକ୍ଷରୁ ସୂଚନା ଦିଆଯାଇଛି। ଏପ୍ରିଲ ୧୮ରେ ଇଂଲିଶଙ୍କର ବିବାହ ହୋଇଛି। ଯାହା ଫଳରେ ସେ ଛୁଟିରେ ଅଛନ୍ତି। ମେ ପ୍ରଥମ ସପ୍ତାହରେ ସେ ଭାରତ ଆସିବେ ବୋଲି ଜଣାଯାଇଛି। ଏହା ଯଦି ସମ୍ଭବ ହୁଏ, ତେବେ ଚଳିତ ସିଜନରେ ସେ ଏଲଏସ୍‌ଜି ପକ୍ଷରୁ ଖେଳାଯିବାକୁ ଥିବା ଶେଷ ୬ଟି ମ୍ୟାଚ୍‌ରେ ଭାଗନେଇପାରିବେ। ଚଳିତ ସିଜନରେ ଏଲଏସ୍‌ଜି ସର୍ବାଧିକ ୩ଜଣ ବିଦେଶୀ ଖେଳାଳିଙ୍କୁ ନେଇ ଖେଳୁଛି।

## ୧୫୯ତମ ବଲ୍‌ରେ ୱିକେଟ ପାଇଥିଲେ ପ୍ରବୀଣ କୁମାର

ଅହମ୍ମଦାବାଦ, ୨୧।୪(ଏଜେନ୍ସି): ଏଠାରେ ଗତକାଲି ଗୁଜରାଟ ଟାଇଟାନ୍ସର ସାଇ ସୁଦର୍ଶନଙ୍କୁ ଆଉଟ କରି ଭାରତର ନଂ-୧ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ଚଳିତ ଆଇପିଏଲ୍‌ରେ ୧୧୫ତମ ବଲ୍ ବୋଲିଂ କଲା ପରେ ପ୍ରଥମ ୱିକେଟ ପାଇଥିଲେ। ଗୋଟିଏ ସିଜନରେ ସର୍ବାଧିକ ବଲ ପକାଇ ୱିକେଟ ପାଇବାରେ ବୁମ୍‌ରାଙ୍କ ସ୍ଥାନ ୬ଷ୍ଠରେ ରହିଛି। ପ୍ରବୀଣ କୁମାରଙ୍କ ନାମରେ ଏହି ରେକର୍ଡ ରହିଛି। ସେ ଦୁଇଥର ଅଧିକ ବଲ୍ ବୋଲିଂ କରି ୱିକେଟ ପାଇଥିଲେ। ୨୦୧୨ ସିଜନରେ ୧୫୯ତମ ଓ ୨୦୧୬ରେ ୧୪୭ତମ ବଲ ବୋଲିଂ କରିବା ପରେ ପ୍ରବୀଣ କୁମାର ପ୍ରଥମ ୱିକେଟ ପାଇଥିଲେ। ୨୦୧୪ରେ ଜେପି ଡ୍ୟୁମିନି ୧୨୮ଟି ବଲ୍, ୨୦୦୮ରେ ଅନିଲ କୁମ୍ବଲେ ୧୨୪ଟି ବଲ ବୋଲିଂ କରିବା ପରେ ୱିକେଟ ପାଇଥିଲେ। ଏହି ତାଲିକାରେ ବୁମ୍‌ରା ୧୨୨ଟି ବଲ ପକାଇବା ପରେ ୱିକେଟ ପାଇଛନ୍ତି।

## ଏସିଆ ଓସେନିଆ ଦୃଷ୍ଟିବାଧିତ ଫୁଟ୍‌ବଲ ଚାମ୍ପିଅନସିପ୍

# ରୌପ୍ୟ ବିଜୟିନୀ ପଦ୍ମିନୀ ଫେରିଲେ

ଭୁବନେଶ୍ୱର, ୨୧।୪ (ସମିସ): ଜାପାନରେ ଗତ ୧୫ ତାରିଖରୁ ଚାଲିଥିବା ଆଇବିଏସଏ ଏସିଆ-ଓସେନିଆ ଦୃଷ୍ଟିବାଧିତ ଫୁଟ୍‌ବଲ ଚାମ୍ପିଅନସିପ୍‌ରେ ଭାରତୀୟ ମହିଳା ଦଳ ରୌପ୍ୟ ପଦକ ବିଜୟୀ ହୋଇଛି। ଫାଇନାଲରେ ଆୟୋଜକ ଜାପାନ ମହିଳା ଦଳ ୨-୦ ଗୋଲ୍‌ରେ ଭାରତକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ରନର୍ସଅପ୍ ଭାରତୀୟ ଦଳରେ ଓଡ଼ିଶାର ଏକମାତ୍ର ଖେଳାଳି ଭାବେ ବୁଲ୍ସ ଆଇ ଅନୁଷ୍ଠାନର ପଦ୍ମିନୀ ଟୁଡୁ ଅଂଶଗ୍ରହଣ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଏହି ଚାମ୍ପିଅନସିପ୍‌ରେ ଜାପାନ ଓ ଭାରତ ସମେତ ତୃତୀୟ ଦଳ ଭାବେ ଅଷ୍ଟ୍ରେଲିଆ ଭାଗନେଇଥିଲା। ରୌପ୍ୟ ବିଜୟୀ ପଦ୍ମିନୀ ଓ ତାଙ୍କ କୋଚ୍ ତ୍ରିଲୋଚନ ବେଉରା ଆଜି ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରେ ପହଞ୍ଚିବା ପରେ ତାଙ୍କୁ ବୁଲ୍ସ ଆଇ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା। ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଡେପୁଟି ସେକ୍ରେଟାରୀ ସନ୍ନ୍ୟାସୀ ବେହେରା, ସନ୍ତୋଷିନୀ ଜୈନ, ବିକେ ପିଙ୍କି, ବିଜୟଲକ୍ଷ୍ମୀ, ପ୍ରିୟବ୍ରତ ପଣ୍ଡା ଓ ଆଶିଷ ସାହୁ ଉପସ୍ଥିତ ରହିଥିଲେ। ସେହିଭଳି କଳିଙ୍ଗ ଷ୍ଟାଡିୟମରେ ରାଜ୍ୟ ଯୁବ ଓ କ୍ରୀଡ଼ା ବିଭାଗ ପକ୍ଷରୁ ନିର୍ଦ୍ଦେଶକ ବିଜୟ ଯେଦୁଲା, ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ ଓ ଓଏସଡି ଧୀରଜ ପଟ୍ଟନାୟକ ପ୍ରମୁଖ ପଦ୍ମିନୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



# ଆଲ୍‌କାରାଜ, ସାବାଲେଙ୍କାଙ୍କୁ ଲୌରିୟସ ସମ୍ମାନ

ମାଦ୍ରିଦ, ୨୧।୪ (ଏଜେନ୍ସି): ବିଶ୍ୱର ଅନ୍ୟତମ ଶ୍ରେଷ୍ଠ କ୍ରୀଡ଼ା ପୁରସ୍କାର 'ଲୌରିୟସ ଆୱାର୍ଡ'ର ୨୬ତମ ଉତ୍ସବ ସ୍ପେନର ରାଜଧାନୀ ମାଦ୍ରିଦରେ ଅନୁଷ୍ଠିତ ହୋଇଯାଇଛି। ଦୁଇ ଟେନିସ ତାରକା କାର୍ଲୋସ ଆଲ୍‌କାରାଜ ଓ ଆରିନା ସାବାଲେଙ୍କା ଯଥାକ୍ରମେ ବର୍ଷ ୨୦୨୫ ଲାଗି ଶ୍ରେଷ୍ଠ ପୁରୁଷ ଓ ମହିଳା କ୍ରୀଡ଼ାବିତ୍ ଟ୍ରଫି ଜିତିଛନ୍ତି। ୨୨ ବର୍ଷୀୟ ସ୍ପାନିଶ ତାରକା ଆଲ୍‌କାରାଜ ଗତବର୍ଷ ଦୁଇଟି ଗ୍ରାଣ୍ଡସ୍ଲାମ (ଫ୍ରେଞ୍ଚ ଓପନ ଓ ୟୁଏସ୍ ଓପନ୍) ଜିତିଥିଲେ। ବର୍ଷ ଶେଷକୁ ସେ ର୍‌ୟାଙ୍କିଙ୍ଗର ଏକ ନମ୍ବର ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ସେହିଭଳି ବେଲାରୁଷର ୨୭ ବର୍ଷୀୟା ସାବାଲେଙ୍କା ୟୁଏସ୍ ଓପନ୍ ଚାମ୍ପିଅନ ହୋଇଥିବାବେଳେ ଟୁର୍ ଫାଇନାଲ୍ସ ଓ ୱିମ୍ବଲଡନର ଫାଇନାଲରେ ପହଞ୍ଚି ରନର୍ସଅପ୍ ହୋଇଥିଲେ।







### ଭାରତୀୟ ମହିଳା କ୍ରିକେଟ୍ ଦଳ ନିରାଶ

ଅନ୍ୟ ପୁରସ୍କାର ବିଜେତାଙ୍କ ମଧ୍ୟରେ ପ୍ୟାରିସ ସେଣ୍ଟ ଜର୍ମେନ ଦଳ 'ବର୍ଷର ଶ୍ରେଷ୍ଠ ଦଳ', ଆୟର୍ଲାଣ୍ଡ ଗଲ୍ଫ ଖେଳାଳି ରୋରୀ ମ୍ୟାକ୍‌ଲୋରୀ 'ଶ୍ରେଷ୍ଠ ପ୍ରତ୍ୟାବର୍ତ୍ତନକାରୀ ଖେଳାଳି', ବ୍ରାଜିଲର ସନ୍ତରଣକାରୀ ଗାବ୍ରିଏଲ୍ ଅରାଉଜୋ 'ଶ୍ରେଷ୍ଠ ଭିନ୍ନକ୍ଷମ ଖେଳାଳି', ବାର୍ସିଲୋନା ତଥା ସ୍ପାନିଶ ଫୁଟବଲର୍ ଲାମିନେ ୟାମଲ 'ଶ୍ରେଷ୍ଠ ଯୁବ କ୍ରୀଡ଼ାବିତ', ଅବସରପ୍ରାପ୍ତ ରୋମାନିଆ ଜିମ୍ନାଷ୍ଟ ନାଦିଆ କୋମାନେଇସି 'ଜୀବନବ୍ୟାପୀ ସାଧନା ପୁରସ୍କାର' ଜିତିଥିଲେ। ତେବେ ଗତବର୍ଷ ଦିନିକିଆ ବିଶ୍ୱକପ୍ ଜିତି ଇତିହାସ ରଚିଥିବା ଭାରତୀୟ ମହିଳା ଦଳକୁ ନିରାଶ ହେବାକୁ ପଡ଼ିଛି। 'ବର୍ଷର ଶ୍ରେଷ୍ଠ ଦଳ' ପୁରସ୍କାର ଦୌଡ଼ରେ ହରମନପ୍ରୀତ୍ କୌରଙ୍କ ଦଳ ରହିଥିଲା। ଉଲ୍ଲେଖଯୋଗ୍ୟ, ୨୦୦୦ରୁ ପ୍ରଦାନ କରାଯାଉଥିବା 'ଲୌରିୟସ ପୁରସ୍କାର'କୁ କ୍ରୀଡାର ଓସ୍କାର ବୋଲି କୁହାଯାଏ।

## ଭାରତରେ ଏସିଆନ ଗେମ୍ସ ପ୍ରସାରଣ କରିବ ସୋନି ସ୍ପୋର୍ଟ୍ସ

ନୂଆଦିଲ୍ଲୀ,୨୧।୪(ଏଜେନ୍ସି): ଜାପାନର ଆଇଚି-ନାଗୋୟାଠାରେ ଚଳିତବର୍ଷ ହେବାକୁ ଥିବା ୨୦ତମ ଏସିଆନ ଗେମ୍ସର ସିଧାପ୍ରସାରଣ ଅଧିକାର ସୋନି ପିକ୍‌ଚର୍ସ ନେଟୱର୍କକୁ ମିଳିଛି। ଭାରତରେ ଓ ଭାରତୀୟ ଉପମହାଦେଶରେ ଏସିଆନ ଗେମ୍ସର ସିଧା ପ୍ରସାରଣ ସୋନି ସ୍ପୋର୍ଟ୍ସ ଚ୍ୟାନେଲ୍‌ରେ ଦେଖିବାକୁ ମିଳିବ। ସୋନି ପକ୍ଷରୁ କ୍ରମାଗତ ତୃତୀୟଥର ସକାଶେ ସିଧା ପ୍ରସାରଣ କରିବାକୁ ଅଧିକାର ପାଇଛି। ଏହି ପ୍ରତିଯୋଗିତା ସେପ୍ଟେମ୍ବର ୧୯ରୁ ଆରମ୍ଭ ହୋଇ ଅକ୍ଟୋବର ୪ରେ ଶେଷ ହେବ। ସୋନି ଲାଇଭ୍‌ରେ ମଧ୍ୟ ଷ୍ଟ୍ରିମିଂ ହେବ। ମୋବାଇଲ ଆପରେ ଏହା ଦେଖାଯାଇପାରିବ। ଗତଥର ଭାରତ ରେକର୍ଡ ୧୦୭ଟି ମେଡାଲ ଜିତିଥିଲା। ଭାରତୀୟ ଆଥିଲେଟଙ୍କ ପ୍ରଦର୍ଶନ ଦେଖିବାକୁ ଭାରତୀୟଙ୍କ ମଧ୍ୟରେ ଆଗ୍ରହ ପ୍ରକାଶ ପାଇଥିଲା। ଏଥର ଏସିଆନ ଗେମ୍ସରେ ୩୨ଟି ଅଲିମ୍ପିକ୍ ସ୍ପୋର୍ଟ୍ସ ସମେତ ୪୧ଟି ଡିସିପ୍ଲିନ୍‌ରେ ପ୍ରତିଯୋଗିତା ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ଏସିଆନ୍ ଗେମ୍ସକୁ ବିଶ୍ୱର ଦ୍ୱିତୀୟ ବୃହତ୍ତମ ପ୍ରତିଯୋଗିତା ଭାବେ ବିବେଚନା କରାଯାଉଛି।

## ■ ଆଇରିସ୍ ଓପନ ଚ୍ୟାଲେଞ୍ଜ କପ୍

# ସୁବ୍ରତ ଦାସଙ୍କ ବିଜୟ



ଭୁବନେଶ୍ୱର,୨୧।୪ (ସମିସ): ସ୍କଟଲାଣ୍ଡରେ ଚାଲିଥିବା ଆଇରିସ୍ ଓପନ ଚ୍ୟାଲେଞ୍ଜ କପ୍‌ର ରାଉଣ୍ଡ ଅଫ୍ ୧୬ ବା ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲାରେ ଓଡ଼ିଆ ଖେଳାଳି ସୁବ୍ରତ ଦାସ ବିଜୟୀ ହୋଇଛନ୍ତି। ଆଜି ଅନୁଷ୍ଠିତ ମୁକାବିଲାରେ ସେ ନଦର୍ଣ୍ଣ ଆୟର୍ଲାଣ୍ଡର ଡୋମ୍ ହ୍ୟାଲିଗାନଙ୍କୁ ୨୦୦-୧୩୯ ପଏଣ୍ଟରେ ପରାସ୍ତ କରିଛନ୍ତି। ସେହିପରି ୱାର୍ଲ୍ଡ ମ୍ୟାଚ୍‌ପ୍ଲେ ବିଲିଆର୍ଡ୍ସର ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ସୁବ୍ରତ ୪-୧ ଫ୍ରେମ୍‌ରେ ବିଜୟୀ ହୋଇଛନ୍ତି।

## ■ ଅଲ୍‌ଓଡ଼ିଶା ଓପନ ସ୍ନୁକର ଚାମ୍ପିଅନସିପ୍

# ବିପର୍ଯ୍ୟୟ ସୃଷ୍ଟିକଲେ ଆକାଶ

ଭୁବନେଶ୍ୱର,୨୧।୪(ସମିସ): ବରିଷ୍ଠ ଖେଳାଳି ଡାକ୍ତର ରାକେଶ ରୋଶନ ପ୍ରଧାନଙ୍କୁ ହରାଇ ଆକାଶ ମହାପାତ୍ର ବିଏସ୍‌ଏଓ (ବିଲିଆର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏସନ ଅଫ୍ ଓଡ଼ିଶା) ଆନୁକୂଲ୍ୟରେ ଚାଲିଥିବା ଅଲ୍ ଓଡ଼ିଶା ଓପନ ୧୦-ରେଡ ସ୍ନୁକର ଚାମ୍ପିଅନସିପ୍‌ର ସେମିଫାଇନାଲରେ ସବୁଠାରୁ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ପଟିଆସ୍ଥିତ ୬ପକେଟସ୍ କ୍ୟୁ ସ୍ପୋର୍ଟ୍ସ କ୍ଲବ୍‌ରେ ମଙ୍ଗଳବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ଆକାଶ ୪-୩ ଫ୍ରେମ୍‌ରେ ଡାକ୍ତର ରାକେଶଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି। ରାକେଶ ଅଗ୍ରଣୀ ଥିଲେ ମଧ୍ୟ ଆକାଶ ପ୍ରତ୍ୟାବର୍ତ୍ତନ କରି ମ୍ୟାଚ୍‌କୁ ନାଟକୀୟ ଭଙ୍ଗୀରେ କବ୍‌ଜା କରିନେଇଥିଲେ। ବୁଧବାର ଖେଳାଯିବାକୁ ଥିବା ଫାଇନାଲ ମୁକାବିଲାରେ ଆକାଶଙ୍କ ସହ ଟପ୍ ସିଡ୍ ଆଶୁତୋଷ ପାଢ଼ୀଙ୍କର ମୁକାବିଲା ହେବ। ଆଜି ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ଆଶୁତୋଷ ଏକତରଫା ମୁକାବିଲାରେ ଚେତନ ଆନନ୍ଦଙ୍କୁ ୪-୦ ଫ୍ରେମ୍‌ରେ ହରାଇ ପ୍ରଥମ ଖେଳାଳି ଭାବେ ଫାଇନାଲରେ ପ୍ରବେଶ କରିଥିଲେ। ବୁଧବାର ସକାଳ ୧୧ଟାରେ ଆଶୁତୋଷ ପାଢ଼ୀ ଓ ଆକାଶ ମହାପାତ୍ରଙ୍କ ମଧ୍ୟରେ ୭ ଫ୍ରେମ ବିଶିଷ୍ଟ ଫାଇନାଲ ମୁକାବିଲା ଖେଳାଯିବ।



## ଓସିଏ ଆନ୍ତଃଜିଲ୍ଲା ମହିଳା ଟି-୨୦

# ଭୁବନେଶ୍ୱର, ଖୋର୍ଦ୍ଧାର ବଡ଼ ବିଜୟ

ଭୁବନେଶ୍ୱର, ୨୧।୪ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃଜିଲ୍ଲା ମହିଳା ଟି-୨୦ କ୍ରିକେଟ୍‌ର ପଞ୍ଚମ ଦିବସ ଖେଳ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର, ଖୋର୍ଦ୍ଧା, ବାଲେଶ୍ୱର, ଯାଜପୁର, ଝାରସୁଗୁଡ଼ା, ସମ୍ବଲପୁର ବିଜୟୀ ହୋଇଛନ୍ତି। ବିଡ଼ାନାସୀ ଗ୍ରାଉଣ୍ଡରେ ଭୁବନେଶ୍ୱର ୮୯ ରନରେ ସୋନପୁରକୁ ପରାସ୍ତ କରିଛି। ପ୍ରଜ୍ଞା ମହାନ୍ତି (୬୬ ରନ)ଙ୍କ ଅର୍ଦ୍ଧଶତକ ବଳରେ ଭୁବନେଶ୍ୱର ୧୪୪ ରନର ଲକ୍ଷ୍ୟ ସୋନପୁର ସାମ୍ନାରେ ଧାର୍ଯ୍ୟ କରିଥିଲା। ଏହାକୁ ପିଛା କରିଥିବା ସୋନପୁର ୧୯.୩ ଓଭରରେ ୫୪ ରନରେ ଅଲଆଉଟ୍ ହୋଇଯାଇଥିଲା। ବିଜୟୀ ଦଳର ଆକାଂକ୍ଷା ମଙ୍ଗରାଜଙ୍କୁ ୫ଟି ୱିକେଟ୍ ମିଳିଥିଲା। ସେହିଭଳି ରେଭେନସା ଗ୍ରାଉଣ୍ଡରେ ଖୋର୍ଦ୍ଧା ୮୭ ରନରେ ପାରାଦୀପକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଖୋର୍ଦ୍ଧା ୬ ୱିକେଟରେ ୧୫୬ ରନ କରିଥିଲା। ଜବାବରେ ପାରାଦୀପ ୫ ୱିକେଟରେ ୬୮ ରନ କରିବାକୁ ସମର୍ଥ ହୋଇଥିଲା। ଏଠାରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ବାଲେଶ୍ୱର ୬୩ ରନରେ କେନ୍ଦ୍ରାପଡ଼ାକୁ ହରାଇଥିଲା। ଅଞ୍ଜଳି ସିଂ ୪୬ ଓ ଅଙ୍କିତା ଗିରି ୨ ୱିକେଟ୍ ନେଇଥିଲେ।

ସେହିଭଳି ଦିବସରେ ଅନୁଷ୍ଠିତ ଅନ୍ୟ ମ୍ୟାଚଗୁଡ଼ିକରେ ଯାଜପୁର ୭ ୱିକେଟରେ ପୁରୀକୁ, ଝାରସୁଗୁଡ଼ା ୭୧ ରନରେ ବୌଦ୍ଧକୁ ଓ ସମ୍ବଲପୁର ୧୦ ରନରେ ଢେଙ୍କାନାଳକୁ ପରାସ୍ତ କରିଥିଲା। ଯାଜପୁରର ଅଲିସ୍ପା ବିଶ୍ୱାଳ (୩୬ ରନ ଓ ୨ ୱିକେଟ), ଝାରସୁଗୁଡ଼ାର ପୂଜା ଯାଦବ (୨୩ ରନ ଓ ୨ ୱିକେଟ) ଓ ସମ୍ବଲପୁରର ବର୍ଷା ସିଂ (୪ ୱିକେଟ) ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ।


ଆକାଂକ୍ଷା ମଙ୍ଗରାଜ


ଅଲିସ୍ପା ବିଶ୍ୱାଳ


ବର୍ଷା ସିଂ

# ଅଦାଲତ ଅବମାନନା କରି ଅଡୁଆରେ ହକି ଇଣ୍ଡିଆ

ନୂଆଦିଲ୍ଲୀ,୨୧।୪(ଏଜେନ୍ସି): ଦିଲ୍ଲୀ ହାଇକୋର୍ଟଙ୍କ ଏକ ଆଦେଶ ଅବମାନନା କରି ହକି ଇଣ୍ଡିଆ ସମ୍ପାଦକ ଭୋଳାନାଥ ସିଂ ଅଡୁଆରେ ପଡ଼ିଛନ୍ତି। ଇଚ୍ଛାକୃତ ଭାବେ ଆଦେଶ ଅବମାନନା କରିଥିବାରୁ ତ । ଙ୍କୁ ହାଇକୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି ଓ ମେ' ୪ରେ ଚୂଡ଼ାନ୍ତ ରାୟ ପ୍ରଦାନ କରାଯିବା ସହ ଦଣ୍ଡବିଧାନ କରାଯିବ ବୋଲି ବିଚାରପତି ପିକେ କୌରବ ତାଙ୍କ ଆଦେଶରେ କହିଛନ୍ତି। ଏହା ସହିତ ହକି ଇଣ୍ଡିଆ ସମ୍ପାଦକଙ୍କୁ ମେ' ୪ ମଧ୍ୟରେ ବହିଷ୍କାର କରାଯିବ କି ନାହିଁ କିମ୍ବା ପୂର୍ବ ଆଦେଶକୁ ମାନିବା ଲାଗି ଅଣ୍ଡରଟେକିଂ ଦେବାକୁ ହାଇକୋର୍ଟ ସୁଯୋଗ ଦେଇଛନ୍ତି। ଏହା ଫଳରେ ସମ୍ପାଦକ ଭୋଳାନାଥ ସିଂ କୋର୍ଟରେ ଉପସ୍ଥିତ ରହି ଦୋଷ ସ୍ୱୀକାର କଲେ ଦଣ୍ଡବିଧାନ କମିଯାଇପାରେ ବୋଲି ତାଙ୍କ ଆଡଭୋକେଟ କହିଛନ୍ତି।

ସୂଚନାଯୋଗ୍ୟ ହକି ଇଣ୍ଡିଆର ନିର୍ବାଚିତ ଉପସଭାପତି ସୟଦ ଅସୀମା ଅଲିଙ୍କୁ କାର୍ଯ୍ୟନିର୍ବାହୀ କମିଟିର ବୈଠକ ସମ୍ପର୍କରେ ଲିଙ୍କ ପ୍ରଦାନ କରିବାକୁ ଗତବର୍ଷ ଜାନୁଆରୀ ୧୭ରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ହକି ଇଣ୍ଡିଆ ଅଲିଙ୍କୁ ଲିଙ୍କ ଦେଇ ନ ଥିଲା। ଯାହା ଫଳରେ ଅଦାଲତ ଅବମାନନା ଅଭିଯୋଗ ଆଣି ଅଲି ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆଜି ପିକେ କୌରବଙ୍କ ଜଣିକିଆ ଖଣ୍ଡପୀଠ ଏହାର ବିଚାର କରି ହକି ଇଣ୍ଡିଆ ସମ୍ପାଦକ ଭୋଳାନାଥ ସିଂଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

HOCKEY INDIA

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS